# ଆଇ.ସି.- 38

# କର୍ପୋରେଟ୍ ଏଜେଣ୍ଟଗୁଡିକ
# ଜୀବନ

**ସ୍ୱୀକାରୋକ୍ତି**

ଏହି ପାଠ୍ୟକ୍ରମଟି ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ (ଆଇ.ଆର.ଡି.ଏ.ଆଇ.) ଦ୍ୱାରା ନିର୍ଦ୍ଧାରିତ ସଂଶୋଧିତ ପାଠ୍ୟ ବିବରଣ ଉପରେ ଆଧାରିତ ଅଟେ ଏବଂ ଭାରତୀୟ ବୀମା ସଂସ୍ଥାନ, ମୁମ୍ବାଇ ଦ୍ୱାରା ପ୍ରସ୍ତୁତ କରାଯାଇଛି ।

**ଲେଖକ/ସମୀକ୍ଷକ (ବର୍ଣ୍ଣମାଳା କ୍ରମରେ)**

**ଡ. ଆର୍. କେ. ଦୁଗ୍ଗାଲ୍**
**ଡ. ଶଶୀଧରନ କେ. କୁଟ୍ଟୀ**
**ସି.ଏ.ପି. କୋଟେଶ୍ୱର ରାଓ**
**ଡ. ପ୍ରଦୀପ ସରକାର**
**ପ୍ରୋ. ମାଧୁରୀ ଶର୍ମା**
**ଡ. ଜର୍ଜ ଇ. ଥମାସ୍**
**ପ୍ରୋ. ଅର୍ଚ୍ଚନା ବାଜେ**

**ଏହି ପାଠ୍ୟକ୍ରମକୁ ସି-ଡ୍ୟାକ୍, ପୁନା ର ସହାୟତାରେ ଓଡ଼ିଆରେ ଅନୁବାଦ ଓ ସମୀକ୍ଷା କରାଯାଇଛି ।**
**ଶ୍ରୀ ନୃସିଂହ ଚରଣ ନାୟକ**
**ଶ୍ରୀ କିଶୋର କୃଷ୍ଣ ପଣ୍ଡା**

भारतीय बीमा संस्थान
INSURANCE INSTITUTE OF INDIA

ଜି-ବ୍ଲକ୍, ପ୍ଲଟ୍ ନଂ. ସି-46, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ପୂ), ମୁମ୍ବାଇ-400051.

# କର୍ପୋରେଟ୍ ଏଜେଣ୍ଟଗୁଡ଼ିକ

# ଜୀବନ

# ଆଇ.ସି.-38

**ସଂସ୍କରଣ ବର୍ଷ:** 2023


## ସମସ୍ତ ଅଧିକାର ସଂରକ୍ଷିତ

ଏହି ପାଠ୍ୟକ୍ରମ ବିଷୟବସ୍ତୁଟି ଭାରତୀୟ ବୀମା ସଂସ୍ଥାନ (III) ର ସତ୍ତ୍ୱାଧିକାର ଅଟେ। ଏହି ପାଠ୍ୟକ୍ରମର ପରିକଳ୍ପନା ଭାରତୀୟ ବୀମା ସଂସ୍ଥାନ ପରୀକ୍ଷାରେ ଉପସ୍ଥିତ ହେଉଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଶୈକ୍ଷଣିକ ନିବେଶ (ଇନପୁଟ) ଯୋଗାଇବା ସକାଶେ କରାଯାଇଛି। ଏହି ପାଠ୍ୟକ୍ରମ ବିଷୟବସ୍ତୁକୁ, ଆଂଶିକ ରୂପେ କିମ୍ବା ସଂପୂର୍ଣ୍ଣ ରୂପେ ହେଉ, ସଂସ୍ଥାନର ପୂର୍ବ ବ୍ୟକ୍ତ ଲିଖିତ ଅନୁମତି ବିନା, ବ୍ୟବସାୟିକ ଉଦ୍ଦେଶ୍ୟରେ ପୁନଃପ୍ରସ୍ତୁତ କରାଯାଇ ନ ପାରେ।

ବିଷୟବସ୍ତୁ ପ୍ରଚଳିତ ସର୍ବୋତ୍ତମ ପ୍ରଥା ଉପରେ ପର୍ଯ୍ୟବେଶିତ ଅଟେ ଏବଂ ବୈଧିକ କିମ୍ବା ଅନ୍ୟ ପ୍ରକାରର ବିବାଦ ପରିପ୍ରେକ୍ଷୀରେ ବ୍ୟାଖ୍ୟା କିମ୍ବା ସମାଧାନ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ।

ଏହା କେବଳ ଏକ ସଙ୍କେତାତ୍ମକ ଅଧ୍ୟୟନ ବିଷୟବସ୍ତୁ ଅଟେ। ଦୟାକରି ଧ୍ୟାନ ଦିଅନ୍ତୁ ଯେ, ପରୀକ୍ଷାରେ ଆସୁଥିବା ପ୍ରଶ୍ନସବୁ କେବଳ ଏହି ଅଧ୍ୟୟନ ବିଷୟବସ୍ତୁ ମଧ୍ୟରେ ସୀମିତ ରହିବ ନାହିଁ।



ପ୍ରକାଶିତ: ମହା ସଚିବ, ଭାରତୀୟ ବୀମା ସଂସ୍ଥାନ, ଜି-ବ୍ଲକ୍, ପ୍ଲଟ୍ ସି-46, ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ପୂ), ମୁମ୍ବାଇ-400 051 ଦ୍ୱାରା ଏବଂ ମୁଦ୍ରିତ

ଏହି ଅଧ୍ୟୟନ ବିଷୟବସ୍ତୁ ସମ୍ବନ୍ଧିତ କୌଣସି ବି ସୂଚନାକୁ ଆବରଣ ପୃଷ୍ଠାରେ ଉଲ୍ଲିଖିତ ବିଷୟ ଶୀର୍ଷକ ଓ ଅନନ୍ୟ ପ୍ରକାଶନ ସଂଖ୍ୟାକୁ ଉଲ୍ଲେଖ କରି ctd@iii.org.in କୁ ପ୍ରେରଣ  କରାଯାଇ ପାରେ।

# ପ୍ରସ୍ତାବନା

ଭାରତୀୟ ବୀମା ସଂସ୍ଥାନ, ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ (ଆଇ.ଆର୍.ଡି.ଏ.ଆଇ) ଦ୍ୱାରା ନିର୍ଦ୍ଧାରିତ ପାଠ୍ୟକ୍ରମ ଆଧାରରେ ବୀମା ଅଭିକର୍ତ୍ତାମାନଙ୍କ ପାଇଁ ଏହି ପାଠ୍ୟକ୍ରମ ବିଷୟବସ୍ତୁକୁ ବିକଶିତ କରିଛି । ପାଠ୍ୟକ୍ରମ ବିଷୟବସ୍ତୁକୁ ପ୍ରସ୍ତୁତ କରିବାରେ ଉଦ୍ୟୋଗ ବିଶେଷଜ୍ଞମାନେ ସଂପୃକ୍ତ ହୋଇଥିଲେ ।

ପାଠ୍ୟକ୍ରମଟି ସମ୍ୟକ୍ ଦୃଷ୍ଟିକୋଣରେ, ସେମାନଙ୍କ ବ୍ୟବସାୟିକ ବୃତ୍ତିକୁ ବୁଝିବା ଓ ପ୍ରଶଂସା କରିବାକୁ ସମ୍ବନ୍ଧିତ ବ୍ୟାପାର ପଙ୍କ୍ତିରେ ଅଭିକର୍ତ୍ତାମାନଙ୍କୁ ସକ୍ଷମ କରିବାପାଇଁ ଜୀବନ, ସାଧାରଣ ଏବଂ ସ୍ୱାସ୍ଥ୍ୟ ବୀମାର ମୂଳଭୂତ ଜ୍ଞାନ ପ୍ରଦାନ କରେ ।

ପାଠ୍ୟକ୍ରମର ସଂରଚନା ଚାରି ବିଭାଗରେ କରାଯାଇଛି । (1) ବିହଙ୍ଗାବଲୋକନ—ଏକ ସାଧାରଣ ବିଭାଗ ଯାହା ବୀମା ସିଦ୍ଧାନ୍ତ, ବୈଧିକ ସିଦ୍ଧାନ୍ତ ଏବଂ ବିନିୟାମକ ବିଷୟକୁ ବର୍ଣ୍ଣନା କରେ ଯାହା ବୀମା ଅଭିକର୍ତ୍ତାମାନେ ଜାଣିବା ଆବଶ୍ୟକ (2) ଜୀବନ ବୀମା ଅଭିକର୍ତ୍ତା, (3) ସାଧାରଣ ବୀମା ଅଭିକର୍ତ୍ତା ଏବଂ (4) ସ୍ୱାସ୍ଥ୍ୟ ବୀମା ଅଭିକର୍ତ୍ତା ହେବାପାଇଁ ଆକାଂକ୍ଷା ରଖିଥିବା ବ୍ୟକ୍ତିମାନଙ୍କ ପାଇଁ ଅଲଗା ଅଲଗା ବିଭାଗ ଦିଆ ଯାଇଛି ।

ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା ନମୂନାର ଏବଂ ପଚରାଯିବାକୁ ଥିବା ବସ୍ତୁନିଷ୍ଠ ପ୍ରଶ୍ନାବଳୀର ପ୍ରକାରର ଧାରଣା ଦେବାପାଇଁ ପାଠ୍ୟକ୍ରମରେ ଆଦର୍ଶ ପ୍ରଶ୍ନାବଳୀର ଏକ ସମୁଚ୍ଚୟକୁ ଅନ୍ତର୍ଭୁକ୍ତ କରାଯାଇଛି । ସେମାନେ ଯାହା ଶିଖିଛନ୍ତି, ତାକୁ ପୁନଃ ପରୀକ୍ଷିତ କରିବାରେ ମଧ୍ୟ ଏହି ଆଦର୍ଶ ପ୍ରଶ୍ନାବଳୀ ସେମାନଙ୍କୁ ସାହାଯ୍ୟ କରିବ ।

ବୀମା ଏକ ଗତିଶୀଳ ପରିବେଶରେ କାର୍ଯ୍ୟ କରେ । ଅଭିକର୍ତ୍ତାମାନଙ୍କୁ ବଜାରରେ ଘଟୁଥିବା ପରିବର୍ତ୍ତନଗୁଡ଼ିକ ସମ୍ବନ୍ଧରେ ସର୍ବଶେଷ ଜ୍ଞାନ (ଅପଟୁଡେଟ୍) ରହିବା ଆବଶ୍ୟକ । ସେମାନେ ବ୍ୟକ୍ତିଗତ ଅଧ୍ୟୟନ ଏବଂ ସମ୍ବନ୍ଧିତ ବୀମାକର୍ତ୍ତାମାନଙ୍କ ଦ୍ୱାରା ବ୍ୟବସ୍ଥା କରାଯାଉଥିବା ଇନ୍-ହାଉସ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମମାନଙ୍କରେ ଅଂଶଗ୍ରହଣ ଜରିଆରେ ସକ୍ରିୟରୂପେ ଜ୍ଞାନ ପ୍ରାପ୍ତିର ଲକ୍ଷ୍ୟ ରଖିବା ଉଚିତ୍ ।

ସଂସ୍ଥାନ ଉପରେ ଏହି କାର୍ଯ୍ୟ ନ୍ୟସ୍ତ କରିଥିବାରୁ ସଂସ୍ଥାନ ଆଇ.ଆର୍.ଡି.ଏ. ଆଇ. କୁ ଧନ୍ୟବାଦ ଅର୍ପଣ କରୁଛି । ସଂସ୍ଥାନ ଏହି ବିଷୟବସ୍ତୁକୁ ଅଧ୍ୟୟନ କରିବାରେ ଆଗ୍ରହୀ ଥିବା ସମସ୍ତ ବ୍ୟକ୍ତିଙ୍କୁ ବୀମା ବିପଣନରେ ଏକ ସଫଳ ଜୀବିକା ପାଇଁ ଶୁଭେଚ୍ଛା ଜଣାଉଛି ।

# ସୂଚୀପତ୍ର


| ଅଧ୍ୟାୟ ସଂ. | ଶୀର୍ଷକ | ପୃଷ୍ଠା ସଂ. |
|---|---|---|
| ବିଭାଗ | ଜୀବନ ବୀମା | |
| L-01 | ଜୀବନ ବୀମାରେ  କଣ  ସମ୍ପୃକ୍ତ ଅଛି | 2 |
| L-02 | ଆର୍ଥିକ ଯୋଜନା | 9 |
| L-03 | ଜୀବନ ବୀମା ଉତ୍ପାଦ: ପାରମ୍ପାରିକ | 26 |
| L-04 | ଜୀବନ ବୀମା ଉତ୍ପାଦ : ଅଣ-ପାରମ୍ପରିକ | 38 |
| L-05 | ଜୀବନ ବୀମାର ପ୍ରୟୋଗ | 45 |
| L-06 | ଜୀବନ ବୀମାରେ ମୂଲ୍ୟ ନିର୍ଦ୍ଧାରଣ ଏବଂ ମୂଲ୍ୟାଙ୍କନ | 50 |
| L-07 | ଜୀବନ ବୀମା ଦଲିଲୀକରଣ | 60 |
| L-08 | ଜୀବନ ବୀମା ସଙ୍କଟାଙ୍କନ | 76 |
| L-09 | ଜୀବନ ବୀମା ଦାବୀ | 91 |

# ବିଭାଗ

# ଜୀବନ ବୀମା

# ଅଧ୍ୟାୟ L-01

## ଜୀବନ ବୀମାରେ  କଣ  ସମ୍ପୃକ୍ତ ଅଛି

**ଅଧ୍ୟାୟ ପରିଚୟ**

ଆମେମାନେ ସାଧାରଣ ଅଧ୍ୟାୟମାନଙ୍କରେ ବୀମା ସମ୍ବନ୍ଧୀୟ କେତେକ ଦିଗ ଦେଖିଛୁ । ଅବଶ୍ୟ, ଯେତେବେଳେ ଜୀବନ ବୀମା ବିଷୟରେ କଥା ପଡ଼େ, ଆମେମାନେ ସେ ଦିଗ ଗୁଡିକୁ  ଗଭୀର ଭାବେ ଦେଖିବା ଉଚିତ ।

- ✓ ଏକ ସମ୍ପତ୍ତି**(ପରିସମ୍ପତ୍ତି)**
- ✓ ବୀମିତ କରାଯାଇଥିବା ସଙ୍କଟ
- ✓ ସମୁଚ୍ଚୟକରଣର ସିଦ୍ଧାନ୍ତ
- ✓ ଚୁକ୍ତି

ଆସନ୍ତୁ ଏବେ ଜୀବନ ବୀମାର ବିଶେଷତାସବୁକୁ ଯାଞ୍ଚ କରିବା । ଏହି ଅଧ୍ୟାୟ ଉପରୋକ୍ତ ଜୀବନ ବୀମାର ବିଭିନ୍ନ ଘଟକ ଉପରେ ଏକ ସଂକ୍ଷିପ୍ତ ଦୃଷ୍ଟିପାତ କରେ ।

**ଅଧ୍ୟୟନ ପରିଣାମ**

A. ଜୀବନ ବୀମା ବ୍ୟବସାୟ – ଘଟକ , ମାନବ ଜୀବନ ମୂଲ୍ୟ, ମ୍ୟୁଚୁଆଲିଟୀ) ପରସ୍ପରତା*)*

B. ସଙ୍କଟ ଏବଂ ଜୀବନ ବୀମା

## A. ଜୀବନ ବୀମା ବ୍ୟବସାୟ – ଘଟକ, ମାନବ ଜୀବନ ମୂଲ୍ୟ, ମ୍ୟୁଚୁଆଲିଟୀ (ପରସ୍ପରତା)

### a) **ସମ୍ପତ୍ତି (ପରିସମ୍ପତ୍ତି)- ମାନବ ଜୀବନ ମୂଲ୍ୟ** (HLV)

ଆମେମାନେ ପୂର୍ବରୁ ଦେଖିଛୁ ଯେ ଏକ ପରିସମ୍ପତ୍ତି ହେଉଛି ଏକ ପ୍ରକାରର ସମ୍ପତ୍ତି ଯାହା ଏକ ମୂଲ୍ୟ କିମ୍ବା ଏକ ପ୍ରତିଫଳ ଦିଏ I ଅଧିକାଂଶ ପ୍ରକାରର ସମ୍ପତ୍ତି ଉଭୟ ମୂଲ୍ୟ ଏବଂ ମୂଲ୍ୟ ରାଶିର ହାନିକୁ ସ୍ପଷ୍ଟ ଆର୍ଥିକ ଆକାରରେ ମପାଯାଇପାରେ I

**ଉଦାହରଣ**

ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଏକ କାରର ଆକଳିତ କ୍ଷତି ଟ. 50000 ହୁଏ, ବୀମାକର୍ତ୍ତା ଏହି ହାନି ପାଇଁ ମାଲିକକୁ କ୍ଷତିପୂରଣ ଦେବ I

ଆମେମାନେ ସେହି ହାନିର ପରିମାଣକୁ କେମିତି ଆକଳିତ କରିବା ଯେତେବେଳେ ଏକ ବ୍ୟକ୍ତିର ମୃତ୍ୟୁ ହୁଏ ?

ତା'ର ମୂଲ୍ୟ ଟ 50,000 .କିମ୍ବା ଟ 5,00,000?

---

ଏକ ଅଭିକର୍ତ୍ତା ଏକ ଗ୍ରାହକକୁ ସାକ୍ଷାତ କରିବା ସମୟରେ ନିଶ୍ଚିତ ଭାବେ ଉପରୋକ୍ତ ପ୍ରଶ୍ନର ଉତ୍ତର ଦେବାରେ ସକ୍ଷମ ହେବା ଉଚିତ୍ I ଏହାର ଆଧାରରେ ଅଭିକର୍ତ୍ତା ନିର୍ଦ୍ଧାରିତ କରିପାରେ ଯେ ଗ୍ରାହକକୁ କେତେ ପରିମାଣର ବୀମା ସୁପାରିଶ କରାଯାଇ ପାରିବ ଏହା ବାସ୍ତବରେ ପ୍ରଥମ ପାଠ ଅଟେ ଯାହାକୁ ଏକ ଜୀବନ ବୀମା ଅଭିକର୍ତ୍ତା ନିଶ୍ଚୟ ଶିଖିବା ଉଚିତ୍

ସୌଭାଗ୍ୟବଶତଃ ଆମ ପାଖରେ ଏକ ମାପ ଅଛି, ଯାହାକୁ ପ୍ରାୟ ସତୁରୀ ବର୍ଷ ପୂର୍ବେ ପ୍ରୋ. ହୁବେନର୍ ଦ୍ୱାରା ବିକଶିତ ହୋଇଥିଲା I ଏହାକୁ ମାନବ ଜୀବନ ମୂଲ୍ୟ (HLV) କୁହାଯାଏ ଏବଂ ଏହାକୁ ଦୁନିଆସାରା ବ୍ୟବହାର କରାଯାଏ I

HLV ଅବଧାରଣା ମାନବ ଜୀବନକୁ ଏକ ସମ୍ପତ୍ତି କିମ୍ବା ପରିସମ୍ପତ୍ତି ରୂପେ ବିଚାର କରେ ଯାହା ଏକ ଆୟ ଉପାର୍ଜନ କରେ I ଏହା ଏ ପ୍ରକାରେ ମାନବ ଜୀବନର ମୂଲ୍ୟକୁ ଏକ ବ୍ୟକ୍ତିର ପ୍ରତ୍ୟାଶିତ ଶୁଦ୍ଧ ଭବିଷ୍ୟତ ଉପାର୍ଜନ ଆଧାରରେ ମାପିଥାଏ I ଶୁଦ୍ଧ ଉପାର୍ଜନର ଅର୍ଥ ହେଉଛି ସେହି ଆୟ ଯାହା ଏକ ବ୍ୟକ୍ତି ଭବିଷ୍ୟତରେ ପ୍ରତିବର୍ଷ ଅର୍ଜିତ କରିବାର ପ୍ରତ୍ୟାଶା ରଖାଯାଏ, ବିଯୁକ୍ତ ସେ ନିଜ ଉପରେ କରିବାକୁ ଥିବା ଖର୍ଚ୍ଚ I ଏ ପ୍ରକାରେ ଏହା ସେହି ଆର୍ଥିକ ହାନିକୁ ସୂଚୀତ କରେ ଯାହା ଏକ ପରିବାର ଆକ୍ରାନ୍ତ ହୋଇପାରେ ଯଦି ଆୟ ଉପାର୍ଜକ ଅକାଳରେ ମୃତ୍ୟୁବରଣ କରେ I ଏହି ଆୟସବୁରେ ଡିସ୍କାଉଣ୍ଟ୍ ଦେବା ପାଇଁ ଏକ ଉପଯୁକ୍ତ ସୁଧ ହାରର ଉପଯୋଗ କରି, ଆୟସବୁକୁ ପୁଞ୍ଜିକୃତ (ମୂଳରେ ପରିଣତ) କରାଯାଏ I

ଯଦିଓ HLV କୁ ନିର୍ଦ୍ଧାରିତ କରିବା ପାଇଁ ବହୁ ପ୍ରକାରର ମାପଦଣ୍ଡ ବ୍ୟବହାର କରାଯାଏ, ଯେଉଁଥିରେ ଅନ୍ତର୍ଭୁକ୍ତ ହୋଇଥାନ୍ତି ମୁଦ୍ରାସ୍ଫୀତି, ମଜୁରୀ ବୃଦ୍ଧି, ଭବିଷ୍ୟତ ଉପାର୍ଜନ କ୍ଷମତା ଇତ୍ୟାଦିକୁ ବିଚାର କରିବା I HLV ନିର୍ଦ୍ଧାରିତ କରିବା ପାଇଁ ଏକ ସରଳ ସାମାନ୍ୟ ନିୟମ (thumb rule) ହେଉଛି ସେହି ରାଶିକୁ ନିର୍ଦ୍ଧାରିତ କରିବା ଯାହା ବାର୍ଷିକ ଆୟ ଜାତ କରିବ ଯାହାକୁ ସୁଧ ରୂପେ ପରିବାର ଆବଶ୍ୟକ କରିପାରେ I ଅନ୍ୟ ଶବ୍ଦରେ, HLV ହେଉଛି ଆୟ ଉପାର୍ଜନ ଦ୍ୱାରା ପରିବାର ପାଇଁ ବାର୍ଷିକ ଅଂଶଦାନକୁ ପ୍ରଚଳିତ ସୁଧ ହାର ଦ୍ୱାରା ବିଭାଜନ କରିବା I

**ଉଦାହରଣ**

ଶ୍ରୀ ରାଜନ ବାର୍ଷିକ ଟ. 1, 20,000 ଉପାର୍ଜନ କରେ ଏବଂ ନିଜ ଉପରେ ଟ. 24, 000 ଖର୍ଚ୍ଚ କରେ I ଯଦି ତାଙ୍କର ଅକାଳ ମୃତ୍ୟୁ ହୋଇଯାଏ, ତାଙ୍କ ପରିବାର ହରାଇବାକୁ ଥିବା ଶୁଦ୍ଧ ଆୟ ହୋଇପାରେ ବାର୍ଷିକ ଟ 96, 000 I ମନେରଖନ୍ତୁ ସୁଧର ହାର 8 % (0.08 ରୂପେ ପ୍ରକାଶ କରି) ଅଟେ

**ମାନବ-ଜୀବନ-ମୂଲ୍ୟ (HLV)= ଆଶ୍ରିତମାନଙ୍କ ପାଇଁ ବାର୍ଷିକ ଅଂଶଦାନ ÷ ସୁଧର ହାର**

HLV=96000/ 0.08= ଟ12,00,000 .


HLV ଏହା ନିର୍ଦ୍ଧାରିତ କରିବାରେ ସାହାଯ୍ୟ କରେ ଯେ ସଂପୂର୍ଣ୍ଣ ସୁରକ୍ଷା ପାଇଁ ଜଣକ ପାଖରେ କେତେ ପରିମାଣର ବୀମା ରହିବା ଉଚିତ୍ । ଏହା ସେହି ଉଚ୍ଚତମ ସୀମାକୁ ବି ଆମକୁ ଜଣାଏ ଯାହା ଉପରକୁ ଜୀବନ ବୀମା ପ୍ରଦାନ କରିବା ଯଥାର୍ଥ ହୋଇ ନ ପାରେ ।

ସାଧାରଣ ଭାବେ, ବୀମାର ପରିମାଣ ଜଣକର ବାର୍ଷିକ ଆୟର ପ୍ରାୟ 10 ରୁ 15 ଗୁଣ ହେବା ଉଚିତ୍ । ଏ ପ୍ରକାରେ, ଜଣେ ସନ୍ଦେହମୂଳକ ହେବା ଉଚିତ୍ ଯଦି ଶ୍ରୀ ରାଜନଙ୍କୁ ଟ 2 କୋଟିର ବୀମା ନେବା ପାଇଁ କୁହାଯାଏ, ଯେତେବେଳେ କି ତାଙ୍କ ଆୟ ବର୍ଷକୁ କେବଳ ଟ. 1.2 ଲକ୍ଷ । କ୍ରୟ କରାଯାଉଥିବା ବୀମାର ବାସ୍ତବ ରାଶି ସେହି କାରକ ଉପରେ ନିର୍ଭର କରିବ ଯେପରି କି କେତେ ପରିମାଣର ବୀମା ନେବାରେ ଜଣେ ସକ୍ଷମ ହୋଇପାରେ ଏବଂ କ୍ରୟ କରିବା ପାଇଁ ପସନ୍ଦ କରିପାରେ ।

## B. ସଙ୍କଟ ଏବଂ ଜୀବନ ବୀମା

ଯେମିତି କି ଆମେ ଉପରେ ଦେଖିଲେ, ଜୀବନ ବୀମା ସେହିସବୁ ସଙ୍କଟ ଘଟଣା ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରେ ଯାହା ମାନବ ଜୀବନର ମୂଲ୍ୟକୁ ଏକ ସମ୍ପତ୍ତି ରୂପେ ନଷ୍ଟ କିମ୍ବା ହ୍ରାସ କରିପାରେ । ତିନି ପ୍ରକାରର ପରିସ୍ଥିତି ଅଛି ଯେଉଁଠି ସେଭଳି ହାନି ଘଟିପାରେ । ସେଗୁଡିକ ସାଧାରଣ ଚିନ୍ତା ଯାହାକୁ ସାଧାରଣ ଲୋକେ ସମ୍ମୁଖୀନ ହୋଇଥାନ୍ତି ।

ଚିତ୍ର 1: ସାଧାରଣ ଲୋକଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ସାଧାରଣ ଚିନ୍ତା




ଅନ୍ୟ ପକ୍ଷରେ, ସାଧାରଣ ବୀମା ସେହି ସବୁ ସଙ୍କଟ ଗୁଡିକର ମୁକାବିଲା କରେ ଯାହା ସମ୍ପତ୍ତିକୁ ପ୍ରଭାବିତ କରେ – ଯେପରିକି ନିଆଁ, ସମୁଦ୍ରରେ ଥିବା ସମୟରେ କାର୍ଗୋର ହାନି, ଚୋରୀ ଓ ଡକାୟତି ଏବଂ ମୋଟର ଦୁର୍ଘଟଣା । ସେମାନେ ନାମ ଏବଂ ସଭାବର ହାନିର କାରଣ ହେଉଥିବା ଘଟଣାଗୁଡିକର ବି ସୁରକ୍ଷା ପ୍ରଦାନ କରନ୍ତି । ଏ ଗୁଡିକୁ ଦାୟିତ୍ୱ ବୀମା ଦ୍ୱାରା ସୁରକ୍ଷା ଦିଆଯାଏ ।

ଅନ୍ତିମରେ, ଅନେକ ସଙ୍କଟ ଅଛନ୍ତି ଯାହା ବ୍ୟକ୍ତିକୁ ପ୍ରଭାବିତ କରନ୍ତି । ବ୍ୟକ୍ତିଗତ ସଙ୍କଟ କୁହାଯାଉଥିବା, ଏସବୁକୁ ମଧ୍ୟ ସାଧାରଣ ବୀମା ଦ୍ୱାରା ସୁରକ୍ଷା ପ୍ରଦାନ କରାଯାଇଥାଏ ।

**ଉଦାହରଣ**

ଦୁର୍ଘଟଣା ବୀମା ଯାହା ଏକ ଦୁର୍ଘଟଣା ଯୋଗୁଁ ଆକ୍ରାନ୍ତ ହୋଇଥିବା ହାନିଗୁଡିକ ବିରୁଦ୍ଧରେ ବୀମା ସୁରକ୍ଷା ପ୍ରଦାନ କରେ ।

**a)** ବାସ୍ତବରେ କିପରି ଜୀବନ ବୀମା ସାଧାରଣ ବୀମା ଠାରୁ ଅଲଗା ଅଟେ ?

| ସାଧାରଣ ବୀମା | ଜୀବନ ବୀମା |
|---|---|
| • କ୍ଷତିପୂର୍ତ୍ତି: ସାଧାରଣ ବୀମା ପଲିସୀମାନେ, ବ୍ୟକ୍ତିଗତ ଦୁର୍ଘଟଣା ବୀମା ବ୍ୟତୀତ, ସାଧାରଣତଃ କ୍ଷତିପୂର୍ତ୍ତିର ଚୁକ୍ତି | • **ପ୍ରତିଶ୍ରୁତି (ବୀମା):** ଜୀବନ ବୀମା ପଲିସୀମାନେ ପ୍ରତିଶ୍ରୁତି / ଆଶ୍ୱାସନାର ଚୁକ୍ତି ଅଟନ୍ତି । |

| | |
|---|---|
| ହୋଇଥାନ୍ତି, ଅର୍ଥାତ୍ ନିଆଁ ଭଳି ଏକ ଘଟଣାରେ, ବୀମାକର୍ତ୍ତା ସେହି ହାନିର ବାସ୍ତବ ପରିମାଣର ମୂଲ୍ୟାଙ୍କନ କରେ ଯାହା ଘଟିଥିବ ଏବଂ କେବଳ ସେହି ହାନି ପରିମାଣର କ୍ଷତିପୂରଣ ଦେବ – ଅଧିକ ନୁହେଁ କିମ୍ବା କମ୍ ନୁହେଁ । | • ମୃତ୍ୟୁ ଅବସରରେ ପ୍ରଦାନ କରିବାକୁ ଥିବା ଲାଭର ରାଶି ପରିମାଣକୁ ଚୁକ୍ତିର ଆରମ୍ଭରେ ହିଁ ନିଶ୍ଚିତ କରାଯାଇଥାଏ ।<br>• ବୀମିତର ନାମୀତ କିମ୍ବା ଲାଭଗ୍ରହୀତାମାନଙ୍କୁ ଏକ ପ୍ରତିଶୃତି (ବୀମା) ରାଶି ପ୍ରଦାନ କରାଯାଏ ଯଦି ବୀମିତର ମୃତ୍ୟୁ ହୁଏ । |
| • ସମୟାବଧି: ଚୁକ୍ତିଟି ସାଧାରଣତଃ ଅଳ୍ପାବଧି କିମ୍ବା ନୂତନୀକରଣ ଆଧାରରେ ଗୋଟିଏ ବର୍ଷ ପାଇଁ ହୋଇଥାଏ | • ଚୁକ୍ତିଟି ସାଧାରଣତଃ ଦୀର୍ଘାବଧି ହୋଇଥାଏ ଯଦିଓ କେତେକ ଗୋଟିଏ ବର୍ଷର ନୂତନୀକରଣୀୟ ଚୁକ୍ତି ମଧ୍ୟ ପ୍ରଚଳିତ ଅଛନ୍ତି |
| • ଅନିଶ୍ଚିତତା:ସାଧାରଣ ବୀମା ଚୁକ୍ତିମାନଙ୍କରେ, ସମ୍ବନ୍ଧିତ ସଙ୍କଟ ଘଟଣା ଅନିଶ୍ଚିତ ହୋଇଥାଏ । କେହି ବି ନିଶ୍ଚିତ ହୋଇ ପାରିବେ ନାହିଁ ଯେ ଏକ ଘରେ ନିଆଁ ଲାଗିବ କିମ୍ବା ଏକ କାର ଦୁର୍ଘଟଣାର ସମ୍ମୁଖୀନ ହେବ । | • ସେ ଭଳି କୌଣସି ପ୍ରଶ୍ନ ନାହିଁ । ଥରେ ଜଣେ ଜନ୍ମ ନେଲେ, ମୃତ୍ୟୁ ସୁନିଶ୍ଚିତ ଅଟେ । ଯାହା ଅନିଶ୍ଚିତ ଅଟେ, ତାହା ହେଉଛି ମୃତ୍ୟୁର ସମୟ । ଜୀବନ ବୀମା ଅକାଳ ମୃତ୍ୟୁର ସଙ୍କଟ ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରେ । |
| • ସମ୍ଭାବ୍ୟତାରେ ବୃଦ୍ଧି: ନିଆଁ କିମ୍ବା ଭୂମିକମ୍ପ ଭଳି ସାଧାରଣ ବୀମା ଆପଦ କ୍ଷେତ୍ରରେ, ଘଟଣା ଘଟିବାର ସମ୍ଭାବ୍ୟତା ସମୟ ସହିତ ବୃଦ୍ଧି ହୁଏ ନାହିଁ । | • ଜୀବନ ବୀମାରେ ମୃତ୍ୟୁର ସମ୍ଭାବ୍ୟତାର ବୃଦ୍ଧି ବୟସର ବୃଦ୍ଧି ସହିତ ହୋଇଥାଏ । |


**b)** ଜୀବନ ବୀମା ସଙ୍କଟର ସ୍ୱରୂପ

ଯେହେତୁ ବୟସ ସହିତ ମୃତ୍ୟୁର ସମ୍ଭାବନା ବଢ଼ିଥାଏ, ସେହିମାନଙ୍କ ପାଇଁ କମ୍ ପ୍ରିମିୟମ ଲାଗୁ କରାଯାଏ ଯେଉଁମାନେ ଯୁବାବସ୍ଥାରେ ଥାଆନ୍ତି ଏବଂ ଅଧିକ ବୟସର ଲୋକଙ୍କ ପାଇଁ ଅଧିକ ପ୍ରିମିୟମ । ଗୋଟିଏ ପରିଣାମ ଥିଲା ଯେ ବୟସ୍କ ବ୍ୟକ୍ତି, ଯେଉଁମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଥିଲା, ଫେରାଇ ନେବା ପାଇଁ ଚାହୁଁଥିଲେ ଯେତେବେଳେ କି ଅସ୍ୱସ୍ଥ ସଦସ୍ୟମାନେ ଯୋଜନାରେ ରହିଥିଲେ । ଫଳ ସ୍ୱରୂପ, ବୀମା କମ୍ପାନୀମାନେ ଗମ୍ଭୀର ସମସ୍ୟାର ସମ୍ମୁଖୀନ ହେଲେ । ଜୀବନ ବୀମା ପଲିସୀ ଯାହାକୁ ଲୋକେ ନେବାରେ ସକ୍ଷମ ହେବେ, ତାହା ବିକଶିତ କରିବାର ସେମାନଙ୍କ ପ୍ରୟାସର ଫଳ ସ୍ୱରୂପ ସମ-ସ୍ତର ପ୍ରିମିୟମର ବିକାଶ ହେଲା ।

**c)** ସମ-ସ୍ତର ପ୍ରିମିୟମ

ସମସ୍ତର ପ୍ରିମିୟମ ନିଶ୍ଚିତ ଅଟେ ଯାହା ଦ୍ୱାରା ଏହା ବୟସ ସହିତ ବୃଦ୍ଧି ହୋଇ ନ ଥାଏ ବରଂ ସାରା ଚୁକ୍ତି ଅବଧି ପାଇଁ ଅପରିବର୍ତ୍ତନୀୟ ରହିଥାଏ । ଏହାର ଅର୍ଥ ହେଉଛି ଯେ ପୂର୍ବ ବର୍ଷମାନଙ୍କରେ ସଂଗ୍ରହ କରାଯାଇଥିବା ପ୍ରିମିୟମ ସେହି ବ୍ୟକ୍ତିମାନଙ୍କ ମୃତ୍ୟୁ ଦାବୀକୁ ସୁରକ୍ଷା ଦେବା ପାଇଁ ଆବଶ୍ୟକ ରାଶିଠାରୁ ଅଧିକ ହୋଇଥାଏ ଯେଉଁମାନେ ଯୁବା ସମୟରେ ମୃତ୍ୟୁବରଣ କରନ୍ତି, ଯେତେବେଳେ କି ପରବର୍ତ୍ତୀ ବର୍ଷମାନଙ୍କରେ ସଂଗ୍ରହ କରାଯାଇଥିବା ପ୍ରିମିୟମ ସେହିମାନଙ୍କ ଦାବୀକୁ ପୂରଣ କରିବା ପାଇଁ ଆବଶ୍ୟକ ରାଶିଠାରୁ କମ୍ ହୋଇଥାଏ ଯେଉଁମାନଙ୍କ ମୃତ୍ୟୁ ଉଚ୍ଚ ବୟସର ହୋଇଥାଏ । ସମସ୍ତର ପ୍ରିମିୟମ ଉଭୟର ହାରାହାରି ଅଟେ । ପୂର୍ବବର୍ତ୍ତୀ ବୟସସବୁର ଅତିରିକ୍ତ ପ୍ରିମିୟମ ପରବର୍ତ୍ତୀ ବୟସସବୁର କମ୍ ପ୍ରିମିୟମକୁ କ୍ଷତିପୂର୍ତ୍ତି କରିଥାଏ । ସମସ୍ତର ପ୍ରିମିୟମ ବିଶେଷତାକୁ ନିମ୍ନରେ ଚିତ୍ର ଦ୍ୱାରା ବୁଝାଇ ଦିଆଯାଇଛି ।

ଚିତ୍ର 2 : **ସମସ୍ତର ପ୍ରିମିୟମ**




ସମ-ସ୍ତର ପ୍ରିମିୟମ ଆବଶ୍ୟକ ହୁଏ କାରଣ ଜୀବନ ବୀମା ଚୁକ୍ତିଗୁଡିକ ଦୀର୍ଘାବଧି ବୀମା ଚୁକ୍ତି ଅଟନ୍ତି ଯାହା 10, 20 କିମ୍ବା ଅନେକ ଅଧିକ ବର୍ଷ ପର୍ଯ୍ୟନ୍ତ ଚାଲୁ ରହିଥାନ୍ତି । ସମ-ସ୍ତର ପ୍ରିମିୟମର ଧାରଣା, ସାଧାରଣ ବୀମା ପଲିସୀଗୁଡିକ ପାଇଁ ଉତ୍ପନ୍ନ ହୁଏ ନାହିଁ, ଯେଉଁଗୁଡିକ ସାଧାରଣତଃ ଅଳ୍ପାବଧି ହୋଇଥାନ୍ତି ଏବଂ ବାର୍ଷିକ ରୂପେ ସମାପ୍ତ ହୋଇଥାନ୍ତି ।

**ଉଦାହରଣ**

ସମ-ସ୍ତର ପ୍ରିମିୟମ ହାର ବୀମାକର୍ତ୍ତାମାନଙ୍କ ଦ୍ୱାରା ପଲିସୀର ଅବଧି ସମୟରେ ମୃତ୍ୟୁଦର (ମୃତ୍ୟୁର ସମ୍ଭବ୍ୟତା) ଆଧାରରେ ନିର୍ଦ୍ଧାରିତ କରାଯାଏ ଯେହେତୁ ବୀମିତର ବୟସ ପ୍ରତି ବର୍ଷ ବଢୁଥିବ । ଥରେ ହାର ନିର୍ଦ୍ଧାରିତ ହୋଇଗଲେ, ଏହା ସମଗ୍ର ପଲିସୀ ଅବଧି ପାଇଁ ଅପରିବର୍ତ୍ତନୀୟ ରହିବ ।

### d) **ସଙ୍କଟ ସମୁଚ୍ଚୟକରଣର ସିଦ୍ଧାନ୍ତ ଏବଂ ଜୀବନ ବୀମା**

ଆମେମାନେ ପୂର୍ବରୁ ସମୁଚ୍ଚୟକରଣର ସିଦ୍ଧାନ୍ତ ଏବଂ ମ୍ୟୁଚୁଆଲିଟୀ (ପରସ୍ପରିକତା) ଉପରେ ଆଲୋଚନା କରିଛୁ । ସମୁଚ୍ଚୟକରଣ ସିଦ୍ଧାନ୍ତ ଜୀବନ ବୀମାରେ ଦୁଇଟି ବିଶେଷ ଭୂମିକା ଗ୍ରହଣ କରନ୍ତି ।

i. ଏହା ଜଣକର ଅକାଳ ମୃତ୍ୟୁ କାରଣରୁ ଉତ୍ପନ୍ନ ହୋଇଥିବା ଆର୍ଥିକ ହାନି ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରେ । ଏହା ଏକ ନିଧି ସୃଷ୍ଟି କରି କରାଯାଏ ଯାହା ଅନେକ ଲୋକ ଯେଉଁମାନେ ଏକ ଜୀବନ ବୀମା ଚୁକ୍ତି କ୍ରୟ କରିଥିବେ, ସେମାନଙ୍କ ଅଂଶଦାନକୁ ସଂଗୃହୀତ କରିଥାଏ ।

### e) **ଜୀବନ ବୀମା ଚୁକ୍ତି**

ପଲିସୀ ଦସ୍ତାବିଜ ହେଉଛି ବୀମା ଚୁକ୍ତିର ପ୍ରମାଣ ଯାହା ବୀମାର ସମସ୍ତ ନିୟମ ଓ ସର୍ତ୍ତାବଳୀକୁ ବିସ୍ତୃତ ରୂପେ ବର୍ଣ୍ଣନା କରେ ।

ଚୁକ୍ତି ଜୀବନ ବୀମା ପଲିସୀର ବୀମା ରାଶିକୁ ଉଲ୍ଲେଖ କରେ । ଜୀବନ ବୀମାକୁ ଏକ ଆର୍ଥିକ ସୁରକ୍ଷାରୂପେ ବିବେଚିତ କରାଯାଏ ଯେହେତୁ ବୀମା ରାଶିକୁ ଚୁକ୍ତିଦ୍ୱାରା ଗ୍ୟାରେଣ୍ଟି ଦିଆଯାଇଥାଏ । ଗ୍ୟାରେଣ୍ଟିର ନିହିତାର୍ଥ ହେଉଛି ଯେ ଜୀବନ ବୀମାର ପ୍ରବନ୍ଧନ ଦକ୍ଷତାପୂର୍ବକ ଏବଂ ପରମ୍ପରାଗତ ରୂପେ କରାଯାଉଛି ; ଦୃଢ଼ତାର ସହିତ ବିନିୟମିତ ଓ କଡ଼ାକଡ଼ି ଭାବେ ନିରୀକ୍ଷିତ  ହେଉଛି ।

ଯେହେତୁ ଜୀବନ ବୀମା ଚୁକ୍ତିସବୁରେ ଉଭୟ ସଙ୍କଟ ସୁରକ୍ଷା ଏବଂ ସଂଚୟକୁ ସଂପୃକ୍ତ ହୁଅନ୍ତି, ସେଗୁଡିକୁ ଅନେକ ସମୟରେ ଆର୍ଥିକ ଉତ୍ପାଦଗୁଡିକ ସହିତ ତୁଳନା କରାଯାଏ । ସେଗୁଡିକୁ ଏକ ସୁରକ୍ଷା ଅପେକ୍ଷା ଧନକୁ ଧାରଣ କରିବାର ଏକ ଉପାୟ ରୂପେ ମଧ୍ୟ ଦେଖାଯାଏ । ବାସ୍ତବରେ, ଅନେକ ଜୀବନ ବୀମା ଉତ୍ପାଦରେ ଏକ ବଡ଼ ନଗଦ ମୂଲ୍ୟ କିମ୍ବା ସଂଚୟ ଘଟକ ଥାଏ ଯାହା

ଏକ ବ୍ୟକ୍ତିର ସଂଚୟର ଏକ ମହତ୍ୱପୂର୍ଣ୍ଣ ଅଂଶ ହୋଇଥାଏ । କେତେକ ଲୋକ ତର୍କ କରନ୍ତି ଯେ ଏକ ବୀମା କମ୍ପାନୀଠାରୁ କେବଳ ଅବଧି ବୀମା କ୍ରୟ କରିବା ଏବଂ ଅବଶିଷ୍ଟ ପ୍ରିମିୟମକୁ ସେହି ସାଧନ ଯାହା ଅଧିକ ରିଟର୍ଣ୍ଣ ଦିଅନ୍ତି, ସେସବୁରେ ନିବେଶ କରିବା ଅଧିକ ଉତ୍ତମ ହୋଇପାରେ ।

ଆସନ୍ତୁ ଆମେ ପାରମ୍ପରିକ ନଗଦ ମୂଲ୍ୟ ବୀମା ଚୁକ୍ତିମାନଙ୍କର ସପକ୍ଷର ଓ ବିପକ୍ଷର ତର୍କ-ବିତର୍କକୁ ବିଚାର କରିବା ।

**a)** ଲାଭ

i. ବୀମାକୁ ଏକ ସର୍ବନିମ୍ନ ଗ୍ୟାରେଣ୍ଟିଯୁକ୍ତ ରିଟର୍ଣ୍ଣ ହାର ପ୍ରଦାନ କରୁଥିବା ଏକ ନିରାପଦ ଓ ସୁରକ୍ଷିତ ନିବେଶ ରୂପେ ଐତିହାସିକ ରୂପେ ପ୍ରମାଣିତ କରାଯାଇଛି, ଯାହା ଚୁକ୍ତି କାଳାବଧି ସହିତ ବୃଦ୍ଧି ହୋଇପାରେ ।

ii. ପ୍ରିମିୟମ ପ୍ରଦାନର ନିୟମିତତା ଜଣକର ସଂଚୟର ଅନିବାର୍ଯ୍ୟ ଯୋଜନା ଆବଶ୍ୟକ କରେ ଏବଂ ତା' ଫଳରେ ସଂଚୟ ଶୃଙ୍ଖଳା ଜ୍ଞାନ ଆସିଥାଏ ।

iii. ବୀମାକର୍ତ୍ତା ବ୍ୟବସାୟିକ ନିବେଶ ପ୍ରବନ୍ଧନ ଉପରେ ଧ୍ୟାନ ରଖେ ଏବଂ ବ୍ୟକ୍ତିକୁ ଏହି ଦାୟିତ୍ୱରୁ ମୁକ୍ତ କରେ ।

iv. ବୀମା ଦ୍ରବତା ପ୍ରଦାନ କରେ । ବୀମିତ ଏକ ଋଣ ନେଇପାରେ କିମ୍ବା ପଲିସୀର ସମର୍ପଣ କରିପାରେ ଏବଂ ଏହାକୁ ନଗଦରେ ପରିବର୍ତ୍ତିତ କରିପାରେ ।

v. ଉଭୟ ନଗଦ ମୂଲ୍ୟ ପ୍ରକାରର ଜୀବନ ବୀମା ଏବଂ ଏନୁଇଟି ଗୁଡିକ କିଛି ଆୟ କର ଲାଭ ନେଇପାରନ୍ତି ।

vi. ବୀମା  କ୍ରେଡିଟର୍ ମାନଙ୍କ ଦାବୀଗୁଡିକ ଠାରୁ ନିରାପଦ ରହିପାରେ, ସାଧାରଣତଃ ବୀମିତର ଦେବାଳିଆପଣ କିମ୍ବା ମୃତ୍ୟୁ ଘଟଣାରେ ।

**b)** କ୍ଷତି:

i. ଯେହେତୁ ବୀମା ଅପେକ୍ଷାକୃତ ନିର୍ଦ୍ଧାରିତ ଓ ସ୍ଥିର ରିଟର୍ଣ୍ଣ ଦିଏ, ଏହା ମୁଦ୍ରାସ୍ଫୀତି ଦ୍ୱାରା ଗମ୍ଭୀର ରୂପେ ପ୍ରଭାବିତ ହୋଇପାରେ ।

ii. ଉଚ୍ଚ ମାର୍କେଟିଙ୍ଗ୍ ଏବଂ ଅନ୍ୟାନ୍ୟ ପ୍ରାରମ୍ଭିକ ମୂଲ୍ୟ ଜୀବନ ବୀମା ପଲିସୀମାନଙ୍କର ପୂର୍ବବର୍ତ୍ତୀ ବର୍ଷମାନଙ୍କରେ ସଂକଳିତ ନଗଦ ମୂଲ୍ୟର ପରିମାମକୁ ହ୍ରାସ କରିଥାଏ ।

iii. ଗ୍ୟାରେଣ୍ଟିଯୁକ୍ତ ଆୟ ଅନ୍ୟାନ୍ୟ ଆର୍ଥିକ ସାଧନର ଆୟଠାରୁ କମ୍ ହୋଇପାରେ ।

**ସ୍ୱୟଂ ପରୀକ୍ଷା କରନ୍ତୁ1**

ବିବିଧ କରଣ ଆର୍ଥିକ ବଜାରରେ ସଙ୍କଟଗୁଡିକୁ କିପରି ହ୍ରାସ କରେ ?

I. ବିଭିନ୍ନ ଉତ୍ସରୁ ନିଧି ସଂଗ୍ରହ କରିବା ଏବଂ ସେସବୁକୁ ଗୋଟିଏ ସ୍ଥାନରେ ନିବେଶ କରିବା

II. ନିଧିଗୁଡିକୁ ବିଭିନ୍ନ ସମ୍ପତ୍ତି ବର୍ଗରେ ନିବେଶ କରିବା

III. ନିବେଶଗୁଡିକ ମଧ୍ୟରେ ସମୟ ବ୍ୟବଧାନ ରଖିବା

IV. ନିରାପଦ ସମ୍ପତ୍ତିରେ ନିବେଶ କରିବା

## ସାରାଂଶ

a) ସମ୍ପତ୍ତି/ପରିସମ୍ପତ୍ତି ହେଉଛି ଏକ ପ୍ରକାରର ସମ୍ପତ୍ତି ଯାହା ମୂଲ୍ୟ କିମ୍ବା ଏକ ପ୍ରତିଫଳ ଉତ୍ପନ୍ନ କରେ ।

b) HLV ଧାରଣା ମାନବ ମୂଲ୍ୟକୁ ଏକ ପ୍ରକାରର ସମ୍ପତ୍ତି କିମ୍ବା ପରିସମ୍ପତ୍ତି ରୂପେ ବିଚାର କରେ ଯିଏ ଏକ ଆୟ ଉପାର୍ଜନ କରେ । ଏ ପ୍ରକାରେ, ଏହା ଏକ ବ୍ୟକ୍ତିର ପ୍ରତ୍ୟାଶିତ ଶୁଦ୍ଧ ଭବିଷ୍ୟତ ଉପାର୍ଜନ ଆଧାରରେ ମାନବ ଜୀବନର ମୂଲ୍ୟକୁ ମାପିଥାଏ ।

c) ସମସ୍ତର ପ୍ରିମିୟମ ହେଉଛି ଏକ ନିଶ୍ଚିତ ପ୍ରିମିୟମ ଯେଉଁଥିରେ ଏହା ବୟସ ସହିତ ବଢ଼େ ନାହିଁ କିନ୍ତୁ ସାରା ଚୁକ୍ତି ଅବଧି ପାଇଁ ଅପରିବର୍ତ୍ତନୀୟ ରହିଥାଏ ।

d) ମ୍ୟୁଚୁଆଲିଟୀ ହେଉଛି ଆର୍ଥିକ ବଜାରରେ ସଙ୍କଟକୁ ହ୍ରାସ କରିବାର ଗୋଟିଏ ମହତ୍ୱପୂର୍ଣ୍ଣ ଉପାୟ, ଅନ୍ୟଟି ହେଉଛି ବିବିଧକରଣ ।

e) ଏକ ଜୀବନ ବୀମା ଚୁକ୍ତିରେ ଗ୍ୟାରେଣ୍ଟିର ତତ୍ତ୍ୱର ନିହିତାର୍ଥ ହେଉଛି ଯେ ଜୀବନ ବୀମା କଠୋର ବିନିୟମନ ଏବଂ କଡ଼ା ନିରୀକ୍ଷଣ ଅଧୀନରେ ଥାଏ ।

## ମୁଖ୍ୟ ପଦାବଳୀ

1. ସମ୍ପତ୍ତି (ପରିସମ୍ପତ୍ତି)
2. ମାନବ ଜୀବନ ମୂଲ୍ୟ
3. ସମସ୍ତର ପ୍ରିମିୟମ
4. ମ୍ୟୁଚୁଆଲିଟୀ (ପାରସ୍ପରିକତା)
5. ବିବିଧକରଣ

## ସ୍ୱୟଂ ପରୀକ୍ଷା କରନ୍ତୁର ଉତ୍ତର

ଉତ୍ତର 1 – ସଠିକ୍ ଉତ୍ତର ହେଉଛି II

# ଅଧ୍ୟାୟ L-02

## ଆର୍ଥିକ ଯୋଜନା

**ଅଧ୍ୟାୟ ପରିଚୟ**

ପୂର୍ବବର୍ତ୍ତୀ ଅଧ୍ୟାୟମାନଙ୍କରେ ଆମେମାନେ ଜୀବନ ବୀମା ଏବଂ ଆର୍ଥିକ ସୁରକ୍ଷା ପ୍ରଦାନ କରିବାରେ ଏହାର ଭୂମିକା ଉପରେ ଆଲୋଚନା କରିଛୁ। ସୁରକ୍ଷା ସେହି ବ୍ୟକ୍ତିମାନଙ୍କ ଚିନ୍ତାଗୁଡିକ ମଧ୍ୟରୁ କେବଳ ଗୋଟିଏ ଅଟେ, ଯେଉଁମାନେ ବର୍ତ୍ତମାନ ଓ ଭବିଷ୍ୟତର ବିଭିନ୍ନ ଆବଶ୍ୟକତାକୁ ପୂରଣ କରିବା ପାଇଁ ସେମାନଙ୍କ ଆୟ ଓ ଧନକୁ ଆବଣ୍ଟିତ କରିବାପାଇଁ ଚାହାଁନ୍ତି । ଜୀବନ ବୀମାକୁ ନିଶ୍ଚିତ ରୂପେ "ବ୍ୟକ୍ତିଗତ ଆର୍ଥିକ ଯୋଜନା" ର ବ୍ୟାପକ ପ୍ରସଙ୍ଗରେ ବୁଝିବା ଉଚିତ୍ । ଏହି ଅଧ୍ୟାୟର ଉଦ୍ଦେଶ୍ୟ ହେଉଛି ଆର୍ଥିକ ଯୋଜନାର ବିଷୟ ସମ୍ବନ୍ଧରେ ପରିଚିତ କରାଇବା ।

**ଅଧ୍ୟୟନ ପରିଣାମ**

A. ଆର୍ଥିକ ଯୋଜନା ଏବଂ ବୈୟକ୍ତିକ ଜୀବନ ଚକ୍ର

B. ଆର୍ଥିକ ଯୋଜନା ର ଭୂମିକା

C. ଆର୍ଥିକ ଯୋଜନା -ପ୍ରକାର

## A. ଆର୍ଥିକ ଯୋଜନା ଏବଂ ବୈୟକ୍ତିକ ଜୀବନ ଚକ୍ର

**1.** ଆର୍ଥିକ ଯୋଜନା କ'ଣ ଅଟେ?


ଆମମାନଙ୍କ ମଧ୍ୟରୁ ଅଧିକାଂଶ ଆମ ଜୀବନର ଅଧିକାଂଶ ଭାଗକୁ ଅର୍ଥ ଉପାର୍ଜନରେ ବିତାଇଥାଉ । ଆର୍ଥିକ ଯୋଜନା ହେଉଛି ଅର୍ଥ ଆମ ପାଇଁ କାମ କରୁ, ଏହା କରିବାର ଏକ ସ୍ମାର୍ଟ ଉପାୟ ।

### ପରିଭାଷା

ଆର୍ଥିକ ଯୋଜନା ହେଉଛି ଜଣକର ଜୀବନର ଲକ୍ଷ୍ୟକୁ ଚିହ୍ନଟ କରିବା, ଏହି ଲକ୍ଷ୍ୟକୁ ଆର୍ଥିକ ଲକ୍ଷ୍ୟରେ ପରିଣତ କରିବା ଏବଂ ଏହି ସବୁ ଲକ୍ଷ୍ୟକୁ ହାସଲ କରିବା ପାଇଁ ତାର ଅର୍ଥକୁ ପ୍ରବନ୍ଧନ କରିବାର ପ୍ରକ୍ରିୟା ।

ଆର୍ଥିକ ଯୋଜନା ଉଭୟ ବର୍ତ୍ତମାନ ଓ ଭବିଷ୍ୟତର ଆବଶ୍ୟକତା, ଯାହା ଅନପେକ୍ଷିତ ହୋଇପାରେ, ସେଗୁଡିକୁ ସମ୍ମୁଖୀନ ହେବାପାଇଁ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବାରେ ସଂପୃକ୍ତ ଥାଏ । ଏକ ଜୀବନକୁ କମ୍ କଷ୍ଟଦାୟକ କରିବାରେ ଏହା ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସାବଧାନତାର ସହିତ କରାଯାଇଥିବା ଯୋଜନା ଜଣକର ପ୍ରାଥମିକତାକୁ ନିର୍ଦ୍ଧାରିତ କରିବାରେ ଏବଂ ଆପଣଙ୍କ ବିଭିନ୍ନ ଲକ୍ଷ୍ୟକୁ ହାସଲ କରିବାକୁ କାର୍ଯ୍ୟ କରିବାରେ ସାହାଯ୍ୟ କରିପାରେ ।

ଚିତ୍ର 1 : ଲକ୍ଷ୍ୟର ପ୍ରକାର




i. ଲକ୍ଷ୍ୟଗୁଡିକ **ଅଳ୍ପାବଧି** ହୋଇପାରେ: ଏକ LCD TV ସେଟ୍ କିଣିବା କିମ୍ବା ଏକ ପରିବାର ପାଇଁ ଦୀର୍ଘ ଛୁଟି


ii. ସେମାନେ **ମଧ୍ୟମ ଅବଧି** ହୋଇପାରନ୍ତି: ଏକ ଘର କିଣିବା କିମ୍ବା ବିଦେଶରେ ଏକ ଦୀର୍ଘଛୁଟି

iii. **ଦୀର୍ଘାବଧି** ଲକ୍ଷ୍ୟରେ ଅନ୍ତର୍ଭୁକ୍ତ ହୋଇପାରେ: ଗୋଟିଏ ସନ୍ତାନର ଶିକ୍ଷା କିମ୍ବା ବିବାହ କିମ୍ବା ଅବସରଗ୍ରହଣ ପରବର୍ତ୍ତୀ ପ୍ରାବଧାନ

**2.** ବ୍ୟକ୍ତିର ଜୀବନ ଚକ୍ର

ଏକ ବ୍ୟକ୍ତି ଜନ୍ମ ହେବା ଦିନଠାରୁ ତାର ମୃତ୍ୟୁ ଦିନ ପର୍ଯ୍ୟନ୍ତ, ସେ ଜୀବନର ବିଭିନ୍ନ ଚରଣ ଦେଇ ଗତି କରେ, ଯେଉଁ ସମୟରେ ସେ ଭୂମିକାଗୁଡିକର ଏକ ଶୃଙ୍ଖଳାକୁ ନିଭାଇବା ଆଶା କରାଯାଏ । ଏହି ଚରଣଗୁଡିକୁ ନିମ୍ନରେ ଦିଆଯାଇଥିବା ଚିତ୍ରରେ ଦର୍ଶାଯାଇଛି ।

ଚିତ୍ର 2: ଆର୍ଥିକ ଜୀବନ ଚକ୍ର




**ଜୀବନ ଚରଣ ଏବଂ ପ୍ରାଥମିକତା**

a) **ବିଦ୍ୟାର୍ଥୀ (ଧରନ୍ତୁ ବୟସ 20-25 ପର୍ଯ୍ୟନ୍ତ)**: ସେହି ଚରଣ ଯେତେବେଳେ ଜଣେ ତାର ଜ୍ଞାନ ଓ କୌଶଳର ବିକାଶ ଦ୍ୱାରା ତାର ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଥାଏ । ଜଣକର ଶିକ୍ଷା ପାଇଁ ବିତ୍ତପୋଷଣ ପାଇଁ ନିଧି ଆବଶ୍ୟକ । ଉଦାହରଣ ସ୍ୱରୂପ, ମେଡିକାଲ କିମ୍ବା ମ୍ୟାନେଜମେଣ୍ଟ ଶିକ୍ଷା ପାଇଁ ଉଚ୍ଚ ମୂଲ୍ୟର ଫିଜ୍ କୁ ପୂରଣ କରିବା

b) **ଉପାର୍ଜନକାରୀ (25 ବର୍ଷ ଆଗକୁ)**:ଯେତେବେଳେ ଜଣେ ନିଯୁକ୍ତି ପାଇଥାଏ ଏବଂ ବୋଧହୁଏ ତାର ଆବଶ୍ୟକତାଗୁଡିକୁ ପୂରଣ କରିବା ପାଇଁ ଯଥେଷ୍ଟ ଉପାର୍ଜନ କରେ ଓ ଖର୍ଚ୍ଚ କରିବାକୁ ତା' ପାଖରେ କିଛି ଅଧିକ ଟଙ୍କା ଥାଏ । ପରିବାର ଦାୟିତ୍ୱସବୁ ଥାଏ ଏବଂ ସେହି ଆବଶ୍ୟକତାଗୁଡିକୁ ପୂରଣ କରିବା ପାଇଁ ଯାହା ନିକଟ ଭବିଷ୍ୟତରେ ଉତ୍ପନ୍ନ ହୋଇପାରେ । ନିଜ ପାଖରେ ଟଙ୍କା ଥିବା ପାଇଁ ଜଣେ ସଂଚୟ ଓ ନିବେଶ ମଧ୍ୟ କରିପାରେ । ଉଦାହରଣସ୍ୱରୂପ, ଜଣେ ଯୁବା ବ୍ୟକ୍ତି ଏକ ଗୃହ ଋଣ ନିଏ ଏବଂ ଏକ ଘରେ ନିବେଶ କରିଥାଏ ।

c) **ଭାଗୀଦାର (ଧରନ୍ତୁ 28 - 30 ରେ ବିବାହ ହେବା ପରେ)**: ସେହି ଚରଣ ଯେତେବେଳେ ଜଣେ ବିବାହ କରେ ଏବଂ ନିଜର ଏକ ପରିବାର ହୁଏ । ଏହା ନୂଆ ଆବଶ୍ୟକତାସବୁକୁ ସୃଷ୍ଟି କରେ ଯେପରିକି ଜଣକର ନିଜର ଘର, ବୋଧହୁଏ ଏକ କାର, ଉପଭୋକ୍ତା ସ୍ଥିର ଜିନିଷ ହେବା, ପିଲାମାନଙ୍କ ଭବିଷ୍ୟତ ପାଇଁ ଯୋଜନା କରିବା ଇତ୍ୟାଦି ।

d) **ପିତା/ମାତା (ଧରନ୍ତୁ 28 ରୁ 35)**: ସେହି ସବୁ ବର୍ଷ ଯେତେବେଳେ ଜଣେ ଗୋଟିଏ କିମ୍ବା ଅଧିକ ସନ୍ତାନଙ୍କ ପିତା/ମାତା ହୋଇଥାଏ । ଜଣକୁ ବର୍ତ୍ତମାନ ସେମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ପାଇଁ ଚିନ୍ତା କରିବାକୁ ପଡ଼ିଥାଏ- ସେମାନଙ୍କୁ ଉତ୍ତମ ସ୍କୁଲରେ ଭର୍ତ୍ତି କରାଇବା ଇତ୍ୟାଦି ।

e) **ପ୍ରଦାନକର୍ତ୍ତା (ଧରନ୍ତୁ ବୟସ 35 ଠାରୁ 55)**: ସେହି ଚରଣ ଯେତେବେଳେ ପିଲାମାନେ କିଶୋରାବସ୍ଥାରେ ପହଞ୍ଚିଥିବେ, ଏବଂ ସେମାନଙ୍କ ହାଇସ୍କୁଲ ଓ କଲେଜ ସମୟକୁ ଅନ୍ତର୍ଭୁକ୍ତ କରେ । ଜଣେ ନିଜର ପିଲାକୁ ଜୀବନର ଚ୍ୟାଲେଞ୍ଜସବୁର ସମ୍ମୁଖୀନ ହେବା ପାଇଁ ଯୋଗ୍ୟ କରିବା ପାଇଁ ଶିକ୍ଷାର ଉଚ୍ଚ ମୂଲ୍ୟ ବିଷୟରେ ଚିନ୍ତିତ ହୁଏ । ଉଦାହରଣ ସ୍ୱରୂପ, ସେହି ରାଶି ପରିମାଣ ଉପରେ ବିଚାର କରନ୍ତୁ ଯାହାକୁ ଏକ ମେଡିକାଲ୍

କୋର୍ସ ଯାହା ପାଞ୍ଚ ବର୍ଷ ଧରି ଚାଲେ, ତାର ବିତ୍ତପୋଷଣ କରିବାକୁ ରଖିବାର ଆବଶ୍ୟକତା ଥାଏ । ଅନେକ ଭାରତୀୟ ଘରେ ଝିଅ ପିଲାମାନଙ୍କ ବିବାହ ଓ ବନ୍ଦୋବସ୍ତ ପାଇଁ ପ୍ରାବଧାନ କରିବା ଚିନ୍ତାର ଏକ ସଙ୍କଟମୟ କ୍ଷେତ୍ର । ବାସ୍ତବରେ, ପିଲାମାନଙ୍କ ବିବାହ ଓ ଶିକ୍ଷା ବର୍ତ୍ତମାନ ଅଧିକାଂଶ ଭାରତୀୟ ପରିବାରଙ୍କ ପାଇଁ ସଂଚୟ ପାଇଁ ଏକ ମୁଖ୍ୟ ଉଦ୍ଦେଶ୍ୟ ଅଟେ ।

f) **ଖାଲି ନିଳୟ ଆବାସୀ (ବୟସ 55 ଠାରୁ 65)**: ପଦ 'ଖାଲି ନିଳୟ ନିବାସ' ର ନିହିତାର୍ଥ ହେଉଛି ସନ୍ତାନ ମାନେ ନିଳୟ [ଗୃହସ୍ଥି] କୁ ଖାଲି କରି, ଚାଲିଯାଇଛନ୍ତି । ଏହା ହେଉଛି ସେହି ସମୟ ଯେତେବେଳେ ପିଲାମାନେ ବିବାହ କରିଥିବେ ଏବଂ ବେଳେ ବେଳେ ପିତାମାତାଙ୍କୁ ଛାଡି, କାମ ପାଇଁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିବେ । ଆଶା କରାଯାଏ ଯେ ଏହି ଚରଣ ପର୍ଯ୍ୟନ୍ତ, ଜଣେ ନିଜର ଦାୟିତ୍ୱସବୁ [ଯେମିତି କି ଗୃହ ଋଣ ଓ ଅନ୍ୟାନ୍ୟ ବନ୍ଧକ] କୁ ଋଣମୁକ୍ତ କରିଦେଇଥିବ ଏବଂ ଅବସର ଗ୍ରହଣ ପାଇଁ ଏକ ନିଧି ନିର୍ମିତ କରି ସାରି ଥିବ । ଏହା ମଧ୍ୟ ସେହି ସମୟ ଯେତେବେଳେ ରକ୍ତ ଚାପ ଏବଂ ମଧୁମେହ ଭଳି ରୋଗଗୁଡିକ ପ୍ରକଟ ହେବା ଆରମ୍ଭ କରନ୍ତି ଏବଂ ଜଣକର ଜୀବନକୁ ପୀଡ଼ିତ କରନ୍ତି । ଏହି ଚରଣରେ ସ୍ୱାସ୍ଥ୍ୟ ସେବା, ଆର୍ଥିକ ସ୍ୱାଧିନତା ଏବଂ ଆୟର ସୁରକ୍ଷା ଅତି ମହତ୍ୱପୂର୍ଣ୍ଣ ହୋଇଥାଏ ।

g) **ଅବସର ଗ୍ରହଣ – ଗୋଧୂଳି/ସନ୍ଧ୍ୟା କାଳ (ବୟସ 60 ଏବଂ ଊର୍ଦ୍ଧ୍ୱ)**: ସେହି ବୟସ ଯେତେବେଳେ ଜଣେ ସକ୍ରିୟ କାର୍ଯ୍ୟରୁ ଅବସର ଗ୍ରହଣ କରିଛି ଏବଂ ଜୀବନର ଆବଶ୍ୟକତାସବୁକୁ ପୂରଣ କରିବା ପାଇଁ ନିଜର ସଂଚୟକୁ ଖର୍ଚ୍ଚ କରେ ଯେତେ ସମୟ ପର୍ଯ୍ୟନ୍ତ ଉଭୟେ ଜୀବିତ ଅଛନ୍ତି, ପତି ଓ ପତ୍ନୀଙ୍କ ଜୀବିତ ଆବଶ୍ୟକତାଗୁଡିକ କେନ୍ଦ୍ର ବିନ୍ଦୁ ହୋଇଥାଏ । ଜଣେ ସ୍ୱାସ୍ଥ୍ୟ ସମସ୍ୟା, ଯଥେଷ୍ଟ ଆୟ ଏବଂ ଏକାନ୍ତତା ବିଷୟରେ ଚିନ୍ତିତ ହୋଇଥାଏ । ଏହା ମଧ୍ୟ ସେହି ସମୟ ହୋଇଥାଏ ଯେତେବେଳେ ଜଣେ ଜୀବନର ଗୁଣବତ୍ତା ବଢ଼ାଇବା ପାଇଁ ଏବଂ ଅନେକ ଗୁଡିଏ ଜିନିଷ ଉପଭୋଗ କରିବାକୁ ଚାହେଁ ଯାହା ଜଣେ ସ୍ୱପ୍ନ ଦେଖିଥିଲା କିନ୍ତୁ ହାସଲ କରି ପାରି ନ ଥିଲା –ଯେପରିକି ଏକ ସଉକକୁ ଆଗେ ବଢ଼ାଇବା କିମ୍ବା ଏକ ଦୀର୍ଘ ଛୁଟି କିମ୍ବା ତୀର୍ଥଯାତ୍ରାରେ ଯିବା । ଜଣେ ସୁନ୍ଦର ରୂପେ କିମ୍ବା ଦାରିଦ୍ର୍ୟତାରେ ବୟସକୁ ଆଗକୁ ବଢ଼ାଇବା, ତାହା ନିର୍ଭର କରିବ ତାହା ଉପରେ ଯେତେ ରାଶି ପରିମାଣର ପ୍ରାବଧାନ ସେ ଏହି ସମୟ ପାଇଁ କରିଥିବ ।

ଯେପରିକି ଆମେମାନେ ଉପରେ ଦେଖି ପାରିଲେ, ଆର୍ଥିକ ଜୀବନ ଚକ୍ରର ତିନି ଚରଣ ଅଛି : ଏକ ବିଦ୍ୟାର୍ଥୀ କିମ୍ବା ପୂର୍ଣ୍ଣ-ଚାକିରୀ ଚରଣ; ରୋଜଗାର/କାର୍ଯ୍ୟକାଳ ଚରଣ ଯାହା 18 ଠାରୁ 25 ବର୍ଷ ବୟସ ମଧ୍ୟରେ ଆରମ୍ଭ ହୁଏ ଏବଂ 35 ଠାରୁ 40 ବର୍ଷ ପର୍ଯ୍ୟନ୍ତ ଚାଲୁ ରହେ; ଏବଂ ଜଣେ କାର୍ଯ୍ୟ କରିବା ବନ୍ଦ କରିବା ପରେ ଅବସର ଗ୍ରହଣ ସମୟ ।

**3.** ଜଣେ ବିଭିନ୍ନ ଆର୍ଥିକ ସମ୍ପତ୍ତି ସଂଚୟ କରିବା ଓ କ୍ରୟ କରିବା କାହିଁକି ଆବଶ୍ୟକ କରେ?

କାରଣ ହେଉଛି ଯେ ଏକ ବ୍ୟକ୍ତିର ଜୀବନର ପ୍ରତ୍ୟେକ ଚରଣରେ, ଯେତେବେଳେ ଜଣେ ଏକ ବିଶେଷ ଭୂମିକା ଗ୍ରହଣ କରେ, ଅନେକ ଗୁଡିଏ ଆବଶ୍ୟକତା ଉପୁଜିଥାଏ ଯେଉଁଥିପାଇଁ ନିଧି ଯୋଗାଇବାକୁ ପଡ଼ିଥାଏ ।

| ଉଦାହରଣ |
|---|
| ଯେତେବେଳେ ଏକ ବ୍ୟକ୍ତି ବିବାହ କରେ ଏବଂ ତା' ନିଜର ଏକ ପରିବାର ଆରମ୍ଭ କରେ ,ତା' ପାଇଁ ତା' ନିଜର ଏକ ଘର ଆବଶ୍ୟକ ହୋଇପାରେ । ଯେତେବେଳେ ପିଲାମାନେ ବଡ଼ ହୁଅନ୍ତି ,ସେମାନଙ୍କ ଉଚ୍ଚତର ଶିକ୍ଷା ପାଇଁ ନିଧିର ଆବଶ୍ୟକତା ହୁଏ । ଯେତେବେଳେ ଏକ ବ୍ୟକ୍ତି ମଧ୍ୟମ ବୟସ ପାର ହୋଇଥାଏ ,ଚିନ୍ତା ହୋଇଥାଏ ସ୍ୱାସ୍ଥ୍ୟ ଖର୍ଚ୍ଚର ସମ୍ମୁଖୀନ ହେବା ପାଇଁ ଅର୍ଥ ଓ ଅବସରଗ୍ରହଣ ପରବର୍ତ୍ତୀ ସଂଚିତ କରି ରଖିବା ଯାହା ଦ୍ୱାରା ଜଣକୁ ପିଲାମାନଙ୍କ ଉପରେ ନିର୍ଭର କରିବା ଏବଂ ଏକ ବୋଝ ହେବା ଆବଶ୍ୟକ ହୋଇ ନ ଥାଏ । ସ୍ୱାଧୀନତା ଓ ସମ୍ମାନର ସହିତ ବଞ୍ଚିବା ମହତ୍ୱପୂର୍ଣ୍ଣ ହୋଇଥାଏ । |

**ସଂଚୟ** – ନିବେଶ ପ୍ରକ୍ରିୟାକୁ ଦୁଇଟି ନିର୍ଣ୍ଣୟ ଦ୍ୱାରା ପ୍ରସ୍ତୁତ କରାଯାଇଛି ବୋଲି ବିଚାର କରାଯାଏ ।

i. **ଉପଭୋଗ ର ବିଲମ୍ବନ**: ବର୍ତ୍ତମାନ ଏବଂ ଭବିଷ୍ୟତ ଉପଭୋଗ ମଧ୍ୟରେ ସଂସାଧନର ଆବଣ୍ଟନ

ii. **ଦ୍ରବତାକୁ ପରିତ୍ୟାଗ କରିବା** (କିମ୍ବା ପ୍ରସ୍ତୁତ କ୍ରୟକରିବାର କ୍ଷମତା) କମ୍ ଦ୍ରବ ସମ୍ପତ୍ତିର ବଦଳରେ । ଉଦାହରଣ ସ୍ୱରୂପ, ଏକ ଜୀବନ ବୀମା ପଲିସୀର ଅର୍ଥ ହେବ ଏକ ଚୁକ୍ତି ଯାହା କମ୍ ଦ୍ରବ ଅଟେ, ତା' ବିନିମୟରେ ଟଙ୍କା ନେବା ।

ଆର୍ଥିକ ଯୋଜନା ଉଭୟ ପ୍ରକାରର ନିର୍ଣ୍ଣୟକୁ ଅନ୍ତର୍ଭୁକ୍ତ କରେ । ଭବିଷ୍ୟତ ପାଇଁ ସଂଚୟ କରିବା ପାଇଁ ଜଣକୁ ଯୋଜନା କରିବା ଆବଶ୍ୟକ ଏବଂ ନିଶ୍ଚିତ ରୂପେ ବିଭିନ୍ନ ଆବଶ୍ୟକତା ଯାହା ଭବିଷ୍ୟତରେ ଉତ୍ପନ୍ନ ହେବ, ତାର ସମ୍ମୁଖୀନ ହେବା ପାଇଁ ଉପଯୁକ୍ତ ସମ୍ପତ୍ତିରେ ବିବେକ ଶୀଳ ରୂପେ ନିବେଶ କରିବା ଉଚିତ୍ ।

**4.** ବୈୟକ୍ତିକ ଆବଶ୍ୟକତା

ଯଦି ଆମେ ଜୀବନ ଚକ୍ରର ଚରଣଗୁଡିକୁ ଦେଖିବା ଯାହା ଉପରେ ଆଲୋଚନା କରାଯାଇଛି, ଆମେ ଦେଖିବା ଯେ ତିନି ପ୍ରକାରର ଆବଶ୍ୟକତା ଉତ୍ପନ୍ନ ହୋଇପାରେ । ଏଥିରୁ ତିନି ପ୍ରକାରର ଆର୍ଥିକ ଉତ୍ପାଦ ଉତ୍ପନ୍ନ ହୁଏ ।

a) ଭବିଷ୍ୟତ କାରବାର ସକ୍ଷମ କରିବା

ପ୍ରଥମ ସମୂହର ଆବଶ୍ୟକତା ଖର୍ଚ୍ଚର ଶୃଙ୍ଖଳାର ସମ୍ମୁଖୀନ ହେବା ପାଇଁ ନିଧିଠାରୁ ଉତ୍ପନ୍ନ ହୋଇପାରେ ଯାହା ଜୀବନ ଚକ୍ରର ବିଭିନ୍ନ ରଣରେ ଉତ୍ପନ୍ନ ହେବା ଆଶା କରାଯାଏ । ଦୁଇ ପ୍ରକାରର ସେଭଳିଆ ଆବଶ୍ୟକତା ଥାଏ:

i. ବିଶେଷ କାରବାର ଆବଶ୍ୟକତା: ଯେଉଁସବୁ ବିଶେଷ ଜୀବନ ଘଟଣାଗୁଡିକ ସହିତ ସଂଯୁକ୍ତ ଥାଆନ୍ତି ଯେଉଁଗୁଡିକ ସଂସାଧନର ପ୍ରତିବଦ୍ଧତା ଆବଶ୍ୟକ କରିଥାନ୍ତି । ଉଦାହରଣ ସ୍ୱରୁପ, ଆଶ୍ରିତମାନଙ୍କ ପାଇଁ ଉଚ୍ଚତର ଶିକ୍ଷା/ବିବାହ; କିମ୍ବା ଏକ ଘର କିମ୍ବା ଉପଭୋକ୍ତା ସ୍ଥାୟୀ ବସ୍ତୁ

ii. ସାଧାରଣ କାରବାର ଆବଶ୍ୟକତା: କୌଣସି ବିଶେଷ ଉଦ୍ଦେଶ୍ୟ ପାଇଁ ନିର୍ଦ୍ଧାରିତ ନ କରି ବର୍ତ୍ତମାନର ଉପଭୋଗଠାରୁ ଅଲଗା ରଖାଯାଇଥିବା ରାଶି –ଏଗୁଡିକୁ ଲୋକପ୍ରିୟ ହିସାବରେ 'ଭବିଷ୍ୟତ ପ୍ରାବଧାନ' କୁହାଯାଇଥାଏ ।

b) ଆକସ୍ମିକତାର ସମ୍ମୁଖୀନ ହେବା

ଆକସ୍ମିକତାଗୁଡିକ ହୋଇଥାନ୍ତି ଅପ୍ରତ୍ୟାଶିତ ଜୀବନ ଘଟଣାସବୁ ଯାହା ଅତ୍ୟଧିକ ନିଧି ଆବଶ୍ୟକ କରିପାରନ୍ତି । ଏ ସବୁକୁ ଚଳିତ ଆୟଠାରୁ ପୂରଣ କରାଯାଇପାରିବ ନାହିଁ ଏବଂ ପୂର୍ବରୁ ନିଧି ରଖାଯିବା ଆବଶ୍ୟକ । ଏମାନଙ୍କ ମଧ୍ୟରୁ କେତେକ ଘଟଣା, ଯେପରିକି ମୃତ୍ୟୁ ଏବଂ ବିକଳାଙ୍ଗତା କିମ୍ବା ଅଣ-ନିଯୁକ୍ତି, ଫଳରେ ଆୟର ହାନି ହୋଇଥାଏ । ଅନ୍ୟସବୁ, ଯେପରିକି ନିଆଁ ଫଳରେ ସମ୍ପତ୍ତିର ହାନି ହୋଇପାରେ ।

ସେଭଳିଆ ଆବଶ୍ୟକତାସବୁର ଧ୍ୟାନ ବୀମା ଜରିଆରେ ରଖାଯାଇପାରେ, ଯଦି ସେଗୁଡିକର ଘଟିବାର ସମ୍ଭାବ୍ୟତା କମ୍ ଥାଏ କିନ୍ତୁ ପ୍ରଭାବର ମୂଲ୍ୟ ଅଧିକ ହୋଇଥାଏ । ଏକ ରିଜର୍ଭ ରୂପେ ଦ୍ରବର ଅଧିକାଂଶ ରାଶିକୁ ଅଲଗା ରଖି ଜଣେ ବିକଳ୍ପ ରୂପେ ସେଗୁଡିକର ସମ୍ମୁଖୀନ ହୋଇପାରେ ।

c) ଧନ ସଂଚୟୀକରଣ

ସଂଚୟୀକରଣ ଅଭିପ୍ରେରଣା ଅନୁକୂଳ ବଜାର ସୁଯୋଗର ଲାଭ ଉଠାଇ, ଧନ ସଂଚୟ କରିବା ପାଇଁ ନିବେଶ କରିବାକୁ ଏକ ବ୍ୟକ୍ତିର ଆକାଂକ୍ଷାକୁ ସୂଚୀତ କରେ । ନିବେଶ କରିବାର ସମୟରେ କିଛି ବ୍ୟକ୍ତି ଏକ ସତର୍କ ଦୃଷ୍ଟିକୋଣ ନେଇ ପାରନ୍ତି, ଯେତେବେଳେ କି କିଛି ବ୍ୟକ୍ତି ଏକ ଉଚ୍ଚ ରିଟର୍ଣ୍ଣ ପ୍ରାପ୍ତ କରିବା ଉଦ୍ଦେଶ୍ୟରେ, ଅଧିକ ସଙ୍କଟ ବହନ କରିବା ପାଇଁ ଇଚ୍ଛୁକ ହୋଇ ପାରନ୍ତି । ଉଚ୍ଚ ରିଟର୍ଣ୍ଣର ଇଚ୍ଛା ରହିପାରେ କାରଣ ଏହା ଅଧିକ ଶୀଘ୍ରତାର ସହ ଜଣକର ଧନ କିମ୍ବା ଶୁଦ୍ଧ ମୂଲ୍ୟ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଧନକୁ ସ୍ୱାଧୀନତା, ଉଦ୍ୟୋଗ (ଉପକ୍ରମ), କ୍ଷମତା ଓ ପ୍ରଭାବ ସହିତ ସଂପୃକ୍ତ କରାଯାଇଥାଏ ।

**5.** ଆର୍ଥିକ ଉତ୍ପାଦ

ଉପରୋକ୍ତ ଆବଶ୍ୟକତା ସମୂହର ଅନୁରୂପ ଆର୍ଥିକ ବଜାରରେ ତିନି ପ୍ରକାରର ଉତ୍ପାଦ ଉପଲବ୍ଧ ଥାଆନ୍ତି:

| | |
|---|---|
| କାରବାର ସମ୍ବନ୍ଧୀୟ ଉତ୍ପାଦ | ବ୍ୟାଙ୍କ ଜମା ଏବଂ ଅନ୍ୟାନ୍ୟ ସଂଚୟ ସାଧନ ଯାହା ଜଣକ ପାଖରେ ଉଚିତ୍ ସମୟରେ ଓ ଉଚିତ୍ ମାତ୍ରାରେ ଯଥେଷ୍ଟ କ୍ରୟ କରିବାର କ୍ଷମତା (ଦ୍ରବତା) ରଖିବା ପାଇଁ ସକ୍ଷମ କରିଥାଏ । |
| ବୀମା ଭଳି ଆକସ୍ମିକତା ଉତ୍ପାଦ | ଏମାନେ ବଡ଼ ବଡ଼ ହାନି ଯାହାଦ୍ୱାରା ହଠାତ୍ ଅପ୍ରତ୍ୟାଶିତ ଘଟଣା ଘଟିବାରେ ଆକ୍ରାନ୍ତ ହୋଇଥାଉ, ତା' ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରିଥାନ୍ତି । |
| ଧନ ସଂଚୟୀକରଣ ଉତ୍ପାଦ | ଶେୟାର୍ ଏବଂ ଅଧିକ ଲାଭ ପ୍ରଦାନକାରୀ ବଣ୍ଡ କିମ୍ବା ଭୂ ସମ୍ପତ୍ତି ଏଭଳି ଉତ୍ପାଦର ଉଦାହରଣ ଅଟନ୍ତି । ଏଇଠି ଅଧିକ ଟଙ୍କା ଉପାର୍ଜନ କରିବାକୁ ଟଙ୍କା ବାନ୍ଧିବା (ସମର୍ପଣ କରିବା) ଉଦ୍ଦେଶ୍ୟରେ ନିବେଶ କରାଯାଇଥାଏ । |

ଜଣେ ବ୍ୟକ୍ତି ପାଖରେ ସାଧାରଣତଃ ଉପରୋକ୍ତ ସମସ୍ତ ଆବଶ୍ୟକତାର ମିଶ୍ରଣ ରହିପାରେ ଏବଂ ଏ ପ୍ରକାରେ ତା' ପାଖରେ ସମସ୍ତ ତିନି ପ୍ରକାରର ଉତ୍ପାଦ ରହିବା ଆବଶ୍ୟକ । ମୋଟାମୋଟି ରୂପେ ଜଣେ କହିପାରେ:

i. ସଂଚୟ କରିବାର ଆବଶ୍ୟକତା ଅଛି – ନଗଦ ଆବଶ୍ୟକତା ପାଇଁ

ii. ବୀମା କରିବାର ଆବଶ୍ୟକତା ଅଛି – ଅନିଶ୍ଚିତତା ବିରୁଦ୍ଧରେ

iii. ନିବେଶ କରିବାର ଆବଶ୍ୟକତା ଅଛି – ଧନ ସୃଷ୍ଟି ପାଇଁ

**6.** ସଙ୍କଟ ପ୍ରୋଫାଇଲ୍**(ଢାଞ୍ଚା )** ଏବଂ ନିବେଶ


ଯେହେତୁ ଏକ ବ୍ୟକ୍ତି ଜୀବନ ଚକ୍ରରେ ବିଭିନ୍ନ ଚରଣ ଦେଇ ଗତି କରେ, ଯୁବା ଉପାର୍ଜନକାରୀ ଠାରୁ ମଧ୍ୟମ ବୟସ ଆଡ଼େ ଏବଂ ତା' ପରେ ଜଣକର କାର୍ଯ୍ୟ ଜୀବନର ଅନ୍ତିମ ସମୟ ଆଡ଼େ । ସଙ୍କଟ ପ୍ରୋଫାଇଲ୍, ସଙ୍କଟନେବା ଆଡ଼େ ଦୃଷ୍ଟିକୋଣର ମଧ୍ୟ ପରିବର୍ତ୍ତନ ହୋଇଥାଏ ।

ଯେତେବେଳେ ଜଣେ ଯୁବାବସ୍ଥାରେ ଥାଏ, ସେ ଅତ୍ୟଧିକ ଆକ୍ରାମକ ହୋଇପାରେ ଏବଂ ଯେତେ ଅଧିକ ଧନ ସମ୍ଭବ, ସେତେ ସଂଚୟ କରିବା ପାଇଁ ସଙ୍କଟ ବହନ କରିବାକୁ ଚାହିଁ ପାରେ । ଯେତେବେଳେ ସମୟ ଗଡ଼ିଚାଲେ ଅବଶ୍ୟ, ନିବେଶ କରିବାରେ ଜଣେ ଅଧିକ ବିବେକଶୀଳ ଏବଂ ସତର୍କ ହୋଇପାରେ । ଜଣେ ବର୍ତ୍ତମାନ ତା' ନିବେଶସବୁକୁ ସୁରକ୍ଷିତ ଓ ସମେକିତ କରିବାରେ ସଂପୃକ୍ତ ରହେ ।

ଅନ୍ତିମରେ, ଯେତେବେଳେ ଜଣେ ଅବସରଗ୍ରହଣର ନିକଟତର ହୁଏ, ସେ ଅଧିକ ରକ୍ଷଣଶୀଳ ହୋଇପାରେ । ବର୍ତ୍ତମାନ କେନ୍ଦ୍ରବିନ୍ଦୁ ଏକ କର୍ପସ୍ ରଖିବା ଯେଉଁଠାରୁ ସେ ଅବସରଗ୍ରହଣ ପରବର୍ତ୍ତୀ ସମୟରେ ଖର୍ଚ୍ଚ କରିପାରେ । ଜଣେ ନିଜ ଛୁଆମାନଙ୍କ ପାଇଁ ଦାନ/ଉପହାର ଦେବା, ପରୋପକାରୀ ସଂସ୍ଥାକୁ ଦାନ ଦେବା ଇତ୍ୟାଦି ପାଇଁ ମଧ୍ୟ ଚିନ୍ତା କରିପାରେ ।

ପ୍ରୋଫାଇଲ୍ ସହିତ ତାଳ ଦେବା ପାଇଁ ଜଣକର ନିବେଶ ଶୈଳୀ ମଧ୍ୟ ପରିବର୍ତ୍ତିତ ହୋଇଥାଏ । ଏହାକୁ ନିମ୍ନରେ ସୂଚୀତ କରାଯାଇଛି:

ଚିତ୍ର 3 : ସଙ୍କଟ ପ୍ରୋଫାଇଲ୍ ଏବଂ ନିବେଶ ଶୈଳୀ




**ସ୍ୱୟଂ ପରୀକ୍ଷା କରନ୍ତୁ1**

ନିମ୍ନ ମଧ୍ୟରୁ କେଉଁଟି ଅପ୍ରତ୍ୟାଶିତ ଘଟଣା ବିରୁଦ୍ଧରେ ବିଶେଷ ସୁରକ୍ଷା ଦେଇଥାଏ?

I. ବୀମା

II. କାରବାର ସମ୍ବନ୍ଧୀୟ ଉତ୍ପାଦ ଯେପରି କି ବ୍ୟାଙ୍କ ନିଶ୍ଚିତ ଜମା

III. ଶେୟାର୍

IV. ଡିବେଞ୍ଚର୍

## B. ଆର୍ଥିକ ଯୋଜନାର ଭୂମିକା

### 1. ଆର୍ଥିକ ଯୋଜନା


ଆର୍ଥିକ ଯୋଜନାର ହେଉଛି ଉପଯୁକ୍ତ ଆର୍ଥିକ ଉତ୍ପାଦଗୁଡିକର ସୁପାରିଶ କରିବା ମାଧ୍ୟମରେ ବିଭିନ୍ନ ଅପ୍ରତ୍ୟାଶିତ/ଅନପେକ୍ଷିତ ଆବଶ୍ୟକତାଗୁଡିକୁ ପୂରଣ କରିବାକୁ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବାପାଇଁ, ଗ୍ରାହକର ସଙ୍କଟ ପ୍ରୋଫାଇଲ୍ ଏବଂ ଆୟ ସହିତ ତାର ବର୍ତ୍ତମାନ ଓ ଭବିଷ୍ୟତର ଆବଶ୍ୟକତାଗୁଡିକର ଧ୍ୟାନ ପୂର୍ବକ ମୂଲ୍ୟାଙ୍କନ କରିବା ର ପ୍ରକ୍ରିୟା ।

ଆର୍ଥିକ ଯୋଜନାର ମୂଳତତ୍ତ୍ୱଗୁଡିକରେ ଅନ୍ତର୍ଭୁକ୍ତ ହୁଅନ୍ତି:

- ✓ ନିବେଶ କରିବା-ଜଣକର ସଙ୍କଟ ଗ୍ରହଣ କରିବାର କ୍ଷୁଧା ଆଧାରରେ ସମ୍ପତ୍ତି ଆବଣ୍ଟିତ କରିବା,
- ✓ ସଙ୍କଟ ପ୍ରବନ୍ଧନ
- ✓ ଅବସରଗ୍ରହଣ ଯୋଜନା
- ✓ କର ଏବଂ ଭୂସମ୍ପତ୍ତି ଯୋଜନା, ଏବଂ
- ✓ ଜଣକର ଆବଶ୍ୟକତାଗୁଡ଼ିକୁ ବିତ୍ତପୋଷଣ କରିବା

ସଂକ୍ଷେପରେ କହିବାକୁ ଗଲେ ଆର୍ଥିକ ଯୋଜନା 360 ଡିଗ୍ରୀ ଯୋଜନା ସଂପୃକ୍ତ କରେ ।

ଚିତ୍ର 4: ଆର୍ଥିକ ଯୋଜନାର ମୂଳତତ୍ତ୍ୱ




## 2. ଆର୍ଥିକ ଯୋଜନାର ଭୂମିକା

ଆର୍ଥିକ ଯୋଜନା ଏକ ନୂଆ ଅଧ୍ୟୟନ ବିଷୟ ନୁହେଁ । ଆମର ପୂର୍ବପୁରୁଷମାନଙ୍କ ଦ୍ୱାରା ସରଳ ରୂପେ ଏହାର ପ୍ରୟୋଗ କରାଯାଉଥିଲା । ସେତେବେଳେ ସୀମିତ ନିବେଶ ବିକଳ୍ପ ଥିଲା । କିଛି ଦଶନ୍ଧି ପୂର୍ବରୁ ଅନେକ ଲୋକ ଇକ୍ୱିଟୀ ନିବେଶକୁ ଜୁଆ ଖେଳିବା ସଦୃଶ ବିଚାର କରୁଥିଲେ । ସଂଚୟଗୁଡିକୁ ଅଧିକାଂଶତଃ ବ୍ୟାଙ୍କ ଜମା, ଡାକ ସଂଚୟ ଯୋଜନା ଏବଂ ଅନ୍ୟାନ୍ୟ ନିଶ୍ଚିତ ଆୟ ସାଧନରେ ରଖାଯାଉଥିଲା । ଆମ ସମାଜ ଓ ଆମ ଗ୍ରାହକମାନେ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜସବୁ ଆଜିକାଲି ବହୁତ ଅଲଗା ଅଟେ । ସେମାନଙ୍କ ମଧ୍ୟରୁ କେତେକ ହେଉଛନ୍ତି:

**i.** ଯୌଥ ପରିବାରର ବିଘଟନ

ଯୌଥ ପରିବାର, କେବଳ ପିତା,ମାତା ଓ ପିଲାମାନଙ୍କୁ ନେଇ, ଏକଳ ପରିବାରର ରୂପ ନେଇଛି । ଏହି ପରିବାରର ପାରମ୍ପରିକ ପ୍ରଧାନ ଓ ଉପାର୍ଜନକାରୀ ସଦସ୍ୟଙ୍କୁ ସ୍ୱୟଂ ନିଜର ଏବଂ ନିଜର ନିକଟତମ ପରିବାରର ଯତ୍ନ ନେବାର ଦାୟିତ୍ୱ ନେବାକୁ ପଡ଼ିଥାଏ । ଏଇଥିପାଇଁ ଏକ ପ୍ରୋଫେଶନାଲ୍ ଆର୍ଥିକ ଯୋଜନାକାରୀଠାରୁ ଅଧିକ ରୂପେ ଉପଯୁକ୍ତ ଯୋଜନା ଓ ପରାମର୍ଶର ଆବଶ୍ୟକତା ରହିଥାଏ ।

**ii.** ବହୁବିଧ ନିବେଶ ବିକଳ୍ପ

ସମ୍ପତ୍ତି ସୃଷ୍ଟି ପାଇଁ ଆଜିକାଲି ପ୍ରତ୍ୟେକ ଭିନ୍ନ ଭିନ୍ନ ମାତ୍ରାର ସଙ୍କଟ ଏବଂ ରିଟର୍ଣ୍ଣ (ପ୍ରତିଫଳ) ପ୍ରଦାନ କରୁଥିବା ଅନେକ ସଂଖ୍ୟକ ନିବେଶ ସାଧନ ଉପଲବ୍ଧ ଅଛି । ଆର୍ଥିକ ଲକ୍ଷ୍ୟ ପ୍ରାପ୍ତି ପାଇଁ, ଜଣକୁ ବିବେକପୂର୍ଣ୍ଣରୂପେ ଚୟନ କରିବାକୁ ଏବଂ ତାର ସଙ୍କଟ ଗ୍ରହଣ କରିବାର କ୍ଷୁଧା ଆଧାରରେ ଉଚିତ୍ ନିବେଶର ନିର୍ଣ୍ଣୟ ନେବାକୁ ପଡ଼ିଥାଏ । ଆର୍ଥିକ ଯୋଜନା ଜଣକର ସମ୍ପତ୍ତି ଆବଣ୍ଟନରେ ସାହାଯ୍ୟ କରିପାରେ ।

**iii.** ପରିବର୍ତ୍ତନ ହେଉଥିବା ଜୀବନଶୈଳୀ

ତୁରନ୍ତ ଆନନ୍ଦ ଆଜିକାଲିର ଢଙ୍ଗ ହୋଇଯାଇଛି ବୋଲି ଜଣାପଡ଼େ । ବ୍ୟକ୍ତିମାନେ ନିଜ ପାଖରେ ସର୍ବାଧୁନିକ ମୋବାଇଲ ଫୋନ, କାର, ବଡ଼ ଘର, ପ୍ରତିଷ୍ଠିତ କ୍ଲବର ସଦସ୍ୟତା ରହିବା ଚାହାନ୍ତି । ଏଇ ଆକାଂକ୍ଷାସବୁକୁ ପୂରଣ ପାଇଁ, ଲୋକମାନେ ଅନେକ ସମୟରେ ପ୍ରଚୁର ପରିମାଣରେ ଧାର କରିଥାନ୍ତି ଏବଂ ଋଣକୁ ପରିଶୋଧ କରିବାରେ ସେମାନଙ୍କ ଆୟର ଏକ ବଡ଼ ଭାଗ ବ୍ୟୟ କରିଥାନ୍ତି ଯାହା ଫଳରେ ସଂଚୟ କରିବାର କମ୍ ସୁଯୋଗ ପାଆନ୍ତି । ଆର୍ଥିକ ଯୋଜନା ଜଣକର ଖର୍ଚ୍ଚକୁ ଉପଯୁକ୍ତ ରୂପେ ଯୋଜନା କରିବାରେ ସାହାଯ୍ୟ କରେ ଯାହା ଫଳରେ ଜଣେ ଅନାବଶ୍ୟକ ଖର୍ଚ୍ଚକୁ କମ୍ କରିପାରିବ ଏବଂ ତା' ବର୍ତ୍ତମାନର ଜୀବନ ସ୍ତର ବଜାୟ ରଖିବା ସହିତ ଏହାକୁ ସମୟକ୍ରମେ ଉନ୍ନତ କରିପାରିବ ।

**iv.** ମୁଦ୍ରାସ୍ଫୀତି

ମୁଦ୍ରାସ୍ଫୀତି ହେଉଛି ଏକ ସମୟାବଧି ମଧ୍ୟରେ ଏକ ଅର୍ଥ ବ୍ୟବସ୍ଥାରେ ଜିନିଷପତ୍ର ଓ ସେବାର ମୂଲ୍ୟର ସାଧାରଣ ସ୍ତରରେ ବୃଦ୍ଧି । ଏହା ଫଳରେ ଟଙ୍କାର ମୂଲ୍ୟରେ ପତନ ହୋଇଥାଏ । ପରିଣାମ ସ୍ୱରୂପ, ଟଙ୍କାର କ୍ରୟ କରିବାର କ୍ଷମତାର ହ୍ରାସ ହୋଇଯାଏ । ମୁଦ୍ରାସ୍ଫୀତି ଅବସରଗ୍ରହଣ ପରବର୍ତ୍ତୀ ସମୟରେ ବିନାଶ ସୃଷ୍ଟି କରିପାରେ । ଆର୍ଥିକ ଯୋଜନା ଏହା ସୁନିଶ୍ଚିତ କରିବାରେ ସାହାଯ୍ୟ କରେ ଯେ ଜଣେ ମୁଦ୍ରାସ୍ଫୀତିର ମୁକାବିଲା କରାବାରେ ସୁସଜ୍ଜିତ ଅଛି, ବିଶେଷରୂପେ ପରବର୍ତ୍ତୀ ସମୟରେ ।

**v.** ଅନ୍ୟାନ୍ୟ ଆକସ୍ମିକତା ଏବଂ ଆବଶ୍ୟକତା

ଆର୍ଥିକ ଯୋଜନା ବ୍ୟକ୍ତିମାନଙ୍କୁ ଚିକିତ୍ସୀୟ ଆକସ୍ମିକତା ଓ କର ଦାୟିତ୍ୱ ଭଳି ଅନ୍ୟାନ୍ୟ ଅନେକ ସଂଖ୍ୟକ ଆବଶ୍ୟକତା ଓ ଚ୍ୟାଲେଞ୍ଜ ସବୁର ସମ୍ମୁଖୀନ ହେବାରେ ମଧ୍ୟ ସକ୍ଷମ କରାଏ । ବ୍ୟକ୍ତିମାନେ ଏହା ବି ସୁନିଶ୍ଚିତ କରିବା ଆବଶ୍ୟକ ଯେ ସେମାନଙ୍କ ଧନ ଓ ସମ୍ପତ୍ତି ସହିତ ସେମାନଙ୍କ ଭୂସମ୍ପତ୍ତି ସେମାନଙ୍କ ମୃତ୍ୟୁ ପରେ ନିର୍ବାଧରେ ସେମାନଙ୍କ ପ୍ରିୟ ଜନଙ୍କ ହାତକୁ ଯାଉଛି । ଅନ୍ୟାନ୍ୟ ଆବଶ୍ୟକତା ବି ରହିଥାଏ ଯେପରି ଜଣକର ଜୀବନ କାଳ ଏବଂ ତା' ପରେ ମଧ୍ୟ ପରୋପକାର କରିବା କିମ୍ବା କେତେକ ସାମାଜିକ ଓ ଧାର୍ମିକ କର୍ତ୍ତବ୍ୟକୁ ପୂରଣ କରିବାର ଆବଶ୍ୟକତା । ଆର୍ଥିକ ଯୋଜନା ହେଉଛି ଏହି ସବୁକୁ ହାସଲ କରିବାର ମାଧ୍ୟମ ।

**3.** ଆର୍ଥିକ ଯୋଜନା ଆରମ୍ଭ କରିବାର ଉଚିତ୍ ସମୟ କେବେ ଅଟେ ?

ଆର୍ଥିକ ଯୋଜନା କେବଳ ଧନୀମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ । ବାସ୍ତବରେ, ଆଦର୍ଶ ରୂପେ ଜଣେ ଜଣକର ପ୍ରଥମ ଦରମା ପାଇବାଠାରୁ ହିଁ ଏହାକୁ ଆରମ୍ଭ କରିବା ଉଚିତ୍ । କହିବାକୁ ସେମିତି କୌଣସି ଆରମ୍ଭ ବିନ୍ଦୁ ନାହିଁ କେବେଠୁ ଜଣେ ଯୋଜନା ଆରମ୍ଭ କରିବା ଉଚିତ୍ ।

ଅବଶ୍ୟ ଏକ ମହତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଅଛି ଯାହା ଆମର ମାର୍ଗ ଦର୍ଶନ କରିପାରେ – ଆମର ନିବେଶର ସମୟାବଧି ଯେତେବେଶୀ ଦୀର୍ଘ ହୁଏ, ସେତେ ଗୁଣ ତାହା ଅଧିକ ହେବ ।

ତେଣୁକରି ଜଣେ ଶୀଘ୍ର ଆରମ୍ଭ କରିବା ଉଚିତ୍ । ତେବେ ଯାଇ ଜଣକର ନିବେଶ ସମୟର ଅଧିକ ଲାଭ ପାଇବ । ପୁନଃ, ଯୋଜନା କେବଳ ଧନୀ ବ୍ୟକ୍ତିମାନଙ୍କ ପାଇଁ ହୋଇ ନ ଥାଏ । ଏହା ପ୍ରତ୍ୟେକ ବ୍ୟକ୍ତି ପାଇଁ ଅଟେ । ଜଣକର ଆର୍ଥିକ ଲକ୍ଷ୍ୟ ହାସଲ କରିବା ପାଇଁ, ଜଣକୁ ନିଶ୍ଚିତ ରୂପେ ଏକ ଶୃଙ୍ଖଳିତ ପଦ୍ଧତିର ପାଳନ କରିବା ଉଚିତ୍ । ଆର୍ଥିକ ଯୋଜନା ପ୍ରତି ଏକ ଅଣ-ଯୋଜନାବଦ୍ଧ, ଆବେଶପୂର୍ଣ୍ଣ ଦୃଷ୍ଟିଭଙ୍ଗୀ ବ୍ୟକ୍ତିମାନଙ୍କ ଆର୍ଥିକ ବିପତ୍ତିର ଗୋଟିଏ ମୁଖ୍ୟ କାରଣ ହୋଇଥାଏ ।

### ସ୍ୱୟଂ ପରୀକ୍ଷା କରନ୍ତୁ2

ଆର୍ଥିକ ଯୋଜନା ଆରମ୍ଭ କରିବାକୁ ସର୍ବୋତ୍ତମ ସମୟ କେତେବେଳେ ହୋଇଥାଏ?

I. ଅବସରଗ୍ରହଣ ପରେ

II. ଜଣେ ତାହାର ପ୍ରଥମ ଦରମା ପାଇବା ପରେ ଯେତେ ଶୀଘ୍ର ହୋଇପାରେ


III. ବିବାହ ପରେ

IV. ଜଣେ ଧନୀ ହେବା ପରେ କେବଳ

## C. ଆର୍ଥିକ ଯୋଜନା - ପ୍ରକାର

ଆସନ୍ତୁ ଏବେ ବିଭିନ୍ନ ପ୍ରକାରର ଆର୍ଥିକ ଯୋଜନା ପ୍ରୟୋଗ ଆଡ଼େ ଦେଖିବା ଯାହାକୁ ଏକ ବ୍ୟକ୍ତି କରିବାର ଆବଶ୍ୟକ ହୋଇପାରେ ।

ଚିତ୍ର 5 : ଆର୍ଥିକ ଯୋଜନା ପରାମର୍ଶଦାତା ସେବା




ବିଭିନ୍ନ ପରାମର୍ଶଦାତା ସେବାକୁ ବିଚାର କରନ୍ତୁ ଯାହାକୁ ପ୍ରଦାନ କରାଯାଇପାରେ । ସେଭଳି ଛଅଟି କ୍ଷେତ୍ର ଅଛି ଯାହାକୁ ଗ୍ରହଣ କରାଯାଇଥାଏ

- ✓ ନଗଦ ଯୋଜନା
- ✓ ନିବେଶ ଯୋଜନା
- ✓ ବୀମା ଯୋଜନା
- ✓ ଅବସରଗ୍ରହଣ ଯୋଜନା
- ✓ ଭୂସମ୍ପତ୍ତି ଯୋଜନା

✓ କର ଯୋଜନା

**1.** ନଗଦ ଯୋଜନା

ନଗଦ ପ୍ରବାହର ପ୍ରବନ୍ଧନ କରିବାରୁ ଦୁଇଟି ଉଦ୍ଦେଶ୍ୟ ରହିଛି ।

**i.** ଆୟ ଓ ବ୍ୟୟର ପ୍ରବନ୍ଧନ କରିବା ଯେଉଁଥିରେ ଅନ୍ତର୍ଭୁକ୍ତ ହୁଏ ଅପ୍ରତ୍ୟାଶିତ ଆବଶ୍ୟକତାଗୁଡିକୁ ପୂରଣ କରିବା ପାଇଁ ଏକ ଦ୍ରବ ସମ୍ପତ୍ତିର ରିଜର୍ଭ ସ୍ଥାପିତ କରିବା ଏବଂ ରକ୍ଷଣ କରିବା

**ii.** ପୁଞ୍ଜି ନିବେଶ ପାଇଁ ବ୍ୟବସ୍ଥିତ ରୂପେ ନଗଦର ଏକ ଅଧିଶେଷ ସଂଚୟ ସୃଷ୍ଟି କରିବା ଏବଂ ତାହାର ରକ୍ଷଣ କରିବା ।

ନଗଦ ଯୋଜନାରେ ଅନେକ ଗୁଡିଏ ଚରଣ ଜଡ଼ିତ ଥାଏ । ଜଣେ ନିଶ୍ଚିତ ରୂପେ ଏକ ବଜେଟ୍ ପ୍ରସ୍ତୁତ କରିବା ଉଚିତ୍ ଏବଂ ତା' ଆୟ ଓ ବ୍ୟୟ ପ୍ରବାହକୁ ବିଶ୍ଳେଷଣ କରିବା ଉଚିତ୍ କେତେ ପରିମାଣର ସ୍ଥାୟୀ ଓ ଏକ ମୋଟା ମୂଲ୍ୟ ଲାଗିଛି, ଏହାକୁ ଯାଞ୍ଚ କରିବା ପାଇଁ । ଯେତେବେଳେ ନିଶ୍ଚିତ ଖର୍ଚ୍ଚକୁ ସହଜରୂପେ ନିୟନ୍ତ୍ରିତ କରାଯାଇପାରିବ ନାହିଁ, ଜଣେ ସେହିସବୁ ଖର୍ଚ୍ଚ ଯାହା ପରିବର୍ତ୍ତନୀୟ ଅଟେ । ସେସବୁକୁ କମ୍, ବିଳମ୍ବିତ ଓ ପ୍ରବନ୍ଧିତ କରିପାରେ । ପରବର୍ତ୍ତୀ ଚରଣ ହେଉଛି ସମଗ୍ର ବର୍ଷର ଭବିଷ୍ୟତ ମାସିକ ଆୟ ଓ ବ୍ୟୟର ପୂର୍ବାନୁମାନ କରିବା ଏବଂ ଏହିସବୁ ନଗଦ ପ୍ରବାହକୁ ପ୍ରବନ୍ଧ କରିବା ପାଇଁ ଏକ ଯୋଜନାର ଅଭିକଳ୍ପନା କରିବା ।

ନଗଦ ଯୋଜନା ପ୍ରକ୍ରିୟାର ଅନ୍ୟ ଏକ ଭାଗ ହେଉଛି ବିବେକାଧୀନ ଆୟକୁ ସର୍ବାଧିକ କରିବା ପାଇଁ ଉପାୟ ଡିଜାଇନ କରିବା ।

**ଉଦାହରଣ**

ଜଣେ ନିଜର ଅବଶିଷ୍ଟ ଦେୟ ଋଣକୁ ପୁନର୍ଗଠିତ କରିପାରେ ।

ଜଣେ ବାକି ରହିଥିବା କ୍ରେଡିଟ୍ କାର୍ଡ ଋଣକୁ ଏକୀକୃତ  କରି ଏବଂ କମ୍ ସୁଧରେ ଏକ ବ୍ୟାଙ୍କ ଋଣ ଜରିଆରେ ସେଗୁଡିକୁ ପରିଶୋଧ କରି ପୂରଣ କରିପାରେ ।

ଜଣେ ତା' ନିବେଶସବୁ ଦ୍ୱାରା ଅଧିକ ଆୟ ଉପାର୍ଜିତ କରିବାକୁ ସେଗୁଡିକୁ ପୁନଃଆବଣ୍ଟିତ କରିପାରେ ।

---

**2.** ବୀମା ଯୋଜନା

କେତେକ ସଙ୍କଟ ଅଛନ୍ତି ଯାହାର ସମ୍ମୁଖୀନ ବ୍ୟକ୍ତିମାନେ ହୋଇଥାନ୍ତି ଯାହା ସେମାନଙ୍କୁ ସେମାନଙ୍କ ବ୍ୟକ୍ତିଗତ ଆର୍ଥିକ ଲକ୍ଷ୍ୟ ହାସଲ କରିବାଠାରୁ ଦୂରରେ ରଖିପାରେ । ବୀମା ଯୋଜନା ସେହିସବୁ ସଙ୍କଟ ବରୁଦ୍ଧରେ ଆବଶ୍ୟକ ବୀମା ପ୍ରଦାନ କରିବା ପାଇଁ ଏକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ସଂପୃକ୍ତ କରେ ।

ଏଇଠି କାର୍ଯ୍ୟଟି ହେଉଛି କେତେ ପରିମାଣର ବୀମା ଆବଶ୍ୟକ ହେବା, ତାହାର ଆକଳନ କରିବା ଏବଂ କେଉଁ ପ୍ରକାରର ପଲିସୀ ସର୍ବାଧିକ ଯୋଗ୍ୟ ଅଟେ, ତାହାର ନିର୍ଦ୍ଧାରଣ କରିବା ।

**i.** ଜୀବନ ବୀମାକୁ, ଉପାର୍ଜନକାରୀର ଅକାଳ ମୃତ୍ୟୁର ଘଟଣାରେ ଆଶ୍ରିତମାନଙ୍କ ଆୟ ଓ ବ୍ୟୟକୁ ଆକଳନ କରି ନିର୍ଦ୍ଧାରିତ କରାଯାଇପାରେ ।

**ii.** ସ୍ୱାସ୍ଥ୍ୟ ବୀମା ଆବଶ୍ୟକତାସବୁକୁ ଡାକ୍ତରଖାନାରେ ଭର୍ତ୍ତିକରଣ ବ୍ୟୟ ରୂପେ ମୂଲ୍ୟାଙ୍କିତ କରାଯାଇପାରେ ଯାହା କୌଣସି ପରିବାର ଚିକିତ୍ସୀୟ ଜରୁରୀକାଳୀନ ପରିସ୍ଥିତିରେ ହେବାର ସମ୍ଭାବନା ରହିଥାଏ ।


a. ଅନ୍ତିମରେ ଜଣକର ସମ୍ପତ୍ତି ପାଇଁ ବୀମାକୁ, ହାନିର ସଙ୍କଟଠାରୁ ଜଣକର ଘର/ଗାଡ଼ି/କାରଖାନା ଇତ୍ୟାଦିକୁ ସୁରକ୍ଷା ଦେବା ପାଇଁ ଆବଶ୍ୟକ ବୀମା ସୁରକ୍ଷାର ପ୍ରକାର ଓ ମାତ୍ରା ରୂପେ ବିଚାର କରାଯାଇପାରେ ।

### 3. ନିବେଶ ଯୋଜନା

ନିବେଶ କରିବା ପାଇଁ କୌଣସି ଗୋଟିଏ ସଠିକ୍ ଉପାୟ ନାହିଁ । କେଉଁଟା ଉପଯୁକ୍ତ ଅଟେ, ଏହା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଭିନ୍ନ ଭିନ୍ନ ହୋଇଥାଏ । ନିବେଶ ଯୋଜନା ହେଉଛି ସବୁଠୁ ଉପଯୁକ୍ତ ନିବେଶ ଏବଂ ସମ୍ପତ୍ତି ଆବଣ୍ଟନ ପଦ୍ଧତି ନିର୍ଦ୍ଧାରିତ କରିବାର ଏକ ପ୍ରକ୍ରିୟା ଯାହା ଏକ ବ୍ୟକ୍ତିର ସଙ୍କଟ ଗ୍ରହଣ କରିବାର କ୍ଷୁଧା, ଆର୍ଥିକ ଲକ୍ଷ୍ୟ ଏବଂ ଏହି ସବୁ ଲକ୍ଷ୍ୟକୁ ପୂରଣ କରିବା ପାଇଁ ସମୟ ସୀମା ଉପରେ ଆଧାରିତ ହୋଇଥାଏ ।

#### a) ନିବେଶ ମାପଦଣ୍ଡ

**ଚିତ୍ର 6: ନିବେଶ ମାପଦଣ୍ଡ**




ପ୍ରଥମ ଚରଣ ଏଇଠି ହେଉଛି କେତେକ ନିବେଶ ମାପଦଣ୍ଡକୁ ପରିଭାଷିତ କରିବା । ଏଥିରେ ଅନ୍ତର୍ଭୁକ୍ତ ହୁଅନ୍ତି :

**i.** ରିଟର୍ଣ୍ଣସ୍ (ପ୍ରତିଫଳ): ନିବେଶ ଉପରେ ରିଟର୍ଣ୍ଣସ୍ (ପ୍ରତିଫଳ) ଅନେକ ସମୟରେ ସବୁଠୁ ମହତ୍ୱପୂର୍ଣ୍ଣ ମାପଦଣ୍ଡ ହୋଇଥାଏ ଯାହାକୁ ଲୋକେ ଚାହାଁନ୍ତି ଯେତେବେଳେ ସେମାନେ ସେମାନଙ୍କ ଅର୍ଥର ନିବେଶ କରନ୍ତି । ରିଟର୍ଣ୍ଣର ହାର ନିର୍ଦ୍ଧାରିତ କରିଥାଏ ଏକ ସମୟ ମଧ୍ୟରେ ନିବେଶଠାରୁ ଜଣକର ଧନ କେତେ ଶୀଘ୍ର ବଢ଼ିବ । ରିଟର୍ଣ୍ଣସ୍ ର ଭୂମିକାର ମୂଲ୍ୟାଙ୍କନ କରାଯାଇପାରେ ଯେତେବେଳେ ଜଣେ'ଚକ୍ରବୃଦ୍ଧିର ଶକ୍ତି' କୁ ବିଚାର କରେ । ଉଦାହରଣ ସ୍ୱରୂପ, ଯଦି ଟ.1000 ର ରାଶି ପରିମାଣକୁ 8% ସୁଧ ହାରରେ ନିବେଶ କରାଯାଏ, ପାଞ୍ଚ ବର୍ଷର ଶେଷରେ, ଏହା ସଂଚୟ କରିବ ଟ 1469 ଏବଂ 10 ବର୍ଷ ଶେଷରେ ଏହା ଦ୍ୱିଗୁଣଠାରୁ ଅଧିକ ହେବ ଓ ଟ 2159 ରେ ପହଞ୍ଚିବ । ରିଟର୍ଣ୍ଣସ୍ ର ଏହି ପ୍ରତ୍ୟାଶା ଯାହା ଧନ ସଂଚୟ କରିବାରେ ସାହାଯ୍ୟ କରେ ହେଉଛି ନିବେଶର ମୂଖ୍ୟ ଅଭିପ୍ରାୟ ମଧ୍ୟରୁ ଗୋଟିଏ । ତତ୍ ସଙ୍ଗେ ସଙ୍ଗେ, ଜଣେ ନିଶ୍ଚୟ ଧ୍ୟାନ ଦେବା ଉଚିତ୍ ଯେ ଉଚ୍ଚତର ପ୍ରତିଫଳର ହାର ସାଧାରଣତଃ

ଉଚ୍ଚତର ସ୍ତରର ସଙ୍କଟ ର ସହବର୍ତ୍ତି ହୋଇଥାଏ । ଜଣକୁ ପ୍ରତିଫଳ ଓ ସଙ୍କଟ ମଧ୍ୟରେ ବ୍ୟାପାର କାରବାର କରିବାକୁ ପଡିଥାଏ । ଏହାଏକ ବ୍ୟକ୍ତିର ସଙ୍କଟ ବହନ ଉପରେ ନିର୍ଭର କରିଥାଏ । ,

ii. ସଙ୍କଟ ବହନ: ଏକ ନିବେଶ କ୍ରୟ କରିବାରେ କେତେ ପରିମାଣର ସଙ୍କଟ ଜଣେ ନେବା ପାଇଁ ଚାହୁଁଛି, ଏହାର ଏକ ମାପ ।

iii. ସମୟ ସୀମା: ଏକ ଆର୍ଥିକ ଉଦ୍ଦେଶ୍ୟ ସାଧନ କରିବାକୁ ଏହା ଉପଲବ୍ଧ ସମୟର ପରିମାଣ ଅଟେ । ଯଦି ସମୟ ସୀମା ଦୀର୍ଘ ହୁଏ, ଅଳ୍ପାବଧି ଦାୟିତ୍ୱ ବିଷୟରେ କମ୍ ଚିନ୍ତା ରହେ । ଜଣେ ଦୀର୍ଘତର ଅବଧି ପାଇଁ କମ୍ ଦ୍ରବ ପରିସମ୍ପତ୍ତି, ଯାହା ଉଚ୍ଚତର ପ୍ରତିଫଳ ଦେବ, ସେଥିରେ ନିବେଶ କରିପାରେ ।

iv. ଦ୍ରବତା: ସୀମିତ ନିବେଶ କ୍ଷମତା ଥିବା, କିମ୍ବା ଅନିଶ୍ଚିତ ଆୟ ଓ ବ୍ୟୟ ପ୍ରବାହ ଥିବା ବ୍ୟକ୍ତିମାନେ, କିମ୍ବା ଯେଉଁମାନେ ଏକ ବିଶେଷ ବ୍ୟକ୍ତିଗତ କିମ୍ବା ବ୍ୟବସାୟ ଖର୍ଚ୍ଚକୁ ପୂରଣ କରିବା ପାଇଁ ନିବେଶ କରନ୍ତି, ସେମାନେ ଦ୍ରବତା ଉପରେ ଚିନ୍ତାଶୀଳ ହେବେ [ଏହା ନିବେଶକୁ ମୂଲ୍ୟର ହାନି ବିନା ନଗଦରେ ପରିଣତ କରିବାର କ୍ଷମତାକୁ ସୂଚୀତ କରେ ।]

v. ବିକ୍ରି-ଯୋଗ୍ୟତା: ସେହି ସହଜତା ଯାହା ଦ୍ୱାରା ଏକ ପରିସମ୍ପତ୍ତିକୁ କିଣାଯାଇପାରେ ବିକ୍ରି କରାଯାଇପାରେ ।

vi. ବିବିଧକରଣ: ବିସ୍ତାର ଯେତେ ଦୂର ପର୍ଯ୍ୟନ୍ତ ସଙ୍କଟକୁ ହ୍ରାସ କରିବା ପାଇଁ ଜଣେ ନିବେଶସବୁକୁ ବିବିଧ କିମ୍ବା ପ୍ରସାରିତ କରିବା ପାଇଁ ଚାହେଁ ।

vii. କର: ଅନେକ ନିବେଶ କିଛି ଆୟକର ଲାଭ ଦେଇଥାନ୍ତି ଏବଂ ଜଣେ ବିଭିନ୍ନ ନିବେଶର କର-ପରବର୍ତ୍ତୀ ପ୍ରତିଫଳକୁ ବିଚାର କରିବା ପସନ୍ଦ କରିପାରେ ।

### b) ଉପଯୁକ୍ତ ନିବେଶ ସାଧନର ଚୟନ

ପରବର୍ତ୍ତୀ ଚରଣ ହେଉଛି ଉପରୋକ୍ତ ମାପଦଣ୍ଡ ଆଧାରରେ ଉପଯୁକ୍ତ ନିବେଶ ସାଧନର ଚୟନ । ବାସ୍ତବ ଚୟନ ପ୍ରତିଫଳ ଓ ସଙ୍କଟ ବିଷୟରେ ବ୍ୟକ୍ତିର ପ୍ରତ୍ୟାଶା ଉପରେ ନିର୍ଭର କରିବ ।

ଭାରତରେ ବିବିଧ ପ୍ରକାରର ଉତ୍ପାଦ ଅଛନ୍ତି ଯାହାକୁ ନିବେଶ ଉଦ୍ଦେଶ୍ୟରେ ବିଚାର କରାଯାଇପାରେ । ଏସବୁରେ ଅନ୍ତର୍ଭୁକ୍ତ ହୁଅନ୍ତି:

- ✓ ବ୍ୟାଙ୍କ/କର୍ପୋରେଟ୍ ମାନଙ୍କରେ ନିଶ୍ଚିତ ଜମା,
- ✓ ଡାକ ଘରର କ୍ଷୁଦ୍ର ସଂଚୟ ଯୋଜନା,
- ✓ ଶେୟାର୍ ଗୁଡିକ ସାର୍ବଜନିକ ସଂସ୍କରଣ
- ✓ ଡିବେଞ୍ଚର୍ କିମ୍ବା ଅନ୍ୟାନ୍ୟ ସୁରକ୍ଷା,
- ✓ ମ୍ୟୁଚୁଆଲ୍ ଫଣ୍ଡ
- ✓ ୟୁନିଟ୍ ଲିଙ୍କ୍ଡ ପଲିସୀସବୁ ଯାହାକୁ ଜୀବନ ବୀମା କମ୍ପାନୀମାନଙ୍କ ଦ୍ୱାରା ଜାରୀ କରାଯାଏ ।

**4. ଅବସରଗ୍ରହଣ ଯୋଜନା**

ଏହା ସେହି ଅର୍ଥ ପରିମାଣକୁ ନିର୍ଦ୍ଧାରିତ କରିବାର ପ୍ରକ୍ରିୟା ଅଟେ ଯାହାକୁ ଏକ ବ୍ୟକ୍ତି ଅବସର ଗ୍ରହଣ ପରେ ତାର ଆବଶ୍ୟକତାଗୁଡିକୁ ପୂରଣ କରିବା ପାଇଁ ଏବଂ ଏହିସବୁ ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଭିନ୍ନ ଅବସର ଗ୍ରହଣ ବିକଳ୍ପଗୁଡିକୁ ନିର୍ଦ୍ଧାରିତ କରିବାକୁ ଆବଶ୍ୟକ କରିଥାଏ । ଅବସରଗ୍ରହଣ ଯୋଜନାରେ ତିନୋଟି ଚରଣ ସଂପୃକ୍ତ ହୋଇଥାନ୍ତି ।

a) **ସଂଚୟ:** ଏହି ଉଦ୍ଦେଶ୍ୟରେ ନିବେଶ କରିବା ପାଇଁ ଟଙ୍କା ଅଲଗା କରି ରଖିବାକୁ ବିଭିନ୍ନ ପ୍ରକାର ପଦ୍ଧତି ଜରିଆରେ ନିଧିସବୁର ସଂଚୟ କରାଯାଏ ।

b) **ସଂରକ୍ଷଣ**: ସଂରକ୍ଷଣ ଏହା ସୁନିଶ୍ଚିତ କରିବାକୁ କରାଯାଇଥିବା ପ୍ରୟାସକୁ ସୂଚୀତ କରେ ଯେ ଜଣକର ନିବେଶକୁ କଠିନ ପରିଶ୍ରମରେ ରଖାଯାଉଛି ଏବଂ ବ୍ୟକ୍ତିର କାର୍ଯ୍ୟକାଳ ମଧ୍ୟରେ ମୂଳଧନ ଅଧିକରୁ ଅଧିକରେ ପରିଣତ ହୋଇଛି।

c) **ବିତରଣ**: ବିତରଣ ଅବସରଗ୍ରହଣ ପରେ ଆୟ ଆବଶ୍ୟକତାସବୁକୁ ପୂରଣ କରିବା ପାଇଁ କର୍ପସ କିମ୍ବା ମୂଳଧନକୁ ଆହରଣ/ଏନୁଇଟୀ ଦେୟରେ ପରିବର୍ତ୍ତନ କରିବାର ସର୍ବୋତ୍ତମ ପଦ୍ଧତିକୁ ସୂଚୀତ କରେ ।

**5.** ଭୂସମ୍ପତ୍ତି ଯୋଜନା

ଏହା ହେଉଛି ଜଣକର ମୃତ୍ୟୁ ପରେ ତାହାର ଭୂସମ୍ପତ୍ତିର ହସ୍ତାନ୍ତରଣ ଓ ସ୍ଥାନାନ୍ତରଣ ପାଇଁ ଏକ ଯୋଜନା । ନାମିତକରଣ ଏବଂ ସମନୁଦେଶନ କିମ୍ବା ଏକ ଇଚ୍ଛାପତ୍ର (ଉଇଲ) ର ପ୍ରସ୍ତୁତିକରଣ ଭଳି ବିଭିନ୍ନ ପ୍ରକ୍ରିୟାସବୁ ଅଛନ୍ତି । ମୂଳଭୂତ ବିଚାର ଏହା ସୁନିଶ୍ଚିତ କରିବା ପାଇଁ ଅଟେ ଯେ ଜଣକର ମୃତ୍ୟୁ ପରେ ତାର ଇଚ୍ଛା ଅନୁସାରେ ତାହାର ସମ୍ପତ୍ତି ଓ ପରିସମ୍ପତ୍ତିସବୁକୁ ସୁରୁଖୁରୁରେ ବିତରଣ କିମ୍ବା ଉପଭୋଗ କରାଯାଉଛି ।

**6. କର ଯୋଜନା**

କର ଯୋଜନା, ପ୍ରଚଳିତ କର ନିୟମ ଠାରୁ କେମିତି ସର୍ବାଧିକ କର ଲାଭ ପ୍ରାପ୍ତି ହୋଇ ପାରିବ, ଏହା ନିର୍ଦ୍ଧରିତ କରିବା ପାଇଁ ଏବଂ ଟ୍ୟାକ୍ସ ବ୍ରେକ୍ ଗୁଡିକର ସଂପୂର୍ଣ୍ଣ ଲାଭ ଉଠାଇ ଆୟ, ବ୍ୟୟ ଓ ନିବେଶର ଯୋଜନା ପାଇଁ ମଧ୍ୟ, କରାଯାଇଥାଏ । ଭାରତୀୟ କର ଆଇନ ଅନୁସାରେ, ଏକ ବ୍ୟକ୍ତି ଦ୍ୱାରା ତା' ନିଜର ଜୀବନ ଉପରେ, ତା' ପତି/ପତ୍ନୀର କିମ୍ବା ପିଲାମାନଙ୍କ ଜୀବନ ଉପରେ ଏକ ଜୀବନ ବୀମା ପଲିସୀ ପାଇଁ, ପ୍ରଦାନ କରାଯାଇଥିବା ଜୀବନ ବୀମା ପ୍ରିମିୟମ, କରଯୋଗ୍ୟ ଆୟର ନିର୍ଦ୍ଧାରଣ ପାଇଁ ଆୟ କର ଆଇନର ଧାରା 80C ଅନ୍ତର୍ଗତ କାଟ ପାଇଁ ଯୋଗ୍ୟ ଅଟେ । ବର୍ତ୍ତମାନ ସମୟରେ, ଏହି କାଟର ସ୍ୱୀକୃତି ସର୍ତ୍ତାବଳୀ ଅନ୍ତର୍ଗତ ଟ 1,50,000 ପର୍ଯ୍ୟନ୍ତ ଅଛି । ସେଭଳି ପଲିସୀର ପରିପକ୍ୱତା ଲାଭ (ବୀମା ରାଶି ଯୁକ୍ତ ବୋନସ) କୁ ମଧ୍ୟ ଧାରା 10 (10D) ଅନ୍ତର୍ଗତ କର ଠାରୁ ଛାଡ଼ କରାଯାଇଛି । ସେହି ଭଳି, ପ୍ରାପ୍ତକର୍ତ୍ତା ହାତରେ ଦାବୀ ପରିମାଣ ବି ଆୟ କରଠାରୁ ମୁକ୍ତ ଅଟେ । ଜଣେ ନିଶ୍ଚୟ ଧ୍ୟାନ ଦେବା ଉଚିତ୍ ଯେ ଏଇଠି ଉଦ୍ଦେଶ୍ୟ ହେଉଛି କରକୁ କମ୍ କରିବା ଏବଂ ଫାଙ୍କିବା ନୁହେଁ ।

ଜୀବନ ବୀମା ଅଭିକର୍ତ୍ତାମାନେ, ସେମାନଙ୍କ କ୍ଲାଏଣ୍ଟ ଓ ସମ୍ଭାବ୍ୟ ଗ୍ରାହକମାନଙ୍କ ଦ୍ୱାରା ଅନେକ ସମୟରେ, ନା କେବଳ ସେମାନଙ୍କ ବୀମା ଆବଶ୍ୟକତାକୁ ପୂରଣ କରିବା ବିଷୟରେ ପରାମର୍ଶ ଦେବା ପାଇଁ, କିନ୍ତୁ ସେମାନଙ୍କ ଅନ୍ୟାନ୍ୟ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବାରେ ସମର୍ଥନ ପାଇଁ ମଧ୍ୟ, ଆବଶ୍ୟକ ହୋଇପାରନ୍ତି । ଆର୍ଥିକ ଯୋଜନାର ଉତ୍ତମ ଜ୍ଞାନ କୌଣସି ବୀମା ଅଭିକର୍ତ୍ତା ପାଇଁ ଅତ୍ୟନ୍ତ ମୂଲ୍ୟବାନ ହୋଇପାରେ ।

**ସ୍ୱୟଂ ପରୀକ୍ଷା କରନ୍ତୁ3**

ନିମ୍ନ ମଧ୍ୟରୁ କେଉଁଟି କର ଯୋଜନାର ଏକ ଉଦ୍ଦେଶ୍ୟ ନୁହେଁ?

I. ସର୍ବାଧିକ କର ଲାଭ

II. ବିବେକଶୀଳ ନିବେଶ ଫଳରେ ହ୍ରାସ ହୋଇଥିବା କର ବୋଝ

III. କର ପରିହାର

IV. ଟ୍ୟାକ୍ସ ବ୍ରେକ୍ ର ସଂପୂର୍ଣ୍ଣ ଲାଭ

## ସାରାଂଶ

- ଆର୍ଥିକ ଯୋଜନା ହେଉଛି ଏକ ପ୍ରକ୍ରିୟା:
    - ✓ ଜଣକର ଜୀବନର ଲକ୍ଷ୍ୟକୁ ଚିହ୍ନିବାର,
    - ✓ ଏହି ଚିହ୍ନଟ କରାଯାଇଥିବା ଲକ୍ଷ୍ୟସବୁକୁ ଆର୍ଥିକ ଲକ୍ଷ୍ୟରେ ପରିବର୍ତ୍ତିତ କରିବାର, ଏବଂ
    - ✓ ଜଣକର ଅର୍ଥକୁ ସେହିସବୁ ଉପାୟରେ ପ୍ରବନ୍ଧ କରିବା ଯାହା ଜଣକୁ ଏହିସବୁ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ
- ବୈୟକ୍ତିକ ଜୀବନ ଚକ୍ର ଆଧାରରେ ତିନି ପ୍ରକାରର ଆର୍ଥିକ ଉତ୍ପାଦ ଆବଶ୍ୟକ ହୋଇଥାଏ । ଏଗୁଡିକ ସାହାଯ୍ୟ କରନ୍ତି:
    - ✓ ଭବିଷ୍ୟତରେ କାରବାରକୁ ସକ୍ଷମ କରିବାରେ,
    - ✓ ଆକସ୍ମିକତାଗୁଡିକର ସମ୍ମୁଖୀନ ହେବାରେ ଏବଂ
    - ✓ ଧନ ସଂଚୟରେ
- ଆର୍ଥିକ ଯୋଜନା ପାଇଁ ଆବଶ୍ୟକତା ଯୌଥ ପରିବାରର ବିଘଟନ, ବହୁବିଧ ନିବେଶ ବିକଳ୍ପ ଯେଉଁସବୁ ଆଜିକାଲି ଉପଲବ୍ଧ ଅଛନ୍ତି ଏବଂ ପରିବର୍ତ୍ତନ ହେଉଥିବା ଜୀବନ ଶୈଳୀ ଇତ୍ୟାଦି ଭଳି ବଦଳୁଥିବା ସାମାଜିକ ଗତିଶୀଳତା ଦ୍ୱାରା ଆହୁରି ଅଧିକ ବୃଦ୍ଧି ପାଇଥାଏ ।
- ଜଣେ ପ୍ରଥମ ଦରମା ପାଇ ସାରିବା ପରବର୍ତ୍ତୀ ସମୟ ଆର୍ଥିକ ଯୋଜନା ଆରମ୍ଭ କରିବା ପାଇଁ ସର୍ବୋତ୍କୃଷ୍ଟ ସମୟ ହୋଇଥାଏ ।
- ଆର୍ଥିକ ଯୋଜନା ପରାମର୍ଶଦାତା ସେବାଗୁଡିକରେ ଅନ୍ତର୍ଭୁକ୍ତ ହୁଅନ୍ତି:
    - ✓ ନଗଦ ଯୋଜନା,
    - ✓ ନିବେଶ ଯୋଜନା,
    - ✓ ବୀମା ଯୋଜନା,
    - ✓ ଅବସରଗ୍ରହଣ ଯୋଜନା,
    - ✓ ଭୂସମ୍ପତ୍ତି ଯୋଜନା ଏବଂ
    - ✓ କର ଯୋଜନା

## ମୁଖ୍ୟ ପଦାବଳୀ

1. ଆର୍ଥିକ ଯୋଜନା
2. ଜୀବନ ଚରଣ
3. ସଙ୍କଟ ପ୍ରୋଫାଇଲ୍

4. ନଗଦ ଯୋଜନା

5. ନିବେଶ ଯୋଜନା

6. ବୀମା ଯୋଜନା

7. ଅବସରଗ୍ରହଣ ଯୋଜନା

8. ଭୂସମ୍ପତ୍ତି ଯୋଜନା

9. ଉପଯୁକ୍ତତା ସୂଚନା

10. କର ଯୋଜନା

---

| **ସ୍ୱୟଂ ପରୀକ୍ଷା କରନ୍ତୁ ର ଉତ୍ତର** | |
|---|---|
| ଉତ୍ତର 1 | - ସଠିକ୍ ବିକଳ୍ପ ହେଉଛି I |
| ଉତ୍ତର 2 | - ସଠିକ୍ ବିକଳ୍ପ ହେଉଛି II |
| ଉତ୍ତର 3 | - ସଠିକ୍ ବିକଳ୍ପ ହେଉଛି III |

# ଅଧ୍ୟାୟ L-03

## ଜୀବନ ବୀମା ଉତ୍ପାଦ: ପାରମ୍ପାରିକ

**ଅଧ୍ୟାୟ ପରିଚୟ**

ଏହି ଅଧ୍ୟାୟ ଆପଣଙ୍କୁ ଜୀବନ ବୀମା ଉତ୍ପାଦଗୁଡିକର ଦୁନିଆଁ ସହିତ ପରିଚିତ କରାଏ । ଏହା ସାଧାରଣ ଭାବେ ଉତ୍ପାଦଗୁଡିକ ବିଷୟରେ ଆଲୋଚନା କରି ଆରମ୍ଭ କରେ ଏବଂ ତାପରେ ଜୀବନ ବୀମା ଉତ୍ପାଦ ପାଇଁ ଆବଶ୍ୟକତା ଓ ବିଭିନ୍ନ ଜୀବନ ଲକ୍ଷ୍ୟକୁ ହାସଲ କରିବାରେ ସେମାନେ ଗ୍ରହଣ କରୁଥିବା ଭୂମିକା ବିଷୟରେ ଆଲୋଚନା କରିବାକୁ ଅଗ୍ରସର ହୁଏ । ଅନ୍ତିମରେ ଆମେମାନେ କେତେକ ପାରମ୍ପରିକ ଜୀବନ ବୀମା ଉତ୍ପାଦ ଉପରେ ଦୃଷ୍ଟିପାତ କରିବା ।

**ଅଧ୍ୟୟନ ପରିଣାମ**

A. ଜୀବନ ବୀମା ଉତ୍ପାଦଗୁଡିକ ଉପରେ ବିହଙ୍ଗାବଲୋକନ

B. ପାରମ୍ପରିକ ଜୀବନ ବୀମା ଉତ୍ପାଦ

## A. ଜୀବନ ବୀମା ଉତ୍ପାଦଗୁଡିକ ଉପରେ ବିହଙ୍ଗାବଲୋକନ

### 1. ଏକ ଉତ୍ପାଦ କ'ଣ ଅଟେ ?

ଆମ୍ଭେ କରିବାକୁ ଯାଇ, ଆସନ୍ତୁ ଆମେମାନେ ବୁଝିବା ଏକ 'ଉତ୍ପାଦ' ର ଅର୍ଥ କ'ଣ ଅଟେ । ଲୋକପ୍ରିୟ ଭାଷାରେ ଏକ ଉତ୍ପାଦକୁ ସାଧାରଣତଃ ଏକ ପଣ୍ୟଦ୍ରବ୍ୟ କିମ୍ବା ଜିନିଷ ରୂପେ ବିଚାର କରାଯାଏ ଯାହାକୁ ବଜାରରେ ଅଣାଯାଏ ଏବଂ ବିକ୍ରି କରାଯାଏ ।

ଏହା ବୁଝିବା ଆବଶ୍ୟକ ଯେ ପ୍ରତ୍ୟେକ ଉତ୍ପାଦ ବିଶେଷତା କିମ୍ବା ଗୁଣସବୁର ଏକ ସମୂହ ଅଟେ ଯାହା କିଛି ଲାଭ ଦେଇଥାନ୍ତି ।

ସମସ୍ତ କମ୍ପାନୀ ସେମାନଙ୍କ ଉତ୍ପାଦସବୁକୁ ଅଧିକ ଆକର୍ଷଣୀୟ କରି ଏବଂ ବିଭିନ୍ନ ପ୍ରକାରର ବିଶେଷତା ଓ ଲାଭ ପ୍ରଦାନ କରି ସେଗୁଡିକୁ ଅଲଗା କରିବାକୁ ଚେଷ୍ଟା କରନ୍ତି । ଏକ ଜୀବନ ବୀମା ଅଭିକର୍ତ୍ତାର ଭୂମିକା ହେଉଛି ସେମାନଙ୍କ କମ୍ପାନୀଙ୍କ ଉତ୍ପାଦଗୁଡିକୁ ଅନ୍ୟଗୁଡିକର ତୁଳନାରେ ଅନନ୍ୟ ଓ ଆକର୍ଷଣୀୟ କରିବା ପାଇଁ ଏହିସବୁ ବିଶେଷତା ଏବଂ ଲାଭକୁ ବୁଝିବା ଓ ଦୃଢ଼ ରଖିବା ।

**ଉଦାହରଣ**

କୋଲଗେଟ୍ ,କ୍ଲୋଜ୍ ଅପ୍ ଏବଂ ପ୍ରମିଜ୍ – ଏହିସବୁ ଅଲଗା ବ୍ରାଣ୍ଡର ଟୁଥପେଷ୍ଟ ଅଟନ୍ତି । କିନ୍ତୁ ପ୍ରତ୍ୟେକ ବ୍ରାଣ୍ଡର ବିଶେଷତା ଅନ୍ୟଠାରୁ ଭିନ୍ନ ଅଟେ ।

---

**ଉତ୍ପାଦସବୁ ହୋଇପାରନ୍ତି** :

i. **ସ୍ପର୍ଶଯୋଗ୍ୟ:** ସେହିସବୁ ଭୌତିକ ବସ୍ତୁକୁ ସୂଚୀତ କରେ ଯାହାକୁ ପ୍ରତ୍ୟକ୍ଷ ରୂପେ ଦେଖାଯାଇପାରେ କିମ୍ବା ସ୍ପର୍ଶ ଦ୍ୱାରା ଅନୁଭବ କରାଯାଇପାରେ (ଉଦାହରଣ ସ୍ୱରୂପ ଏକ କାର କିମ୍ବା ଏକ ଟେଲିଭିଜନ ସେଟ୍)

ii. **ଅଣ-ସ୍ପର୍ଶଯୋଗ୍ୟ:** ସେହିସବୁ ଉତ୍ପାଦକୁ ସୂଚୀତ କରେ ଯାହାକୁ କେବଳ ଅପ୍ରତ୍ୟକ୍ଷ ରୂପେ ଅନୁଭବ କରାଯାଇପାରେ । ଜୀବନ ବୀମା ଏକ ଉତ୍ପାଦ ଅଟେ ଯାହା ଅଣ-ସ୍ପର୍ଶଯୋଗ୍ୟ ହୋଇଥାଏ ।

### 2. ଜୀବନ ବୀମା ଉତ୍ପାଦର ଉଦ୍ଦେଶ୍ୟ

ମନୁଷ୍ୟମାନଙ୍କ ପାଖରେ ଏକ ଅତ୍ୟନ୍ତ ମୂଲ୍ୟବାନ ପରିସମ୍ପତ୍ତି ଥାଏ –ମାନବ ପୁଞ୍ଜି –ଯାହା ଆମର ଉତ୍ପାଦକ ଉପାର୍ଜନକାରୀ କ୍ଷମତାର ଉତ୍ସ ହୋଇଥାଏ । ଅବଶ୍ୟ, ଜୀବନ ଏବଂ ମାନବ କୁଶଳତା ବିଷୟରେ ଅନିଶ୍ଚିତତା ଥାଏ । ମୃତ୍ୟୁ ଓ ରୋଗ ଭଳି ଘଟଣାସବୁ ଆମର ଉପାର୍ଜନ କ୍ଷମତା ଓ ଜୀବନ ସଂଚୟକୁ ନଷ୍ଟ କରି ଦେଇପାରେ । ବୀମା ସେଭଳି ପରିସ୍ଥିତି ପାଇଁ ସୁରକ୍ଷା ପ୍ରଦାନ କରିଥାଏ ।

ଜୀବନ ବୀମା ଉତ୍ପାଦଗୁଡିକ, ମୃତ୍ୟୁ କିମ୍ବା ବିକଳାଙ୍ଗତାର ଫଳସ୍ୱରୂପ, ଏକ ବ୍ୟକ୍ତିର ଉତ୍ପାଦନ କ୍ଷମତାର ଆର୍ଥିକ ମୂଲ୍ୟର ହାନି ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରିଥାନ୍ତି । ଏକ ବ୍ୟକ୍ତି ଏକ ଜୀବନ ବୀମା ପଲିସୀ ନେବା ଏବଂ ପ୍ରଥମ ପ୍ରିମିୟମ ପ୍ରଦାନ କରିବା ସମୟରୁ ହିଁ, ତାର ନାମରେ ଏକ ତୁରନ୍ତ ଭୂସମ୍ପତ୍ତି ସୃଷ୍ଟି କରାଯାଏ ଏବଂ ତାର ଆଶ୍ରିତ କିମ୍ବା ପ୍ରିୟଜନମାନଙ୍କୁ ଏହାର ଲାଭସବୁ ଉପଲବ୍ଧ ହୋଇଥାଏ ।

ଜୀବନ ବୀମା ଜଣକର ଦୁର୍ଭାଗ୍ୟପୂର୍ଣ୍ଣ ମୃତ୍ୟୁ ଘଟଣାରେ, ଏକ ବ୍ୟକ୍ତିର ନିକଟସ୍ଥ ଓ ପ୍ରିୟ ଜନମାନଙ୍କୁ ମାନସିକ ଶାନ୍ତି ଓ ସୁରକ୍ଷା ପ୍ରଦାନ କରେ । ସେଭଳି ସୁରକ୍ଷା ପ୍ରଦାନ କରିବା ବ୍ୟତୀତ, ଜୀବନ ବୀମା ବଜାରର ଅନ୍ୟାନ୍ୟ ଆବଶ୍ୟକତା ଯଥା: ସଂଚୟ, ସମ୍ପତ୍ତି ସଂଚୟ, ନିବେଶର ନିରାପତ୍ତା ଓ ସୁରକ୍ଷା ଏବଂ ରିଟର୍ଣ୍ଣ (ପ୍ରତିଫଳ) ର କିଛି ହାର, ଏଗୁଡିକୁ ପୂରଣ କରେ, ଯେଉଁସବୁ ବିଷୟରେ ଏହି ପାଠ୍ୟକ୍ରମରେ ଆଲୋଚନା କରାଯାଇ ନାହିଁ ।

ଜୀବନ ବୀମା ଉଦ୍ୟୋଗ ଗତ ଦୁଇ ଶତାବ୍ଦୀ ଧରି ଉତ୍ପାଦ ପ୍ରସ୍ତାବରେ ଅସାଧାରଣ ନବାଚାର ଦେଖିଛି । ଯାତ୍ରା ମୃତ୍ୟୁ ଲାଭ ଉତ୍ପାଦ ସହିତ ଆରମ୍ଭ ହୋଇଥିଲା କିନ୍ତୁ ସମୟ କ୍ରମେ, ବହୁବିଧ ଜୀବିତ ଲାଭ ଯେପରିକି ଏଣ୍ଡାଓମେଣ୍ଟ, ବିକଳାଙ୍ଗତା ଲାଭ, ଭୟାନକ ରୋଗ ବୀମା ସୁରକ୍ଷା ଓ ଏଭଳି ଉତ୍ପାଦ ଯୁକ୍ତ ହୋଇଥିଲା ।

ଆଧୁନିକ ସମୟର ଗୋଟିଏ ବଡ଼ ନବାଚାର ହୋଇଥିଲା ବଜାର ଲିଙ୍କ୍ଡ ପଲିସୀମାନଙ୍କର ସୃଷ୍ଟି, ଯେଉଁଠି ବୀମିତଙ୍କୁ ତାର ନିବେଶ ପରିସମ୍ପତ୍ତିକୁ ଚୟନ ଓ ପ୍ରବନ୍ଧନ କରିବାରେ ଅଂଶଗ୍ରହଣ କରିବାପାଇଁ ଆମନ୍ତ୍ରିତ କରାଯାଉଥିଲା । ଅନ୍ୟ ଏକ ବଡ଼ ନବାଚାର ଥିଲା ନମନୀୟ ଅସମୂହୀକୃତ ଉତ୍ପାଦଗୁଡ଼ିକର ବିକାଶ, ଯେଉଁଥିରେ ବିଭିନ୍ନ ଲାଭ ଏବଂ ମୂଲ୍ୟ ଘଟକକୁ ବଦଳୁଥିବା ଆବଶ୍ୟକତା, ପ୍ରଦାନ କରିବାର କ୍ଷମତା ଏବଂ ଜୀବନ-ଚରଣ ଅନୁସାରେ ପଲିସୀଧାରକ ଦ୍ୱାରା ପରିବର୍ତ୍ତିତ କରାଯାଇପାରୁଥିଲା ।

## 3. ଉପଯୁକ୍ତତା ସୂଚନା

ଅଭିକର୍ତ୍ତା ଓ ବ୍ରୋକର୍ ସମେତ ବୀମା ମଧ୍ୟସ୍ଥମାନଙ୍କୁ ଅଧିକ ଦାୟୀ କରିବା ପାଇଁ ଏବଂ କୁ-ବିକ୍ରୟର ଘଟଣାଗୁଡ଼ିକୁ କମ୍ କରିବା ପାଇଁ, ଆଇ.ଆର.ଡି.ଏ.ଆଇ. 'ଉତ୍ପାଦ ଉପଯୁକ୍ତତା' ର ଏକ ଅବଧାରଣା ସୃଷ୍ଟି କରିଛି । 'ଉପଯୁକ୍ତତା ସୂଚନା' ହେଉଛି ବୟସ, ଆୟ, ପାରିବାରିକ ସ୍ଥିତି, ଜୀବନ ଚରଣ, ଆର୍ଥିକ ଓ ପରିବାର ଲକ୍ଷ୍ୟ, ନିବେଶ ଉଦ୍ଦେଶ୍ୟ, ପୂର୍ବରୁ ଧାରଣ କରିଥିବା ବୀମା ପୋର୍ଟଫୋଲିଓ, ଇତ୍ୟାଦି ଉପରେ ଏକ ସମ୍ଭାବ୍ୟ ଗ୍ରାହକର ସୂଚନା । ଅର୍ଥାତ୍ ଏକ କ୍ଲାଏଣ୍ଟକୁ ଏକ ବୀମା ପଲିସୀ ବିକ୍ରି କରିବା ପୂର୍ବରୁ, ଏକ ଅଭିକର୍ତ୍ତା କ୍ଲାଏଣ୍ଟର ଆବଶ୍ୟକତା ପାଇଁ ଉତ୍ପାଦର ଉପଯୁକ୍ତତାକୁ ଉଚିତ୍ ସିଦ୍ଧ କରିବା ପାଇଁ ସକ୍ଷମ ହେବା ଉଚିତ୍ ।

ଅନ୍ୟ ଶବ୍ଦରେ, ଅଭିକର୍ତ୍ତା ଏକ ବିଶେଷ ସମ୍ଭାବ୍ୟ ଗ୍ରାହକର ସଙ୍କଟ ପ୍ରୋଫାଇଲ୍ – ବୟସ, ଆୟ, ପାରିବାରିକ ସ୍ଥିତି, ଜୀବନ ଚରଣ, ଆର୍ଥିକ ଓ ପରିବାର ଲକ୍ଷ୍ୟ, ନିବେଶ ଉଦ୍ଦେଶ୍ୟ, ପୂର୍ବରୁ ଧାରଣ କରିଥିବା ବୀମା ପୋର୍ଟଫୋଲିଓ, ବୀମା ଆବଶ୍ୟକତା, ଇତ୍ୟାଦିକୁ ବିଚାରକୁ ନିଏ ଏବଂ ନିଷ୍ପତ୍ତି ନିଏ କି ଉତ୍ପାଦଟି ସେହି ସମ୍ଭାବ୍ୟ ଗ୍ରାହକ ପାଇଁ ଉପଯୁକ୍ତ ଅଟେ କି ନୁହେଁ । ଉତ୍ପାଦର ସ୍ୱରୂପ, ପ୍ରିମିୟମ ରାଶି ପରିମାଣ, ପ୍ରିମିୟମ ପ୍ରଦାନର ପଦ୍ଧତି ଏବଂ ପଲିସୀର ମିଆଦ ତଥା ପ୍ରିମିୟମ ପ୍ରଦାନର ପ୍ରକାର ମଧ୍ୟ 'ଉପଯୁକ୍ତତା'ର ମାପଦଣ୍ଡର ଅଂଶ ହୋଇଥାନ୍ତି ।

ଆଇ.ଆର.ଡି.ଏ.ଆଇ. ବିନିୟମିତ କରେ ଯେ ସଂଗ୍ରହ କରାଯାଇଥିବା ଉପଯୁକ୍ତତା ସୂଚନା ସମ୍ଭାବ୍ୟ ଗ୍ରାହକ ଓ ଅଭିକର୍ତ୍ତା ଦ୍ୱାରା ହସ୍ତାକ୍ଷରିତ ହେବା ଉଚିତ; ଏବଂ ପଲିସୀ ରେକର୍ଡର ଅଂଶ ରୂପେ ବୀମାକର୍ତ୍ତା ଦ୍ୱାରା ସଂରକ୍ଷିତ ରହିବା ଉଚିତ୍ ଓ ପ୍ରାଧିକରଣ ନିକଟରେ ନିରୀକ୍ଷଣ ପାଇଁ ଉପଲବ୍ଧ କରାଇବା ଉଚିତ୍ ।

## 4. ଜୀବନ ବୀମା ଉତ୍ପାଦଗୁଡ଼ିକରେ ରାଇଡର୍

ଏକ ରାଇଡର୍ ହେଉଛି ଏକ ପୃଷ୍ଠାଙ୍କନ ଜରିଆରେ ପାରମ୍ପରିକ ରୂପେ ସଂଲଗ୍ନ କରାଯାଇଥିବା ଏକ ପ୍ରାବଧାନ, ଯାହା ଚୁକ୍ତିର ଅଂଶ ହୋଇଯାଏ । ରାଇଡର୍ ଗୁଡ଼ିକୁ ସାଧାରଣତଃ ଅତିରିକ୍ତ ଲାଭ ପ୍ରଦାନ କରିବା ପାଇଁ ଉପଯୋଗ କରାଯାଏ, ଯେପରି କି ପଲିସୀ ଦ୍ୱାରା ପ୍ରଦାନ କରାଯାଇଥିବା ମୃତ୍ୟୁ ଲାଭର ପରିମାଣକୁ ବୃଦ୍ଧି କରିବା, ଧରନ୍ତୁ, ଦୁର୍ଘଟଣା କାରଣରୁ । ଜୀବନ ବୀମା କମ୍ପାନୀମାନେ ଅନେକ ସଂଖ୍ୟକ ରାଇଡର୍ ପ୍ରଦାନ କରିଥାନ୍ତି ଯାହା ଜରିଆରେ ସେମାନଙ୍କ ପ୍ରସ୍ତାବର ମୂଲ୍ୟ ବୃଦ୍ଧି ହୋଇଯାଏ । ରାଇଡର୍ ଏକ ବ୍ୟକ୍ତିର ବିଭିନ୍ନ ଆବଶ୍ୟକତାକୁ ଏକମାତ୍ର ଯୋଜନାରେ ଆବଦ୍ଧ କରି ରଖିବାରେ ସାହାଯ୍ୟ କରିଥାଏ ।

ରାଇଡର୍ ମାନେ ବିକଳାଙ୍ଗତା ବୀମା ସୁରକ୍ଷା, ଦୁର୍ଘଟଣା ବୀମା ସୁରକ୍ଷା ଏବଂ ଏକ ମାନକ ଜୀବନ ବୀମା ଚୁକ୍ତିରେ ଏକ ଅତିରିକ୍ତ ଲାଭ ରୂପେ ସଙ୍କଟମୟ ରୋଗ ବୀମା ସୁରକ୍ଷା ଭଳି ଲାଭସବୁକୁ ପ୍ରଦାନ କରିବାର ଏକ ମାଧ୍ୟମ ଦେଇଥାନ୍ତି । ପଲିସୀ ଧାରକମାନେ ଏକ ଅତିରିକ୍ତ ପ୍ରିମିୟମ ପ୍ରଦାନ କରି ସେମାନଙ୍କ ଲାଭ ଉଠାଇପାରନ୍ତି ।

## ସ୍ୱୟଂ ପରୀକ୍ଷା କରନ୍ତୁ 1

ନିମ୍ନ ମଧ୍ୟରୁ କେଉଁଟି ଏକ ଅଣ-ସ୍ପର୍ଶଯୋଗ୍ୟ ଉତ୍ପାଦ ଅଟେ ?

I. କାର

II. ଘର


III. ଜୀବନ ବୀମା

IV. ସାବୁନ

## A. ପାରମ୍ପରିକ ଜୀବନ ବୀମା ଉତ୍ପାଦ

ଆମେମାନେ ବର୍ତ୍ତମାନ କେତେକ ପାରମ୍ପରିକ ପ୍ରକାରର ଜୀବନ ବୀମା ଉତ୍ପାଦ ସମ୍ବନ୍ଧରେ ଜାଣିବା ।

ଚିତ୍ର 1: ପାରମ୍ପରିକ ଜୀବନ ବୀମା ଉତ୍ପାଦ




### 1. ମିଆଦି (ଅବଧି) ବୀମା ଯୋଜନା

ମିଆଦି/ଅବଧି ବୀମା ହେଉଛି ଏକ ଚୁକ୍ତି ଯାହା କେବଳ ଏକ ନିର୍ଦ୍ଦିଷ୍ଟ ସମୟାବଧି ବୈଧ ରହିଥାଏ । ଏହା ଏକ ବିମାନ ଯାତ୍ରାକୁ ସଂପୂର୍ଣ୍ଣ କରିବା ପାଇଁ ଆବଶ୍ୟକ ହେଉଥିବା ଅଳ୍ପ ଅବଧିଠାରୁ ଆରମ୍ଭ କରି ବହୁବର୍ଷ ପର୍ଯ୍ୟନ୍ତ ବିସ୍ତାରିତ ହୋଇପାରେ । ସୁରକ୍ଷା 65 କିମ୍ବା 70 ବର୍ଷର ଆୟୁ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ । ଗୋଟିଏ-ବର୍ଷ ମିଆଦି ପଲିସୀଗୁଡିକ ସମ୍ପତ୍ତି ଏବଂ ଦୁର୍ଘଟଣା ବୀମା ଚୁକ୍ତି ସଦୃଶ ହୋଇଥାନ୍ତି । ଏହି ପଲିସୀରେ ସଂଚୟ କିମ୍ବା ନଗଦ ମୂଲ୍ୟ ତତ୍ତ୍ୱ ନ ଥାଏ ।

ଅକ୍ଟୋବର 2020 ରେ, ଆଇ.ଆର.ଡି.ଏ.ଆଇ. "ସରଳ ଜୀବନ ବୀମା" (ବୀମାକର୍ତ୍ତାଙ୍କ ନାମକୁ ଉତ୍ପାଦ ନାମ ପୂର୍ବରୁ ଯୋଡ଼ାଯିବ) କୁହାଯାଉଥିବା ଏକ ମାନକ ବୈୟକ୍ତିକ ମିଆଦି ଜୀବନ ବୀମା ଆରମ୍ଭ କରିଛନ୍ତି, ଯାହା ଏକ ଅଣ-ସଂଯୁକ୍ତ ଅଣ-ସହଯୋଗକାରୀ ବୈୟକ୍ତିକ ଶୁଦ୍ଧ ସଙ୍କଟ ପ୍ରିମିୟମ ଜୀବନ ବୀମା ଯୋଜନା ଅଟେ, ଯାହା ପଲିସୀ ଅବଧି ମଧ୍ୟରେ ଜୀବନ ବୀମିତର ଦୁର୍ଭାଗ୍ୟପୂର୍ଣ୍ଣ ମୃତ୍ୟୁ କ୍ଷେତ୍ରରେ ନାମିତକୁ ମୋଟା ଆକାରରେ ବୀମା ରାଶି ପ୍ରଦାନର ପ୍ରାବଧାନ ରଖେ ।

ବିନିୟାମକ ଦ୍ୱାରା ବିନିର୍ଦ୍ଦିଷ୍ଟ କେତେକ ଲାଭ ଓ ରାଇଡର ବ୍ୟତୀତ, କୌଣସି ଅନ୍ୟ ରାଇଡର/ଲାଭ/ବିକଳ୍ପ/ଭିନ୍ନ ପ୍ରକାରର ପ୍ରସ୍ତାବ ଦେବା ପାଇଁ ସ୍ୱୀକୃତି ନାହିଁ । ଆହୁରି ମଧ୍ୟ, ଉତ୍ପାଦ ଅନ୍ତର୍ଗତ ଆତ୍ମହତ୍ୟା ଅପବର୍ଜନ ଛାଡ଼ି ଅନ୍ୟ କୌଣସି ଅପବର୍ଜନ

ନାହିଁ । ସରଳ ଜୀବନ ବୀମାକୁ ଲିଙ୍ଗ, ନିବାସ ସ୍ଥାନ, ଯାତ୍ରା, ବ୍ୟବସାୟ କିମ୍ବା ଶୈକ୍ଷଣିକ ଯୋଗ୍ୟତାରେ କୌଣସି ପ୍ରତିବନ୍ଧ ବିନା ବ୍ୟକ୍ତିମାନଙ୍କୁ ଦିଆଯାଇଥାଏ ।

a) **ଉଦ୍ଦେଶ୍ୟ**


ଏକ ମିଆଦି ଜୀବନ ବୀମା ଯୋଜନା ଜୀବନ ବୀମା ପଛରେ ଥିବା ମୁଖ୍ୟ ଓ ମୂଳଭୂତ ବିଚାରକୁ ପୂରଣ କରେ, ଯାହା ବୀମିତର ମୃତ୍ୟୁରେ ତାର ଆଶ୍ରିତମାନଙ୍କୁ ବୀମା ରାଶିର ପରିମାଣ ପ୍ରଦାନ କରିବା ହୋଇଥାଏ ।

ପଲିସୀଟି ଏକ ଆୟ ପ୍ରତିସ୍ଥାପନ ଯୋଜନା ରୂପେ ମଧ୍ୟ କାର୍ଯ୍ୟ କରିଥାଏ । ଏଇଠି ଏକ ମୋଟା ଆକାରର ରାଶିପ୍ରଦାନ ବଦଳରେ ଆଶ୍ରିତ ଲାଭଗ୍ରହୀତାମାନଙ୍କୁ ମାସିକ, ତ୍ରୈମାସିକ କିମ୍ବା ସେଭଳି ଆବଧିକ ଦେୟର ଶୃଙ୍ଖଳାରେ ରାଶି ପ୍ରଦାନ କରାଯାଏ ।

b) **ବିକଳାଙ୍ଗତା**

ସାଧାରଣତଃ ଏକ ମିଆଦି ବୀମା ପଲିସୀ କେବଳ ମୃତ୍ୟୁର ସୁରକ୍ଷା ଦେଇଥାଏ । ଅବଶ୍ୟ, ମୂଲ୍ୟ ପଲିସୀ ଉପରେ ଏକ ବିକଳାଙ୍ଗତା ସୁରକ୍ଷା ରାଇଡର୍ କ୍ରୟ କରିବା ସମ୍ଭବ ଅଟେ । ସେଭଳି କ୍ଷେତ୍ରରେ, ଯଦି ଚୁକ୍ତିର ଅବଧି ମଧ୍ୟରେ ବୀମିତ ଏକ ବିନିର୍ଦ୍ଦିଷ୍ଟ ବିକଳାଙ୍ଗତାର ଶିକାର ହୁଏ ଲାଭଗ୍ରହୀତା/ବୀମିତ ବ୍ୟକ୍ତିଙ୍କୁ ଏକ ବିକଳାଙ୍ଗତା ଲାଭ ପ୍ରଦାନ କରାଯାଇପାରେ । ଏହି ଲାଭ ବୀମିତ ବ୍ୟକ୍ତିର ମୃତ୍ୟୁ ପର୍ଯ୍ୟନ୍ତ ଚାଲୁ ରହିବ ।

**ଚିତ୍ର 2: ବିକଳାଙ୍ଗତା**



c) **ଏକ ରାଇଡର୍ ରୂପେ ମିଆଦି ବୀମା**

ମିଆଦି ବୀମା ଅନ୍ତର୍ଗତ ବୀମାସୁରକ୍ଷାକୁ ସାଧାରଣତଃ ଏକ ଅନାଶ୍ରିତ ସ୍ୱତନ୍ତ୍ର ପଲିସୀ ରୂପେ ପ୍ରଦାନ କରାଯାଇଥାଏ କିନ୍ତୁ ଏହାକୁ ଏକ ପଲିସୀରେ ଏକ ରାଇଡର ଜରିଆରେ ମଧ୍ୟ ପ୍ରଦାନ କରାଯାଇ ପାରେ ।

| **ଉଦାହରଣ** |
|---|

ଏକ ପେନସନ ଯୋଜନାରେ ଏକ ରାଇଡର ଏକ  ମୃତ୍ୟୁ ଲାଭ ପ୍ରଦାନ ଯୋଗ୍ୟ ହେବ ବୋଲି ପ୍ରାବଧାନ ରଖେ ଯଦି ଜଣେ ପେନସନ ଆରମ୍ଭ ହେବା ତାରିଖ ପୂର୍ବରୁ ମୃତ୍ୟୁ ବରଣ କରେ ।

d) **ପରିବର୍ତ୍ତନୀୟତା**

ପରିବର୍ତ୍ତନୀୟ ମିଆଦି ବୀମା ପଲିସୀଗୁଡିକ ଏକ ପଲିସୀଧାରକଙ୍କୁ ଏକ ମିଆଦି ବୀମା ପଲିସୀକୁ ବୀମାଯୋଗ୍ୟତା ନୂଆ ପ୍ରମାଣ ଦେବା ବିନା "ସଂପୂର୍ଣ୍ଣ ଜୀବନ" ଭଳି ଏକ ସ୍ଥାୟୀ ଯୋଜନାରେ ପରିବର୍ତ୍ତନ କରିବାର ସ୍ୱୀକୃତି ଦିଅନ୍ତି । ଏହି ସୁବିଧା ସେହିମାନଙ୍କୁ ସାହାଯ୍ୟ କରିଥାଏ ଯେଉଁମାନେ ସ୍ଥାୟୀ ନଗଦ ମୂଲ୍ୟ ବୀମା ନେବା ପାଇଁ ଚାହାଁନ୍ତି କିନ୍ତୁ ଏହାର ଉଚ୍ଚ ପ୍ରିମିୟମ

ଦେବା ପାଇଁ ଅସମର୍ଥ ହୋଇଥାନ୍ତି I ଯେତେବେଳେ ଏକ ମିଆଦି-ପଲିସୀକୁ ସ୍ଥାୟୀ ବୀମାରେ ପରିବର୍ତ୍ତନ କରାଯାଏ, ନୂଆ ପ୍ରିମିୟମ ହାର ଅଧିକ ହେବ I

**e) ଅନନ୍ୟ ବିକ୍ରୟ ପ୍ରସ୍ତାବ** (USP)

ମିଆଦି ବୀମାର ଅନନ୍ୟ ବିକ୍ରୟ ପ୍ରସ୍ତାବ (USP) ହେଉଛି ଏହାର କମ୍ ମୂଲ୍ୟ, ଯାହା ଜଣକୁ ଏକ ସୀମିତ ବଜେଟ୍ ମଧ୍ୟରେ ଅପେକ୍ଷାକୃତ ଅଧିକ ପରିମାଣର ଜୀବନ ବୀମା କ୍ରୟ କରିବାରେ ସକ୍ଷମ କରାଇଥାଏ I

**f) ବିବିଧତା**

ମିଆଦି ବୀମାର ଅନେକ ପ୍ରକାର ସମ୍ଭବ ଅଟେ I

**ଚିତ୍ର 3 : ମିଆଦି ବୀମାର ବିବିଧତା**

**ମିଆଦି ବୀମାର ବିବିଧତା**

- ହ୍ରାସ ପାଉଥିବା ମିଆଦି ବୀମା
- ବୃଦ୍ଧି ପାଉଥିବା ମିଆଦି ବୀମା
- ପ୍ରିମିୟମର ରିଟର୍ଣ୍ଣ ସହିତ ମିଆଦି ବୀମା

**i. ହ୍ରାସ ପାଉଥିବା ମିଆଦି ବୀମା**

ଏହି ଯୋଜନାମାନେ ପାରମ୍ପରିକ ରୂପେ ହ୍ରାସ ପାଉଥିବା ମିଆଦି ବୀମା ଅନ୍ତର୍ଭୁକ୍ତ କରନ୍ତି ଯାହା ମୃତ୍ୟୁ ଲାଭର ଏକ ପରିମାଣ ପ୍ରଦାନ କରେ ଯାହା ସେହି ଅବଶିଷ୍ଟ ପରିମାଣ ସହିତ ସମାନ ଯାହା ଏକ ଋଣ ଉପରେ ଦେୟ ରହିଥାଏ, ଯଦି ଋଣକର୍ତ୍ତା ଋଣଟିକୁ ପରିଶୋଧ କରିବା ପୂର୍ବରୁ ମୃତ୍ୟୁବରଣ କରିଥାଏ I ଏଗୁଡିକୁ ଅନେକ ସମୟରେ ବନ୍ଧକ ବିମୋଚନ (ଅଧ୍ୟାୟ 15 ରେ ଆଲୋଚିତ) କିମ୍ବା କ୍ରେଡିଟ୍ ବୀମା ଯୋଜନା ରୂପେ କିଣା ବିକା କରାଯାଇଥାଏ I ଏହି ଯୋଜନାଗୁଡିକୁ ସାଧାରଣତଃ ଋଣଦାତା ଅନୁଷ୍ଠାନମାନଙ୍କୁ ସେମାନଙ୍କ ଋଣକର୍ତ୍ତାମାନଙ୍କ ଜୀବନକୁ ବୀମା ସୁରକ୍ଷା ଯୋଗାଇବା ପାଇଁ ସମୂହ ବୀମା ରୂପେ ବିକ୍ରି କରାଯାଇଥାଏ I ବନ୍ଧକ ବିମୋଚନ ବୀମାର କ୍ରୟ ଅନେକ ସମୟରେ ବନ୍ଧକ ଋଣର ଏକ ଅବସ୍ଥା ହୋଇଥାଏ I ସେହିସବୁ ଯୋଜନା ଅଟୋମୋବାଇଲ୍ କିମ୍ବା ଅନ୍ୟାନ୍ୟ ବ୍ୟକ୍ତିଗତ ଋଣ ପାଇଁ ମଧ୍ୟ ଉପଲବ୍ଧ ହୋଇପାରନ୍ତି I

**ii. ବୃଦ୍ଧି ହେଉଥିବା ମିଆଦ ବୀମା**

ଯେମିତି କି ନାମ ସୂଚୀତ କରେ, ଯୋଜନା ଏକ ମୃତ୍ୟୁ ଲାଭ ପ୍ରଦାନ କରେ, ଯାହା ପଲିସୀ ଅବଧି ସହିତ ବୃଦ୍ଧି ପାଉଥାଏ I ପ୍ରିମିୟମ ସାଧାରଣତଃ ବୃଦ୍ଧି ପାଇଥାଏ ଯେତେବେଳେ ବୀମାସୁରକ୍ଷାର ପରିମାଣ

**iii. ପ୍ରିମିୟମର ରିଟର୍ଣ୍ଣ (ପ୍ରତିଫଳ) ସହିତ ମିଆଦି ବୀମା**

ଏକ ଅନ୍ୟ ପ୍ରକାରର ପଲିସୀ (ଭାରତରେ ଅତି ଲୋକପ୍ରିୟ) ହେଉଛି ପ୍ରିମିୟମର ରିଟର୍ଣ୍ଣ (ପ୍ରତିଫଳ) ସହିତ ମିଆଦି ବୀମା I ଯଦିଓ ପ୍ରଦାନ କରାଯାଉଥିବା ପ୍ରିମିୟମ ପ୍ରିମିୟମର ରିଟର୍ଣ୍ଣ ବିନା ସେଭଳି ମିଆଦି ବୀମା ଯୋଜନା ଅପେକ୍ଷା ବହୁତ ଅଧିକ ହୋଇପାରେ, କିଛି ଗ୍ରାହକ ସେଭଳି ପଲିସୀ ଆବଶ୍ୟକ କରି ପାରନ୍ତି I

## ଘ) ପ୍ରାସଙ୍ଗିକ ପରିଦୃଶ୍ୟ

ମିଆଦି ବୀମା ନିମ୍ନସବୁ ପରିସ୍ଥିତିରେ ଆବଶ୍ୟକ ହୋଇପାରେ:

i. ଯେଉଁଠି ବୀମା ସୁରକ୍ଷାର ଆବଶ୍ୟକତା ପୂରାପୂରି ଅସ୍ଥାୟୀ ହୋଇଥାଏ, ଯେମିତି କି ବନ୍ଧକ ମୋଚନ କ୍ଷେତ୍ରରେ

ii. ଏକ ସଂଚୟ ଯୋଜନା ସହିତ ଏକ ଅତିରିକ୍ତ ପୂରକ ରୂପେ

iii. ଏକ "ମିଆଦି କିଣନ୍ତୁ ଏବଂ ବାକିତକ ନିବେଶ କରନ୍ତୁ" ଦର୍ଶନର ଅଂଶ ରୂପେ, ଯେଉଁଠି ଜଣେ ବୀମା କମ୍ପାନୀଠାରୁ କେବଳ ଶସ୍ତା ମିଆଦି ବୀମା ସୁରକ୍ଷା ଚାହେଁ ଏବଂ ପ୍ରିମିୟମର ଅନ୍ତରକୁ ଅନ୍ୟାନ୍ୟ ଆକର୍ଷଣୀୟ ନିବେଶରେ ନିବେଶ କରିବାକୁ ଚାହେଁ

**ମହତ୍ତ୍ୱପୂର୍ଣ୍ଣ**

ମିଆଦି ବୀମାର ସୀମା: ମିଆଦି ବୀମା ଯୋଜନାଗୁଡିକ ନିର୍ଦ୍ଦିଷ୍ଟ ସମୟ ପାଇଁ କେବଳ ଉପଲବ୍ଧ ହୁଅନ୍ତି ଏବଂ ଜଣେ ଏହି ବୀମା ସୁରକ୍ଷାକୁ ଏକ ନିର୍ଦ୍ଦିଷ୍ଟ ଆୟୁ, ଧରନ୍ତୁ 65 କିମ୍ବା 70, ଉପରକୁ ଚାଲୁ ରଖିବା ପାଇଁ ସକ୍ଷମ ହୋଇ ନ ପାରେ ।

## 2. ସଂପୂର୍ଣ୍ଣ ଜୀବନ ବୀମା

ସଂପୂର୍ଣ୍ଣ ଜୀବନ ବୀମା ହେଉଛି ଏକ ସ୍ଥାୟୀ ଜୀବନ ବୀମା ପଲିସୀର ଉଦାହରଣ । ଏଇଠି, ଜୀବନ ବୀମାକର୍ତ୍ତା ସମ୍ମତ ମୃତ୍ୟୁ ଲାଭ ପ୍ରଦାନ କରିବା ପାଇଁ ପ୍ରସ୍ତାବ ଦିଏ ଯେତେବେଳେ ବୀମିତର ମୃତ୍ୟୁ ହୁଏ, ଯେବେ ବି ମୃତ୍ୟୁ ଘଟିଥାଉ ନା କାହିଁକି, ପ୍ରିମିୟମ ସବୁକୁ ଜଣକର ଜୀବନ ସାରା କିମ୍ବା ବିନିର୍ଦ୍ଦିଷ୍ଟ ହୋଇଥିବା ଅନୁରୂପ ଏକ ସୀମିତ ସମୟ ପାଇଁ ପ୍ରଦାନ କରାଯାଇପାରେ ।

ସଂପୂର୍ଣ୍ଣ ଜୀବନ ପ୍ରିମିୟମ ମିଆଦି ପ୍ରିମିୟମଠାରୁ ଅତ୍ୟନ୍ତ ଅଧିକ ହୋଇଥାଏ ଯେହେତୁ ସଂପୂର୍ଣ୍ଣ ବୀମା ପଲିସୀଗୁଡିକର ଡିଜାଇନ୍ ବୀମିତର ମୃତ୍ୟୁ ହେବା ପର୍ଯ୍ୟନ୍ତ ପ୍ରଭାବୀ ରହିବ ଏବଂ ଯେ କୌଣସି ସମୟରେ ମୃତ୍ୟୁ ଲାଭ ଦିଆଯାଇପାରେ, ବୋଲି କରାଯାଇଥାଏ । ଯୋଜନାଟି ପଲିସୀଧାରକର ଆକାଉଣ୍ଟରେ ଏକ ନଗଦ ମୂଲ୍ୟର ବି ପ୍ରାବଧାନ ରଖିଥାଏ । ସେ ଏହି ନଗଦ ମୂଲ୍ୟରୁ ଏକ ପଲିସୀ ଋଣ ଆକାରରେ ନଗଦ ଆହରଣ କରିପାରେ କିମ୍ବା ଏହାର ନଗଦ ମୂଲ୍ୟ ବଦଳରେ ପଲିସୀକୁ ସମର୍ପଣ କରି ମୋଚନ ବି କରିପାରେ ।

ବାକି ଦେୟ ଋଣ ସବୁ କ୍ଷେତ୍ରରେ, ଋଣର ପରିମାଣ ଓ ସୁଧକୁ ଲାଭଗ୍ରହୀତାଙ୍କ ମୃତ୍ୟୁରେ ତାଙ୍କ ପ୍ରାପ୍ୟ ରାଶିଠାରୁ କାଟି ଦିଆଯାଇଥାଏ ।

ଏକ ସଂପୂର୍ଣ୍ଣ ଜୀବନ ପଲିସୀ ପରିବାରର ମୁଖ୍ୟ ଉପାର୍ଜନକାରୀ ପାଇଁ ଏକ ଉତ୍ତମ ଯୋଜନା ଅଟେ ଯିଏ ଅକାଳ ମୃତ୍ୟୁ ଅବସରରେ ତାର ପ୍ରିୟ ଜନମାନଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ଏବଂ ଚରମ ରୋଗ ଭଳି ବିଭିନ୍ନ ଘଟଣା କାରଣରୁ ହେଉଥିବା ଅପକ୍ଷରଣ ବିରୁଦ୍ଧରେ ତାର ପୁଞ୍ଜିକୁ ସଂରକ୍ଷିତ କରିବାକୁ ଚାହେଁ । ଜଣେ ଅବସରଗ୍ରହଣ ଆବଶ୍ୟକତାଗୁଡିକ ପାଇଁ ମଧ, ଯଦି ଆବଶ୍ୟକ ହୁଏ, ସଂପୂର୍ଣ୍ଣ ଜୀବନ ବୀମା ପଲିସୀର ନଗଦ ମୂଲ୍ୟର ଉପଯୋଗ କରିପାରେ । ସଂପୂର୍ଣ୍ଣ ଜୀବନ ବୀମା, ଏ ପ୍ରକାରେ, ଗୃହସ୍ଥ ସଂଚୟରେ ଏବଂ ପରବର୍ତ୍ତୀ ପୀଢ଼ିକୁ ଦେବା ପାଇଁ ଧନ ସୃଷ୍ଟି କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

## 3. ଏଣ୍ଡାଓମେଣ୍ଟ ବୀମା

ଏହା ହେଉଛି ଏକ ଚୁକ୍ତି ଯେଉଁଥିରେ ପଲିସୀ ଅବଧିରେ ବୀମିତର ମୃତ୍ୟୁ କ୍ଷେତ୍ରରେ ବୀମିତର ନାମିତମାନଙ୍କୁ ବୀମା ରାଶି ଦେୟ ହୋଇଥାଏ । ଯଦି ବୀମିତ ଅବଧିରେ ଜୀବିତ ରହେ ବୀମା ରାଶିକୁ ବୀମିତକୁ ପ୍ରଦାନ କରାଯାଏ ।

ଉତ୍ପାଦରେ ଉଭୟ ମୃତ୍ୟୁ ଏବଂ ଜୀବିତ ଲାଭ ଘଟକ ରହିଛି ଏନ୍ଡାଓମେଣ୍ଟ୍ ବୀମା ସଂଚୟ ସଂଚୟୀକରଣର ଏକ ନିରାପଦ ଓ ଅନିବାର୍ଯ୍ୟ ପଦ୍ଧତି କରି ଜଣକର ବୀମା ଓ ସଂଚୟ କାର୍ଯ୍ୟକ୍ରମକୁ ସଂଯୁକ୍ତ କରେ ।

ଲୋକେ ବୃଦ୍ଧାବସ୍ଥା ପାଇଁ ପ୍ରାବଧାନର ଏକ ନିଶ୍ଚିତ ପଦ୍ଧତି ରୂପେ କିମ୍ବା ବିଶେଷ ଉଦ୍ଦେଶ୍ୟଗୁଡିକୁ ପୂରଣ କରିବା ପାଇଁ ଯେପରି କି (କ) ଶୈକ୍ଷଣିକ ଉଦ୍ଦେଶ୍ୟ, (ଖ) ପିଲାମାନଙ୍କ ବିବାହ ଖର୍ଚ୍ଚର ସମ୍ମୁଖୀନ ହେବା ପାଇଁ କିମ୍ବା (ଗ) ଏକ ବନ୍ଧକ (ଗୃହ ନିର୍ମାଣ) ଋଣ ପ୍ରଦାନ କରିବା ପାଇଁ ଫଣ୍ଡ ରଖିବା ପାଇଁ ଏନ୍ଡାଓମେଣ୍ଟ ଯୋଜନା କ୍ରୟ କରିଥାନ୍ତି ।

ସରକାର ସାଧାରଣତଃ ପ୍ରଦାନ କରାଯାଇଥିବା ପ୍ରିମିୟମ ଉପରେ କର ଲାଭ ପ୍ରଦାନ କରିଥାନ୍ତି, ଯାହା ଏହାକୁ ଆକର୍ଷଣୀୟ କରିଥାଏ । ଅନେକ ଏନ୍ଡାଓମେଣ୍ଟ ପଲିସୀ 55 ଠାରୁ 65 ଆୟୁରେ ପରିପକ୍ୱତା ଲାଭ କରିଥାଏ, ଯେତେବେଳେ ବୀମିତ ତାର ଅବସରଗ୍ରହଣ ପାଇଁ ଯୋଜନା କରୁଥାଏ । ସେଭଳି କ୍ଷେତ୍ରରେ ଏ ଭଳିଆ ପଲିସୀ ଅବସରଗ୍ରହଣ ସଂଚୟର ପୂରକ ହୋଇଥାନ୍ତି ।

ବିବିଧତା: ଏନ୍ଡାଓମେଣ୍ଟ୍ ବୀମାର କେତେକ ଭିନ୍ନ ଭିନ୍ନ ପ୍ରକାର ଅଛନ୍ତି –ଯାହା ବିଷୟରେ ନିମ୍ନରେ ଆଲୋଚନା କରାଯାଇଛି ।

### 4. ମନି ବ୍ୟାକ୍ ପଲିସୀ

ମନି ବ୍ୟାକ୍ ପଲିସୀ ଭାରତରେ ଏକ ଲୋକପ୍ରିୟ ଏନ୍ଡାଓମେଣ୍ଟ ଯୋଜନା ଅଟେ । ଏଥିରେ ଅବଧି ସମୟରେ ବୀମା ରାଶିର କିଛି ଅଂଶକୁ କିସ୍ତିରେ ଏବଂ ଅବଶିଷ୍ଟ ବୀମା ରାଶିକୁ ଅବଧିର ସମାପ୍ତିରେ ଫେରସ୍ତ କରିବାର ପ୍ରାବଧାନ ରହିଛି ।

| **ଉଦାହରଣ** |
| --- |

20 ବର୍ଷ ପାଇଁ ଏକ ମନି ବ୍ୟାକ୍ ପଲିସୀ 5ମ, 10ମ ଏବଂ 15ଶ ବର୍ଷ ଶେଷରେ ରାଶିର 20% ଲେଖାଏଁ ଜୀବିତ ଲାଭ ଏବଂ 20 ବର୍ଷ ସଂପୂର୍ଣ୍ଣ ଅବଧିର ସମାପ୍ତିରେ ଅବଶିଷ୍ଟ 40% ପ୍ରଦାନ କରିବାର ପ୍ରାବଧାନ ରଖିପାରେ । ଯଦି ଜୀବନ ବୀମିତ, ଧରନ୍ତୁ 18 ବର୍ଷର ଶେଷରେ ମରିଯାଏ, ସଂପୂର୍ଣ୍ଣ ବୀମା ରାଶି ଏବଂ ଉପାର୍ଜିତ ବୋନସ (ପରବର୍ତ୍ତୀ ବିଭାଗରେ ବ୍ୟାଖ୍ୟା କରାଯାଇଛି) କୁ ମୃତ୍ୟୁ ଲାଭ ରୂପେ ପ୍ରଦାନ କରାଯାଏ, ଯଦିଓ ବୀମିତକୁ ମନି ବ୍ୟାକ୍ ରୂପେ, ଅଙ୍କିତ ମୂଲ୍ୟର 60% ର ଲାଭ ପୂର୍ବରୁ ପ୍ରଦାନ କରାଯାଇପାରେ ।

ମନି ବ୍ୟାକ୍ ଯୋଜନାସବୁ ସେମାନଙ୍କ ଦ୍ରବତା (କ୍ୟାଶ୍ ବ୍ୟାକ୍) ପାଇଁ ଲୋକପ୍ରିୟ ହୋଇଛି, ଯାହା ସେଗୁଡିକୁ ଅଳ୍ପ ଓ ମଧ୍ୟମ ଅବଧି ଆବଶ୍ୟକତାଗୁଡିକୁ ପୂରଣ କରିବା ପାଇଁ ଆକର୍ଷଣୀୟ କରିଛି । ସେଭଳି ଯୋଜନାସବୁ ସଂପୂର୍ଣ୍ଣ ମୃତ୍ୟୁ ସୁରକ୍ଷା ମଧ୍ୟ ଯୋଗାଇଥାନ୍ତି । ଯଦି ବ୍ୟକ୍ତିଟି ପଲିସୀର ଅବଧି ମଧ୍ୟରେ କୌଣସି ବି ସମୟରେ ମରିଯାଏ ।

### 5. ସହଭାଗୀତା (Par) ଏବଂ ଅଣ-ସହଭାଗୀତା (Non-Par) ଯୋଜନା

ଜୀବନ ବୀମା ଉତ୍ପାଦସବୁକୁ ସହଭାଗୀତା (Par) ଏବଂ ଅଣ-ସହଭାଗୀତା (Non-Par) ଉତ୍ପାଦ ରୂପେ ମଧ୍ୟ ଶ୍ରେଣୀଭୁକ୍ତ କରାଯାଇପାରେ । "Par" ଶବ୍ଦ ସେହି ପଲିସୀଗୁଡିକୁ ସୂଚାଏ ଯେଉଁସବୁ ଜୀବନ ବୀମାକର୍ତ୍ତାର ଲାଭରେ ସହଭାଗୀ ହୋଇଥାନ୍ତି । "Non-Par," ଅନ୍ୟ ପକ୍ଷରେ, ସେହି ପଲିସୀଗୁଡିକୁ ପ୍ରତିପାଦିତ କରେ ଯେଉଁଗୁଡିକ ଲାଭରେ ସହଭାଗୀ ହୋଇ ନ ଥାନ୍ତି । ପାରମ୍ପରିକ ଜୀବନ ବୀମାରେ ଉଭୟ ପ୍ରକାର ଉପସ୍ଥିତ ଥାଆନ୍ତି । ସମସ୍ତ ପାରମ୍ପରିକ ଯୋଜନା ଅନ୍ତର୍ଗତ, ସମୁଚ୍ଚୟ କରାଯାଇଥିବା ଜୀବନ ନିଧି, ଯାହାକୁ ପଲିସୀଧାରକମାନଙ୍କ, ପ୍ରିମିୟମସବୁଠାରୁ ଜାତ କରାଯାଇଥାଏ, ସେଗୁଡିକୁ ବିନିୟାମକ ନିୟମ ଅନୁସାରେ ନିବେଶ କରାଯାଇଥାଏ । ସେହି ପଲିସୀଧାରକ ଯେଉଁମାନେ 'ପାର୍ ଉତ୍ପାଦଗୁଡିକ' ପାଇଁ ଚୟନ କରିଥାନ୍ତି, ସେମାନେ ଗ୍ୟାରେଣ୍ଟିଯୁକ୍ତ ବୀମା ରାଶି ଅତିରିକ୍ତ, ବୀମାକର୍ତ୍ତା ଦ୍ୱାରା ଜାତ କରାଯାଇଥିବା ଅଧିଶେଷ (ବୋନସ) ର ଏକ ଅଂଶ ପାଇବାର ଯୋଗ୍ୟ ହୋଇଥାନ୍ତି । ଏସବୁକୁ "ଲାଭ ସହିତ" ଯୋଜନା କୁହାଯାଏ ।

## 6. ଅଣ-ସହଭାଗୀତା ଉତ୍ପାଦ

ସେହି ପଲିସୀ ଧାରକ ଯେଉଁମାନେ ଅଣ-ଲିଙ୍କ୍ଡ ଲାଭ ସହିତ [non-par] ଯୋଜନାଗୁଡିକୁ କ୍ରୟ କରନ୍ତି, ସେମାନଙ୍କୁ ସେହି ଲାଭ ପ୍ରଦାନ କରାଯାଏ ଯେଉଁ ସବୁକୁ ଚୁକ୍ତିର ଆରମ୍ଭରେ ନିଶ୍ଚିତ ଓ ଗ୍ୟାରେଣ୍ଟିଯୁକ୍ତ କରାଯାଇଥାଏ, ଏବଂ କିଛି ବି ଅଧିକ ନୁହେଁ । ଅଣ-ସହଭାଗୀତା ଉତ୍ପାଦଗୁଡିକୁ ଏକ 'ଲିଙ୍କ୍ଡ ପ୍ଲାଟଫର୍ମ' 'ଅଣ-ଲିଙ୍କ୍ଡ ପ୍ଲାଟଫର୍ମ' ଅନ୍ତର୍ଗତ ପ୍ରଦାନ କରାଯାଇପାରେ । ଏଗୁଡିକୁ "ଲାଭ ରହିତ" ଯୋଜନା କୁହାଯାଏ ।

| ଉଦାହରଣ |
|---|

ଜଣେ ବ୍ୟକ୍ତି ପାଖରେ 20 ବର୍ଷର ଏକ ଏଣ୍ଡାଓମେଣ୍ଟ ପଲିସୀ ଅଛି ଯାହା ଅବଧିର ପ୍ରତ୍ୟେକ ବର୍ଷର ବୀମା ରାଶିର2 % ର ଏକ ଗ୍ୟାରେଣ୍ଟିଯୁକ୍ତ ଅତିରିକ୍ତ ରାଶି ପ୍ରଦାନ କରିପାରେ ,ଯାହା ଫଳରେ ପରିପକ୍ୱତା ଲାଭ ହୋଇଥାଏ ବୀମା ରାଶିଯୁକ୍ତ ବୀମାରାଶିର40 % ର ମୋଟ ସଂଯୋଜନ ।

---

ପାରମ୍ପରିକ ନନ୍-ପାର୍ ପଲିସୀଗୁଡିକ ଉପରେ ଆଇ.ଆର.ଡି.ଏ.ଆଇ. ର ମାର୍ଗଦର୍ଶିକା ଅନ୍ତର୍ଗତ, ଏକ ବିନିର୍ଦ୍ଦିଷ୍ଟ ଘଟଣା ଘଟିବାରେ ପ୍ରଦାନ କରାଯିବାକୁ ଥିବା ଲାଭସବୁ ବିଷୟରେ ଆରମ୍ଭରେ ସ୍ପଷ୍ଟରୂପେ ଉଲ୍ଲେଖ କରିବାକୁ ପଡ଼ିଥାଏ ଏବଂ ଏହାକୁ ଏକ ସୂଚୀପତ୍ର କିମ୍ବା ବେଞ୍ଚମାର୍କ ସହିତ ସଂଯୁକ୍ତ କରାଯାଇ ନ ଥାଏ । ଏହା ଅତିରିକ୍ତ ଲାଭ ଉପରେ ବି ଲାଗୁ ହୁଏ ଯାହା ସବୁ ନିୟମିତ ଅନ୍ତରାଳରେ ଉପାର୍ଜିତ ହୋଇଥାଏ । ଏହାର ଅର୍ଥ ହେଉଛି ଯେ ଏହିସବୁ ପଲିସୀ ଉପରେ ମିଳୁଥିବା ରିଟର୍ଣ୍ଣ ସମ୍ବନ୍ଧରେ ପଲିସୀ ନେବା ସମୟରେ ନିଶ୍ଚିତ ଭାବେ ପ୍ରକଟୀକରଣ କରିବା ଉଚିତ ।

| ମହତ୍ତ୍ୱପୂର୍ଣ୍ଣ |
|---|

ମୃତ୍ୟୁ ଲାଭଗୁଡିକ ସମୟ ସମୟରେ ଜାରୀ କରାଯାଉଥିବା ଆଇ.ଆର୍.ଡି.ଏ.ଆଇ. ର ବିନିୟମନ ଅନ୍ତର୍ଗତ ହୋଇଥାଏ । ବର୍ତ୍ତମାନ ସମୟରେ, ପାରମ୍ପରିକ ଉତ୍ପାଦ ସମ୍ବନ୍ଧୀୟ ଆଇ.ଆର୍.ଡି.ଏ.ଆଇ. (ଅଣ-ଲିଙ୍କ୍ଡ) ଉତ୍ପାଦ ବିନିୟମନ, 2019 ର ବିନିୟମନ 9 ଅନୁଯାୟୀ, ସର୍ବନିମ୍ନ ମୃତ୍ୟୁ ସୁରକ୍ଷା ନିମ୍ନ ଭଳି ଅଟେ:

ସମସ୍ତ ଅଣ-ଲିଙ୍କ୍ଡ ବୈୟକ୍ତିକ ଜୀବନ ବୀମା ଉତ୍ପାଦଗୁଡିକ ପାଇଁ, ପଲିସୀର ସମଗ୍ର ଅବଧି ମଧରେ ମୃତ୍ୟୁ ଉପରେ ସର୍ବନିମ୍ନ ବୀମା ରାଶି, ସୀମିତ କିମ୍ବା ନିୟମିତ ପ୍ରିମିୟମ ଉତ୍ପାଦଗୁଡିକ ପାଇଁ, ବାର୍ଷିକୀକୃତ ପ୍ରିମିୟମର 7 ଗୁଣଠାରୁ, ଏବଂ ଏକକ ପ୍ରିମିୟମ ଉତ୍ପାଦଗୁଡିକ ପାଇଁ ଗୋଟିଏ ପ୍ରିମିୟମର 1.25 ଗୁଣ ଠାରୁ କମ୍ ହେବ ନାହିଁ ।

ସହଭାଗୀତା ଉତ୍ପାଦଗୁଡିକ ପାଇଁ, ମୃତ୍ୟୁରେ ବୀମା ରାଶି ଅତିରିକ୍ତ, ପଲିସୀରେ ଉଲ୍ଲେଖ କରାଯାଇଥିବା ଅନୁସାରେ ଓ ମୃତ୍ୟୁ ତାରିଖ ପର୍ଯ୍ୟନ୍ତ ଉପାର୍ଜିତ ବୋନସ ଓ ଅତିରିକ୍ତ ଲାଭସବୁ, ଯଦି ପୂର୍ବରୁ ପ୍ରଦାନ କରାଯାଇ ନ ଥିବ, ମୃତ୍ୟୁ ପରେ ମୃତ୍ୟୁ ଲାଭର ଅଂଶ ରୂପେ, ଦେୟ ହେବ । ବସ୍ତୁତଃ, ଦୁଇ ପ୍ରକାରର ଯୋଜନା ଅଛି, ସହଭାଗୀତା ଏବଂ ଅଣ-ସହଭାଗୀତା ଯୋଜନା ।

i. ସହଭାଗୀତା ପଲିସୀଗୁଡିକ ପାଇଁ, ବୋନସ ଟି ନିଧିର ନିବେଶ ସଂପାଦନ ସହିତ ସଂଯୁକ୍ତ ଥାଏ ଏବଂ ପୂର୍ବରୁ ଘୋଷିତ କିମ୍ବା ଗ୍ୟାରେଣ୍ଟିଯୁକ୍ତ କରାଯାଇ ନ ଥାଏ । ବୋନସକୁ ଥରେ ଘୋଷିତ କରିଦେଲେ, ଏହା ଗ୍ୟାରେଣ୍ଟି ହୋଇଯାଏ । ଏହାକୁ ସାଧାରଣତଃ ପଲିସୀଧାରକର ମୃତ୍ୟୁ ଘଟଣାରେ କିମ୍ବା ପରିପକ୍ୱତା ଲାଭ ରୂପେ ଦିଆଯାଇଥାଏ । ଏହି ବୋନସକୁ ପ୍ରତ୍ୟାବର୍ତ୍ତୀ ବୋନସ ମଧ କୁହାଯାଏ ।

ii. ଅଣ-ସହଭାଗୀତା ପଲିସୀଗୁଡିକ କ୍ଷେତ୍ରରେ, ପଲିସୀ ଉପରେ ରିଟର୍ଣ୍ଣ ବିଷୟରେ ପଲିସୀର ଆରମ୍ଭରେ ହିଁ ପ୍ରକଟ କରାଯାଇଥାଏ ।

## 7. ପେନସନ୍ ଯୋଜନା ଏବଂ ଏନୁଇଟୀ (ବାର୍ଷିକୀ)

ଏକ ପେନସନ ଯୋଜନା ହେଉଛି ସାଧାରଣତଃ ଏକ ନିଧି ଯେଉଁଥିରେ ଏକ ବ୍ୟକ୍ତିର ନିଯୁକ୍ତି ସମୟାବଧିରେ ଟଙ୍କା ପ୍ରଦାନ କରାଯାଇଥାଏ ଏବଂ ଯେଉଁ ନିଧିଠାରୁ ତା' କାର୍ଯ୍ୟରୁ ସେବାନିବୃତି ପରେ ବ୍ୟକ୍ତିକୁ ସହାୟତା ଯୋଗାଇବା ପାଇଁ ଆବଧିକ ରାଶିପ୍ରଦାନ ରୂପେ ଟଙ୍କା ବାହାର କରାଯାଇଥାଏ ।

ପେନସନ୍ ଯୋଜନାସବୁର ଅଭିକଳ୍ପନା ସମୂହ ଉପରେ (ସାଧାରଣତଃ ନିଯୁକ୍ତିକର୍ତ୍ତା ପ୍ରେରିତ) କିମ୍ବା ବୈୟକ୍ତିକ ଆଧାରରେ କରାଯାଇଥାଏ । ଏକ ସମୂହ ପେନସନ୍ କୁ ଏକ "ନିର୍ଦ୍ଧାରିତ ଲାଭ ଯୋଜନା" ହୋଇପାରେ, ଯେଉଁଠି ଏକ ବ୍ୟକ୍ତିକୁ ନିୟମିତ ରୂପେ ନିଶ୍ଚିତ ରାଶି ପ୍ରଦାନ କରାଯାଏ, କିମ୍ବା ଏକ "ନିର୍ଦ୍ଧାରିତ ଅଂଶଦାନ ଯୋଜନା" ହୋଇପାରେ, ଯାହା ଅନ୍ତର୍ଗତ ଏକ ନିଶ୍ଚିତ ରାଶିର ନିବେଶ କରାଯାଏ ଯାହା ସେବାନିବୃତି (ଅବସର ଗ୍ରହଣ) ସମୟରେ ଉପଲବ୍ଧ ହୋଇଥାଏ । ପେନସନସବୁ ବସ୍ତୁତଃ ଗ୍ୟାରେଣ୍ଟିଯୁକ୍ତ ଜୀବନ ଏନୁଇଟୀ ହୋଇଥାନ୍ତି, ଏବଂ ଏ ପ୍ରକାରେ ଦୀର୍ଘଜୀବନର ସଙ୍କଟ ବିରୁଦ୍ଧରେ ବୀମିତ ହୋଇଥାଏ । ଏକ କର୍ମଚାରୀର ଲାଭ ପାଇଁ ନିଯୁକ୍ତିଦାତା ଦ୍ୱାରା ଜାତ କରାଯାଇଥିବା ଏକ ପେନସନକୁ ସାଧାରଣତଃ ଏକ ବ୍ୟବସାୟିକ କିମ୍ବା ନିଯୁକ୍ତିଦାତା ପେନସନ ରୂପେ ସୂଚୀତ କରାଯାଇଥାଏ ।

ଅବସରଗ୍ରହଣ ପରେ, ସଦସ୍ୟର ଆକାଉଣ୍ଟରେ ଥିବା ଟଙ୍କାକୁ ସେବାନିବୃତି ଲାଭ ପ୍ରଦାନ କରିବାରେ ଉପଯୋଗ କରାଯାଏ, ସାଧାରଣତଃ ଏକ ଏନୁଇଟୀ କ୍ରୟ କରି ଯାହା ପରେ ଏକ ନିୟମିତ ଆୟ ଦେଇଥାଏ । ଏକ ଏନୁଇଟୀ ହେଉଛି ଜଣକର ଆୟର ସମାପ୍ତିର ସଙ୍କଟଠାରୁ ତାକୁ ସୁରକ୍ଷା ପ୍ରଦାନରେ ସାହାଯ୍ୟ କରିବା ପାଇଁ ଡିଜାଇନ୍ କରି ଏକ ବୀମା କମ୍ପାନୀ ଦ୍ୱାରା ଜାରୀ କରାଯାଇଥିବା ଏକ ଦୀର୍ଘାବଧି ନିବେଶ । ବାର୍ଷିକୀକରଣ ଜରିଆରେ, ଜଣକର ଅଂଶଦାନସବୁକୁ ଆବଧିକ ରାଶିପ୍ରଦାନରେ ପରିବର୍ତ୍ତିତ କରାଯାଏ ଯାହା ସାରା ଜୀବନ ପାଇଁ ରହିପାରେ ।

ବ୍ୟକ୍ତିମାନେ ବୀମା କମ୍ପାନୀମାନଙ୍କଠାରୁ ପେନସନ ଯୋଜନା କ୍ରୟ କରି ପେନସନର ଲାଭ ଉଠାଇପାରନ୍ତି । ପେନସନ ଯୋଜନାଗୁଡିକ ସଂଚୟୀକରଣ କିମ୍ବା ବିଳମ୍ବିତ ଆଧାରରେ ହୋଇଥାଏ ଯାହା ଏକ ବ୍ୟକ୍ତିକୁ ଦୁଇ ଉପାୟରେ ଅଂଶଦାନ କରିବାର ଅନୁମତି ଦେଇଥାଏ, (i) ଏକ ମୋଟା ଆକାରରେ, କିମ୍ବା (ii) ଏକ ସମୟାବଧିରେ; ଯାହାଫଳରେ ସେ ବାଞ୍ଛିତ ଆୟୁ/ତାରିଖ ('ଭେଷ୍ଟିଙ୍ଗ୍'ତାରିଖ କୁହାଯାଉଥିବା) ଠାରୁ ଏକ ପେନସନ୍ ପ୍ରାପ୍ତ କରିପାରେ । ଜଣେ ପେନସନ/ଏନୁଇଟୀକୁ ମାସିକ, ତ୍ରୈମାସିକ, ଅର୍ଦ୍ଧ-ବାର୍ଷିକ କିମ୍ବା ବାର୍ଷିକ ପଦ୍ଧତିରେ ପ୍ରାପ୍ତ କରିବା ପାଇଁ ବିକଳ୍ପ ଦେଇପାରେ । ପେନସନ ଯୋଜନାସବୁ ଏକ ମୋଟା ରାଶି ପରିମାଣ ପ୍ରଦାନ କରି, କ୍ରୟର ପରବର୍ତ୍ତୀ ମାସରୁ ତତ୍କାଳ ଆଧାରରେ ମଧ୍ୟ ଉପଲବ୍ଧ ହୋଇପାରନ୍ତି, ଯାହାକୁ ତତ୍କାଳ ଏନୁଇଟୀ କୁହାଯାଏ ।

ଭାରତୀୟ ବୀମା ଉଦ୍ୟୋଗରେ ଜୀବନ ବୀମାକର୍ତ୍ତାମାନଙ୍କ ଦ୍ୱାରା ମାର୍କେଟ୍ କରାଯାଉଥିବା ଅନେକ ବିଳମ୍ବିତ ଓ ତତ୍କାଳ ଏନୁଇଟୀ ଉତ୍ପାଦ ଅଛନ୍ତି । ପ୍ରତ୍ୟେକ ଉତ୍ପାଦର ନିଜର ବିଶେଷତା, ନିୟମାବଳୀ, ସର୍ତ୍ତାବଳୀ ଏବଂ ଏନୁଇଟୀ ବିକଳ୍ପ ରହିଥାଏ ।

**ସରଳ ପେନସନ:** ବୀମାକର୍ତ୍ତାମାନଙ୍କ ମଧ୍ୟରେ ସମାନତା ରଖିବା ପାଇଁ, ଏନୁଇଟୀ ଯୋଜନା ସମ୍ବନ୍ଧରେ ବଜାରରେ ଭ୍ରାନ୍ତିକୁ କମ୍ କରିବା ପାଇଁ, ଏବଂ ସେହି ଉତ୍ପାଦ, ଯାହା ବଡ଼ ଆକାରରେ ଏକ ମଧ୍ୟମ ବର୍ଗୀୟ ଗ୍ରାହକର ଆବଶ୍ୟକତାସବୁକୁ ପୂରଣ କରିବ, ତାକୁ ଉପଲବ୍ଧ କରାଇବା ପାଇଁ, ଜାନୁଆରୀ 2021 ରେ, ଆଇ.ଆର.ଡ.ଏ.ଆଇ. ସମସ୍ତ ଜୀବନକର୍ତ୍ତାମାନଙ୍କୁ, ଏକ ବୈୟକ୍ତିକ (ସମୂହ ନୁହେଁ) ଆଧାରରେ, ସରଳ ବିଶେଷତା ଏବଂ ମାନକ ନିୟମ ଓ ସର୍ତ୍ତାବଳୀ ଥିବା, ଏକ ମାନକ,ତତ୍କାଳ ଏନୁଇଟୀ ଉତ୍ପାଦ ପ୍ରବର୍ତ୍ତିତ କରିବା ପାଇଁ ଶାସନାଦେଶ ଜାରୀ କରିଛି । ସେଭଳି ଏକ ମାନକ ଉତ୍ପାଦ, ଗ୍ରାହକମାନଙ୍କ ପାଇଁ ସୂଚୀତ ବିକଳ୍ପର ଚୟନ କରିବା ପାଇଁ, ବୀମାକର୍ତ୍ତା ଓ ବୀମିତଙ୍କ ମଧ୍ୟରେ ବିଶ୍ୱାସ ବୃଦ୍ଧି କରିବା ପାଇଁ, ଏବଂ କୁ-ବିକ୍ରୟ ତଥା ସମ୍ଭାବ୍ୟ ବିବାଦକୁ କମ୍ କରିବା ପାଇଁ ଅଧିକ ସହଜ କରିଦେବ ।

ମାନକ ବୈୟକ୍ତିକ ତତ୍କାଳ ଏନୁଇଟୀ ଉତ୍ପାଦକୁ "ସରଳ ପେନସନ" କୁହାଯାଏ, ଯାହାକୁ ପୂର୍ବରୁ ବୀମାକର୍ତ୍ତାର ନାମ ଲଗାଯାଇଥାଏ । ଉତ୍ପାଦ ନିମ୍ନରେ ଦିଆଯାଇଥିବା ଦୁଇ (ଏବଂ କେବଳ ଦୁଇ) ଗୋଟି ଏନୁଇଟୀ ବିକଳ୍ପ ପ୍ରଦାନ କରେ:

a) ଜୀବନ ଏନୁଇଟୀ-କ୍ରୟମୂଲ୍ୟର 100% ଫେରସ୍ତ ଥାଇ; ଏବଂ

b) ସଂଯୁକ୍ତ ଜୀବନ ଏନୁଇଟୀ-ପ୍ରାଥମିକ ବାର୍ଷିକଗ୍ରାହୀ (ଏନୁଇଟାନ୍ଟ) ର ମୃତ୍ୟୁରେ ଦ୍ୱିତୀୟକ ବାର୍ଷିକୀଗ୍ରାହୀକୁ 100% ଫେରସ୍ତର ପ୍ରାବଧାନ ଥାଇ ।

ଏନୁଇଟୀ ପ୍ରଦାନର ପଦ୍ଧତି ମାସିକ, ତ୍ରୈମାସିକ, ଅର୍ଦ୍ଧ-ବାର୍ଷିକ ଏବଂ ବାର୍ଷିକ ହୋଇପାରେ । ବିସ୍ତୃତ ବିବରଣୀ ଆଇ.ଆର.ଡି.ଏ.ଆଇ.ର ୱେବସାଇଟ୍ ରେ ନିମ୍ନଲିଖିତ ଲିଙ୍କ୍ ରେ ଉପଲବ୍ଧ ଅଛି - https://www.irdai.gov.in/ADMINCMS/cms/whatsNew_Layout.aspx?page=PageNo4353&flag=1

**ସ୍ୱୟଂ ପରୀକ୍ଷା କରନ୍ତୁ2**

ସଂପୂର୍ଣ୍ଣ ଜୀବନ ବୀମା ପାଇଁ ପ୍ରଦାନ କରାଯାଉଥିବା ପ୍ରିମିୟମ ମିଆଦି ବୀମା ପାଇଁ ପ୍ରଦାନ କରାଯାଇଥିବା ପ୍ରିମିୟମ ଠାରୁ ____________ ହୋଇଥାଏ ।

I. ଅଧିକ

II. କମ୍

III. ସମାନ

IV. ଅତ୍ୟନ୍ତ ଅଧିକ

---

**ସାରାଂଶ**

- ଜୀବନ ବୀମା ଉତ୍ପାଦଗୁଡିକ ଏକ ବ୍ୟକ୍ତିର ଉତ୍ପାଦକ କ୍ଷମତାର ଆର୍ଥିକ ମୂଲ୍ୟର ହାନି ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରନ୍ତି, ଯାହା ତାର ଆଶ୍ରିତମାନଙ୍କ ପାଇଁ କିମ୍ବା ନିଜ ପାଇଁ ଉପଲବ୍ଧ ଥାଏ ।
- ଏକ ଜୀବନ ବୀମା ପଲିସୀ, ମୂଳତଃ, ବ୍ୟକ୍ତିର ନିକଟତମ ଓ ପ୍ରିୟ ଜନମାନଙ୍କୁ ମାନସିକ ଶାନ୍ତି ଓ ସୁରକ୍ଷା ପ୍ରଦାନ କରିଥାଏ ଯଦି ତାର କିଛି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ଘଟେ ।
- ମିଆଦି/ଅବଧି ବୀମା ଏକ ନିର୍ଦ୍ଦିଷ୍ଟ ସମୟାବଧି, ଯାହାକୁ ଚୁକ୍ତିରେ ବିନିର୍ଦ୍ଦିଷ୍ଟ କରାଯାଇଥିବ, ତା' ପାଇଁ କେବଳ ବୈଧ ସୁରକ୍ଷା ପ୍ରଦାନ କରିଥାଏ ।
- ମିଆଦି ବୀମାର ଅନନ୍ୟ ବିକ୍ରୟ ପ୍ରସ୍ତାବ (USP) ହେଉଛି ଏହାର ନିମ୍ନ ମୂଲ୍ୟ, ଯାହା ଜଣେ ବ୍ୟକ୍ତିକୁ ଏକ ସୀମିତ ବଜେଟ୍ ମଧ୍ୟରେ ଅପେକ୍ଷାକୃତ ଅଧିକ ପରିମାଣର ଜୀବନ ବୀମା କ୍ରୟ କରିବାପାଇଁ ସକ୍ଷମ କରାଇଥାଏ ।
- ଯେତେବେଳେ ମିଆଦି ବୀମା ପଲିସୀଗୁଡିକ ଅସ୍ଥାୟୀ ବୀମାର ଉଦାହରଣ ଅଟନ୍ତି, ଯେଉଁଠି ବୀମା ସୁରକ୍ଷା ଏକ ଅସ୍ଥାୟୀ ସମୟାବଧି ପାଇଁ ଉପଲବ୍ଧ ହୋଇଥାଏ, ସଂପୂର୍ଣ୍ଣ ଜୀବନ ବୀମା ଏକ ସ୍ଥାୟୀ ଜୀବନ ବୀମା ପଲିସୀର ଉଦାହରଣ ଅଟେ ।

---

**ମୁଖ୍ୟ ପଦାବଳୀ**

1. ମିଆଦି/ଅବଧି ବୀମା

2. ସଂପୂର୍ଣ୍ଣ ଜୀବନ ବୀମା

3. ଏନ୍ଡାଓମେଣ୍ଟ ବୀମା

4. ମନି ବ୍ୟାକ୍ ପଲିସୀ

5. ପାର୍ (Par) ଏବଂ ନନ୍–ପାର୍ (non-par) ଯୋଜନା

6. ପ୍ରତ୍ୟାବର୍ତ୍ତୀ ବୋନସ

**ସ୍ୱୟଂ ପରୀକ୍ଷା କରନ୍ତୁ ର ଉତ୍ତର**

ଉତ୍ତର 1 - ସଠିକ୍ ବିକଳ୍ପ ହେଉଛି III

ଉତ୍ତର 2 - ସଠିକ୍ ବିକଳ୍ପ ହେଉଛି I

# ଅଧ୍ୟାୟ L-04

## ଜୀବନ ବୀମା ଉତ୍ପାଦ : ଅଣ-ପାରମ୍ପରିକ

**ଅଧ୍ୟାୟ ପରିଚୟ**

ଏହି ଅଧ୍ୟାୟ ଆପଣଙ୍କୁ ଅଣ-ପାରମ୍ପରିକ ଜୀବନ ବୀମା ଉତ୍ପାଦମାନଙ୍କ ଦୁନିଆଁ ସହିତ ପରିଚିତ କରାଇବ । ଆମେମାନେ ପାରମ୍ପରିକ ଜୀବନ ବୀମା ଉତ୍ପାଦମାନଙ୍କ ସୀମାଗୁଡିକୁ ପରୀକ୍ଷା କରିବା ସହିତ ଆରମ୍ଭ କରିବା ଏବଂ ତା'ପରେ ଅଣ-ପାରମ୍ପରିକ ଜୀବନ ବୀମା ଉତ୍ପାଦମାନଙ୍କ ଆକର୍ଷଣ ଆଡ଼େ ଦୃଷ୍ଟିପାତ କରିବା । ଅନ୍ତିମରେ ଆମେମାନେ ବଜାରରେ ଉପଲବ୍ଧ ବିଭିନ୍ନ ପ୍ରକାରର ଅଣ-ପାରମ୍ପରିକ ଜୀବନ ବୀମା ଉତ୍ପାଦମାନଙ୍କ ମଧ୍ୟରୁ କେତେକକୁ ଦେଖିବା ।

**ଅଧ୍ୟୟନ ପରିଣାମ**

A. ଅଣ-ପାରମ୍ପରିକ ଜୀବନ ବୀମା ଉତ୍ପାଦମାନଙ୍କ ଉପରେ ବିହଙ୍ଗାବଲୋକନ

B. ଅଣ-ପାରମ୍ପରିକ ଜୀବନ ବୀମା ଉତ୍ପାଦ

## A. ଅଣ –ପାରମ୍ପରିକ ଜୀବନ ବୀମା ଉତ୍ପାଦମାନଙ୍କ ଉପରେ ବିହଙ୍ଗାବଲୋକନ

### 1. ଅଣ-ପାରମ୍ପରିକ ଜୀବନ ବୀମା ଉତ୍ପାଦ – ଉଦ୍ଦେଶ୍ୟ ଏବଂ ଆବଶ୍ୟକତା

ପୂର୍ବବର୍ତ୍ତୀ ଅଧ୍ୟାୟମାନଙ୍କରେ ଆମେମାନେ କେତେକ ପାରମ୍ପରିକ ଜୀବନ ବୀମା ଉତ୍ପାଦ ଉପରେ ବିଚାର କରିଛୁ ଯେଉଁମାନଙ୍କ ମଧ୍ୟରେ ବୀମା ଏବଂ ସଂଚୟ ତତ୍ତ୍ୱ ରହିଥାନ୍ତି ।

ଲୋକମାନେ ଆର୍ଥିକ ବଜାରରେ ଥିବା ଅନ୍ୟାନ୍ୟ ପରିସମ୍ପତ୍ତି ତୁଳନୀୟ ରିଟର୍ଣ୍ଣ (ପ୍ରତିଫଳ) ର ହାର ପ୍ରଦାନ କରିବା ପାଇଁ ପାରମ୍ପରିକ ଜୀବନ ବୀମା ପଲିସୀମାନଙ୍କ କ୍ଷମତା ଉପରେ ପ୍ରଶ୍ନ କରିଆସୁଛନ୍ତି । ଲାଭ ଓ ପ୍ରିମିୟମଗୁଡିକର କେବଳ ଏକମାତ୍ର ପ୍ୟାକେଜ୍ ରେ ଯେଉଁ ପ୍ରକାରରେ ସେସବୁକୁ ସଂରଚିତ କରାଯାଇଛି, ସେ ବିଷୟରେ ବି ପ୍ରଶ୍ନସବୁ ଉଠାଯାଇଛି ।

### 2. ପାରମ୍ପରିକ ଉତ୍ପାଦମାନଙ୍କ ସୀମା

ଏକ ଗମ୍ଭୀର ପରୀକ୍ଷା ନିମ୍ନଲିଖିତ ଚିନ୍ତାର କ୍ଷେତ୍ରକୁ ଦର୍ଶାଇବ:

**ନଗଦ ମୂଲ୍ୟ ଘଟକ :** ପାରମ୍ପରିକ ପଲିସୀମାନଙ୍କରେ ସଂଚୟ କିମ୍ବା ନଗଦ ମୂଲ୍ୟ ଘଟକ ଉତ୍ତମ ରୂପେ ପରିଭାଷିତ କରାଯାଇ ନ ଥାଏ । ଏହା ଏହାକୁ ମୃତ୍ୟୁ ହାର, ସୁଧ ହାର, ଖର୍ଚ୍ଚ ଏବଂ କରାଯାଇଥିବା ଅନ୍ୟାନ୍ୟ ମାପଦଣ୍ଡ ବିଷୟରେ କମ୍ ପାରଦର୍ଶୀ କରିଥାଏ ।

**ରିଟର୍ଣ୍ଣ (ପ୍ରତିଫଳ) ର ହାର:** ପାରମ୍ପରିକ ପଲିସୀମାନଙ୍କରେ ରିଟର୍ଣ୍ଣର ହାର ସୁନିଶ୍ଚିତ କରିବା ସହଜ ନୁହଁ କାରଣ "ଲାଭ ସହିତ ପଲିସୀ" ମାନଙ୍କ ଅନ୍ତର୍ଗତ ଲାଭସବୁର ମୂଲ୍ୟ ଜଣା ପଡ଼ିପାରେ କେବଳ ସେତେବେଳେ ଯେତେବେଳେ ଚୁକ୍ତି ସମାପ୍ତ ହୋଇଯାଏ । ଏହା ଏହି ପଲିସୀଗୁଡିକୁ ଅନ୍ୟାନ୍ୟ ଆର୍ଥିକ ସାଧନ ସହିତ ତୁଳନା କରିବାରେ ଏହାକୁ କଷ୍ଟସାଧ୍ୟ କରିଥାଏ ।

**ପସମର୍ପଣ ମୂଲ୍ୟ**: ନଗଦ ଏବଂ ସମର୍ପଣ ମୂଲ୍ୟକୁ ନିରୂପଣ କରିବାର ପଦ୍ଧତି (କୌଣସି ବି ସମୟରେ), କୁ ବୀମାକର୍ତ୍ତା ଦ୍ୱାରା ନିର୍ଦ୍ଧାରିତ କରାଯାଇଥାଏ ଏବଂ ପାରଦର୍ଶିତାକୁ ନୁହେଁ ।

**ଉପାର୍ଜନ**: ଏହିସବୁ ପଲିସୀ ଉପରେ ଉପାର୍ଜନ ଅନ୍ୟାନ୍ୟ ନିବେଶଠାରୁ ଅତି କମ୍ ହୋଇଥାଏ ।

**3.** ଅଣ-ପାରମ୍ପରିକ ପଲିସୀମାନଙ୍କ ବିଶେଷତା: ଜୀବନ ବୀମା କମ୍ପାନୀମାନେ କେତେକ ନବାଚାର ବିଶିଷ୍ଟ ବିଶେଷତା ଥିବା ପଲିସୀମାନଙ୍କୁ ଡିଜାଇନ୍ କରିବା ଆରମ୍ଭ କରିଥିଲେ, ଯାହା ମଧ୍ୟରୁ କେତେକ ସମ୍ବନ୍ଧରେ ନିମ୍ନରେ ଦିଆଗଲା:

a) **ନିବେଶ ଲାଭ ସହିତ ପ୍ରତ୍ୟକ୍ଷ ସଂଯୋଗ:** ପୁଞ୍ଜି ବଜାର ସହିତ ପ୍ରତ୍ୟକ୍ଷ ସଂଯୋଗ ଥିବା ପଲିସୀଗୁଡିକୁ ନିବେଶ ଲାଭ କରିବାର ପ୍ରୟାସ ପାଇଁ ଡିଜାଇନ୍ କରାଯାଇଥିଲା ।

b) **ସେହିସବୁ ପଲିସୀ ଯାହା ମୁଦ୍ରାସ୍ଫୀତିକୁ ହରାଇପାରନ୍ତି:** ପଲିସୀଗୁଡିକୁ ମୁଦ୍ରାସ୍ଫୀତି ହାରର ନିକଟତର ରିଟର୍ଣ୍ଣ ଦେବା ପାଇଁ ଡିଜାଇନ୍ କରାଯାଇଥିଲା । ପରିବର୍ତ୍ତନ ଏହା ହୋଇଥିଲା ଯେ ବୀମାକର୍ତ୍ତାମାନେ ଏହା ଚିନ୍ତା କରିବା ଆରମ୍ଭ କଲେ ଯେ ପଲିସୀଗୁଡିକ ମେଳ ଖାଇବା ଆବଶ୍ୟକ ଯଦିଓ ସେମାନେ ମୁଦ୍ରାସ୍ଫୀତିକୁ ହରାଇ ନ ପାରିଲେ ।

c) **ନମନୀୟତା ଥିବା ପଲିସୀ:** ସେହି ପଲିସୀଗୁଡିକ ଯାହା ଗ୍ରାହକମାନଙ୍କୁ ସେହି ରାଶି (କିଛି ସୀମା ମଧ୍ୟରେ) ନର୍ଣ୍ଣୟ କରିବାର ସ୍ୱୀକୃତି ଦେଲା ଯାହା ସେମାନେ ପ୍ରଦାନ କରିବା ପାଇଁ ଚାହିଁବେ; ଏବଂ ମୃତ୍ୟୁ ଲାଭ ଓ ନଗଦ ମୂଲ୍ୟର ପରିମାଣ ଯାହା ସେମାନେ ଚାହିଁଲେ, ତାହାର ଡିଜାଇନ୍ କରାଗଲା ।

d) **ସମର୍ପଣ ମୂଲ୍ୟ:** ସେହି ପଲିସୀଗୁଡିକ ଯାହା ପାରମ୍ପରିକ ପଲିସୀ ଅନ୍ତର୍ଗତ ଉପଲବ୍ଧ ଅଧିକ ଉତ୍ତମ ସମର୍ପଣ ମୂଲ୍ୟ ଦେଲେ, ସେସବୁକୁ ମଧ୍ୟ ବୀମାକର୍ତ୍ତାମାନଙ୍କ ଦ୍ୱାରା ଡିଜାଇନ୍ କରାଗଲା ।

ଏହି ପଲିସୀଗୁଡିକ ଅତ୍ୟନ୍ତ ଲୋକପ୍ରିୟ ହେଲେ ଏବଂ ଏପରିକି ଭାରତ ସମେତ ଅନେକ ଦେଶରେ ପାରମ୍ପରିକ ଉତ୍ପାଦଗୁଡିକର ସ୍ଥାନ ନେବା ଆରମ୍ଭ କଲେ ।

**ସ୍ୱୟଂ ପରୀକ୍ଷା କରନ୍ତୁ1**

ନିମ୍ନ ମଧ୍ୟରୁ କେଉଁଟି ଏକ ଅଣ-ପାରମ୍ପରିକ ଜୀବନ ବୀମା ଉତ୍ପାଦ ଅଟେ ?

I. ମିଆଦି ବୀମା

II. ବିଶ୍ୱବ୍ୟାପୀ ଜୀବନ ବୀମା

III. ଏଣ୍ଡାଓମେଣ୍ଟ ବୀମା

IV. ସଂପୂର୍ଣ୍ଣ ଜୀବନ ବୀମା

## B. ଅଣ-ପାରମ୍ପରିକ ଜୀବନ ବୀମା ଉତ୍ପାଦ

କେତେକ ଅଣ-ପାରମ୍ପରିକ ଉତ୍ପାଦ

ଆମେମାନେ କେତେଗୁଡିଏ ଅଣ-ପାରମ୍ପରିକ ଉତ୍ପାଦ ବିଷୟରେ ଆଲୋଚନା କରିବା ଯାହାସବୁ ଭାରତୀୟ ବଜାର ଏବଂ ଅନ୍ୟ ସ୍ଥାନରେ ବି ଆବିର୍ଭାବ ହୋଇଛନ୍ତି ।

### 1. **ବିଶ୍ୱବ୍ୟାପୀ ଜୀବନ ଏବଂ ପରିବର୍ତ୍ତନୀୟ ଜୀବନ**

ବିଶ୍ୱବ୍ୟାପୀ ଜୀବନ ପଲିସୀକୁ 1979 ରେ ଯୁକ୍ତରାଷ୍ଟ୍ରରେ ଆରମ୍ଭ କରାଯାଇଥିଲା ଏବଂ ଶୀଘ୍ର ଅତ୍ୟନ୍ତ ଲୋକପ୍ରିୟ ହୋଇଗଲା । ଏହାର ବିଶେଷତାଗୁଡିକ ହେଉଛି ନମନୀୟ ପ୍ରିମିୟମ, ନମନୀୟ ଫେସ୍ ରାଶି ଏବଂ ମୃତ୍ୟୁ ଲାଭ ରାଶି । ପାରମ୍ପରିକ ପଲିସୀ, ଯେଉଁଠି ଚୁକ୍ତିକୁ ପ୍ରଭାବୀ ରଖିବା ପାଇଁ ଆବଧିକ ରୂପେ ନିର୍ଦ୍ଧାରିତ ପ୍ରିମିୟମ ଦେବାକୁ ପଡ଼ିଥାଏ, ଏହାର ବିପରୀତ ବିଶ୍ୱବ୍ୟାପୀ ଜୀବନ ପଲିସୀଗୁଡିକ ପଲିସୀଧାରକକୁ ସେହି ପ୍ରିମିୟମ ରାଶିକୁ ନିର୍ଣ୍ଣୟ କରିବାର ସ୍ୱୀକୃତି ଦିଅନ୍ତି ଯାହା ସେ ବୀମା ସୁରକ୍ଷା ପାଇଁ ଦେବା ପାଇଁ ଚାହେଁ ।

ପରିବର୍ତ୍ତନୀୟ ଜୀବନକୁ 1977 ରେ ଯୁକ୍ତରାଷ୍ଟ୍ରରେ ଆରମ୍ଭ କରାଯାଇଥିଲା । ଏହା ଏକ ପ୍ରକାରର "ସଂପୂର୍ଣ୍ଣ ଜୀବନ" ପଲିସୀ ଅଟେ ଯେଉଁଠି ଏକ ବିଶେଷ ନିବେଶ ଆକାଉଣ୍ଟ ଯେଉଁଠି ପ୍ରିମିୟମ ଜମା ହୋଇଥାଏ, ତାହାର ନିବେଶ ନିଷ୍ପାଦନ ଅନୁସାରେ ପଲିସୀର ମୃତ୍ୟୁ ଲାଭ ଏବଂ ନଗଦ ମୂଲ୍ୟର ପରିବର୍ତ୍ତନ ହୋଇଥାଏ ।

ଉପରୋକ୍ତ ଦୁଇ ପ୍ରକାରର ଉତ୍ପାଦ ଯାହାକୁ ପରିବର୍ତ୍ତନୀୟ ବୀମା ଉତ୍ପାଦ କୁହାଯାଏ, ସେଗୁଡିକର ଡିଜାଇନ୍ ଏବଂ ବିକ୍ରୟ କୁ ବନ୍ଦ କରାଯାଇଛି ଏବଂ ଆଇ.ଆର.ଡି.ଏ.ଆଇ.(ୟୁଲିପ୍) ବିନିୟମନ, 2019 ର ସଂସ୍କରଣ ରେ 2019 ଠାରୁ ଭାରତରେ ଅନୁମତି ନାହିଁ ।

### 2. **ୟୁନିଟ୍ ଲିଙ୍କ୍ଡ ବୀମା**

ୟୁନିଟ୍ ଲିଙ୍କ୍ଡ ବୀମା ଯୋଜନା, ଯାହା ୟୁଲିପ୍ (ULIP) ରୂପେ ବି ପରିଚିତ, ସେସବୁକୁ ପ୍ରଥମେ 1960 ଦଶକରେ ଯୁକ୍ତରାଜ୍ୟରେ ଆରମ୍ଭ ହୋଇଥିଲା । ସେଗୁଡିକ ଆଜିକାଲି ସବୁଠୁ ଜନପ୍ରିୟ ଓ ମହତ୍ୱପୂର୍ଣ୍ଣ ଉତ୍ପାଦମାନଙ୍କ ମଧ୍ୟରୁ ଗୋଟିଏ ରୂପେ ଆବିର୍ଭୂତ ହୋଇଛନ୍ତି, ଯାହା ଅନେକ ଗୁଡିଏ ବଜାରରେ ପାରମ୍ପରିକ ଯୋଜନାସବୁର ସ୍ଥାନ ନେଇଛନ୍ତି ।

ୟୁନିଟ୍ ଲିଙ୍କ୍ଡ ପଲିସୀମାନେ ପାରମ୍ପରିକ ଉତ୍ପାଦମାନଙ୍କ ସୀମାକୁ ଅତିକ୍ରମ କରିବାରେ ସାହାଯ୍ୟ କରିଥାନ୍ତି ।

ପଲିସୀଧାରକ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରିମିୟମ ଦୁଇ ମୁଖ୍ୟ ଅଂଶରେ ବିଭାଜିତ ହୋଇଥାଏ


- ପ୍ରଥମ ଅଂଶ ଯାହାକୁ ବୀମା ସୁରକ୍ଷା ପ୍ରଦାନ କରିବା ପାଇଁ ଉପଯୋଗ କରାଯାଏ, ଏବଂ
- ଦ୍ୱିତୀୟ ଅଂଶ ଯାହାକୁ ବୀମିତ ଦ୍ୱାରା ଚୟନ କରାଯାଉଥିବା ନିଧିରେ ନିବେଶ କରାଯାଏ ।

ସେଭଳି ଚୁକ୍ତିଗୁଡିକ ଅନ୍ତର୍ଗତ ଲାଭସବୁକୁ ସଂପୂର୍ଣ୍ଣରୂପେ କିମ୍ବା ଆଂଶିକରୂପେ ସେହି ତାରିଖ, ଯେବେ ରାଶିପ୍ରଦାନ ଦେୟ ହୁଏ, ରେ ପଲିସୀଧାରକର ଆକାଉଣ୍ଟରେ ଜମା ହେଉଥିବା ୟୁନିଟ୍ ସବୁର ମୂଲ୍ୟ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ ।

ଅନେକ ବଜାରରେ ଏହି ପଲିସୀମାନଙ୍କୁ ଏକ ସଂଲଗ୍ନ ବୀମା ଘଟକ ସହିତ ନିବେଶ ସାଧନ ରୂପେ ସ୍ଥାନିତ କରାଯାଉଥିଲା ଏବଂ ବିକ୍ରି କରାଯାଉଥିଲା ।

ପାରମ୍ପରିକ ସଂଚୟ ପଲିସୀ ଯେଉଁସବୁକୁ ବଣ୍ଡଲ୍ କରାଯାଏ, ତା' ବିପରୀତ ୟୁନିଟ୍ ଲିଙ୍କ୍ଡ ଚୁକ୍ତିସବୁକୁ ଖୋଲା କରାଯାଏ । ସ୍ୱଷ୍ଟ ରୂପେ ବିନିର୍ଦ୍ଦିଷ୍ଟ କରାଯାଇଥିବା ବୀମା ଓ ବ୍ୟୟ ଘଟକ ପାଇଁ ପ୍ରଦାନ କରିବାକୁ ଥିବା ଚାର୍ଜ ଥାଇ ସେମାନଙ୍କ ସଂରଚନା ପାରଦର୍ଶୀ ହୋଇଥାଏ ।

**ଚିତ୍ର 1 : ପ୍ରିମିୟମ ବ୍ରେକ୍-ଅପ୍**




ପ୍ରିମିୟମଠାରୁ ଚାର୍ଜସବୁକୁ କାଟିବା ପରେ, ଆକାଉଣ୍ଟର ଅବଶିଷ୍ଟ ଓ ଆୟକୁ ୟୁନିଟ୍ ମାନଙ୍କରେ ନିବେଶ କରାଯାଇଥାଏ ।

## ୟୁନିଟ୍ ମାନଙ୍କ ମୂଲ୍ୟ

ୟୁନିଟ୍ ମାନଙ୍କ ମୂଲ୍ୟକୁ ଏକ ନିୟମ କିମ୍ବା ସୂତ୍ର ଦ୍ୱାରା ପରିଭାଷିତ କରାଯାଏ, ଯାହାର ରୂପରେଖା ପୂର୍ବରୁ ପ୍ରସ୍ତୁତ କରାଯାଏ । ସାଧାରଣତଃ ୟୁନିଟ୍ ମାନଙ୍କ ମୂଲ୍ୟକୁ ଶୁଦ୍ଧ ପରିସମ୍ପତ୍ତି ମୂଲ୍ୟ (NAV) ଦ୍ୱାରା ନିରୂପିତ ହୁଏ, ଯାହା ପରିସମ୍ପତ୍ତିର ବଜାର ମୂଲ୍ୟକୁ ପ୍ରତିଫଳିତ କରେ ଯେଉଁଥିରେ ନିଧିର ନିବେଶ କରାଯାଏ । ବିଭିନ୍ନ ବ୍ୟକ୍ତି ସେହି ସମାନ ଲାଭରେ ଉପନୀତ ହୋଇପାରନ୍ତି, ଯାହା ସୂତ୍ର ଦ୍ୱାରା ଦେୟ ହୋଇଥାଏ ।

ସୂତ୍ରଟି ନିମ୍ନ ଭଳି ଅଟେ:

ଶୁଦ୍ଧ ପରିସମ୍ପତ୍ତି ମୂଲ୍ୟ [NAV] = ନିଧିର ପରିସମ୍ପତ୍ତିର ବଜାର ମୂଲ୍ୟ /ନିଧିମାନଙ୍କ ୟୁନିଟ୍ ସଂଖ୍ୟା

ଏ ପ୍ରକାରେ, ପଲିସୀଧାରକର ଲାଭସବୁ ଜୀବନ ବୀମା କମ୍ପାନୀର ପୂର୍ବଧାରଣା ଉପରେ ନିର୍ଭର କରେ ନାହିଁ ।

ୟୁନିଟ୍ ଲିଙ୍କ୍ଡ ପଲିସୀଗୁଡିକ ପଲିସୀଧାରକମାନଙ୍କୁ ବିଭିନ୍ନ ପ୍ରକାରର ନିଧି (ଫଣ୍ଡ) ମଧ୍ୟରୁ ଚୟନ କରିବାର ଅନୁମତି ଦେଇଥାନ୍ତି । ପ୍ରତ୍ୟେକ ଫଣ୍ଡରେ ବିଭିନ୍ନ ପୋର୍ଟଫୋଲିଓ ମିଶ୍ରଣ ରହିଥିବ । ନିବେଶକକୁ ନିମ୍ନରେ ପରିଭାଷିତ ଋଣ, ସନ୍ତୁଳିତ ଓ ଇକ୍ୱିଟୀ ଫଣ୍ଡର ପ୍ରଶସ୍ତ ବିକଳ୍ପ ମଧ୍ୟରୁ ଚୟନ କରିବାକୁ ହୋଇଥାଏ । ନିମ୍ନ ମୁଖ୍ୟ ବର୍ଗଗୁଡିକ ମଧ୍ୟରେ ବି ଅନ୍ୟ ପ୍ରକାରର ବିକଳ୍ପ ଥାଇ ପାରନ୍ତି ।

| ଇକ୍ୱିଟୀ ଫଣ୍ଡ | ଋଣ (ଡେବ୍ଟ) ଫଣ୍ଡ | ସନ୍ତୁଳିତ (ବାଲାନ୍ସ୍ଡ୍) ଫଣ୍ଡ | ଅର୍ଥ ବଜାର ଫଣ୍ଡ |
|---|---|---|---|
| ଏହି ଫଣ୍ଡ ଟଙ୍କାର ଅଧିକାଂଶ ଭାଗକୁ ଇକ୍ୱିଟୀ ଓ ଇକ୍ୱିଟୀ ସମ୍ବନ୍ଧୀୟ ସାଧନମାନଙ୍କରେ ନିବେଶ କରିଥାଏ । | ଏହି ଫଣ୍ଡ ଟଙ୍କାର ଅଧିକାଂଶ ଭାଗକୁ ସରକାରୀ ବଣ୍ଡ, କର୍ପୋରେଟ୍ ବଣ୍ଡ, ନିଶ୍ଚିତ ଜମା ଇତ୍ୟାଦିରେ ନିବେଶ କରିଥାଏ । | ଏହି ଫଣ୍ଡ ଇକ୍ୱିଟୀ ଓ ଡେବ୍ଟ ସାଧନର ମିଶ୍ରଣରେ ନିବେଶ କରିଥାଏ । | ଏହି ଫଣ୍ଡ ଅର୍ଥକୁ ମୁଖ୍ୟତଃ ଟ୍ରେଜରୀ ବିଲ୍, ଜମା ସାର୍ଟିଫିକେଟ୍, କମର୍ସିଆଲ୍ ପେପର୍ ଇତ୍ୟାଦି ଭଳି ସାଧନ ମାନଙ୍କରେ ନିବେଶ କରିଥାଏ । |

ଗୋଟିଏ ପ୍ରକାରର ଫଣ୍ଡରୁ ଏକ ଅନ୍ୟ ପ୍ରକାରକୁ ବଦଳାଇବାର ମଧ୍ୟ ପ୍ରାବଧାନ ରହିଛି ଯଦି ଗୋଟିଏ କିମ୍ବା ଅଧିକ ଫଣ୍ଡର ନିଷ୍ପାଦନ ଉଚିତ୍ ସ୍ତରର ହୋଇ ନ ଥାଏ ।

ୟୁଲିପ୍ (ULIP) ପଲିସୀମାନଙ୍କ ବିଶିଷ୍ଟ ବିଶେଷତା ମଧ୍ୟରୁ କେତେକକୁ ନିମ୍ନରେ ଦିଆଯାଇଛି :

### i. ଏକକରେ ବର୍ଗୀକୃତ କରିବା (ୟୁନିଟାଇଜିଙ୍ଗ୍)

ୟୁଲିପ୍ ପଲିସୀ ଅନ୍ତର୍ଗତ ଲାଭସବୁକୁ ସେହି ତାରିଖ, ଯେବେ ଦାବୀ ରାଶିପ୍ରଦାନ କରିବାକୁ ଦେୟ ହୋଇଥାଏ, ରେ ପଲିସୀଧାରକର ଆକାଉଣ୍ଟରେ ଜମା କରାଯାଇଥିବା ୟୁନିଟ୍ ମାନଙ୍କ ମୂଲ୍ୟ ଦ୍ୱାରା ନିର୍ଦ୍ଧାରିତ କରାଯାଏ । ଏକ ଏକକ (ୟୁନିଟ୍) କୁ ଏକ ନିବେଶ ଫଣ୍ଡକୁ କେତେକ ସମାନ ଅଂଶରେ ବିଭାଜିତ କରି ସୃଷ୍ଟି କରାଯାଏ ।

### ii. ପାରଦର୍ଶୀ ସଂରଚନା

ୟୁଲିପ୍ ମାନଙ୍କରେ ବୀମା ସୁରକ୍ଷା ଓ ବ୍ୟୟର ଚାର୍ଜକୁ ସ୍ପଷ୍ଟରୂପେ ବିନିର୍ଦ୍ଦିଷ୍ଟ କରାଯାଏ । ଥରେ ଯଦି ଏହି ଚାର୍ଜସବୁକୁ ପ୍ରିମିୟମଠାରୁ କାଟି ଦିଆଯାଏ, ଆକାଉଣ୍ଟର ଅବଶିଷ୍ଟ ଓ ଏହାଠାରୁ ପ୍ରାପ୍ତ ଆୟକୁ ୟୁନିଟ୍ ମାନଙ୍କରେ ନିବେଶ କରାଯାଇଥାଏ ।

### iii. ମୂଲ୍ୟ ନିର୍ଦ୍ଧାରଣ

ୟୁଲିପ୍ ଅନ୍ତର୍ଗତ, ବୀମିତ ପ୍ରିମିୟମର ରାଶି ପରିମାଣକୁ ନିର୍ଦ୍ଧାରିତ କରେ ଯାହାର ଅଂଶଦାନ ସେ ନିୟମିତ ଅନ୍ତରାଳରେ କରି ପାରିବ ।

ସମସ୍ତ ଜୀବନ ବୀମା ପଲିସୀରେ, ପ୍ରାରମ୍ଭିକ ଖର୍ଚ୍ଚ ସବୁ ବହୁତ ଅଧିକ ହୋଇଥାନ୍ତି । ପାରମ୍ପରିକ ପଲିସୀମାନଙ୍କରେ, ଏହି ଖର୍ଚ୍ଚସବୁକୁ ପୂରଣ କରିବା ପାଇଁ ପ୍ରିମିୟମ ଚାର୍ଜକୁ ସମଗ୍ର ପଲିସୀ ଅବଧିରେ ଆବଣ୍ଟିତ କରାଯାଇଥାଏ ।

ୟୁଲିପ୍ ମାନଙ୍କ କ୍ଷେତ୍ରରେ, ସେସବୁକୁ ପ୍ରାରମ୍ଭିକ ପ୍ରିମିୟମଗୁଡିକଠାରୁ ହିଁ କାଟି ଦିଆଯାଇଥାଏ । ଏହା ନିବେଶ ପାଇଁ ଆବଣ୍ଟିତ କରାଯାଉଥିବା ରାଶିକୁ ଅତ୍ୟଧିକ ଭାବେ କମ୍ କରିଦିଏ । ଏହି କାରଣରୁ ଲାଭସବୁର ମୂଲ୍ୟ ପ୍ରଦାନ କରାଯାଇଥିବା ପ୍ରିମି ୟମ ସମ୍ମୁଖରେ ଲାଭସବୁର ମୂଲ୍ୟ, ବହୁତ କମ୍ ହୋଇପାରେ ଏବଂ ଏପରିକି ଚୁକ୍ତିର ପ୍ରଥମ ବର୍ଷମାନଙ୍କରେ ପ୍ରଦାନ କରାଯାଇଥିବା ପ୍ରିମିୟମଠାରୁ ମଧ୍ୟ କମ୍ ହୋଇପାରେ ।

### iv. ମୃତ୍ୟୁ ଲାଭ

ପାରମ୍ପରିକ ପଲିସୀମାନଙ୍କ ବିପରୀତ, ୟୁଲିପ୍ ପଲିସୀମାନଙ୍କରେ ଥିବା ମୃତ୍ୟୁ ଲାଭର ରାଶି ପରିମାଣ ପ୍ରଦାନ କରାଯାଇଥିବା ପ୍ରିମିୟମର ଅନେକ ଗୁଣ ହୋଇଥାଏ । ପଲିସୀର ଅବଧି ସମୟରେ ହୋଇଥିବା ମୃତ୍ୟୁ କ୍ଷେତ୍ରରେ, ଲାଭଗ୍ରହୀତାକୁ ବୀମାରାଶି [ଯାହା ପ୍ରିମିୟମର ଗୁଣକ] କିମ୍ବା ତା' ଆକାଉଣ୍ଟରେ ଥିବା ନିଧି ମୂଲ୍ୟ (ୟୁନିଟ୍ ମୂଲ୍ୟ ଓ ୟୁନିଟ୍ ସଂଖ୍ୟାର ଗୁଣଫଳ) ମଧ୍ୟରୁ ଅଧିକଟିକୁ ପ୍ରଦାନ କରାଯାଇପାରେ ।

### v. ନିବେଶ ସଙ୍କଟର ବହନ

ୟୁନିଟ୍ ମାନଙ୍କର ମୂଲ୍ୟ ଜୀବନ ବୀମାକର୍ତ୍ତାର ନିବେଶଗୁଡିକ ଉପରେ ନିର୍ଭର କରେ , ଯାହା ଗ୍ୟାରେଣ୍ଟିଯୁକ୍ତ ହୋଇ ନ ଥାଏ ।

ଜୀବନ ବୀମାକର୍ତ୍ତା, ଯାହାଠାରୁ ଯଦିଓ ପୋର୍ଟଫୋଲିଓ କାର୍ଯ୍ୟକଳାପକୁ ଦକ୍ଷତାର ସହ ପ୍ରବନ୍ଧ କରିବା ଆଶା ରଖାଯାଏ, ୟୁନିଟ୍ ମୂଲ୍ୟଗୁଡିକ ସମ୍ବନ୍ଧରେ କୌଣସି ଗ୍ୟାରେଣ୍ଟି ଦିଏ ନାହିଁ । ତେଣୁ, ନିବେଶ ସଙ୍କଟକୁ ପଲିସୀ ଧାରକ/ୟୁନିଟ୍ ଧାରକ ଦ୍ୱାରା ବହନ କରାଯାଇଥାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ2**

ନିମ୍ନ ମଧ୍ୟରୁ କେଉଁ ଉକ୍ତିଟି ଭୁଲ ଅଟେ?

I. ପରିବର୍ତ୍ତନୀୟ ଜୀବନ ବୀମା ହେଉଛି ଏକ ଅସ୍ଥାୟୀ ଜୀବନ ବୀମା ପଲିସୀ

II. ପରିବର୍ତ୍ତନୀୟ ଜୀବନ ବୀମା ହେଉଛି ଏକ ସ୍ଥାୟୀ ଜୀବନ ବୀମା ପଲିସୀ

III. ପଲିସୀରେ ଏକ ନଗଦ ମୂଲ୍ୟ ଆକାଉଣ୍ଟ ଥାଏ

IV. ପଲିସୀ ଏକ ସର୍ବନିମ୍ନ ମୃତ୍ୟୁ ଲାଭ ଗ୍ୟାରେଣ୍ଟି ପ୍ରଦାନ କରେ

**ସାରାଂଶ**

- ଜୀବନ ବୀମା ପଲିସୀମାନଙ୍କ ସମ୍ବନ୍ଧୀୟ ଏକ ଗମ୍ଭୀର ଚିନ୍ତାର ବିଷୟ ଥିଲା ଆର୍ଥିକ ବଜାରସ୍ଥଳରେ ଅନ୍ୟାନ୍ୟ ପରିସମ୍ପତ୍ତି ତୁଲ୍ୟ ଏକ ପ୍ରତିଯୋଗିତାମୂଳକ ରିଟର୍ଣ୍ଣ ହାର ଦେବା ।
- କେତେକ ପ୍ରବୃତ୍ତି, ଯାହା ଫଳରେ ଅଣ-ପାରମ୍ପରିକ ଜୀବନ ଉତ୍ପାଦରେ ବୃଦ୍ଧି ହେଲା, ସେଥିରେ ଅନ୍ତର୍ଭୁକ୍ତ ହୁଅନ୍ତି ଖୋଲା କରିବା, ନିବେଶ ସଂଯୋଗ ଏବଂ ପାରଦର୍ଶିତା ।
- ବିଶ୍ୱବ୍ୟାପୀ ଜୀବନ ବୀମା ହେଉଛି ଏକ ପ୍ରକାରର ସ୍ଥାୟୀ ଜୀବନ ବୀମା, ଯାହାର ବିଶେଷତା ଏହାର ନମନୀୟ ପ୍ରିମିୟମ, ନମନୀୟ ଫେସ୍ ରାଶି ଓ ମୃତ୍ୟୁ ଲାଭ ରାଶି, ଏବଂ ଏହାର ମୂଲ୍ୟନିର୍ଦ୍ଧାରଣ କାରକଗୁଡିକୁ ଖୋଲା କରିବା ଦ୍ୱାରା ପ୍ରକଟିତ ହୋଇଥାଏ ।
- ୟୁଲିପ୍ (ULIP) ସବୁଠୁ ଲୋକପ୍ରିୟ ଓ ମହତ୍ତ୍ୱପୂର୍ଣ୍ଣ ଉତ୍ପାଦମାନଙ୍କ ମଧ୍ୟରୁ ଗୋଟିଏ ହୋଇଥିଲା, ଯାହା ଅନେକ ଗୁଡିଏ ବଜାରରେ ପାରମ୍ପରିକ ଯୋଜନାଗୁଡିକର ସ୍ଥାନ ନେଲା ।
- ୟୁଲିପ୍ ମାନେ ଏକ ଜୀବନ ବୀମାକର୍ତ୍ତାର ନିବେଶ ନିଷ୍ପାଦନର ଲାଭସବୁ ଉପରେ ପ୍ରତ୍ୟକ୍ଷ ରୂପେ ଓ ତୁରନ୍ତ ନଗଦୀକରଣ ପାଇଁ ସାଧନ ପ୍ରଦାନ କରିଥାନ୍ତି ।

**ମୁଖ୍ୟ ପଦାବଳୀ**

1. ବିଶ୍ୱବ୍ୟାପୀ ଜୀବନ ବୀମା
2. ପରିବର୍ତ୍ତନୀୟ ଜୀବନ ବୀମା

3. ୟୁନିଟ୍ ଲିଙ୍କ୍ଡ୍ ବୀମା

4. ଶୁଦ୍ଧ ପରିସମ୍ପତ୍ତି ମୂଲ୍ୟ

| **ସ୍ୱୟଂ ପରୀକ୍ଷା କରନ୍ତୁ ର ଉତ୍ତର** |
| --- |

ଉତ୍ତର 1 - ସଠିକ୍ ବିକଳ୍ପ ହେଉଛି II

ଉତ୍ତର 2 - ସଠିକ୍ ବିକଳ୍ପ ହେଉଛି I

# ଅଧ୍ୟାୟ L-05

## ଜୀବନ ବୀମାର ପ୍ରୟୋଗ

**ଅଧ୍ୟାୟ ପରିଚୟ**

ଜୀବନ ବୀମା ବ୍ୟକ୍ତିମାନଙ୍କୁ ଅକାଳ ମୃତ୍ୟୁଠାରୁ କେବଳ ସୁରକ୍ଷା ପ୍ରଦାନ କରିବାକୁ ଚାହେଁ ନାହିଁ । ଏହାର ଅନ୍ୟାନ୍ୟ ପ୍ରୟୋଗ/ଉପଯୋଗ ବି ଅଛି । ଏହାକୁ ପରିଣାମୀ ବୀମା ଲାଭଗୁଡିକ ସହିତ ଟ୍ରଷ୍ଟ ସୃଷ୍ଟି କରିବାରେ ପ୍ରୟୋଗ କରାଯାଇପାରେ; ଏହାକୁ ଉଦ୍ୟୋଗମାନଙ୍କ ମୂଖ୍ୟ କର୍ମକର୍ତ୍ତାମାନଙ୍କୁ ସୁରକ୍ଷା ଦେଉଥିବା ଏବଂ ବନ୍ଧକଗୁଡିକୁ ମୋଚନ କରିବାକୁ ମଧ୍ୟ ଏକ ପଲିସୀ ସୃଷ୍ଟି କରିବା ପାଇଁ ପ୍ରୟୋଗ କରାଯାଇପାରେ । ଆମେମାନେ ଜୀବନ ବୀମାର ଏହିସବୁ ବିଭିନ୍ନ ଉପଯୋଗ ସଂକ୍ଷେପରେ ବର୍ଣ୍ଣନା କରିବା ।

**ଅଧ୍ୟୟନ ପରିଣାମ**

A. ବିବାହିତ ମହିଳାଙ୍କ ସମ୍ପତ୍ତି ଅଧିନିୟମ1874 ,

B. ମୂଖ୍ୟ ବ୍ୟକ୍ତି ବୀମା


C. ବନ୍ଧକ ବିମୋଚନ ବୀମା

## A. ଜୀବନ ବୀମାର ପ୍ରୟୋଗ (ଉପଯୋଗ)

### 1. ବିବାହିତ ମହିଳାଙ୍କ ସମ୍ପତ୍ତି ଅଧିନିୟମ

ବିବାହିତ ମହିଳାଙ୍କ ସମ୍ପତ୍ତି ଅଧିନିୟମ, 1874 ର ଧାରା 6 ଏହା ସୁନିଶ୍ଚିତ କରିବା ପାଇଁ ପ୍ରୟାସ କରେ ଯେ ଏକ ଜୀବନ ବୀମା ପଲିସୀ ଅନ୍ତର୍ଗତ ଲାଭସବୁ ଏହି ଉଦ୍ଦେଶ୍ୟରେ ଏକ ଟ୍ରଷ୍ଟର ସୃଷ୍ଟି ଜରିଆରେ ପତ୍ନୀ ଓ ପିଲାମାନଙ୍କ ପାଖକୁ ସୁରକ୍ଷିତ ରୂପେ ଚାଲି ଯାଉ ।

ଚିତ୍ର 1: MWP ଅଧିନିୟମ ଅନ୍ତର୍ଗତ ଲାଭଗ୍ରହୀତା




ଏହି ଧାରା ପ୍ରାବଧାନ ରଖେ ଯେ ଯେତେବେଳେ ଏକ ବିବାହିତ ବ୍ୟକ୍ତି ତା' ନିଜ ଜୀବନ ଉପରେ ଏକ ପଲିସୀ ନିଏ ଏବଂ ସେଭଳି ପଲିସୀର ସମ୍ମୁଖରେ ସ୍ପଷ୍ଟ ରୂପେ ପ୍ରକାଶ କରେ ଯେ ଏହା ତାର ପତ୍ନୀ କିମ୍ବା ତା' ପତ୍ନୀ ଓ ପିଲାମାନଙ୍କ ଲାଭ ପାଇଁ ଅଟେ, ଏବଂ କେବଳ ସେମାନଙ୍କ ଲାଭ ପାଇଁ ଏକ ଟ୍ରଷ୍ଟରେ ରଖାଯିବ, ସେଭଳି ପଲିସୀର ଲାଭଗୁଡିକ, ଯେ ପର୍ଯ୍ୟନ୍ତ ଟ୍ରଷ୍ଟର ଉଦ୍ଦେଶ୍ୟ ରହିଥାଏ, ସ୍ୱାମୀ କିମ୍ବା ତା' ଋଣଦାତାମାନଙ୍କ ଅଧୀନରେ ରହିବ ନାହିଁ କିମ୍ବା ତା' ଭୂସମ୍ପତ୍ତିର ଅଂଶ ହେବ ନାହିଁ ।

MWP ଅଧିନିୟମ ଅନ୍ତର୍ଗତ ଏକ ପଲିସୀର ବିଶେଷତା

i. ପ୍ରତ୍ୟେକ ପଲିସୀରେ ଏକ ଅଲଗା ଟ୍ରଷ୍ଟ ରହିବ । ପତ୍ନୀ କିମ୍ବା ସନ୍ତାନ (18 ବର୍ଷ ବୟସରୁ ଉର୍ଦ୍ଧ୍ୱ) ଏକ ଟ୍ରଷ୍ଟି ହୋଇପାରେ ।
ii. ପଲିସୀଟି ଅଦାଲତ ବନ୍ଧନ, ଋଣଦାତା (କ୍ରେଡିଟର୍) ଏବଂ ଏପରିକି ଜୀବନ ବୀମିତର ନିୟନ୍ତ୍ରଣର ବାହାରେ ରହିବ ।
iii. ଦାବୀ ଟଙ୍କାକୁ ଟ୍ରଷ୍ଟିମାନଙ୍କୁ ପ୍ରଦାନ କରାଯିବ ।
iv. ପଲିସୀଟିକୁ ସମର୍ପଣ କରାଯାଇ ପାରିବ ନାହିଁ ଏବଂ ନା ନାମୀତିକରଣ ନା ସମନୁଦେଶନର ସ୍ୱୀକୃତି ଥାଏ ।
v. ଯଦି ପଲିସୀଧାରକ ପଲିସୀ ଅନ୍ତର୍ଗତ ଲାଭସବୁକୁ ପ୍ରାପ୍ତି କରିବା ଏବଂ ସଂଚାଳନ କରିବା ପାଇଁ ଏକ ବିଶେଷ ଟ୍ରଷ୍ଟି ନିଯୁକ୍ତ ନ କରେ, ପଲିସୀ ଅନ୍ତର୍ଗତ ସୁରକ୍ଷିତ ରାଶି ସେହି ରାଜ୍ୟର ରାଜ୍ୟର ସରକାରୀ ଟ୍ରଷ୍ଟିକୁ ଦେୟ ହେବ ଯାହା ମଧ୍ୟରେ ସେହି କାର୍ଯ୍ୟାଳୟ ଯେଉଁଠି ବୀମାକୁ ପ୍ରଭାବୀ କରାଯାଇଥିଲା, ତାହା ଅବସ୍ଥିତ ଅଛି ।

**ଲାଭ**

ଟ୍ରଷ୍ଟକୁ ଏକ ଡିଡ୍ ଅନ୍ତର୍ଗତ ସ୍ଥାପିତ କରାଯାଏ ଯାହାକୁ ପ୍ରତ୍ୟାହୃତ କିମ୍ବା ସଂଶୋଧିତ କରାଯାଇପାରିବ ନାହିଁ । ଏଥିରେ ଗୋଟିଏ କିମ୍ବା ଅଧିକ ବୀମା ପଲିସୀ ରହିପାରେ । ଏକ ଟ୍ରଷ୍ଟି ନିଯୁକ୍ତ କରିବା ମହତ୍ୱପୂର୍ଣ୍ଣ ହୋଇଥାଏ ଯିଏ, ଲାଭଗ୍ରହୀତାମାନଙ୍କ ତରଫରୁ, ବୀମା ଲାଭସବୁକୁ ନିବେଶ କରିବା ସହିତ ଟ୍ରଷ୍ଟ ସମ୍ପତ୍ତିର ସଂଚାଳନ କରିବା ପାଇଁ ଦାୟୀ ରହିବ । ଏହି ଲାଭସବୁ ଭବିଷ୍ୟତ ଋଣଦାତାମାନଙ୍କ ପାଖକୁ ଯିବାଠାରୁ ସୁରକ୍ଷିତ ରହିଥାଏ ।

## 2. ମୂଖ୍ୟ-ବ୍ୟକ୍ତି ବୀମା

ମୂଖ୍ୟ-ବ୍ୟକ୍ତି ବୀମା ହେଉଛି ଏକ ମହତ୍ୱପୂର୍ଣ୍ଣ ପ୍ରକାରର ବ୍ୟବସାୟ ବୀମା ।

**ପରିଭାଷା**

ମୂଖ୍ୟ-ବ୍ୟକ୍ତି ବୀମାକୁ ସେହି ଆର୍ଥିକ ହାନି, ଯାହା ବ୍ୟବସାୟର ଏକ ମହତ୍ୱପୂର୍ଣ୍ଣ ସଦସ୍ୟର ମୃତ୍ୟୁ କିମ୍ବା ବିସ୍ତାରିତ ଅପାରଗତାଠାରୁ ଉତ୍ପନ୍ନ ହୋଇପାରେ, ତାହା ଠାରୁ ଏକ ବ୍ୟବସାୟକୁ କ୍ଷତିପୂରଣ ଦେବା ପାଇଁ ସେହି ବ୍ୟବସାୟ ଦ୍ୱାରା ନିଆଯାଇଥିବା ଏକ ବୀମା ପଲିସୀ ରୂପେ ବର୍ଣ୍ଣନା କରାଯାଇପାରେ ।

ଅଧିକାଂଶ ବ୍ୟବସାୟରେ ମୂଖ୍ୟ ବ୍ୟକ୍ତି ଥାଆନ୍ତି ଯେଉଁମାନେ ଏହାର ଲାଭସବୁର ଅଧିକାଂଶ ଭାଗ ପାଇଁ ଦାୟୀ ରହନ୍ତି କିମ୍ବା ତାଙ୍କ ପାଖରେ ସେହି ଜ୍ଞାନ ଓ କୌଶଳ ଥାଏ ଯାହା ସଂଗଠନ ପାଇଁ ମହତ୍ୱପୂର୍ଣ୍ଣ ହୋଇଥାଏ ଏବଂ ପ୍ରତିସ୍ଥାପନ କରିବା ପାଇଁ କଷ୍ଟସାଧ ହୋଇଥାଏ । ମୂଖ୍ୟ ବ୍ୟକ୍ତି ବୀମାକୁ, ବ୍ୟବସାୟ ନିରନ୍ତରତାକୁ ସୁଗମ କରିବା ପାଇଁ ଓ ସେହି ଖର୍ଚ୍ଚ ଓ ହାନି, ଯାହା ଦ୍ୱାରା ଏକ ମୂଖ୍ୟ ବ୍ୟକ୍ତିର ହାନି ଘଟଣାରେ ଆକ୍ରାନ୍ତ ହେବାର ସମ୍ଭାବନା ଥାଏ, ସେସବୁ କୁ ପୂରଣ କରିବା ପାଇଁ, ସେଭଳି ମୂଖ୍ୟ ବ୍ୟକ୍ତିମାନଙ୍କ ଜୀବନ ଉପରେ ନିଯୁକ୍ତିଦାତାମାନଙ୍କ ଦ୍ୱାରା ନିଆଯାଇଥାଏ । ମୂଖ୍ୟ ବ୍ୟକ୍ତି ବୀମା ହୋଇଥିବା ବାସ୍ତବ ହାନିର କ୍ଷତିପୂର୍ତ୍ତି କରେ ନାହିଁ କିନ୍ତୁ ବୀମା ପଲିସୀରେ ବିନିର୍ଦ୍ଦିଷ୍ଟ କରାଯାଇଥିବା ଅନୁରୂପ ଏକ ନିଶ୍ଚିତ ଆର୍ଥିକ ରାଶି ରୂପେ କ୍ଷତିପୂରଣ ଦେଇଥାଏ ।

ମୂଖ୍ୟବ୍ୟକ୍ତି ବୀମାକୁ ଏକ ମିଆଦି ବୀମା ପଲିସୀ ରୂପେ ସ୍ୱୀକୃତି ଦିଆଯାଏ ଯେଉଁଠି ବୀମା ରାଶିକୁ ମୂଖ୍ୟ ବ୍ୟକ୍ତିର ନିଜ ଆୟ ଅପେକ୍ଷା କମ୍ପାନୀର ଲାଭପ୍ରଦତା ସହିତ ସଂଯୁକ୍ତ କରାଯାଏ । ପ୍ରିମିୟମକୁ କମ୍ପାନୀ ପ୍ରଦାନ କରିଥାଏ । ଯଦି ମୂଖ୍ୟ ବ୍ୟକ୍ତିର ମୃତ୍ୟୁ ହୁଏ, ଲାଭକୁ କମ୍ପାନୀକୁ ପ୍ରଦାନ କରାଯାଏ । ମୂଖ୍ୟବ୍ୟକ୍ତି ବୀମାର ଲାଭସବୁ କମ୍ପାନୀର ହାତରେ କର ଯୋଗ୍ୟ ହୋଇଥାଏ ।

a) **ଏକ ମୂଖ୍ୟ-ବ୍ୟକ୍ତି କିଏ ହୋଇପାରେ**?

ଏକ ମୂଖ୍ୟ ବ୍ୟକ୍ତି ବ୍ୟବସାୟ ସହିତ ପ୍ରତ୍ୟକ୍ଷ ରୂପେ ସଂପୃକ୍ତ ଥିବା କୌଣସି ବି ବ୍ୟକ୍ତି ହୋଇପାରେ ଯାହାର ହାନି ବ୍ୟବସାୟର ଆର୍ଥିକ ଚାପର କାରଣ ହୋଇପାରେ । ଉଦାହରଣ ସ୍ୱରୂପ, ବ୍ୟକ୍ତି ଜଣକ କମ୍ପାନୀର ଏକ ନିର୍ଦ୍ଦେଶକ, ଏକ ଅଂଶୀଦାର, ଏକ ମୂଖ୍ୟ ବିକ୍ରୟ ବ୍ୟକ୍ତି, ମୂଖ୍ୟ ପ୍ରୋଜେକ୍ଟ ମ୍ୟାନେଜର କିମ୍ବା ବିଶେଷ କୌଶଳ କିମ୍ବା ଜ୍ଞାନଥିବା କୌଣସି ବ୍ୟକ୍ତି ଯାହା କମ୍ପାନୀ ପାଇଁ ମୂଲ୍ୟବାନ ହୋଇପାରେ ।

**b)** ବୀମାଯୋଗ୍ୟ ହାନି

ନିମ୍ନ ସବୁ କେତେକ ହାନି ଅଟନ୍ତି ଯାହା ପାଇଁ ମୂଖ୍ୟ ବ୍ୟକ୍ତି ବୀମା କ୍ଷତିପୂରଣ ପ୍ରଦାନ କରିଥାଏ:

**i.** ଯେତେବେଳେ ଏକ ମୂଖ୍ୟ ବ୍ୟକ୍ତି କାମ କରିବାକୁ ଅସମର୍ଥ ହୋଇଯାଏ, ଅସ୍ଥାୟୀ କାର୍ମିକ ଯୋଗାଇବା ପାଇଁ ଏବଂ, ଯଦି ଆବଶ୍ୟକ ହୁଏ ଭର୍ତ୍ତି ପାଇଁ ଏବଂ ଏକ ପ୍ରତିସ୍ଥାପନର ପ୍ରଶିକ୍ଷଣ ପାଇଁ ବିତ୍ତପୋଷଣ କରିବାକୁ, ବିସ୍ତାରିତ ସମୟ ସମ୍ବନ୍ଧୀୟ ହାନି

ii. ଲାଭସବୁକୁ ସୁରକ୍ଷା ପ୍ରଦାନ କରିବା ପାଇଁ ବୀମା I ଉଦାହରଣ ସ୍ୱରୂପ, ହାନି ହୋଇଥିବା ବିକ୍ରୟ, କୌଣସି ବ୍ୟବସାୟ ପରିଯୋଜନା ଯେଉଁଥିରେ ମୂଖ୍ୟ ବ୍ୟକ୍ତି ସଂପୃକ୍ତ ଥିଲା, ତାହାର ବିଳମ୍ବତା କିମ୍ବା ରଦ୍ଦକରଣ ଫଳରେ ହୋଇଥିବା ହାନି, ବିସ୍ତାରିତ କରିବା ପାଇଁ ସୁଯୋଗର ହାନି, ବିଶେଷକୃତ କୌଶଳ କିମ୍ବା ଜ୍ଞାନ ର ହାନି, ଏସବୁ କାରଣରୁ ହାନି ହୋଇଥିବା ଆୟୁ ପୂରା କରିବା

3. **ବନ୍ଧକ ବିମୋଚନ ବୀମା** (MRI)

ଏକ ସମ୍ପତ୍ତି କ୍ରୟ କରିବା ପାଇଁ ଏକ ଋଣ ନେଉଥିବା ଏକ ବ୍ୟକ୍ତିକୁ ଋଣ ବ୍ୟବସ୍ଥାର ଅଂଶ ରୂପେ, ବ୍ୟାଙ୍କ ଦ୍ୱାରା ବନ୍ଧକ ବିମୋଚନ ବୀମା ପାଇଁ ପରିଶୋଧ କରିବାର ଆବଶ୍ୟକତା ପଡିପାରେ। "ବନ୍ଧକ ବିମୋଚନ ବୀମା" କୁ ଲୋକ ପ୍ରିୟ ରୂପେ "କ୍ରେଡିଟ୍ ଜୀବନ ବୀମା ପଲିସୀ" ରୂପେ ସୂଚୀତ କରାଯାଏ I

**a)** MRI କ'ଣ ଅଟେ ?

ଏହା ଏକ ବୀମା ପଲିସୀ ଅଟେ ଯାହା ଗୃହ ଋଣ ଋଣକର୍ତ୍ତାମାନଙ୍କ ପାଇଁ ଆର୍ଥିକ ସୁରକ୍ଷା ପ୍ରଦାନ କରିଥାଏ I ଏହା ମୂଳତଃ ଏକ ହ୍ରାସ ହେଉଥିବା ମିଆଦି ଜୀବନ ବୀମା ପଲିସୀ ଅଟେ ଯାହାକୁ, ଯଦି ବନ୍ଧକ ଋଣର ସଂପୂର୍ଣ୍ଣ ପରିଶୋଧ ପୂର୍ବରୁ ସେ ମରିଯାଏ, ଏହାର ବାକି ରାଶିକୁ ପରିଶୋଧ କରିବା ପାଇଁ ବନ୍ଧକକର୍ତ୍ତାଦ୍ୱାରା ନିଆଯାଇଥାଏ I ଏହାକୁ ଋଣ ସୁରକ୍ଷାଦାତା ପଲିସୀ କୁହାଯାଇପାରେ I ଏହି ଯୋଜନାଟି ସେହିସବୁ ଲୋକଙ୍କ ପାଇଁ ଉପଯୁକ୍ତ ଅଟେ ଯାହାର ଆଶ୍ରିତମାନଙ୍କୁ ପଲିସୀଧାରକର ଅପ୍ରତ୍ୟାଶିତ ମୃତ୍ୟୁ କ୍ଷେତ୍ରରେ ସେମାନଙ୍କ ଋଣକୁ ପରିଶୋଧ କରିବାରେ, ସହାୟତାର ଆବଶ୍ୟକ ହୋଇପାରେ I

b) **ବିଶେଷତା**

ଏହି ପଲିସୀ ଅନ୍ତର୍ଗତ ବୀମା ସୁରକ୍ଷା ପ୍ରତ୍ୟେକ ବର୍ଷ କମ୍ ହୋଇଥାଏ ଯାହା ଏକ ମିଆଦି ବୀମା ପଲିସୀ ଯେଉଁଠି ବୀମା ସୁରକ୍ଷା ସମଗ୍ର ପଲିସୀ ଅବଧିରେ ଅପରିବର୍ତ୍ତନୀୟ ରହିଥାଏ, ତା ଠାରୁ ଅଲଗା ହୋଇଥାଏ I

**ସ୍ୱୟଂ ପରୀକ୍ଷା କରନ୍ତୁ** 1

ବନ୍ଧକ ବିମୋଚନ ବୀମା ପଛରେ କ'ଣ ଉଦ୍ଦେଶ୍ୟ ରହିଛି ?

I. ଅପେକ୍ଷାକୃତ ଶସ୍ତା ବନ୍ଧକ ହାରର ସୁବିଧା ଦେବା

II. ଗୃହ ଋଣ ଋଣକର୍ତ୍ତାମାନଙ୍କ ପାଇଁ ଆର୍ଥିକ ସୁରକ୍ଷା ପ୍ରଦାନ କରିବା

III. ବନ୍ଧକ ଦିଆଯାଇଥିବା ସମ୍ପତ୍ତିର ମୂଲ୍ୟକୁ ସୁରକ୍ଷିତ କରିବା

IV. ତ୍ରୁଟି କ୍ଷେତ୍ରରେ ନିଷ୍କାସନ/ବେଦଖଲିକୁ ଟାଳିବା

## ସାରାଂଶ

- ବିବାହିତ ମହିଳାଙ୍କ ସମ୍ପତ୍ତି ଅଧିନିୟମ, 1874 ର ଧାରା 6 ଏକ ଜୀବନ ବୀମା ପଲିସୀ ଅନ୍ତର୍ଗତ ପତ୍ନୀ ଓ ପିଲାମାନଙ୍କୁ ଲାଭସବୁର ସୁରକ୍ଷା ପ୍ରଦାନ କରେ ।
- MWP ଅଧିନିୟମ ଅନ୍ତର୍ଗତ ପ୍ରଭାବୀ ହୋଇଥିବା ପଲିସୀ ଅଦାଲତ ସମ୍ବନ୍ଧ, ଋଣକର୍ତ୍ତା ଏବଂ ଏପରିକି ଜୀବନ ବୀମିତର ନିୟନ୍ତ୍ରଣର ବାହାରେ ହେବ ।
- ମୁଖ୍ୟ-ବ୍ୟକ୍ତି ବୀମା ହେଉଛି ଏକ ମହତ୍ଵପୂର୍ଣ୍ଣ ପ୍ରକାରର ବ୍ୟବସାୟ ବୀମା । ଏହାକୁ ସେହି ଆର୍ଥିକ ହାନି, ଯାହା ବ୍ୟବସାୟର ଏକ ମହତ୍ଵପୂର୍ଣ୍ଣ ସଦସ୍ୟର ମୃତ୍ୟୁ କିମ୍ବା ବିସ୍ତାରିତ ଅପାରଗତାଠାରୁ ଉତ୍ପନ୍ନ ହୋଇପାରେ, ତାହା ଠାରୁ ଏକ ବ୍ୟବସାୟକୁ କ୍ଷତିପୂରଣ ଦେବା ପାଇଁ ସେହି ବ୍ୟବସାୟ ଦ୍ଵାରା ନିଆଯାଇଥିବା ଏକ ବୀମା ପଲିସୀ ରୂପେ ବର୍ଣ୍ଣନା କରାଯାଇପାରେ ।
- ବନ୍ଧକ ବିମୋଚନ ବୀମା ମୂଳତଃ ଏକ ହ୍ରାସ ହେଉଥିବା ମିଆଦି ଜୀବନ ବୀମା ପଲିସୀ ଅଟେ ଯାହାକୁ, ଯଦି ବନ୍ଧକ ଋଣର ସଂପୂର୍ଣ୍ଣ ପରିଶୋଧ ପୂର୍ବରୁ ସେ ମରିଯାଏ, ଏହାର ବାକି ରାଶିକୁ ପରିଶୋଧ କରିବା ପାଇଁ ବନ୍ଧକକର୍ତ୍ତାଦ୍ଵାରା ନିଆଯାଇଥାଏ ।

## ମୁଖ୍ୟ ପଦାବଳୀ

1. ବିବାହିତ ମହିଳାଙ୍କ ସମ୍ପତ୍ତି ଅଧିନିୟମ
2. ମୁଖ୍ୟ ବ୍ୟକ୍ତି ବୀମା
3. ବନ୍ଧକ ବିମୋଚନ ବୀମା

## ସ୍ଵୟଂ ପରୀକ୍ଷଣ କରନ୍ତୁ ର ଉତ୍ତର

ଉତ୍ତର 1 - ସଠିକ୍ ବିକଳ୍ପ ହେଉଛି II

# ଅଧ୍ୟାୟ L-06

## ଜୀବନ ବୀମାରେ ମୂଲ୍ୟ ନିର୍ଦ୍ଧାରଣ ଏବଂ ମୂଲ୍ୟାଙ୍କନ

**ଅଧ୍ୟାୟ ପରିଚୟ**

ଏହି ଅଧ୍ୟାୟର ଉଦ୍ଦେଶ୍ୟ ହେଉଛି ସେହି ମୂଳଭୂତ ତତ୍ତ୍ୱଗୁଡିକ ବିଷୟରେ ବିଦ୍ୟାର୍ଥୀଙ୍କୁ ପରିଚିତ କରାଇବା ଯାହା ଜୀବନ ବୀମା ଚୁକ୍ତିମାନଙ୍କ ମୂଲ୍ୟ ନିର୍ଦ୍ଧାରଣ ଏବଂ ଲାଭ ସହିତ ସଂପୃକ୍ତ ଥାଆନ୍ତି । ଆମେମାନେ ପ୍ରଥମେ ସେହି ତତ୍ତ୍ୱଗୁଡିକ ବିଷୟରେ ଆଲୋଚନା କରିବା ଯାହା ପ୍ରିମିୟମକୁ ଗଠିତ କରନ୍ତି ଏବଂ ତାପରେ ଅଧିଶେଷ ଓ ବୋନସର ଅବଧାରଣା ବିଷୟରେ ଆଲୋଚନା କରିବା ।

**ଅଧ୍ୟୟନ ପରିଣାମ**

A. ବୀମା ମୂଲ୍ୟ ନିର୍ଦ୍ଧାରଣ –ମୂଳଭୂତ ତତ୍ତ୍ୱ

B. ଅଧିଶେଷ ଏବଂ ବୋନସ

## A. ବୀମା ମୂଲ୍ୟ ନିର୍ଦ୍ଧାରଣ – ମୂଳଭୂତ ତତ୍ତ୍ୱ

### 1. ପ୍ରିମିୟମ

ସାଧାରଣ ଭାଷାରେ, ପ୍ରିମିୟମ ପଦଟି ସେହି ମୂଲ୍ୟକୁ ସୂଚୀତ କରେ ଯାହାକୁ ଏକ ବୀମା ପଲିସୀ କ୍ରୟ କରିବା ପାଇଁ ବୀମିତ ଦ୍ୱାରା ପ୍ରଦାନ କରାଯାଇଥାଏ । ଏହାକୁ ସାଧାରଣତଃ ପ୍ରତି ହଜାରେ ଟଙ୍କାର ବୀମା ରାଶି ଉପରେ ପ୍ରିମିୟମର ହାର ରୂପେ ପ୍ରକାଶ କରାଯାଇଥାଏ । ପ୍ରିମିୟମ ହାର ସମ୍ଭାବ୍ୟ ଗ୍ରାହକର ଆୟୁ ଏବଂ ଯୋଜନା ଉପରେ ନିର୍ଭର କରେ ।

ଏହି ପ୍ରିମିୟମ ହାରଗୁଡିକ ହାର ସାରଣୀ ରୂପେ ଉପଲବ୍ଧ ଥାଆନ୍ତି ଯାହା ବୀମା କମ୍ପାନୀମାନଙ୍କ ପାଖରେ ଉପଲବ୍ଧ ଥାଆନ୍ତି ।

**ଚିତ୍ର 1** : ପ୍ରିମିୟମ




ଏହି ଟେବୁଲ ଗୁଡିକରେ ଦିଆଯାଇଥିବା ହାରସବୁକୁ "ଅଫିସ ପ୍ରିମିୟମ" କୁହାଯାଏ । ଏଗୁଡିକ ଅଧିକାଂଶ କ୍ଷେତ୍ରରେ ସମଗ୍ର ଅବଧିରେ ସମାନ ରହିଥାନ୍ତି ଏବଂ ଏଗୁଡିକୁ ବାର୍ଷିକ ହାର ରୂପେ ପ୍ରକାଶ କରାଯାଏ ।

**ଉଦାହରଣ**

ଯଦି ଏକ ଦତ୍ତ ଆୟୁ ପାଇଁ ଏକ କୋଡିଏ ବର୍ଷର ଏଣ୍ଡାଓମେଣ୍ଟ ପଲିସୀ ପାଇଁ ପ୍ରିମିୟମ ଟ.4800 ହୁଏ, ଏହାର ଅର୍ଥ ହେଉଛି ଯେ କୋଡିଏ ବର୍ଷପାଇଁ ପ୍ରତି ବର୍ଷ ଟ. 4800 ପ୍ରଦାନ କରିବାକୁ ପଡ଼ିବ ।

ଅବଶ୍ୟ କେତେଗୁଡିଏ ପଲିସୀ ଥିବା ସମ୍ଭବ ଯେଉଁଥିରେ କେବଳ ପ୍ରଥମ କିଛି ବର୍ଷ ପ୍ରିମିୟମସବୁ ଦେୟ ହୋଇଥାଏ । କମ୍ପାନୀମାନଙ୍କ ପାଖରେ ଏକମାତ୍ର ପ୍ରିମିୟମ ଚୁକ୍ତି ସବୁ ବି ରହିଛନ୍ତି ଯେଉଁଥିରେ ଚୁକ୍ତିର ଆରମ୍ଭରେ କେବଳ ଗୋଟିଏ ପ୍ରିମିୟମ ଦେୟ ହୋଇଥାଏ । ଏହି ପଲିସୀଗୁଡିକ ସାଧାରଣତଃ ନିବେଶ ଅଭିମୁଖୀ ହୋଇଥାନ୍ତି ।

### 2. ଛାଡ଼ (ରିବେଟ୍)

ଜୀବନ ବୀମା କମ୍ପାନୀମାନେ ଦେୟ ହେଉଥିବା ଉପରେ କେତେକ ପ୍ରକାରର ଛାଡ଼ ମଧ୍ୟ ପ୍ରଦାନ କରିଥାନ୍ତି । ସେଭଳି ଦୁଇଟି ଛାଡ଼ ହେଉଛି:

- ✓ ବୀମା ରାଶି ପାଇଁ
- ✓ ପ୍ରିମିୟମର ପଦ୍ଧତି ଛାଡ଼

### ବୀମା ରାଶି ପାଇଁ ଛାଡ଼

**ବୀମା ରାଶି ପାଇଁ** ଛାଡ଼କୁ ସେହିମାନଙ୍କୁ ପ୍ରଦାନ କରାଯାଏ ଯେଉଁମାନେ ଉଚ୍ଚ ରାଶି ପରିମାଣର ବୀମା ରାଶି ଥିବା ପଲିସୀମାନଙ୍କୁ କିଣନ୍ତି । ଏହାକୁ ସେହିସବୁ ଲାଭକୁ ଗ୍ରାହକକୁ ଦେବାର ପଦ୍ଧତି ରୂପେ ପ୍ରଦାନ କରାଯାଏ ଯାହା ବୀମାକର୍ତ୍ତା ଉଚ୍ଚ ମୂଲ୍ୟର ପଲିସୀମାନଙ୍କ ସେବା ଦେବା ସମୟରେ ଅର୍ଜନ କରି ପାରନ୍ତି । ତର୍କଟି ହେଉଛି ଯେ ଟ. 50, 000 କିମ୍ବା ଟ. 5,00,000 ର ଏକ ପଲିସୀକୁ ପ୍ରୋସେସ୍ କରିବା ପାଇଁ ଆବଶ୍ୟକ ପ୍ରୟାସ ଏବଂ ମୂଲ୍ୟ ସମାନ ହୋଇଥାଏ । କିନ୍ତୁ ଉଚ୍ଚତର ବୀମା ରାଶି ପଲିସୀମାନେ ଅଧିକ ପ୍ରିମିୟମ ଏବଂ ତେଣୁ ଅଧିକ ଲାଭ ଉତ୍ପନ୍ନ କରନ୍ତି ।

### ପ୍ରିମିୟମର ପଦ୍ଧତି ପାଇଁ ଛାଡ଼

ସେହି ପ୍ରକାରେ **ପ୍ରିମିୟମର ପଦ୍ଧତି ପାଇଁ** ଛାଡ଼ ଦିଆଯାଇପାରେ । ଜୀବନ ବୀମା କମ୍ପାନୀମାନେ ବାର୍ଷିକ, ଅର୍ଦ୍ଧ ବାର୍ଷିକ, ତ୍ରୈମାସିକ କିମ୍ବା ମାସିକ ଆଧାରରେ ପ୍ରିମିୟମ ପ୍ରଦାନ କରିବାର ଅନୁମତି ଦେଇପାରନ୍ତି । ଯଦି ପଦ୍ଧତି ଅଧିକ ବାରମ୍ବାର ହୁଏ, ପ୍ରିମିୟମର ସଂଗ୍ରହ ଓ ଲେଖାଙ୍କନ ପାଇଁ ପ୍ରଶାସନିକ ଖର୍ଚ୍ଚ ଅଧିକ ହୋଇଥାଏ । ପୁନଶ୍ଚ, ବାର୍ଷିକ ପଦ୍ଧତିରେ, ବୀମାକର୍ତ୍ତା ଏହି ରାଶିକୁ ସଂପୂର୍ଣ୍ଣ ବର୍ଷ ସାରା ଉପଯୋଗ କରିପାରେ ଏବଂ ଏହା ଉପରେ ସୁଧ ଅର୍ଜନ କରିପାରେ । ତେଣୁକରି ବୀମାକର୍ତ୍ତାମାନେ ଏହା ଉପରେ ରିବେଟ୍ ର ସ୍ୱୀକୃତି ଦେଇ ବାର୍ଷିକ କିମ୍ବା ଅର୍ଦ୍ଧ-ବାର୍ଷିକ ପଦ୍ଧତି ମାଧ୍ୟମରେ ରାଶିପ୍ରଦାନକୁ ପ୍ରୋତ୍ସାହିତ କରିଥାନ୍ତି । ସେମାନେ, ସଂପୃକ୍ତ ଅତିରିକ୍ତ ପ୍ରଶାସନିକ ଖର୍ଚ୍ଚକୁ ପୂରଣ କରିବା ପାଇଁ, ରାଶି ପ୍ରଦାନର ମାସିକ ପଦ୍ଧତି ପାଇଁ କିଛି ଅଧିକ ବି ଚାର୍ଜ କରି ପାରନ୍ତି ।

### 3. ଅତିରିକ୍ତ ଚାର୍ଜ

ଟେବୁଲସ୍ଥିତ ପ୍ରିମିୟମକୁ ସେହି ବ୍ୟକ୍ତିମାନଙ୍କ ପାଇଁ ଚାର୍ଜ କରାଯାଏ ଯେଉଁମାନେ କୌଣସି ମହତ୍ତ୍ୱପୂର୍ଣ୍ଣ କାରକର ଅଧୀନ ହୋଇ ନ ଥିବେ ଯାହା ଏକ ଅଧିକ ସଙ୍କଟ ଦର୍ଶାଉଥିବ । ସେଗୁଡିକୁ **ମାନକ ଜୀବନ** କୁହାଯାଏ ଏବଂ ଚାର୍ଜ କରାଯାଉଥିବା ହାରକୁ ସାମାନ୍ୟ ହାର କୁହାଯାଏ ।

ଯଦି ବୀମା ପ୍ରସ୍ତାବ ଦେଉଥିବା ଜଣେ ବ୍ୟକ୍ତି ହୃଦୟ ରୋଗ କିମ୍ବା ମଧୁମେହ ଭଳି କିଛି ସ୍ୱାସ୍ଥ୍ୟ ସମସ୍ୟାରେ ଆକ୍ରାନ୍ତ ହୁଏ ଯାହା ତା' ଜୀବନ ପ୍ରତି ଏକ ବିପତ୍ତି ଆଣିପାରେ, ତାକୁ ଅଣ-ମାନକ ରୂପେ ବିଚାର କରାଯିବ । ବୀମାକର୍ତ୍ତା ଏକ ସ୍ୱାସ୍ଥ୍ୟ ଅତିରିକ୍ତ ରୂପେ କିଛି ଅଧିକ ପ୍ରିମିୟମ ଲାଗୁ କରିବାର ନିର୍ଣ୍ଣୟ ନେଇପାରେ । ସେଭଳିଆ, ଯେଉଁମାନେ ସର୍କସ ଆକ୍ରୋବେଟ୍ ଭଳି ଏକ ବିପଦଜନକ ବ୍ୟବସାୟରେ ନିଯୁକ୍ତ ଥାଆନ୍ତି, ସେମାନଙ୍କ ଉପରେ ଏକ ବ୍ୟବସାୟିକ ଅତିରିକ୍ତ ଲାଗୁ କରାଯାଇପାରେ । ଏହିସବୁ ଅତିରିକ୍ତ ଫଳରେ ପ୍ରିମିୟମ ଟେବୁଲସ୍ଥିତ ପ୍ରିମିୟମଠାରୁ ଅଧିକ ହୋଇପାରେ ।

ପୁନଃ, ଏକ ବୀମାକର୍ତ୍ତା ଏକ ପଲିସୀ ଅନ୍ତର୍ଗତ କିଛି ଅତିରିକ୍ତର ପ୍ରସ୍ତାବ ଦେଇପାରେ, ଯାହା କିଛି ଅଧିକ ପ୍ରିମିୟମର ପ୍ରଦାନ ଦ୍ୱାରା ଉପଲବ୍ଧ ହୋଇପାରେ ।

| ଉଦାହରଣ |
| --- |

ଏକ ଜୀବନ ବୀମାକର୍ତ୍ତା ଏକ ଦ୍ୱିଗୁଣ ଦୁର୍ଘଟଣା ଲାଭ କିମ୍ବା DAB ପ୍ରଦାନ କରିପାରେ (ଯେଉଁଠି ଏକ ଦାବୀ ରୂପେ ବୀମାରାଶିର ଦୁଇଗୁଣ ଦେୟ ହୋଇଥାଏ ଯଦି ମୃତ୍ୟୁ ଦୁର୍ଘଟଣା କାରଣରୁ ହୋଇଥାଏ ) । ଏଥିପାଇଁ ଏହା ପ୍ରତି ହଜାର ବୀମା ରାଶି ଉପରେ ଗୋଟିଏ ଟଙ୍କାର ଅତିରିକ୍ତ ପ୍ରିମିୟମ ଚାର୍ଜ କରିପାରେ ।

ସେହିଭଳିଆ ସ୍ଥାୟୀ ବିକଳାଙ୍ଗତା ଲାଭ (PDB) ରୂପେ ପରିଚିତ ଏକ ଲାଭକୁ ପ୍ରତି ହଜାର ବୀମା ରାଶି ପାଇଁ କିଛି ଅତିରିକ୍ତ ଦେଇ ପ୍ରାପ୍ତ କରାଯାଇପାରେ ।

## 4. ପ୍ରିମିୟମ ନିର୍ଦ୍ଧାରଣ କରିବା

ଆସନ୍ତୁ ଏବେ ଯାଞ୍ଚ କରିବା ଜୀବନ ବୀମାକର୍ତ୍ତାମାନେ କେମିତି ସେହି ହାରଗୁଡ଼ିକୁ ନିର୍ଦ୍ଧାରିତ କରନ୍ତି ଯାହାକୁ ପ୍ରିମିୟମ ଟେବୁଲରେ ଉପସ୍ଥାପିତ କରାଯାଏ । ଏହି କାର୍ଯ୍ୟକୁ ଏକ ବୀମାଙ୍କକ ଦ୍ୱାରା ସମ୍ପାଦିତ କରାଯାଏ । ମିଆଦି ବୀମା, ସଂପୂର୍ଣ୍ଣ ଜୀବନ ଏବଂ ଏଣ୍ଡାଓମେଣ୍ଟ ଭଳି ପାରମ୍ପରିକ ଜୀବନ ବୀମା ପଲିସୀ କ୍ଷେତ୍ରରେ ପ୍ରିମିୟମ ନିର୍ଦ୍ଧାରଣ କରିବାର ପ୍ରକ୍ରିୟା ନିମ୍ନ ତତ୍ତ୍ୱଗୁଡ଼ିକୁ ବିଚାରକୁ ନିଏ:

- ✓ ମୃତ୍ୟୁହାର
- ✓ ସୁଧ
- ✓ ପ୍ରବନ୍ଧନର ଖର୍ଚ୍ଚ
- ✓ ରିଜର୍ଭ
- ✓ ବୋନସ ଲୋଡିଙ୍ଗ୍

**ଚିତ୍ର 2 :** ପ୍ରିମିୟମର ଘଟକ




ପ୍ରଥମ ଦୁଇ ତତ୍ତ୍ୱ ଆମକୁ ଶୁଦ୍ଧ ପ୍ରିମିୟମ ଦେଇଥାନ୍ତି । ଶୁଦ୍ଧ ପ୍ରିମିୟମରେ ଅନ୍ୟ ତତ୍ତ୍ୱଗୁଡ଼ିକୁ ଯୋଡ଼ି ['ଲୋଡିଙ୍ଗ୍' ମଧ୍ୟ କୁହାଯାଉଥିବା], ଆମେ ମୋଟ କିମ୍ବା ଅଫିସ୍ ପ୍ରିମିୟମ ପାଇଥାଉ ।

### a) ମୃତ୍ୟୁଦର ଏବଂ ସୁଧ

ମୃତ୍ୟୁଦର ପ୍ରିମିୟମରେ ପ୍ରଥମ ତତ୍ତ୍ୱ ହୋଇଥାଏ, ଏହା ସଂଯୋଗ କିମ୍ବା ସମ୍ଭାବନା ଅଟେ ଯେ ଏକ ନିର୍ଦ୍ଦିଷ୍ଟ ବୟସର ବ୍ୟକ୍ତି ଏକ ଦତ୍ତ ବର୍ଷରେ ମୃତ୍ୟୁବରଣ କରିପାରେ । ଏକ ବ୍ୟକ୍ତିର ପ୍ରତ୍ୟାଶିତ ମୃତ୍ୟୁଦରକୁ ନିର୍ଦ୍ଧାରିତ କରିବା ପାଇଁ, "ମୃତ୍ୟୁଦର ଟେବୁଲଗୁଡ଼ିକୁ" ବ୍ୟବହାର କରାଯାଏ ।

**ଉଦାହରଣ**

ଯଦି ଆୟୁ 35 ପାଇଁ ମୃତ୍ୟୁଦର 0.0035 ହୁଏ, ଏହାର ନିହିତାର୍ଥ ଏହା ଯେ ପ୍ରତ୍ୟେକ 1000 ବ୍ୟକ୍ତି ଯେଉଁମାନେ ଆୟୁ 35 ପର୍ଯ୍ୟନ୍ତ ଜୀବିତ ରହନ୍ତି, ସେମାନଙ୍କ ମଧ୍ୟରୁ 3.5 (କିମ୍ବା 10,000 ମଧ୍ୟରୁ 35) ଆୟୁ 35 ଏବଂ 36 ମଧ୍ୟରେ ମୃତ୍ୟୁବରଣ କରିବାର ଆଶା କରାଯାଏ l

ଟେବୁଲକୁ ବିଭିନ୍ନ ଆୟୁ ପାଇଁ ମୃତ୍ୟୁଦର ମୂଲ୍ୟ ନିର୍ଦ୍ଧାରଣ କରିବାରେ ଉପଯୋଗ କରାଯାଇପାରେ l ଉଦାହରଣ ସ୍ୱରୂପ, ଆୟୁ 35 ପାଇଁ 0.0035 ର ହାରର ନିହିତାର୍ଥ ହେଉଛି 0.0035 x 1000 (ବୀମା ରାଶି)= ଟ. 3.50 ପ୍ରତି ହଜାର ବୀମା ରାଶି

ଉପରୋକ୍ତ ମୂଲ୍ୟକୁ "ସଙ୍କଟ ପ୍ରିମିୟମ" ମଧ୍ୟ କୁହାଯାଇପାରେ l ଅଧିକ ଆୟୁ ପାଇଁ ସଙ୍କଟ ପ୍ରିମିୟମ ଅଧିକ ହୋଇପାରେl

**ଉଦାହରଣ**

ଯଦି ପାଞ୍ଚ ବର୍ଷ ପରେ ବୀମାର ମୂଲ୍ୟକୁ ପୂରା କରିବା ପାଇଁ ଆମ ପାଖରେ ଟ. 5 ପ୍ରତି ହଜାର ଥିବା ଆବଶ୍ୟକ ଏବଂ ଯଦି ଆମେ 6% ର ସୁଧ ହାର ଧରି ନେବା, ପାଞ୍ଚ ବର୍ଷ ପରେ ଦେୟ ଟ. 5 ର ବର୍ତ୍ତମାନ ମୂଲ୍ୟ ହୋଇପାରେ 5 $x1/(1.06)^5 = 3.74$

ଯଦି 6% ପରିବର୍ତ୍ତେ ଆମେ 10% ମନେ କରୁ, ବର୍ତ୍ତମାନ ମୂଲ୍ୟ ହୋଇପାରେ କେବଳ 3.10 l ଅନ୍ୟ ଶବ୍ଦରେ, ମନେ କରାଯାଇଥିବା ସୁଧ ହାର ଅଧିକ ହେଲେ, ବର୍ତ୍ତମାନ ମୂଲ୍ୟ କମ୍ ହୋଇଥାଏ l

ମୃତ୍ୟୁଦର ଏବଂ ସୁଧର ଆମର ଅଧ୍ୟୟନଠାରୁ ଆମେମାନେ ଦୁଇ ମୂଖ୍ୟ ଉପସଂହାର ପାଇ ପାରିବା

- ✓ ମୃତ୍ୟୁ ଦର ଟେବୁଲରେ ମୃତ୍ୟୁହାର ଯେତେ ଅଧିକ ହେବ, ପ୍ରିମିୟମ ସେତେ ଅଧିକ ହୋଇପାରେ
- ✓ ମନେ କରାଯାଇଥିବା ସୁଧ ହାର ଯେତେ ଅଧିକ ହେବ, ପ୍ରିମିୟମ ସେତେ କମ୍ ହୋଇପାରେ

### ଶୁଦ୍ଧ (ନେଟ୍) ପ୍ରିମିୟମ

ମୃତ୍ୟୁ ଦର ଏବଂ ସୁଧର ଆକଳନ "ଶୁଦ୍ଧ (ନେଟ୍) ପ୍ରିମିୟମ" ଦେଇଥାଏ

### ମୋଟ ପ୍ରିମିୟମ

ମୋଟ ପ୍ରିମିୟମ ହେଉଛି ଶୁଦ୍ଧ (ନେଟ୍) ପ୍ରିମିୟମ ଯୋଗ ଲୋଡିଙ୍ଗ୍ କୁହାଯାଉଥିବା ଏକ ରାଶି ପରିମାଣ l ତିନୋଟି ବିଚାର ବିବେଚନା କିମ୍ବା ମାର୍ଗଦର୍ଶିକା ସିଦ୍ଧାନ୍ତ ଅଛି ଯାହାକୁ ଲୋଡିଙ୍ଗ୍ ର ପରିମାଣ ନିର୍ଦ୍ଧାରିତ କରିବା ସମୟରେ ଧ୍ୟାନରେ ରଖିବା ଆବଶ୍ୟକ l

### b) ଖର୍ଚ୍ଚ ଏବଂ ରିଜର୍ଭ

ଜୀବନ ବୀମାକର୍ତ୍ତାମାନଙ୍କୁ ବିଭିନ୍ନ ପ୍ରକାରର ସଂଚାଳନ ଖର୍ଚ୍ଚ ବହନ କରିବାକୁ ପଡ଼ିଥାଏ ଯେଉଁଥିରେ ଅନ୍ତର୍ଭୁକ୍ତ ହୁଅନ୍ତି :

- ✓ ଅଭିକର୍ତ୍ତାମାନଙ୍କ ପ୍ରଶିକ୍ଷଣ ଏବଂ ଭର୍ତ୍ତି
- ✓ ଅଭିକର୍ତ୍ତାମାନଙ୍କ କମିଶନ,

✓ କର୍ମଚାରୀମାନଙ୍କ ବେତନ,

✓ ଅଫିସ୍ ଆବାସ,

✓ ଅଫିସ୍ ଷ୍ଟେଶନରୀ,

✓ ବିଜୁଳୀ ଚାର୍ଜ,

✓ ଅନ୍ୟାନ୍ୟ ବିବିଧ ଖର୍ଚ୍ଚ ଇତ୍ୟାଦି ।

ଏହି ସବୁକୁ ପ୍ରିମିୟମଠାରୁ ପ୍ରଦାନ କରିବାକୁ ପଡ଼ିଥାଏ ଯାହାକୁ ବୀମାକର୍ତ୍ତାମାନେ ସଂଗ୍ରହ କରିଥାନ୍ତି । ଏହି ଖର୍ଚ୍ଚସବୁକୁ ନେଟ୍ ପ୍ରିମିୟମରେ ଉଚିତ୍ ରୂପେ ଯୋଡ଼ା ଯାଇଥାଏ ।

**c) ବ୍ୟପଗମନ ଏବଂ ଆକସ୍ମିକତା**

ଖର୍ଚ୍ଚଗୁଡିକ ବ୍ୟତୀତ, ଅନ୍ୟାନ୍ୟ କାରକସବୁ ଅଛନ୍ତି ଯାହା ଜୀବନ ବୀମାକର୍ତ୍ତାମାନଙ୍କ ହିସାବକୁ ଭୁଲ୍ କରିଦେଇ ପାରନ୍ତି ।

ସଙ୍କଟର ଗୋଟିଏ ଉତ୍ସ ହେଉଛି ବ୍ୟପଗମନ ଏବଂ ଆହରଣ । ବ୍ୟପଗମନର ଅର୍ଥ ହେଉଛି ଯେ ପଲିସୀଧାରକ ପ୍ରିମିୟମର ପ୍ରଦାନକୁ ବନ୍ଦ କରିଦିଏ । ଆହରଣ କ୍ଷେତ୍ରରେ, ପଲିସୀଧାରକ ପଲିସୀକୁ ସମର୍ପଣ କରେ ଏବଂ ପଲିସୀଧାରକ ପଲିସୀକୁ ସମର୍ପଣ କରେ ଏବଂ ପଲିସୀର ଅର୍ଜିତ ନଗଦ ମୂଲ୍ୟଠାରୁ ଏକ ରାଶି ପ୍ରାପ୍ତ କରେ ।

ବ୍ୟପଗମନ ସାଧାରଣତଃ ପ୍ରଥମ ତିନି ବର୍ଷରେ, ବିଶେଷ ରୂପେ ଚୁକ୍ତିର ପ୍ରଥମ ବର୍ଷରେ ହୋଇଥାଏ ।

**d) ଲାଭ ସହିତ (ସହଭାଗୀତା) ପଲିସୀ ଏବଂ ବୋନସ ଲୋଡିଙ୍ଗ୍**

'ଲାଭ ସହିତ' ପଲିସୀର ଅବଧାରଣା ଉତ୍ପନ୍ନ ହୋଇଥିଲା ଯେତେବେଳେ ଜୀବନ ବୀମାକର୍ତ୍ତାମାନେ ପ୍ରତିକୂଳ ପରିସ୍ଥିତିରେ ବି ସେମାନଙ୍କୁ ଦ୍ରବ ରୂପେ ରଖିବା ପାଇଁ ଏକ ବଫର୍ ସୃଷ୍ଟି କରିବା ପାଇଁ ଅଗ୍ରୀମ ରୂପେ ଉଚ୍ଚ ଲୋଡିଙ୍ଗ୍ ଚାର୍ଜ କରିବାର ପ୍ରଥା ଆରମ୍ଭ କରିଦେଲେ । ଯଦି ପରବର୍ତ୍ତୀ ଅନୁଭୂତି ଅଧିକ ଅନୁକୂଳ ପ୍ରମାଣିତ ହୁଏ, ଜୀବନ ବୀମାକର୍ତ୍ତା ଯା' ଫଳରେ ପ୍ରାପ୍ତ କରିଥିବା ଲାଭର କିଛି ଅଂଶକୁ ବୋନସ ରୂପେ ପଲିସୀଧାରକମାନଙ୍କ ସହିତ ଆବଣ୍ଟିତ କରିବ ।

ମୋଟାମୋଟି ରୂପେ ଆମେ କହି ପାରିବା ଯେ:

**ମୋଟ ପ୍ରିମିୟମ** = **ନେଟ୍ ପ୍ରିମିୟମ** + **ଖର୍ଚ୍ଚଗୁଡିକ ପାଇଁ ଲୋଡିଙ୍ଗ୍** + **ଆକସ୍ମିକତା ପାଇଁ ଲୋଡିଙ୍ଗ୍** + **ବୋନସ୍ ଲୋଡିଙ୍ଗ୍**

**ସ୍ୱୟଂ ପରୀକ୍ଷା କରନ୍ତୁ**

ଏକ ପଲିସୀ ବ୍ୟପଗମନର ଅର୍ଥ କ'ଣ ଅଟେ ?

I. ପଲିସୀ ଧାରକ ଏକ ପଲିସୀ ପାଇଁ ପ୍ରିମିୟମ ପ୍ରଦାନ ସଂପୂର୍ଣ୍ଣ କରେ

II. ପଲିସୀ ଧାରକ ଏକ ପଲିସୀ ପାଇଁ ପ୍ରିମିୟମ ପ୍ରଦାନ ବନ୍ଦ କରେ

III. ପଲିସୀ ପରିପକ୍ୱତା ପ୍ରାପ୍ତ କରେ

IV. ପଲିସୀଟିକୁ ବଜାରରୁ ବାହାର କରି ଦିଆଯାଏ

## B. ଅଧିଶେଷ ଏବଂ ବୋନସ

### 1. ଅଧିଶେଷ ଏବଂ ବୋନସ ର ନିର୍ଦ୍ଧାରଣ

ପ୍ରତ୍ୟେକ ଜୀବନ ବୀମା କମ୍ପାନୀ ଏହାର ସମ୍ପତ୍ତି ଓ ଦାୟିତ୍ୱସବୁର ଆବଧିକ ମୂଲ୍ୟାଙ୍କନ କରିବା ଆଶା କରାଯାଏ । ସେଭଳି ମୂଲ୍ୟାଙ୍କନର ଦୁଇଟି ଉଦ୍ଦେଶ୍ୟ ଅଛି :

i. ଜୀବନ ବୀମାକର୍ତ୍ତାର ଆର୍ଥିକ ସ୍ଥିତିର ମୂଲ୍ୟାଙ୍କନ କରିବା ଏବଂ ନିର୍ଦ୍ଧାରିତ କରିବା ଯେ ଏହା ଦ୍ରାବକ କି ଅଣଦ୍ରାବକ ଅଟେ

ii. ପଲିସୀଧାରକ /ଅଂଶୀଦାରମାନଙ୍କ ମଧ୍ୟରେ ବିତରଣ ପାଇଁ ଉପଲବ୍ଧ ଅଧିଶେଷକୁ ନିର୍ଦ୍ଧାରିତ କରିବା ।

**ପରିଭାଷା**

ଅଧିଶେଷ ହେଉଛି ଦାୟିତ୍ୱଗୁଡିକର ମୂଲ୍ୟ ଉପରେ ସମ୍ପତ୍ତିର ମୂଲ୍ୟର ଅତିରିକ୍ତ । ଯଦି ଏହା ବିଯୁକ୍ତାତ୍ମକ ହୁଏ, ଏହାକୁ ଚାପ କୁହାଯାଏ ।

---

ଆସନ୍ତୁ ବର୍ତ୍ତମାନ ଦେଖିବା ଜୀବନ ବୀମାରେ ଅଧିଶେଷର ଧାରଣା ଏକ ଫାର୍ମର ଲାଭର ଅଧିଶେଷଠାରୁ କେମିତି ଭିନ୍ନ ଅଟେ ।

ସାଧାରଣତଃ ଫାର୍ମମାନେ ଲାଭସବୁକୁ ଦୁଇ ପ୍ରକାରେ ଦେଖନ୍ତି । ପ୍ରଥମତଃ, ଲାଭ ହେଉଛି ଏକ ଦତ୍ତ ଲେଖାଙ୍କନ ସମୟାବଧି ପାଇଁ **ବ୍ୟୟ ଉପରେ ଆୟର ଅତିରିକ୍ତ**, ଯେଉଁ ରୂପେ ଏହା ଲାଭ ଓ କ୍ଷତି ଖାତାରେ ଦେଖାଯାଏ । ଲାଭ ବି ଏକ ଫାର୍ମର ବାଲାନ୍ସ ଶୀଟ୍ ର ଏକ ଅଂଶ ହୋଇଥାଏ –ଏହାକୁ **ଦାୟିତ୍ୱ ଉପରେ ସମ୍ପତ୍ତିର ଅତିରିକ୍ତ** ରୂପେ ପରିଭାଷିତ କରାଯାଇପାରେ । ଉଭୟ କ୍ଷେତ୍ରରେ, ଲାଭସବୁକୁ ଲେଖାଙ୍କନ ସମୟାବଧି ଶେଷରେ ନିର୍ଦ୍ଧାରିତ କରାଯାଏ ।

ଅଧିଶେଷ = ସମ୍ପତ୍ତି- ଦାୟିତ୍ୱ

ଆସନ୍ତୁ ବୁଝିବା ଯେ ଜୀବନ ବୀମାରେ ଦାୟିତ୍ୱର ଅର୍ଥ କ'ଣ ଅଟେ । ଜୀବନ ବୀମା ପଲିସୀମାନଙ୍କ ଏକ ଦତ୍ତ ବ୍ଲକ୍ ପାଇଁ, ଜୀବନ ବୀମାକର୍ତ୍ତାକୁ ଭବିଷ୍ୟତ ଦାବୀ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ପ୍ରତ୍ୟାଶିତ ରାଶି ପ୍ରଦାନ ଯାହା ଉତ୍ପନ୍ନ ହୋଇପାରେ, ସେଗୁଡ଼ିକର ଖର୍ଚ୍ଚ ଏବଂ ଅନ୍ୟାନ୍ୟ ପ୍ରତିଶତ ବୀମାକର୍ତ୍ତା ମଧ୍ୟ ଏହିସବୁ ପଲିସୀ ପାଇଁ ଭବିଷ୍ୟତରେ ପ୍ରିମିୟମ ପ୍ରାପ୍ତି କରିବାର ଆଶା ରଖିଥାଏ ।

ଦାୟିତ୍ୱଗୁଡ଼ିକ ଏ ପ୍ରକାରେ ହେଉଛନ୍ତି କରିବାକୁ ଥିବା ସମସ୍ତ ରାଶିପ୍ରଦାନ ବିଯୁକ୍ତ ଏହିସବୁ ପଲିସୀ ଉପରେ ପ୍ରାପ୍ତି କରିବାର ଆଶା କରାଯାଉଥିବା ପ୍ରିମିୟମଗୁଡ଼ିକର ବର୍ତ୍ତମାନ ମୂଲ୍ୟ । ବର୍ତ୍ତମାନର ମୂଲ୍ୟ ଏକ ଉଚିତ୍ ଦରର ଡିସ୍କାଉଣ୍ଟ୍ [ସୁଧ ହାର] ପ୍ରୟୋଗ କରି ପ୍ରାପ୍ତ ହୋଇଥାଏ ।

ଜୀବନ ବୀମାକର୍ତ୍ତା ଯାହା ପୂର୍ବାନୁମାନ କରିଥିଲା, ତା' ଠାରୁ ତାର ବାସ୍ତବ ଅନୁଭୂତି ଅଧିକ ଉତ୍ତମ ହୋଇଥିବା ଫଳରେ ଅଧିଶେଷ ଉତ୍ପନ୍ନ ହୁଏ । ଏହା ଫଳରେ ଉତ୍ପନ୍ନ ହୋଇଥିବା ଲାଭସବୁକୁ ଜୀବନ ବୀମାକର୍ତ୍ତାମାନେ ସେମାନଙ୍କ ଲାଭ ସହିତ ପଲିସୀମାନଙ୍କ ଧାରକମାନଙ୍କ ସହିତ ଆବଣ୍ଟିତ କରିବା ପାଇଁ ଅନୁଗୃହିତ ମନେ କରନ୍ତି ।

**ଉଦାହରଣ**

31 ମାର୍ଚ୍ଚ 2013 ପର୍ଯ୍ୟନ୍ତ XYZ ଫାର୍ମର ଲାଭକୁ ସେହି ତାରିଖ ପର୍ଯ୍ୟନ୍ତ ଏହାର ଆୟ ବିଯୁକ୍ତ ବ୍ୟୟ କିମ୍ବା ଏହାର ସମ୍ପତ୍ତି ବିଯୁକ୍ତ ଦାୟିତ୍ୱ ରୂପେ ନିରୂପଣ କରାଯାଏ ।

ଉଭୟ ପକ୍ଷରେ, ଲାଭକୁ ସ୍ପଷ୍ଟରୂପେ ପରିଭାଷିତ କରାଯାଏ ଏବଂ ଜ୍ଞାତ ହୁଏ ।

## 2. ବୋନସ

ବୀମାକର୍ତ୍ତାମାନଙ୍କୁ ଏହାର ବିଭାଜ୍ୟ ଅଧିଶେଷକୁ ଘୋଷିତ କରିବାକୁ ପଡ଼େ ଏବଂ ଏକ ବୋନସ ରୂପେ କମ୍ପାନୀର ପଲିସୀଧାରକ ଓ ଅଂଶୀଦାର [ଯଦି କିଛି ଥାଆନ୍ତି], ଏ ମାନଙ୍କ ମଧ୍ୟରେ ବିତରଣ କରିବାକୁ ପଡ଼ିଥାଏ । ଭାରତ, ଯୁକ୍ତ ରାଜ୍ୟ ଏବଂ ଅନ୍ୟାନ୍ୟ ଅନେକ ଦେଶରେ, ଅଧିଶେଷର ବିତରଣ ଲୋକପ୍ରିୟ ଅଟେ ।

ବୋନସକୁ ଏକ ଚୁକ୍ତି ଅନ୍ତର୍ଗତ ପ୍ରଦାନଯୋଗ୍ୟ ମୂଳଭୂତ ଲାଭଠାରୁ ଅତିରିକ୍ତ ରୂପେ ପ୍ରଦାନ କରାଯାଏ । ପରମ୍ପରାଗତ ରୂପେ ଏହା ମୂଳ ବୀମାରାଶି କିମ୍ବା ମୂଳ ପେନସନ ପ୍ରତି ବର୍ଷ ରୂପେ ଦେଖାଯାଇପାରେ । ଉଦାହରଣ ସ୍ୱରୂପ, ଏହାକୁ ଟ.60 ପ୍ରତି ହଜାର ବୀମା ରାଶି ରୂପେ ପ୍ରକାଶ କରାଯାଇଥାଏ ।

ସବୁଠୁ ସାଧାରଣ ପ୍ରକାରର ବୋନସ ହେଉଛି **ପ୍ରତ୍ୟାବର୍ତ୍ତୀ ବୋନସ** । ଥରେ ଏହି ବୋନସ ସଂଯୋଜନଗୁଡିକ ଘୋଷିତ ହୋଇଗଲେ, ପ୍ରତି ବର୍ଷ ପ୍ରସ୍ତୁତ କରାଯାଇ, ପଲିସୀ ସହିତ ସଂଯୁକ୍ତ ହୋଇଯାଏ ଏବଂ ହଟାଇ ଦିଆଯାଇପାରିବ ନାହିଁ । ସେଗୁଡିକୁ 'ପ୍ରତ୍ୟାବର୍ତ୍ତୀ' ବୋନସ କୁହାଯାଏ କାରଣ ସେଗୁଡିକୁ କେବଳ ମୃତ୍ୟୁ କିମ୍ବା ପରିପକ୍ୱତା ଦ୍ୱାରା ଏକ ଦାବୀ ସମୟରେ ହିଁ ପ୍ରାପ୍ତି କରାଯାଏ । ବୋନସଗୁଡିକୁ ସମପର୍ଣରେ ମଧ୍ୟ ଦେୟ ହୋଇପାରେ ଯଦି ଚୁକ୍ତିଟି ଅନ୍ୟୂନ ଅବଧି (ଧରନ୍ତୁ 5 ବର୍ଷ) ପାଇଁ ଚାଲୁ ରହିଯୋଗ୍ୟ ହୋଇଥିବ ।

### ପ୍ରତ୍ୟାବର୍ତ୍ତୀ ବୋନସର ପ୍ରକାର

**ଚିତ୍ର 3** : ପ୍ରତ୍ୟାବର୍ତ୍ତୀ ବୋନସର ପ୍ରକାର




#### i. ସରଳ ପ୍ରତ୍ୟାବର୍ତ୍ତୀ ବୋନସ

ଏହା ହେଉଛି ଚୁକ୍ତି ଅନ୍ତର୍ଗତ ମୂଳ ନଗଦ ଲାଭର କିଛି ପ୍ରତିଶତ ରୂପେ ପ୍ରକାଶ କରାଯାଇଥିବା ବୋନସ । ଉଦାହରଣ ସ୍ୱରୂପ, ଭାରତରେ ଏହାକୁ ପ୍ରତି ହଜାର ବୀମାରାଶି ଉପରେ ରାଶି ପରିମାଣ ରୂପେ ଘୋଷିତ କରାଯାଏ ।

#### ii. ଚକ୍ରବୃଦ୍ଧି ବୋନସ

ଏଇଠି କମ୍ପାନୀ ଏକ ବୋନସକୁ ମୂଳ ଲାଭର କିଛି ପ୍ରତିଶତ ଏବଂ ପୂର୍ବରୁ ସଂଯୁକ୍ତ କରାଯାଇଥିବା ବୋନସ ରୂପେ ପ୍ରକାଶ କରେ । ଏହା ଏପ୍ରକାରେ ଏକ ବୋନସ ଉପରେ ବୋନସ ହୋଇଥାଏ । ଏହାକୁ ପ୍ରକାଶ କରିବାର ଏକ ପଦ୍ଧତି ହୋଇପାରେ ମୂଳ ବୀମା ରାଶି ଯୋଗ ସଂଯୁକ୍ତ ବୋନସର ୫% ର ହାର ରୂପେ ।

iii. **ଅନ୍ତିମ ବୋନସ**

ନାମ ସୂଚୀତ କରୁଥିବା ଅନୁରୂପ, ଏହି ବୋନସ ଏହାର ସମାପ୍ତି ସମୟରେ [ମୃତ୍ୟୁ କିମ୍ବା ପରିପକ୍ୱତା କାରଣରୁ] କେବଳ ଚୁକ୍ତିରେ ସଂଯୁକ୍ତ ହୋଇଥାଏ । ଏହା କେବଳ ଆଗାମୀ ବର୍ଷରେ ଉତ୍ପନ୍ନ ହୋଇଥିବା ଦାବୀଗୁଡିକ ପାଇଁ ପ୍ରଯୁଜ୍ୟ ହୋଇଥାଏ । ଏ ପ୍ରକାରେ 2013 ପାଇଁ ଘୋଷିତ ଅନ୍ତିମ ବୋନସ ସେହିସବୁ ଦାବୀ ପାଇଁ କେବଳ ଲାଗୁ ହେବ ଯାହା 2013 – 14 ରେ ଉତ୍ପନ୍ନ ହୋଇଥିବ ଏବଂ ପରବର୍ତ୍ତୀ ବର୍ଷଗୁଡିକ ପାଇଁ ନୁହେଁ । ଅନ୍ତିମ ବୋନସଗୁଡିକ ଚୁକ୍ତିର ସମୟାବଧି ଉପରେ ନିର୍ଭର କରେ ଏବଂ ଏହା ସହିତ ବୃଦ୍ଧି ପାଇଥାଏ ଏକ ଚୁକ୍ତି ଯାହା 25 ବର୍ଷ ପାଇଁ ଚାଲୁ ରହିଛି, ତାର ଅନ୍ତିମ ବୋନସ ସେହି ଚୁକ୍ତି ଯାହା 15 ବର୍ଷ ପାଇଁ ଚାଲୁ ରହିଛି, ଏହାଠାରୁ ଅଧିକ ହୋଇପାରେ ।

### 3. ଅଂଶଦାନ ପଦ୍ଧତି

ଉତ୍ତର ଆମେରିକାରେ ଲାଗୁ କରାଯାଇଥିବା ଅଧିଶେଷର ବିତରଣର ଅନ୍ୟ ଏକ ପଦ୍ଧତି ହେଉଛି "ଅଂଶଦାନ" ପଦ୍ଧତି । ଏଇଠି, ଅଧିଶେଷ, ଅର୍ଥାତ୍, ମୃତ୍ୟୁଦର, ସୁଧ ଓ ଖର୍ଚ୍ଚ ସମ୍ବନ୍ଧରେ ଯାହା ଘଟିବ ବୋଲି ଆଶା କରାଯାଇଥିଲା ଏବଂ ବର୍ଷ ମଧ୍ୟରେ କ'ଣ ବାସ୍ତବରେ ଘଟିଲା, ଏହାର ପାର୍ଥକ୍ୟକୁ ଘୋଷିତ କରାଯାଏ ଏବଂ ଡିଭିଡେଣ୍ଡ ରୂପେ ବିତରଣ କରାଯାଏ ।

ଡିଭିଡେଣ୍ଡଗୁଡିକୁ, ଭବିଷ୍ୟତର ପ୍ରିମିୟମରେ ସମାୟୋଜନ/ ହ୍ରାସ ମାଧ୍ୟମରେ, ପଲିସୀରେ ଅଣ-ଜବତଯୋଗ୍ୟ ପ୍ରଦାନ କରାଯାଇଥିବା ସଂଯୋଜନର କ୍ରୟର ସ୍ୱୀକୃତି ଦେଇ କିମ୍ବା ପଲିସୀର କ୍ରେଡିଟ୍ ରେ ସଂଚୟ ରୂପେ, ନଗଦ ରୂପେ ପ୍ରଦାନ କରାଯାଇପାରେ ।

### 4. ୟୁନିଟ୍ ଲିଙ୍କ୍ଡ ପଲିସୀ

ୟୁଲିପ୍ (ULP) ପଲିସୀମାନଙ୍କ ମୂଲ୍ୟ ନିର୍ଦ୍ଧାରଣର ସିଦ୍ଧାନ୍ତ ଏବଂ ଅନ୍ୟାନ୍ୟ ବିଶେଷତା ବିଷୟରେ ପୂର୍ବ ଅଧ୍ୟାୟରେ ଆଲୋଚନା କରାଯାଇଛି ।

**ସାରାଂଶ**

- ସାଧାରଣ ଭାଷାରେ, ପ୍ରିମିୟମ ପଦ ସେହି ମୂଲ୍ୟକୁ ସୂଚୀତ କରେ ଯାହାକୁ ଏକ ବୀମା ପଲିସୀ କ୍ରୟ କରିବା ପାଇଁ ଏକ ବୀମିତ ଦ୍ୱାରା ପ୍ରଦାନ କରାଯାଇଥାଏ ।
- ଜୀବନ ବୀମା ପଲିସୀମାନଙ୍କ ପାଇଁ ପ୍ରିମିୟମ ନିର୍ଦ୍ଧାରଣ କରିବାର ପ୍ରକ୍ରିୟାରେ ମୃତ୍ୟୁଦର, ସୁଧ, ବ୍ୟୟ ପ୍ରବନ୍ଧନ ଏବଂ ରିଜର୍ଭ ସଂପୃକ୍ତ ଥାଏ ।
- ମୋଟ ପ୍ରିମିୟମ ହେଉଛି ଶୁଦ୍ଧ (ନେଟ୍ ପ୍ରିମିୟମ) ଯୁକ୍ତ ଲୋଡିଙ୍ଗ୍ କୁହାଯାଉଥିବା ଏକ ରାଶି ।
- ବ୍ୟପଗମନର ଅର୍ଥ ହେଉଛି ଯେ ପଲିସୀଧାରକ ପ୍ରିମିୟମର ପ୍ରଦାନକୁ ବନ୍ଦ କରିଦିଏ । ଆହରଣ କ୍ଷେତ୍ରରେ, ପଲିସୀଧାରକ ପଲିସୀକୁ ସମର୍ପଣ କରେ ଏବଂ ପଲିସୀଧାରକ ପଲିସୀକୁ ସମର୍ପଣ କରେ ଏବଂ ପଲିସୀର ଅର୍ଜିତ ନଗଦ ମୂଲ୍ୟଠାରୁ ଏକ ରାଶି ପ୍ରାପ୍ତ କରେ ।
- ଜୀବନ ବୀମାକର୍ତ୍ତା ଯାହା ପୂର୍ବାନୁମାନ କରିଥିଲା, ତା' ଠାରୁ ତାର ବାସ୍ତବ ଅନୁଭୂତି ଅଧିକ ଉତ୍ତମ ହୋଇଥିବା ଫଳରେ ଅଧିଶେଷ ଉତ୍ପନ୍ନ ହୁଏ ।
- ଅଧିଶେଷ ଆବଣ୍ଟନ ଦ୍ରବତା ଆବଶ୍ୟକତାକୁ ବଜାୟ ରଖିବା, ମୁକ୍ତ ପରିସମ୍ପତ୍ତି ବୃଦ୍ଧି କରିବା ଇତ୍ୟାଦି ପାଇଁ ହୋଇପାରେ ।
- ସବୁଠୁ ସାଧାରଣ ପ୍ରକାରର ବୋନସ ହେଉଛି ପ୍ରତ୍ୟାବର୍ତ୍ତୀ ବୋନସ ।

## ମୁଖ୍ୟ ପଦାବଳୀ

1. ପ୍ରିମିୟମ
2. ଛାଡ଼ (ରିବେଟ୍)
3. ବୋନସ
4. ଅଧିଶେଷ
5. ରିଜର୍ଭ
6. ଲୋଡିଙ୍ଗ୍
7. ପ୍ରତ୍ୟାବର୍ତ୍ତୀ ବୋନସ

## ସ୍ୱୟଂ ପରୀକ୍ଷା କରନ୍ତୁ ର ଉତ୍ତର

**ଉତ୍ତର** 1 - ସଠିକ୍ ବିକଳ୍ପ ହେଉଛି II

# ଅଧ୍ୟାୟ L-07

## ଜୀବନ ବୀମା ଦଲିଲୀକରଣ

### ଅଧ୍ୟାୟ ପରିଚୟ

ଆମେମାନେ ଅଧ୍ୟାୟ 7 ରେ ଦେଖିଛୁ ଯେ ବୀମା ଉଦ୍ୟୋଗ ଅନେକ ସଂଖ୍ୟକ ଫର୍ମ ଏବଂ ଦସ୍ତାବିଜ ସହିତ କାରବାର କରେ । କେତେକ ଦସ୍ତାବିଜ ଅଛନ୍ତି ଯାହା ଜୀବନ ବୀମା ପାଇଁ ବିଶେଷ ଅଟନ୍ତି, ସେଗୁଡିକ ବିଷୟରେ ଏହି ଅଧ୍ୟାୟରେ ଆଲୋଚନା କରାଯାଇଛି । ଏଇଠି, ଏକ ପଲିସୀ ଦସ୍ତାବିଜରେ ସମ୍ମିଳିତ ମୁଖ୍ୟ ପ୍ରାବଧାନଗୁଡିକ ଉପରେ ମଧ୍ୟ ଆଲୋଚନା କରାଯାଇଛି । ଅନୁଗ୍ରହ ସମୟାବଧି, ପଲିସୀ ବ୍ୟପଗମନ ଏବଂ ଅଣ-ଜବତକରଣ ଓ କେତେକ ଅନ୍ୟ ସୁବିଧା/ଲାଭ ବିଷୟରେ ମଧ୍ୟ ଆଲୋଚନା କରାଯାଇଛି ।

### ଅଧ୍ୟୟନ ପରିଣାମ

A. ପ୍ରସ୍ତାବ ଚରଣ ଦଲିଲୀକରଣ

B. ପଲିସୀ ଚରଣ ଦଲିଲୀକରଣ

C. ପଲିସୀ ସର୍ତ୍ତାବଳୀ ଏବଂ ସୁବିଧା/ଲାଭ

## A. ପ୍ରସ୍ତାବ ଚରଣ ଦଲିଲୀକରଣ

ଅଧ୍ୟାୟ 7 ରେ ବିବରଣୀ ପୁସ୍ତିକା ଏବଂ ପ୍ରସ୍ତାବ ଫର୍ମ ସମ୍ବନ୍ଧରେ ଆଲୋଚିତ ହୋଇଥିବା ସାଧାରଣ ବିନ୍ଦୁଗୁଡିକୁ ଆଗକୁ ବଢ଼ାଇବା ପାଇଁ, କେତେକ ଅତିରିକ୍ତ ବିନ୍ଦୁ ଅଛନ୍ତି ଯାହାକୁ ଜୀବନ ବୀମାକର୍ତ୍ତାମାନେ ବୁଝିବା ଆବଶ୍ୟକ ଅଟେ ।

**ବିବରଣୀ ପୁସ୍ତିକା (ପ୍ରୋସପେକ୍ଟସ୍)** : ବୀମାରେ, 'ବିବରଣୀ ପୁସ୍ତିକା' ର ଅର୍ଥ ହେଉଛି ବୀମା ଉତ୍ପାଦକୁ ବିକ୍ରି କରିବା କିମ୍ବା ପ୍ରୋତ୍ସାହିତ କରିବା ପାଇଁ ବୀମାକର୍ତ୍ତା ଦ୍ୱାରା ଜାରୀ କରାଯାଇଥିବା ଭୌତିକ, ଇଲେକ୍ଟ୍ରୋନିକ୍ କିମ୍ବା କୌଣସି ଅନ୍ୟ ପ୍ରାରୂପରେ ଥିବା ଏକ ଦସ୍ତାବିଜ । ଏକ ବୀମା ଉତ୍ପାଦର ବିବରଣୀ ପୁସ୍ତିକା ସ୍ପଷ୍ଟ ରୂପେ ଉଲ୍ଲେଖ କରିବ

(a) ସମ୍ବନ୍ଧିତ ବୀମା ଉତ୍ପାଦ ପାଇଁ ପ୍ରାଧିକରଣ ଦ୍ୱାରା ବିତରଣ କରାଯାଇଥିବା ଅନନ୍ୟ ପରିଚୟ ସଂଖ୍ୟା (UIN);

(b) ଲାଭସବୁର ପରିସର;

(c) ବୀମା ସୁରକ୍ଷାର ବିସ୍ତାର ;

(d) ବ୍ୟାଖ୍ୟା ସହିତ ବୀମା ସୁରକ୍ଷାର ୱାରେଣ୍ଟି, ଅପବର୍ଜନ/ବ୍ୟତିକ୍ରମ ଏବଂ ସର୍ତ୍ତାବଳୀ ।

ବିବରଣୀ ପୁସ୍ତିକା ଆହୁରି ମଧ୍ୟ ପ୍ରଦାନ କରିବା ଉଚିତ୍ :

(a) ବୀମା ଦ୍ୱାରା ସୁରକ୍ଷା ପ୍ରାପ୍ତ ହେବାକୁ ଥିବା ଆକସ୍ମିକତା କିମ୍ବା ଆକସ୍ମିକତାଗୁଡିକର ଏକ ବିବରଣ;

(b) ସେଭଳି ବିବରଣୀ ପୁସ୍ତିକାର ନିୟମାବଳୀ ଅନ୍ତର୍ଗତ ବୀମା ପାଇଁ ଯୋଗ୍ୟ ଜୀବନ କିମ୍ବା ସମ୍ପତ୍ତିର ଶ୍ରେଣୀ କିମ୍ବା ଶ୍ରେଣୀ କିମ୍ବା ଶ୍ରେଣୀଗୁଡିକ ।

ଜୀବନ ବୀମାରେ, ବିବରଣୀ ପୁସ୍ତିକା ଉତ୍ପାଦ ଉପରେ ସ୍ୱୀକୃତ ରାଇଡର୍ (ସ୍ୱାସ୍ଥ୍ୟ ଓ ସାଧାରଣ ବୀମାରେ ଆଡ୍–ଅନ୍ ସୁରକ୍ଷା ବି କୁହାଯାଉଥିବା) ଏବଂ ସେଗୁଡିକର ଲାଭସବୁ ବିଷୟରେ ମଧ୍ୟ ଉଲ୍ଲେଖ କରିବା ଉଚିତ୍ ।

**ପ୍ରସ୍ତାବ ଫର୍ମ:** ଜୀବନ ବୀମା କ୍ଷେତ୍ରରେ, ପ୍ରସ୍ତାବକଙ୍କ ପରିବାର ସଦସ୍ୟ (ପିତାମାତା ସମେତ)ମାନଙ୍କ ବିବରଣୀ, ଯାହା ସେମାନଙ୍କ ଦୀର୍ଘ ଜୀବନ, ସ୍ୱାସ୍ଥ୍ୟର ସ୍ଥିତି ଓ ସେମାନଙ୍କ ମଧ୍ୟରୁ କେହି ବି ଆକ୍ରାନ୍ତ ହୋଇଥିବା ରୋଗ ସୂଚୀତ କରୁଥିବ, ସେସବୁକୁ ପ୍ରସ୍ତାବ ଫର୍ମ ମାଧ୍ୟମରେ ସଂଗ୍ରହ କରାଯାଏ । ଉତ୍ପାଦ ଆଧାରରେ, ବୀମା ପାଇଁ ପ୍ରସ୍ତାବିତ ଜୀବନର ଚିକିତ୍ସୀୟ ବିବରଣୀ, ତାର ବ୍ୟକ୍ତିଗତ ରୋଗର ଇତିହାସ ଏବଂ ବ୍ୟକ୍ତିଗତ ବିଶେଷତାସବୁକୁ ମଧ୍ୟ ମଗାଯାଇପାରେ । ପ୍ରସ୍ତାବ ଫର୍ମ ସେହି ଦସ୍ତାବିଜ ହୋଇଥାଏ ଯାହା ଦ୍ୱାରା ବୀମାକର୍ତ୍ତାମାନେ ସେହି ସମସ୍ତ ସୂଚନା ପାଇଥାନ୍ତି ଯାହା ସେମାନେ ସମ୍ଭାବ୍ୟ ଗ୍ରାହକଠାରୁ ଆବଶ୍ୟକ କରିଥାନ୍ତି ।

ବୀମା ଅଧିନିୟମର ଧାରା 45, ପ୍ରାବଧାନ ରଖେ ଯେ ତିନି ବର୍ଷ ପରେ ଭୁଲ –ବକ୍ତବ୍ୟ କାରଣରୁ ପଲିସୀ ଉପରେ ପ୍ରଶ୍ନ ଉଠାଯାଇ ପାରିବ ନାହିଁ ।ପ୍ରସ୍ତାବ ଫର୍ମ/ ମେଡିକାଲ ଫର୍ମ ଇତ୍ୟାଦିରେ ସତ୍ୟତାର ସହିତ ସମସ୍ତ ପ୍ରଶ୍ନର ଉତ୍ତର ଦେବା ପାଇଁ ସମ୍ଭାବ୍ୟ ଗ୍ରାହକର ମାର୍ଗଦର୍ଶନ କରିବାରେ ଏବଂ ସେମାନଙ୍କୁ ଧାରା 45 ଅନୁସାରେ ସେପରି ନ କରିବାର ପରିଣାମ ବିଷୟରେ ପରାମର୍ଶ ଦେବାରେ ଅଭିକର୍ତ୍ତାମାନଙ୍କ ଏକ ମହତ୍ୱପୂର୍ଣ୍ଣ ଭୂମିକା ରହିଥାଏ ।

ଜୀବନ ବୀମା ପାଇଁ ପ୍ରସ୍ତାବ ଫର୍ମଗୁଡିକ ଅଧିନିୟମର ଧାରା 45 ର ଆବଶ୍ୟକତାଗୁଡିକୁ ଉଲ୍ଲେଖ କରିବା ଉଚିତ୍ । ଜୀବନ ବୀମା ସୁରକ୍ଷା ପ୍ରାପ୍ତି କରିବା ପାଇଁ ପ୍ରସ୍ତାବ ଫର୍ମରେ ଥିବା ପ୍ରଶ୍ନଗୁଡିକର ଉତ୍ତର ଦେବା ବେଳେ, ସମ୍ଭାବ୍ୟ ଗ୍ରାହକକୁ ଅଧିନିୟମର ଧାରା 45 ର ପ୍ରାବଧାନଗୁଡିକ ବିଷୟରେ ସୂଚୀତ କରିବ ଏବଂ ପ୍ରସ୍ତାବକକୁ ଏହି ସୁବିଧାର ଲାଭ ଉଠାଇବା ପାଇଁ ପ୍ରୋତ୍ସାହିତ କରିବ ।

ସେହିଭଳି, ଅଧିନିୟମର ଧାରା 39 ନାମିତୀକରଣର ପ୍ରାବଧାନ ବିଷୟରେ ଅଟେ । ଯେଉଁଠି ବି ପ୍ରସ୍ତାବକ ପାଇଁ ନାମିତୀକରଣର ସୁବିଧା ଉପଲବ୍ଧ ହୁଏ, ଅଭିକର୍ତ୍ତା ତାକୁ ଅଧିନିୟମର ଧାରା 39 ର ପ୍ରାବଧାନଗୁଡିକ ବିଷୟରେ ସୂଚୀତ କରିବ ଏବଂ ପ୍ରସ୍ତାବକକୁ ଏହି ସୁବିଧାର ଲାଭ ଉଠାଇବା ପାଇଁ ପ୍ରୋତ୍ସାହିତ କରିବ ।

ପ୍ରସ୍ତାବିତ ଜୀବନର ବ୍ୟକ୍ତିଗତ ଆର୍ଥିକ ଯୋଜନା ସମ୍ବନ୍ଧୀୟ ଦିଗ ଯାହା ତାର କାର୍ଯ୍ୟ ଅବଧି, ଦର୍ଶାଯାଉଥିବା ଆୟ ଓ ବ୍ୟୟ, ଏବଂ ସଞ୍ଚୟ ଓ ନିବେଶ ସ୍ୱାସ୍ଥ୍ୟ, ଅବସରଗ୍ରହଣ ଓ ବୀମା ପାଇଁ ଆବଶ୍ୟକତା ଉପରେ ମଧ୍ୟ ଜୀବନ ବୀମା ପ୍ରସ୍ତାବ ଫର୍ମରେ ପ୍ରଶ୍ନ ପଚରାଯାଇପାରେ ।

**ଆୟୁ ପ୍ରମାଣ** : ବୀମିତ ହେବାକୁ ଥିବା ଜୀବନର ସଙ୍କଟ ପ୍ରୋଫାଇଲ୍ ର ମୂଲ୍ୟାଙ୍କନ କରିବା ପାଇଁ ଆୟୁ ଏକ ମହତ୍ୱପୂର୍ଣ୍ଣ କାରକ ହୋଇଥିବାରୁ, ଜୀବନ ବୀମାକର୍ତ୍ତାମାନେ ସଠିକ୍ ଆୟୁକୁ ସତ୍ୟାପନ କରିବା ପାଇଁ ଦଲିଲୀୟ ପ୍ରମାଣ ସଂଗ୍ରହ କରିଥାନ୍ତି । ବୈଧ ଆୟୁ ପ୍ରମାଣ ମାନକ କିମ୍ବା ଅଣ-ମାନକ ହୋଇପାରେ, ଯାହା ଅଧ୍ୟାୟ 7 ରେ ଆଲୋଚିତ ହୋଇଛି ।

ଜୀବନ ବୀମାକର୍ତ୍ତାମାନେ ନିମ୍ନଲିଖିତ ଦସ୍ତାବିଜକୁ ମଧ୍ୟ ଦେଖିଥାନ୍ତି ।

### a) ଅଭିକର୍ତ୍ତାଙ୍କ ଗୋପନୀୟ ରିପୋର୍ଟ

ଅଭିକର୍ତ୍ତା ପ୍ରାଥମିକ/ମୂଖ୍ୟ ସଙ୍କଟାଙ୍କକ ହୋଇଥାଏ । ସଙ୍କଟ ମୂଲ୍ୟାଙ୍କନ ପାଇଁ ଆବଶ୍ୟକ, ପଲିସୀଧାରକ ସମ୍ବନ୍ଧରେ ସମସ୍ତ ମହତ୍ୱ ପୂର୍ଣ୍ଣ ତଥ୍ୟ ଓ ବିବରଣୀକୁ ଅଭିକର୍ତ୍ତା ତା' ରିପୋର୍ଟରେ ପ୍ରକଟ କରିବା ଆବଶ୍ୟକ । ଏହାର ଅର୍ଥ ହେଉଛି ଯେ ସ୍ୱାସ୍ଥ୍ୟ, ଅଭ୍ୟାସ, ବ୍ୟବସାୟ, ଆୟ ଓ ପରିବାର ବିବରଣୀର ବିଷୟକୁ ରିପୋର୍ଟରେ ଉଲ୍ଲେଖ କରିବା ଆବଶ୍ୟକ ।

### b) ମେଡିକାଲ ପରୀକ୍ଷକଙ୍କ ରିପୋର୍ଟ

ଅନେକ କ୍ଷେତ୍ରରେ, ବୀମିତ କରିବାକୁ ଥିବା ଜୀବନକୁ ଏକ ଡାକ୍ତରଙ୍କ ଦ୍ୱାରା ଚିକିତ୍ସୀୟ ରୂପେ ଯାଞ୍ଚ କରିବାକୁ ହୋଇଥାଏ, ଯିଏ ବୀମା କମ୍ପାନୀ ଦ୍ୱାରା ସୂଚୀଭୂକ୍ତ ହୋଇଥାଏ । ଉଚ୍ଚତା, ଓଜନ, ରକ୍ତ ଚାପ, ହୃଦୟ ସମ୍ବନ୍ଧୀୟ ସ୍ଥିତି ଇତ୍ୟାଦି ଭଳି ଶାରୀରିକ ବିଶେଷତାସବୁର ବିବରଣୀଗୁଡିକୁ ଡାକ୍ତରଙ୍କ ଦ୍ୱାରା ରେକର୍ଡ କରାଯାଏ ଏବଂ ମେଡିକାଲ ପରୀକ୍ଷକଙ୍କ ରିପୋର୍ଟ କୁହାଯାଉ ଥିବା ତାଙ୍କ ରିପୋର୍ଟରେ ଉଲ୍ଲେଖ କରାଯାଏ । ତା' ଦ୍ୱାରା ବୀମା କମ୍ପାନୀର ସଙ୍କଟାଙ୍କକ ବୀମିତ ହେବାକୁ ଥିବା ଜୀବନର ବର୍ତ୍ତମାନର ସ୍ୱାସ୍ଥ୍ୟ ସ୍ଥିତିର ବିବରଣୀ ପ୍ରାପ୍ତ କରିଥାଏ ।

ଅନେକଗୁଡିଏ ପ୍ରସ୍ତାବକୁ ମେଡିକାଲ ଯାଞ୍ଚ କରିବା ବିନା ବୀମା ପାଇଁ ସଙ୍କଟାଙ୍କିତ ଏବଂ ସ୍ୱୀକୃତ କରାଯାଇଥାଏ । ସେମାନଙ୍କୁ ଅଣ-ମେଡିକାଲ ପ୍ରକରଣ କୁହାଯାଏ । ମେଡିକାଲ ପରୀକ୍ଷକଙ୍କ ରିପୋର୍ଟର ପାରମ୍ପରିକ ରୂପେ ଆବଶ୍ୟକ ହୋଇଥାଏ ଯେତେବେଳେ ପ୍ରସ୍ତାବଟିକୁ ଅଣ-ମେଡିକାଲ ସଙ୍କଟାଙ୍କନ ଅନ୍ତର୍ଗତ ବିଚାର କରାଯାଇପାରେ ନାହିଁ କାରଣ ପ୍ରସ୍ତାବିତ ରାଶି କିମ୍ବା ପ୍ରସ୍ତାବିତ ଜୀବନର ଆୟୁ ଅଧିକ ହୋଇଥାଏ କିମ୍ବା କେତେକ ବିଶେଷତା ଅଛି  ଯାହାକୁ ପ୍ରସ୍ତାବରେ ପ୍ରକଟ କରାଯାଏ, ଯାହା ଏକ ମେଡିକାଲ ପରୀକ୍ଷକ ଦ୍ୱାରା ପରୀକ୍ଷା ଓ ରିପୋର୍ଟ ଆବଶ୍ୟକ କରିଥାଏ ।

### c) ନୈତିକ ବିପତ୍ତି ରିପୋର୍ଟ

ନୈତିକ ବିପତ୍ତି ସେହି ସମ୍ଭାବନା ଅଟେ ଯେ ଏକ ଜୀବନ ବୀମା ପଲିସୀ କ୍ରୟ କରିବା ଫଳରେ ଏକ ଗ୍ରାହକର ବ୍ୟବହାରରେ ପରିବର୍ତ୍ତନ ହୋଇପାରେ ଏବଂ ସେଭଳି ପରିବର୍ତ୍ତନ ଏକ ହାନିର ସମ୍ଭାବନାକୁ ବୃଦ୍ଧି କରିପାରେ । ଏହା ଏକ କାରକ ହୋଇଥାଏ ଯାହାକୁ ସଙ୍କଟର ମୂଲ୍ୟାଙ୍କନ କରିବା ସମୟରେ ଜୀବନ ବୀମା ସଙ୍କଟାଙ୍କକମାନେ ଗମ୍ଭୀର ରୂପେ ବିଚାର କରିଥାନ୍ତି ।

ଜୀବନ ବୀମା କମ୍ପାନୀମାନେ ଜଣେ ନିଜର ଜୀବନ କିମ୍ବା ଅନ୍ୟ ଜଣକର ଜୀବନକୁ ସମାପ୍ତ କରିବା ଭଳି କାର୍ଯ୍ୟକଳାପ ମାଧ୍ୟମରେ ଜୀବନ କ୍ରୟ ଠାରୁ ଲାଭ ପ୍ରାପ୍ତ କରିବା ପାଇଁ ଚାହୁଁଥିବା ବ୍ୟକ୍ତିମାନଙ୍କ ସମ୍ଭାବନା ବିରୁଦ୍ଧରେ ସୁରକ୍ଷା ଦେବା ପାଇଁ

ଚାହିଁଥାନ୍ତି । ଏ ପ୍ରକାରେ ଜୀବନ ବୀମା ସଙ୍କଟାଙ୍କକମାନେ ସେହିସବୁ କାରକକୁ ଦେଖୁଥାନ୍ତି ଯାହା ସେଭଳି ବିପତ୍ତି ସୂଚୀତ କରିପାରେ । ଏହି ଉଦ୍ଦେଶ୍ୟ ପାଇଁ, କମ୍ପାନୀ ଆବଶ୍ୟକ କରିପାରେ ଯେ ବୀମା କମ୍ପାନୀର ଏକ ଅଧିକାରୀ ଦ୍ୱାରା ଏକ ନୈତିକ ବିପତ୍ତି ରିପୋର୍ଟ ଜମା କରିବାକୁ ପଡ଼ିବ ।

| ଉଦାହରଣ |
|---|

ବିକାଶ କିଛି ଦିନ ପୂର୍ବେ ଏକ ଜୀବନ ବୀମା ପଲିସୀ କିଣିଲା । ସେ ତାପରେ ଏକ ସାଇଟ୍ ରେ ଏକ ସ୍କୀଇଙ୍ଗ୍ ଅଭିଯାନରେ ଯିବା ପାଇଁ ନିଷ୍ପତ୍ତି ନେଲା, ଯାହାକୁ ବିଶ୍ୱରେ ସବୁଠୁ ବିପଦଜନକ ସ୍କୀଇଙ୍ଗ୍ ସ୍ଥଳ ମାନଙ୍କ ମଧ୍ୟରୁ ଗୋଟିଏ ବୋଲି ଦଲାଲି କରାଯାଉଥିଲା । ଅତୀତରେ ସେ ସେଭଳି ଅଭିଯାନରେ ଯିବା ପାଇଁ ମନା କରିଦେଇଥିଲା ।

## B. ପଲିସୀ ଚରଣ ଦଲଲୀକରଣ

### 1. ପ୍ରଥମ ପ୍ରିମିୟମ ରସିଦ

ଏକ ବୀମା ଚୁକ୍ତି ଆରମ୍ଭ ହୁଏ ଯେତେବେଳେ ଜୀବନ ବୀମା କମ୍ପାନୀ ଏକ ପ୍ରଥମ ପ୍ରିମିୟମ ରସିଦ (FPR) ଜାରୀ କରେ ।

FPR ପ୍ରମାଣ ଅଟେ ଯେ ପଲିସୀ ଚୁକ୍ତି ଆରମ୍ଭ ହୋଇଯାଇଛି । ପ୍ରଥମ ପ୍ରିମିୟମ ରସିଦରେ ନିମ୍ନଲିଖିତ ସୂଚନା ରହିଥାଏ:

i. ଜୀବନ ବୀମିତର ନାମ ଏବଂ ଠିକଣା
ii. ପଲିସୀ ସଂଖ୍ୟା
iii. ପ୍ରଦାନ କରାଯାଇଥିବା ପ୍ରିମିୟମ ରାଶି
iv. ପ୍ରିମିୟମ ପ୍ରଦାନର ପଦ୍ଧତି ଏବଂ ବାରମ୍ବାରତା
v. ପ୍ରିମିୟମ ପ୍ରଦାନର ପରବର୍ତ୍ତୀ ଦେୟ ତାରିଖ
vi. ସଙ୍କଟର ଆରମ୍ଭ ତାରିଖ
vii. ପଲିସୀର ଅନ୍ତିମ ପରିପକ୍ୱତା ତାରିଖ
viii. ସର୍ବଶେଷ ପ୍ରିମିୟମର ପ୍ରଦାନ ତାରିଖ
ix. ବୀମା ରାଶି

FPR ଜାରୀ ପରେ, ବୀମା କମ୍ପାନୀ ପରବର୍ତ୍ତୀ ପ୍ରିମିୟମ ରସିଦଗୁଡ଼ିକ ଜାରୀ କରିବ ଯେତେବେଳେ ଏହା ପ୍ରସ୍ତାବକଠାରୁ ଆହୁରି ପ୍ରିମିୟମ ପ୍ରାପ୍ତ କରିବ । ଏହିସବୁ ରସିଦକୁ ନୂତନୀକରଣ ପ୍ରିମିୟମ ରସିଦ (RPR) କୁହାଯାଏ । ପ୍ରିମିୟମ ପ୍ରଦାନ ସମ୍ବନ୍ଧୀୟ କୌଣସି ବିବାଦର ଅବସରରେ RPR ଗୁଡ଼ିକ ରାଶିପ୍ରଦାନର ପ୍ରମାଣ ରୂପେ କାର୍ଯ୍ୟ କରନ୍ତି ।

### 2. ପଲିସୀ ଦସ୍ତାବିଜ

ପଲିସୀ ଦସ୍ତାବିଜ ବୀମା ସହିତ ସଂପୃକ୍ତ ଥିବା ସବୁଠୁ ମହତ୍ୱପୂର୍ଣ୍ଣ ଦସ୍ତାବିଜ ଅଟେ । **ଏହା ବୀମିତ ଏବଂ ବୀମା କମ୍ପାନୀ ମଧ୍ୟରେ ହୋଇଥିବା ଚୁକ୍ତିର ପ୍ରମାଣ ହୋଇଥାଏ ।** ଏହା ସ୍ୱୟଂ ଚୁକ୍ତି ନୁହଁ । ଯଦି ପଲିସୀ ଦସ୍ତାବିଜଟି ପଲିସୀଧାରକ ଦ୍ୱାରା ହଜିଯାଏ, ଏହା ବୀମା ଚୁକ୍ତିକୁ ପ୍ରଭାବିତ କରେ ନାହିଁ । ବୀମା କମ୍ପାନୀ ଚୁକ୍ତିରେ କୌଣସି ପରିବର୍ତ୍ତନ ନ କରି ଏକ ନକଲ ପଲିସୀ ଜାରୀ କରିବ । ପଲିସୀ ଦସ୍ତାବିଜଟି ଏକ ସକ୍ଷମ ଅଧିକାରୀଙ୍କ ଦ୍ୱାରା ହସ୍ତାକ୍ଷରିତ ହୋଇଥାଏ ଏବଂ ଭାରତୀୟ ମୁଦ୍ରା ଆଇନ ଅନୁସାରେ


ମୁଦ୍ରିତ ହୋଇଥିବା ଉଚିତ୍ I ପଲିସୀ ଦସ୍ତାବିଜର ଡିଜାଇନ୍ କରିବା ସମୟରେ ଜୀବନ ବୀମାକର୍ତ୍ତାମାନେ ସାବଧାନ ରହିଥାନ୍ତି କାରଣ ସେମାନେ କୌଣସି ଅସ୍ୱଷ୍ଟତା କିମ୍ବା ଭ୍ରମ ଯାହା ଏହାର ଶବ୍ଦାବଳୀର ବ୍ୟାଖ୍ୟାରେ ଉପୁଜିପାରେ, ତା' ପାଇଁ ଦାୟିତ୍ୱର ଭାର ବହନ କରିଥାନ୍ତି I

ଏକ ଆଦର୍ଶ ପଲିସୀ ଦସ୍ତାବିଜରେ ତିନୋଟି ଭାଗ ଥାଏ :

a) **ପଲିସୀ ଅନୁସୂଚୀ**

ପଲିସୀ ଅନୁସୂଚୀ ପ୍ରଥମ ଭାଗ ହୋଇଥାଏ I ଏହା ସାଧାରଣତଃ ପଲିସୀର ସମ୍ମୁଖ ପୃଷ୍ଠାରେ ମିଳିଥାଏ I ଜୀବନ ବୀମା ଚୁକ୍ତିମାନଙ୍କର ଅନୁସୂଚୀ ସାଧାରଣତଃ ସମାନ ପ୍ରକାରର ହୋଇଥାଏ I ସେଥିରେ ସାମାନ୍ୟତଃ ନିମ୍ନଲିଖିତ ସୂଚନା ରହିଥାଏ:

**ଚିତ୍ର 1** : ପଲିସୀ ଦସ୍ତାବିଜ ଘଟକ




i. ବୀମା କମ୍ପାନୀର ନାମ

ii. ଏକ ପଲିସୀର କେତେକ ସାଧାରଣ ବିବରଣୀଗୁଡିକ ହେଉଛି:

- ✓ ପଲିସୀ ମାଲିକର ନାମ ଏବଂ ଠିକଣା
- ✓ ଜନ୍ମଦିନ ଏବଂ ବୟସ, ଗତ ଜନ୍ମଦିନ
- ✓ ପଲିସୀ ଚୁକ୍ତିର ଯୋଜନା ଓ ଅବଧି
- ✓ ବୀମା ରାଶି
- ✓ ପ୍ରିମିୟମ ରାଶି
- ✓ ପ୍ରିମିୟମ ଦେୟ ଅବଧି
- ✓ ଆରମ୍ଭ ତାରିଖ, ପରିପକ୍ୱତା ତାରିଖ ଏବଂ ସର୍ବଶେଷ ପ୍ରିମିୟମର ଦେୟ ତାରିଖ
- ✓ ପଲିସୀଟି ଲାଭ ସହିତ କିମ୍ବା ଲାଭ ରହିତ ଅଟେ
- ✓ ନାମୀତର ନାମ
- ✓ ପ୍ରିମିୟମ ପ୍ରଦାନର ପଦ୍ଧତି – ବାର୍ଷିକ; ଅର୍ଦ୍ଧ ବାର୍ଷିକ; ତ୍ରୈମାସିକ ; ମାସିକ; ବେତନଠାରୁ କାଟିବା ମାଧ୍ୟମରେ
- ✓ ପଲିସୀ ସଂଖ୍ୟା – ଯାହା ପଲିସୀ ଚୁକ୍ତିର ଅନନ୍ୟ ପରିଚୟ ସଂଖ୍ୟା ହୋଇଥାଏ

iii. ପ୍ରଦାନ କରିବା ପାଇଁ ବୀମାକର୍ତ୍ତାର ପ୍ରତିଶ୍ରୁତି I ସେହିସବୁ ଘଟଣା ଯାହାର ଘଟଣା ଉପରେ ଏବଂ ସେହିସବୁ ରାଶି ଯାହାକୁ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଥାଏ I ଏହା ବୀମା ଚୁକ୍ତିର ମର୍ମ ସ୍ଥଳ ହୋଇଥାଏ I

iv. ପ୍ରାଧିକୃତ ହସ୍ତାକ୍ଷରକର୍ତ୍ତାଙ୍କ ହସ୍ତାକ୍ଷର ଏବଂ ପଲିସୀ ଷ୍ଟାମ୍ପ

v. ସ୍ଥାନୀୟ ବୀମା ଲୋକପାଳଙ୍କ ଠିକଣା

**b) ମାନକ ପ୍ରାବଧାନ**

ପଲିସୀ ଦସ୍ତାବିଜର ଦ୍ୱିତୀୟ ଘଟକ ମାନକ ପଲିସୀ ପ୍ରାବଧାନଗୁଡିକ ଦ୍ୱାରା ନିର୍ମିତ ହୋଇଥାଏ, ଯେପରି କି ଆୟୁର ପ୍ରମାଣ, ପ୍ରିମିୟମ ପ୍ରଦାନ ଅନୁଗ୍ରହ ସମୟାବଧି ସମ୍ବନ୍ଧୀୟ ଇତ୍ୟାଦି, ଯାହା ସାଧାରଣତଃ ସମସ୍ତ ଜୀବନ ବୀମା ଚୁକ୍ତିରେ ଉପସ୍ଥିତ ଥାଆନ୍ତି । ଏହିସବୁ ପ୍ରାବଧାନ ମଧ୍ୟରୁ କେତେକ କେତେକ ପ୍ରକାରର ଚୁକ୍ତି, ଯେପରିକି ମିଆଦି, ଏକଳ ପ୍ରିମିୟମ କିମ୍ବା ଅଣ-ସହଭାଗୀତା (ଲାଭ ସହିତ) ପଲିସୀମାନଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇ ନ ପାରେ । ଏହି ମାନକ ପ୍ରାବଧାନଗୁଡିକ ଅଧିକାର ଓ ଲାଭ/ସୁବିଧା ଏବଂ ଅନ୍ୟାନ୍ୟ ସର୍ତ୍ତାବଳୀକୁ ପରିଭାଷିତ କରିଥାନ୍ତି, ଯାହା ଚୁକ୍ତି ଅନ୍ତର୍ଗତ ପ୍ରଯୁଜ୍ୟ ହୋଇଥାନ୍ତି ।

**c) ବିଶେଷ ପଲିସୀ ପ୍ରାବଧାନ**

ପଲିସୀ ଦସ୍ତାବିଜର ତୃତୀୟ ଭାଗରେ ବିଶେଷ ପଲିସୀ ପ୍ରାବଧାନ ଥାଆନ୍ତି ଯାହା ବୈୟକ୍ତିକ ପଲିସୀ ଚୁକ୍ତି ପାଇଁ ବିଶେଷ ହୋଇଥାନ୍ତି । ଏଗୁଡିକୁ  ଦସ୍ତାବିଜର ସମ୍ମୁଖରେ ମୁଦ୍ରିତ କରାଯାଇପାରେ କିମ୍ବା ଏକ ସଂଲଗ୍ନ ରୂପେ ଅଲଗା ନିବିଷ୍ଟ କରାଯାଇପାରେ ।

ଯେତେବେଳେ ମାନକ ପଲିସୀ ପ୍ରାବଧାନସବୁ, ଯେମିତିକି ଅନୁଗ୍ରହର ଅବଧି କିମ୍ବା ବ୍ୟପଗମନ କ୍ଷେତ୍ରରେ ଅଣ-ଜବତକରଣ, କୁ ସାଂବିଧିକ ରୂପେ ଚୁକ୍ତିରେ ପ୍ରଦାନ କରାଯାଇଥାଏ, ବିଶେଷ ପ୍ରାବଧାନସବୁକୁ ସାଧାରଣତଃ ବୀମାକର୍ତ୍ତା ଓ ବୀମିତ ମଧ୍ୟରେ ବିଶେଷ ଚୁକ୍ତି ସହିତ ସଂଯୁକ୍ତ କରାଯାଇଥାଏ ।

**ଉଦାହରଣ**

ଏକ ମହିଳା ଯିଏ ଚୁକ୍ତି ଲେଖିବା ସମୟରେ ଶିଶୁ ପ୍ରସବର ପ୍ରତ୍ୟାଶା ରଖିଥାଏ, ତା' ପାଇଁ ଗର୍ଭାବସ୍ଥା କାରଣରୁ ମୃତ୍ୟୁକୁ ପ୍ରତିରୋଧ କରୁଥିବା ଏକ ଅନୁଚ୍ଛେଦ ।

**ସ୍ୱୟଂ ପରୀକ୍ଷା କରନ୍ତୁ1**

ଏକ ପ୍ରଥମ ପ୍ରିମିୟମ ରସିଦ (FPR) କ'ଣ ସୂଚୀତ କରେ ? ସବୁଠୁ ଉପଯୁକ୍ତ ବିକଳ୍ପକୁ ଚୟନ କରନ୍ତୁ

I. ମୁକ୍ତ-ଅବଲୋକନ ଅବଧି ସମାପ୍ତ ହୋଇଛି

II. ଏହା ପ୍ରମାଣ ହୋଇଥାଏ ଯେ ପଲିସୀ ଚୁକ୍ତି ଆରମ୍ଭ ହୋଇଛି

III. ପଲିସୀକୁ ବର୍ତ୍ତମାନ ରଦ୍ଦ କରାଯାଇପାରିବ ନାହିଁ

IV. ପଲିସୀଟି ଏକ ନିର୍ଦ୍ଦିଷ୍ଟ ନଗଦ ମୂଲ୍ୟ ହାସଲ କରିଛି ।

## C. ପଲିସୀ ସର୍ତ୍ତାବଳୀ ଏବଂ ଲାଭ ⁄ ସୁବିଧା

### ଅନୁଗ୍ରହ ସମୟାବଧି

ଅଧ୍ୟାୟ 4ରେ ଉଲ୍ଲେଖ କରାଯାଇଥିବା ଭଳି, ଅନୁଗ୍ରହ ସମୟାବଧି ପ୍ରାବଧାନ ଏକ ପଲିସୀ ଯାହା ଅନ୍ୟଥା ପ୍ରିମିୟମର ଅଣ-ପ୍ରଦାନ ପାଇଁ ବ୍ୟପଗତ ହୋଇ ଯାଇଥାନ୍ତା, ତାକୁ ଅନୁଗ୍ରହ ସମୟାବଧିରେ ଚାଲୁ ରଖିବାପାଇଁ ସକ୍ଷମ କରେ । ପ୍ରତ୍ୟେକ ଜୀବନ ବୀମା ଚୁକ୍ତି ମୃତ୍ୟୁ ଲାଭ ପ୍ରଦାନ କରିବା ପାଇଁ ସମ୍ମତି ଦିଏ ଏହି ସର୍ତ୍ତରେ ଯେ ପ୍ରିମିୟମସବୁ ଏହି ତାରିଖ ପର୍ଯ୍ୟନ୍ତ ପ୍ରଦାନ

କରାଯାଇଛି ଏବଂ ପଲିସୀଟି ପ୍ରଭାବୀ ରହିଛି । "ଅନୁଗ୍ରହ ସମୟାବଧି" ଧାରା ପଲିସୀଧାରକଙ୍କୁ ପ୍ରିମିୟମ ଦେୟ ହେବା ପରେ ତାହା ପ୍ରଦାନ କରିବାକୁ ଏକ ଅତିରିକ୍ତ ସମୟାବଧିର ସ୍ୱୀକୃତି ଦେଇଥାଏ ।

ପ୍ରିମିୟମ ଅବଶ୍ୟ ଦେୟ ରହିଥାଏ ଏବଂ ଏହି ସମୟାବଧିରେ ପଲିସୀଧାରକର ମୃତ୍ୟୁ ହୁଏ, ବୀମାକର୍ତ୍ତା ପ୍ରିମିୟମକୁ ମୃତ୍ୟୁ ଲାଭଠାରୁ କାଟିଦିଏ । ଯଦି ଅନୁଗ୍ରହ ସମୟାବଧି ଚାଲିଗଲା ପରେ ବି ପ୍ରିମିୟମ ଦିଆ ଯାଇ ନ ପାରିଲା, ପଲିସୀଟି ତାପରେ ବ୍ୟପଗତ ହୋଇଯାଇଛି ବୋଲି ବିଚାର କରାଯିବ ଏବଂ କମ୍ପାନୀ ମୃତ୍ୟୁ ଲାଭ ପ୍ରଦାନ କରିବାର ବୈଧିକ କର୍ତ୍ତବ୍ୟର ଅଧୀନ ରହିବ ନାହିଁ । କେବଳ ସେହି ରାଶି ଦେୟ ହେବ ଯାହା ଅଣ-ଜବତକରଣ ପ୍ରାବଧାନ ଅନ୍ତର୍ଗତ ପ୍ରଯୁଜ୍ୟ ହୋଇଥାଏ ।

**ମହତ୍ୱପୂର୍ଣ୍ଣ**

**ବ୍ୟପଗମନ ଏବଂ ପୁନଃସ୍ଥାପନ/ ପୁନଃପ୍ରବର୍ତ୍ତନ**

ଆମେମାନେ ପୂର୍ବରୁ ଦେଖିଛୁ ଯେ ଏକ ପଲିସୀ ବ୍ୟପଗତ ସ୍ଥିତିରେ ଅଛି ବୋଲି କୁହାଯିବ ଯଦି ପ୍ରିମିୟମ ଅନୁଗ୍ରହ ସମୟାବଧିରେ ବି ପ୍ରଦାନ କରାଯାଇ ନ ଥିବ । ଉତ୍ତମ ଖବରଟି ହେଉଛି ଅଧିକାଂଶ ବ୍ୟପଗତ ଜୀବନ ବୀମା ପଲିସୀକୁ ପୁନଃସ୍ଥାପିତ [ପୁନଃପ୍ରବର୍ତ୍ତିତ] କରାଯାଇପାରେ । ଆଇ.ଆର.ଡି.ଏ.ଆଇ. ଉତ୍ପାଦ ବିନିୟାମକ ଅନୁସାରେ, ଏକ ଅଣ-ଲିଙ୍କ୍ଡ ପଲିସୀକୁ ଅପ୍ରଦତ୍ତ ପ୍ରିମିୟମର ତାରିଖଠାରୁ 5 ବର୍ଷ ମଧ୍ୟରେ ପୁନଃପ୍ରବର୍ତ୍ତିତ କରାଯାଇପାରେ, ଯେତେବେଳେ କି ଏକ ଲିଙ୍କ୍ଡ ପଲିସୀକୁ 3 ବର୍ଷ ମଧ୍ୟରେ ପ୍ରବର୍ତ୍ତିତ କରାଯାଇପାରେ ।

**ପରିଭାଷା**

ପୁନଃପ୍ରବର୍ତ୍ତନ ସେହି ପ୍ରକ୍ରିୟା ଅଟେ ଯାହାଦ୍ୱାରା ଏକ ଜୀବନ ବୀମା କମ୍ପାନୀ ଏକ ପଲିସୀ ପୁନଃ ପ୍ରଭାବୀ କରେ ଯାହା ହୁଏତ ପ୍ରିମିୟମର ଅଣ-ପ୍ରଦାନ କାରଣରୁ ସମାପ୍ତ ହୋଇଯାଇଥିବ କିମ୍ବା ଅଣ-ଜବତକରଣ ପ୍ରାବଧାନସବୁ ମଧ୍ୟରୁ ଗୋଟିଏ ଅନ୍ତର୍ଗତ ଚାଲୁ ରହିଥିବ ।

---

ପଲିସୀର ପୁନଃପ୍ରବର୍ତ୍ତନ ଅବଶ୍ୟ ବୀମିତର ସର୍ତ୍ତ ରହିତ ଅଧିକାର ହୋଇ ନ ପାରେ । ଏହାକୁ କେବଳ କେତେକ ସର୍ତ୍ତ ଅନ୍ତର୍ଗତ ସମ୍ପନ୍ନ କରାଯାଇପାରେ:

i. **ବିନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ ପୁନଃପ୍ରବର୍ତ୍ତନ ଆବେଦନ**: ପଲିସୀ ଧାରକ ନିଶ୍ଚିତ ରୂପେ ପୁନଃପ୍ରବର୍ତ୍ତନ ଆବେଦନକୁ ସେଭଳି ପୁନଃ ପ୍ରବର୍ତ୍ତନ ପାଇଁ ପ୍ରାବଧାନରେ ଉଲ୍ଲିଖିତ ସମୟ ସୀମା, ଧରନ୍ତୁ ବ୍ୟପଗମନ ତାରିଖଠାରୁ ପାଞ୍ଚ ବର୍ଷ ମଧ୍ୟରେ ପୂରା କରିବା ଉଚିତ୍ ।

ii. **ଅବିଚ୍ଛିନ୍ନ ବୀମାଯୋଗ୍ୟତାର ସନ୍ତୋଷଜନକ ପ୍ରମାଣ**: ବୀମିତକୁ ନିଶ୍ଚିତ ରୂପେ ବୀମା କମ୍ପାନୀ ସମ୍ମୁଖରେ ତାର ଅବିଚ୍ଛିନ୍ନ ବୀମାଯୋଗ୍ୟତାର ସନ୍ତୋଷଜନକ ଥିବା ଉଚିତ୍ । କିନ୍ତୁ ଅନ୍ୟାନ୍ୟ କାରକ ଯେପରିକି ଆର୍ଥିକ ଆୟ ଓ ନୈତିକତାର ବି ବଶେଷ ରୂପେ ହ୍ରାସ ନ ହେବା ଉଚିତ୍ ।

iii. **ଅତିଦେୟ ପ୍ରିମିୟମର ସୁଧ ସହିତ ପ୍ରଦାନ**: ପଲିସୀ ମାଲିକ ଦ୍ୱାରା ପ୍ରତ୍ୟେକ ପ୍ରିମିୟମର ଦେୟ ତାରିଖଠାରୁ ସୁଧ ସହିତ ସମସ୍ତ ଅତିଦେୟ ପ୍ରିମିୟମର ରାଶି ପ୍ରଦାନ କରିବା ଆବଶ୍ୟକ ଅଟେ ।

iv. ଅବିଚ୍ଛିନ୍ନ ବୀମା ଯୋଗ୍ୟତାର ପ୍ରମାଣକୁ ମୂଲ୍ୟାଙ୍କନ କରିବା ପରେ ବୀମାକର୍ତ୍ତା ବିଦ୍ୟମାନ ନିୟମାବଳୀ ଅନୁସାରେ ପଲିସୀ ଓ ପ୍ରିମିୟମକୁ ପୁନଃପ୍ରବର୍ତ୍ତନ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି ଏବଂ ପ୍ରିମିୟମର ବୃଦ୍ଧି କିମ୍ବା ହ୍ରାସ କରାଯାଇଥିବା ସଙ୍କଟ ସୁରକ୍ଷା କିମ୍ବା ଉଭୟର ସହିତ ପୁନଃପ୍ରବର୍ତ୍ତନର ପ୍ରସ୍ତାବ ବି ଦେଇପାରନ୍ତି ।

**ବୋଧହୁଏ ଉପରୋକ୍ତ ସର୍ତ୍ତମାନଙ୍କ ମଧ୍ୟରୁ ସବୁଠୁ ମହତ୍ୱପୂର୍ଣ୍ଣ ହେଉଛି ଯାହା ପୁନଃପ୍ରବର୍ତ୍ତନ ସମୟରେ ବୀମାଯୋଗ୍ୟତାର ପ୍ରମାଣ ଆବଶ୍ୟକ କରେ ।** ମଗାଯାଉଥିବା ପ୍ରମାଣର ପ୍ରକାର ପ୍ରତ୍ୟେକ ବୈୟକ୍ତିକ ପଲିସୀର ପରିସ୍ଥିତି ଉପରେ ନିର୍ଭର କରେ । ଯଦି ପଲିସୀଟି ବ୍ୟପଗତ ସ୍ଥିତିରେ ବହୁତ ଅଳ୍ପ ସମୟାବଧି ପାଇଁ ରହିଥାଏ, ବୀମାକର୍ତ୍ତା କୌଣସି ବୀମାଯୋଗ୍ୟତାର ପ୍ରମାଣ ବିନା ପଲିସୀର ପୁନଃପ୍ରବର୍ତ୍ତନ କରିପାରେ କିମ୍ବା ବୀମିତଠାରୁ ଏକ ସରଳ ଉକ୍ତି ଆବଶ୍ୟକ କରିପାରେ ସେ ଏହା ପ୍ରମାଣିତ କରେ ଯେ ତାର ସ୍ୱାସ୍ଥ୍ୟ ଉତ୍ତମ ଅଛି ।

କମ୍ପାନୀ ଅବଶ୍ୟ କେତେକ ପରିସ୍ଥିତିରେ ଡାକ୍ତରୀ ପରୀକ୍ଷା କିମ୍ବା ବୀମାଯୋଗ୍ୟତାର ଅନ୍ୟ ପ୍ରମାଣ ଆବଶ୍ୟକ କରିପାରେ:

i. ଯଦି ଅନୁଗ୍ରହ ସମୟାବଧି ଦୀର୍ଘ ଦିନ ଠାରୁ ସମାପ୍ତି ହୋଇଯାଇଛି ଏବଂ ପଲିସୀଟି ଧରନ୍ତୁ, ପ୍ରାୟ ଏକ ବର୍ଷ ଧରି ବ୍ୟପଗତ ସ୍ଥିତିରେ ଅଛି ।
ii. ଯଦି ବୀମାକର୍ତ୍ତା ପାଖରେ ସନ୍ଦେହ କରିବାର କାରଣ ରହେ ଯେ ସ୍ୱାସ୍ଥ୍ୟ କିମ୍ବା ଅନ୍ୟ ସମସ୍ୟା ରହିପାରେ । ନୂଆ ଡାକ୍ତରୀ ପରୀକ୍ଷା ମଧ୍ୟ ଆବଶ୍ୟକ ହୋଇପାରେ ଯଦି ପଲିସୀର ବୀମା ରାଶି କିମ୍ବା ଫେସ୍ ରାଶି ଅଧିକ ହୋଇଥାଏ ।

**ମହତ୍ୱପୂର୍ଣ୍ଣ**

ବ୍ୟପଗତ ପଲିସୀମାନଙ୍କ ପୁନଃପ୍ରବର୍ତ୍ତନ (ପୁନଃପ୍ରଚଳନ) ହେଉଛି ଏକ ମହତ୍ୱପୂର୍ଣ୍ଣ ସେବା କାର୍ଯ୍ୟ ଯାହାକୁ ଜୀବନ ବୀମାକର୍ତ୍ତାମାନେ ସକ୍ରିୟ ରୂପେ ପ୍ରୋତ୍ସାହିତ କରିବା ପାଇଁ ଚାହାଁନ୍ତି ଯେହେତୁ ବ୍ୟପଗତ ଅବସ୍ଥାରେ ଥିବା ପଲିସୀଗୁଡିକ ନା ବୀମାକର୍ତ୍ତା ନା ପଲିସୀଧାରକର ମଙ୍ଗଳ କରିଥାନ୍ତି ।

---

### ଅଣ-ଜବତକରଣ ପ୍ରାବଧାନ

ବୀମା ଅଧିନିୟମ, 1938 (ଧାରା 113), ସେହି ପଲିସୀ (ଯେଉଁମାନେ ସମର୍ପଣ ମୂଲ୍ୟ ହାସଲ କରିଥାନ୍ତି), ସେମାନଙ୍କୁ ଜୀବିତ ରଖି, ବ୍ୟପଗମନରୁ, ଅଧିକ ପ୍ରିମିୟମର ପ୍ରଦାନ ବିନା ମଧ୍ୟ ପ୍ରଦାନ କରାଯାଇଥିବା ବୀମା ରାଶି ପର୍ଯ୍ୟନ୍ତ, ସୁରକ୍ଷା ପ୍ରଦାନ କରିଥାଏ । ଏହା ଏହି କାରଣଯୋଗୁଁ ଯେ ପଲିସୀ ଅନ୍ତର୍ଗତ ସଂଚିତ ନଗଦ ମୂଲ୍ୟ ଉପରେ ପଲିସୀଧାରକର ଦାବୀ ଥାଏ ।

a) **ସମର୍ପଣ ମୂଲ୍ୟ**

ସମର୍ପଣ ମୂଲ୍ୟ ହେଉଛି ସେହି ରାଶି ଯାହାକୁ ଆପଣ ପାଇବେ ଯେତେବେଳେ ଆପଣ ଯୋଜନାଠାରୁ ଅସମୟ ପ୍ରସ୍ଥାନ କରିବା ପାଇଁ ନିଷ୍ପତ୍ତି ନିଅନ୍ତି, ଅର୍ଥାତ୍ ଯେତେବେଳେ ଆପଣ ପଲିସୀର ପରିପକ୍ୱତା ପୂର୍ବରୁ ଏହାକୁ ସଂପୂର୍ଣ୍ଣ ରୂପେ ପ୍ରତ୍ୟାହୃତ କିମ୍ବା ସମାପ୍ତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ।

ଜୀବନ ବୀମାକର୍ତ୍ତାମାନଙ୍କ ପାଖରେ ସାଧାରଣତଃ ଏକ ଚାର୍ଟ ଥାଏ ଯାହା ବିଭିନ୍ନ ସମୟରେ ସମର୍ପଣ ମୂଲ୍ୟକୁ ସୂଚୀଭୁକ୍ତ କରେ ଏବଂ ସେହି ପଦ୍ଧତି ବିଷୟରେ ବି ଉଲ୍ଲେଖ କରେ ଯାହାକୁ ସମର୍ପଣ ମୂଲ୍ୟ ନିର୍ଦ୍ଧାରିତ କରିବାରେ ବ୍ୟବହାର କରାଯିବ । ସୂତ୍ରଟି ବୀମାର ପ୍ରକାର ଓ ଯୋଜନା, ପଲିସୀର ଆୟୁ ଏବଂ ପଲିସୀ ପ୍ରିମିୟମ ପ୍ରଦାନ ସମୟର ଦୀର୍ଘତାକୁ ମଧ୍ୟ ବିଚାର କରେ ।

ସମର୍ପଣ ପରେ ଜଣକର ହାତରେ ମିଳୁଥିବା ବାସ୍ତବ ନଗଦ ରାଶି ପଲିସୀରେ ନିର୍ଦ୍ଧାରିତ ସମର୍ପଣ ମୂଲ୍ୟ ରାଶିଠାରୁ ଭିନ୍ନ ହୋଇପାରେ । ବାସ୍ତବ ରାଶି ପରିମାଣ କୌଣସି ଅର୍ଜିତ ବୋନସ, ଇତ୍ୟାଦି କାରଣରୁ ଭିନ୍ନ ହୋଇପାରେ ।

**ଗ୍ୟାରେଣ୍ଟିଯୁକ୍ତ ସମର୍ପଣ ମୂଲ୍ୟ** [GSV]: ଆଇ.ଆର.ଡି.ଏ.ଆଇ. ମାର୍ଗଦର୍ଶିକା (2019 ରେ ସଂଶୋଧିତ ହୋଇଥିବା) ଅନୁଯାୟୀ ଭାରତୀୟ ଆଇନ ଏକ ଗ୍ୟାରେଣ୍ଟିଯୁକ୍ତ ସମର୍ପଣ ମୂଲ୍ୟ [GSV] ଦେୟ ହେବାର ପ୍ରାବଧାନ ରଖେ ଯଦି ଅନ୍ୟୂନ ଲଗାତର ଦୁଇ ବର୍ଷ ପାଇଁ ସମସ୍ତ ପ୍ରିମିୟମ ପ୍ରଦାନ କରାଯାଇଥିବ । ପ୍ରଦାନ କରାଯାଇଥିବା ପ୍ରିମିୟମସବୁର କିଛି ପ୍ରତିଶତ

(ଧରନ୍ତୁ 30%) ରୂପେ ମିଳିଥିବା ଏହି ମୂଲ୍ୟକୁ ଗ୍ୟାରେଣ୍ଟିଯୁକ୍ତ ସମର୍ପଣ ମୂଲ୍ୟ କୁହାଯାଏ । ଏହି ମୂଲ୍ୟ ପ୍ରଦାନ କରାଯାଇଥିବା ପ୍ରିମିୟମର କାଳାବଧି ଉପରେ ନିର୍ଭର କରେ । GSV କୁ ପଲିସୀ ଦସ୍ତାବିଜରେ ଉଲ୍ଲେଖ କରିବା ଆବଶ୍ୟକ ହୋଇଥାଏ ।

b) **ପଲିସୀ ଋଣ**

ଜୀବନ ବୀମା ପଲିସୀ ଯେଉଁଗୁଡିକ ଏକ ନଗଦ ମୂଲ୍ୟ ସଂଚିତ କରନ୍ତି, ସେଗୁଡିକ ପାଖରେ ଋଣ ପାଇଁ ଏକ ବନ୍ଧକ ରୂପେ ପଲିସୀର ନଗଦ ମୂଲ୍ୟର ଉପଯୋଗ କରି ବୀମାକର୍ତ୍ତାଠାରୁ ଟଙ୍କା ଧାର ନେବାର ଅଧିକାରର ସ୍ୱୀକୃତି ପଲିସୀ ଧାରକକୁ ଦେବା ପାଇଁ ଏକ ପ୍ରାବଧାନ ରହିଛି । ପଲିସୀ ଋଣ ସାଧାରଣତଃ ପଲିସୀର ସମର୍ପଣ ମୂଲ୍ୟର କିଛି ପ୍ରତିଶତ (ଧରନ୍ତୁ 90%) ପର୍ଯ୍ୟନ୍ତ ସୀମିତ ଥାଏ । ଧ୍ୟାନ ଦିଅନ୍ତୁ ଯେ ପଲିସୀଧାରକ ତା' ନିଜ ଖାତାରୁ ଧାର ନେଉଛି । ସେ ସେହି ରାଶି ପାଇବାର ଯୋଗ୍ୟ ହୋଇଥାନ୍ତା ଯଦି ପଲିସୀକୁ ସମର୍ପଣ କରି ଦିଆଯାଇଥାନ୍ତା । ସେହି କ୍ଷେତ୍ରରେ ପଲିସୀକୁ ସମାପ୍ତ କରି ଦିଆଯାଇଥାନ୍ତା ।

ବୀମାକର୍ତ୍ତାମାନେ ପଲିସୀ ଋଣ ଉପରେ ସୁଧ ଲାଗୁ କରିଥାନ୍ତି, ଯାହା ଅର୍ଦ୍ଧ- ବାର୍ଷିକ କିମ୍ବା ବାର୍ଷିକ ରୂପେ ଦେୟ ହୋଇଥାଏ । ଯଦିଓ ଋଣ ଓ ସୁଧ ଆବଧିକ ରୂପେ ପରିଶୋଧ ଯୋଗ୍ୟ ହୋଇଥାଏ, ଯଦି ଋଣର ପରିଶୋଧ କରାଯାଇନାହିଁ, ବୀମାକର୍ତ୍ତା ଅବଶିଷ୍ଟ (ଅପ୍ରଦତ୍ତ) ଋଣ ଓ ସୁଧ ରାଶିକୁ ଦେୟ ହେବାକୁ ଥିବା ପଲିସୀ ଲାଭରୁ କାଟି ଦେଇଥାଏ । ଏକ ଋଣ ପଲିସୀଧାରକକୁ, ବୀମାକୁ ଜୀବିତ ରଖି, ଆର୍ଥିକ ଜରୁରୀକାଳୀନ ସ୍ଥିତିରେ କ୍ଷେତ୍ରରେ ସନ୍ତୋଷ ପ୍ରଦାନ କରିଥାଏ ।

ଯେହେତୁ ଋଣକୁ, ପଲିସୀକୁ ବନ୍ଧକ ରୂପେ ରଖି, ପଲିସୀ ଉପରେ ସ୍ୱୀକୃତି ଦିଆଯାଇଥାଏ, ପଲିସୀକୁ ବୀମାକର୍ତ୍ତା ସପକ୍ଷରେ ସମନୁଦେଶିତ କରାଯାଇଥାଏ (ପରବର୍ତ୍ତୀ ଅନୁଚ୍ଛେଦରେ ବ୍ୟାଖ୍ୟା କରାଯାଇଛି) । ଯେଉଁଠି ପଲିସୀଧାରକ ବୀମିତର ମୃତ୍ୟୁରେ ଟଙ୍କାକୁ ପ୍ରାପ୍ତି କରିବା ପାଇଁ କୌଣସି ବ୍ୟକ୍ତିକୁ ନାମିତ କରିଥାଏ (ପରବର୍ତ୍ତୀ ଅନୁଚ୍ଛେଦରେ ବ୍ୟାଖ୍ୟା କରାଯାଇଛି), ଏହି ନାମିତୀକରଣ ରଦ୍ଦ ହେବ ନାହିଁ କିନ୍ତୁ ନାମିତର ଅଧିକାର ପଲିସୀରେ ବୀମାକର୍ତ୍ତାର ହିତ ପର୍ଯ୍ୟନ୍ତ ପ୍ରଭାବିତ ହେବ ।

**ଉଦାହରଣ**

ଅର୍ଜ୍ଜୁନ ଏକ ଜୀବନ ବୀମା ପଲିସୀ କ୍ରୟ କରେ ଯେଉଁଠି ପଲିସୀ ଅନ୍ତର୍ଗତ ଦେୟ ମୋଟ ମୃତ୍ୟୁଦାବୀ ଟ. 2.5 ଲକ୍ଷ ହୁଏ । ପଲିସୀ ଅନ୍ତର୍ଗତ ଅର୍ଜ୍ଜୁନର ମୋଟ ଅବଶିଷ୍ଟ ଋଣ ଏବଂ ସୁଧ ଟ. 1.5 ଲକ୍ଷ ହୁଏ । ତେଣୁ ଅର୍ଜ୍ଜୁନର ମୃତ୍ୟୁ ଘଟଣାରେ, ବୀମିତ ଅବଶିଷ୍ଟ ଟ. 1 ଲକ୍ଷ ରାଶି ପାଇବା ପାଇଁ ଯୋଗ୍ୟ ହେବ ।

---

**ବିଶେଷ ପଲିସୀ ପ୍ରାବଧାନ ଏବଂ ପୃଷ୍ଠାଙ୍କନ**

**a)** ନାମୀତିକରଣ

- **i.** ବୀମା ଅଧିନିୟମ 1938 ର ଧାରା 39 ଅନ୍ତର୍ଗତ, ଏକ ପଲିସୀ ଧାରକ ତାର ନିଜ ଜୀବନ ଉପରେ ସେହି ବ୍ୟକ୍ତି କିମ୍ବା ବ୍ୟକ୍ତିମାନଙ୍କୁ ନାମୀତ କରିପାରେ ଯାହାକୁ ତାର ମୃତ୍ୟୁରେ ପଲିସୀ ଦ୍ୱାରା ସୁରକ୍ଷିତ ଥିବା ଟଙ୍କାକୁ ଦିଆଯିବ ।
- **ii.** ଜୀବନ ବୀମିତ ଜଣେ କିମ୍ବା ଏକାଧିକ ବ୍ୟକ୍ତିଙ୍କୁ ନାମୀତ ରୂପେ ନାମୀତିକରଣ କରିପାରେ ।
- **iii.** ନାମୀତିମାନେ ବୈଧ ଡିସ୍ଚାର୍ଜର ଅଧିକାରୀ ହେବେ ଏବଂ ଏହାପାଇଁ ଯେଉଁମାନେ ଅଧିକାରୀ ହେବେ, ସେମାନଙ୍କ ତରଫରୁ ଏକ ଟ୍ରଷ୍ଟି ରୂପେ ଟଙ୍କାକୁ ସେମାନଙ୍କୁ ରଖିବାକୁ ପଡିଥାଏ ।
- **iv.** ନାମୀତିକରଣ ସେହି ସମୟ ଯେତେବେଳେ ପଲିସୀକୁ କ୍ରୟ କରାଯାଇଥାଏ କିମ୍ବା ପରେ ପଲିସୀର ପରିପକ୍ୱତା ପୂର୍ବରୁ କୌଣସି ବି ସମୟରେ କରାଯାଇପାରେ ।

v. ନାମୀତିକରଣକୁ ସ୍ୱୟଂ ପଲିସୀର ପାଠ୍ୟରେ କିମ୍ବା ପଲିସୀ ଉପରେ ଏକ ପୃଷ୍ଠାଙ୍କନ ଦ୍ୱାରା ସମ୍ମିଳିତ କରାଯାଇପାରେ । ନାମୀତିକରଣସବୁକୁ ବୀମାକର୍ତ୍ତାଙ୍କୁ ସୂଚୀତ କରିବା ଏବଂ ବୀମାକର୍ତ୍ତାଦ୍ୱାରା ପଲିସୀ ସମ୍ବନ୍ଧୀୟ ରେକର୍ଡରେ ପଞ୍ଜିକୃତ କରିବା ଆବଶ୍ୟକ ହୋଇଥାଏ ।

vi. ନାମୀତିକରଣକୁ ପଲିସୀ ପରିପକ୍ୱତା ଲାଭ କରିବା ପୂର୍ବରୁ କୌଣସି ବି ସମୟରେ, ଏକ ପୃଷ୍ଠାଙ୍କନ କିମ୍ବା ଆହୁରି ଏକ ପୃଷ୍ଠାଙ୍କନ କିମ୍ବା ଏକ ଇଚ୍ଛାପତ୍ର ଦ୍ୱାରା ଯାହା ବି ପ୍ରକରଣ ହୋଇଥାଉ, ରଦ୍ଦ କିମ୍ବା ପରିବର୍ତ୍ତନ କରାଯାଇପାରେ ।

**ମହତ୍ୱପୂର୍ଣ୍ଣ**

ନାମୀତିକରଣ କେବଳ ନାମୀତକୁ, ଜୀବନ ବୀମିତର ମୃତ୍ୟୁ ଘଟଣାରେ ବୀମାକର୍ତ୍ତାଠାରୁ ପଲିସୀ ଟଙ୍କା ପ୍ରାପ୍ତ କରିବା ପାଇଁ, ଅଧିକାର ଦେଇଥାଏ । ଅବଶ୍ୟ, ଟଙ୍କା କେବଳ ବୈଧିକ ଉତ୍ତରାଧିକାରୀର ହିଁ ହୋଇପାରେ । **ସଂପୂର୍ଣ୍ଣ ଦାବୀ (କିମ୍ବା ଏହାର ଅଂଶ) ଉପରେ ଏକ ନାମୀତର କୌଣସି ଅଧିକାର ନ ଥାଏ ।** ଅବଶ୍ୟ ବୀମା ଅଧିନିୟମ, 1938 ର ଧାରା 39 (7) ଅନୁଯାୟୀ, 26 ଡିସେମ୍ବର, 2014 ପରେ ପରିପକ୍ୱତା ପ୍ରାପ୍ତ ହେଉଥିବାର ସମସ୍ତ ପଲିସୀ ପ୍ରସଙ୍ଗରେ ପଲିସୀ ମାଲିକ ତା' ନିଜ ଜୀବନ ଉପରେ ପିତାମାତା, ପତି/ପତ୍ନୀ, ସନ୍ତାନ କିମ୍ବା ତାଙ୍କ ପତି/ପତ୍ନୀଙ୍କ ସପକ୍ଷରେ କରିଥିବା ନାମୀତିକରଣ ନାମୀତମାନଙ୍କୁ, ବୀମା କମ୍ପାନୀ ଦ୍ୱାରା ଦେୟ ରାଶି ପାଇଁ ଲାଭଦାୟକ ରୂପେ ଅଧିକାରୀ କରିଦିଏ ।


---

ଯେଉଁଠି ନାମୀତ ନାବାଳିକ ହୋଇଥାଏ, ପଲିସୀଧାରକଙ୍କୁ ଏକ ନିଯୁକ୍ତ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବାର ଆବଶ୍ୟକତା ରହିଥାଏ । ଏକ ନିଯୁକ୍ତ ବ୍ୟକ୍ତି ରୂପେ କାର୍ଯ୍ୟ କରିବାକୁ ତାର ସମ୍ମତି ଦେଖାଇବା ପାଇଁ ନିଯୁକ୍ତ ବ୍ୟକ୍ତିଙ୍କୁ ପଲିସୀ ଦସ୍ତାବିଜରେ ହସ୍ତାକ୍ଷର କରିବାର ଆବଶ୍ୟକ ରହିଥାଏ । ନିଯୁକ୍ତ ବ୍ୟକ୍ତିମାନେ ସେମାନଙ୍କ ପଦ ହରାଇଥାନ୍ତି ଯେତେବେଳେ ନାମୀତ ସାବାଳିକ ବୟସରେ ଉପନୀତ ହୁଏ । ପଲିସୀଧାରକ କୌଣସି ବି ସମୟରେ ନିଯୁକ୍ତ ବ୍ୟକ୍ତିଙ୍କୁ ବଦଳାଇ ପାରେ । ଯଦି କୌଣସି ନିଯୁକ୍ତ ବ୍ୟକ୍ତି ଦିଆ ନ ଯାଏ, ଏବଂ ନାମୀତ ନାବାଳିକ ହୋଇଥାଏ, ତେବେ ଜୀବନ ବୀମିତର ମୃତ୍ୟୁରେ, ମୃତ୍ୟୁ ଦାବୀକୁ ପଲିସୀଧାରକର ବୈଧିକ ଉତ୍ତରାଧିକାରୀଙ୍କୁ ପ୍ରଦାନ କରାଯାଏ ।

ଯେଉଁଠି ଏକାଧିକ ନାମୀତଙ୍କୁ ନିଯୁକ୍ତ କରାଯାଏ, ମୃତ୍ୟୁ ଦାବୀ ସେମାନଙ୍କୁ ସଂଯୁକ୍ତ ରୂପେ, କିମ୍ବା ଜୀବିତ କିମ୍ବା ଜୀବିତମାନଙ୍କୁ ଦେୟ ହେବ । ପଲିସୀର ପ୍ରାରମ୍ଭ ପରେ କରାଯାଇଥିବା ନାମୀତିକରଣକୁ ପ୍ରଭାବଶୀଳ କରାଇବା ପାଇଁ ବୀମାକର୍ତ୍ତାମାନଙ୍କୁ ସୂଚୀତ କରିବାକୁ ପଡ଼ିଥାଏ ।

ବୀମା ଅଧିନିୟମର ଧାରା 39 (11) କୁହେ ଯେ ଯେଉଁଠି ପଲିସୀର ପରିପକ୍ୱତା ପରେ ଏକ ପଲିସୀଧାରକର ମୃତ୍ୟୁ ହୁଏ କିନ୍ତୁ ତାର ପଲିସୀର ବୃଦ୍ଧି ଓ ଲାଭକୁ ତା' ମୃତ୍ୟୁ କାରଣରୁ ତାକୁ ଦିଆଯାଇ ନାହିଁ, ତା' ପଲିସୀର ବୃଦ୍ଧି ଓ ଲାଭ ପାଇଁ ତାର ନାମୀତ ଅଧିକାରୀ ହେବ ।

ଚିତ୍ର 2 : ନାମୀତିକରଣ ସମ୍ବନ୍ଧୀୟ ପ୍ରାବଧାନ




## b) **ସମନୁଦେଶନ**


ଯେହେତୁ ଜୀବନ ବୀମା ପଲିସୀ ଏକ ପ୍ରତିଶୃତି  କିମ୍ବା ଏକ ଋଣ ଧାରଣ କରେ ଯାହା ବୀମା କମ୍ପାନୀ ବୀମିତ ପ୍ରତି ଋଣୀ ହୁଏ, ଏହାକୁ ଟଙ୍କା କିମ୍ବା ସମ୍ପତ୍ତି ପାଇଁ ଏକ ବନ୍ଧକ ରୂପେ ବିଚାର କରାଯାଏ । ଆମେ ଦେଖିଛୁ ଯେ ଋଣକୁ ବୀମାକର୍ତ୍ତାମାନଙ୍କ ଦ୍ୱାରା ପଲିସୀର ସମର୍ପଣ ମୂଲ୍ୟ ବିପକ୍ଷରେ  ଅଗ୍ରସାରିତ କରାଯାଏ । ସେହିଭଳି, ବ୍ୟାଙ୍କ ଅନେକ ଆର୍ଥିକ  ସଂସ୍ଥାନ ବୀମା ପଲିସୀର ବନ୍ଧକ ବିପକ୍ଷରେ, ଏହାକୁ ସେମାନଙ୍କ ସପକ୍ଷରେ ସମନୁଦେଶିତ କରି ଋଣ ଅଗ୍ରସାରିତ କରନ୍ତି ।

ସମନୁଦେଶନ ପଦ ସାଧାରଣଭାବେ ଲିଖିତ ରୂପେ ଅନ୍ୟ ଏକ ବ୍ୟକ୍ତିର ସପକ୍ଷରେ ସମ୍ପତ୍ତିର ସ୍ଥାନାନ୍ତରଣକୁ ସୂଚୀତ କରେ ।

ଏକ ଜୀବନ ବୀମା ପଲିସୀର ସମନୁଦେଶନର ନିହିତାର୍ଥ ହେଉଛି (ସମ୍ପତ୍ତି ରୂପେ) ପଲିସୀରେ ଥିବା ଅଧିକାର, ପଦବୀ ଓ ହିତକୁ ଜଣେ ବ୍ୟକ୍ତିଠାରୁ ଅନ୍ୟ ଜଣକ ପାଖକୁ ସ୍ଥାନାନ୍ତରଣ କରିବାର କାର୍ଯ୍ୟ । ସେହି ବ୍ୟକ୍ତି ଯିଏ ଅଧିକାରକୁ ସ୍ଥାନାନ୍ତରଣ କରେ, ତାହାକୁ ସମନୁଦେଶନ ଏବଂ ସେହି ବ୍ୟକ୍ତି ଯାହା ପାଖକୁ ସମ୍ପତ୍ତିକୁ ସ୍ଥାନାନ୍ତରିତ କରାଯାଏ, ତାହାକୁ ସମନୁଦେଶିତ କୁହାଯାଏ । ସମନୁଦେଶନରେ, ପଲିସୀର ସ୍ୱାମୀତ୍ୱର ପରିବର୍ତ୍ତନ ହୋଇଥାଏ ଏବଂ ତେଣୁକରି ନାମୀତିକରଣ ରଦ୍ଦ ହୋଇଯାଏ, କେବଳ ଏହି ସମୟ ବ୍ୟତୀତ ଯେତେବେଳେ ଏକ ପଲିସୀ ଋଣ ପାଇଁ ସମନୁଦେଶନ ବୀମା କମ୍ପାନୀକୁ କରାଯାଇଥାଏ ।

ଦୁଇ ପ୍ରକାରର ସମନୁଦେଶନ ରହିଥାଏ

**ଚିତ୍ର 3** : ସମନୁଦେଶନର ପ୍ରକାର




| ସସର୍ତ୍ତ ସମନୁଦେଶନ | ସଂପୂର୍ଣ୍ଣ ସମନୁଦେଶନ |
|---|---|
| ସସର୍ତ୍ତ ସମନୁଦେଶନ ପ୍ରାବଧାନ ରଖେ ଯେ ପଲିସୀଟି, ଜୀବନ ବୀମିତର ପରିପକ୍ୱତା ତାରିଖରେ ତାର ଜୀବିତ ଥିବାରେ କିମ୍ବା ସମନୁଦେଶିତର ମୃତ୍ୟୁରେ, ଜୀବନ ବୀମିତ ପାଖକୁ ପ୍ରତ୍ୟାବର୍ତ୍ତନ କରିବ । | • ସଂପୂର୍ଣ୍ଣ ସମନୁଦେଶନ ପ୍ରାବଧାନ ରଖେ ଯେ ସେ ସମସ୍ତ ଅଧିକାର, ପଦବୀ ଏବଂ ହିତ ଯାହା ପଲିସୀରେ ସମନୁଦେଶକର ଥାଏ, ଏ ସବୁ କୁ କୌଣସି ବି ଘଟଣାରେ ସମନୁଦେଶକ କିମ୍ବା ତାର ଭୂସମ୍ପତ୍ତିକୁ ପ୍ରତ୍ୟାବର୍ତ୍ତିତ ନ କରି, ସମନୁଦେଶିତ କୁ ସ୍ଥାନାନ୍ତରିତ ହେବ ।<br>• ପଲିସୀଟି ଏ ପ୍ରକାରେ ସଂପୂର୍ଣ୍ଣ ରୂପେ ସମନୁଦେଶିତ ଉପରେ ନ୍ୟସ୍ତ ଥାଏ । ସମନୁଦେଶିତ, ସମନୁଦେଶକର ବିନା ସମ୍ମତିରେ, ଯେମିତି ପ୍ରକାରେ ବି ଚାହିଁବ, ପଲିସୀ ସହିତ କାରବାର କରି ପାରିବ । |

ସଂପୂର୍ଣ୍ଣ ସମନୁଦେଶନ ଅନେକ ବ୍ୟାପାରିକ ପରିସ୍ଥିତିରେ ଅଧିକ ସାଧାରଣ ରୂପେ ଦେଖାଯାଇଥାଏ ଯେଉଁଠି ପଲିସୀଟିକୁ ଏକ ଗୃହ ଋଣ ଭଳି, ପଲିସୀଧାରକ ଦ୍ୱାରା ଧାରଣ କରାଯାଇଥିବା ଏକ ଋଣ ବିପକ୍ଷରେ ବନ୍ଧକ ରଖାଯାଇଥାଏ ।

**ବୈଧ ସମନୁଦେଶନ ପାଇଁ ସର୍ତ୍ତାବଳୀ**

ଆସନ୍ତୁ ବର୍ତ୍ତମାନ ସେହି ସର୍ତ୍ତାବଳୀ ଉପରେ ଦୃଷ୍ଟିପାତ କରିବା ଯାହା ଏକ ବୈଧ ସମନୁଦେଶନ ପାଇଁ ଆବଶ୍ୟକ ହୋଇଥାଏ।

i. ସମନୁଦେଶକ ପାଖରେ ନିଶ୍ଚିତ ଭାବରେ ସମନୁଦେଶିତ କରାଯାଉଥିବା ପଲିସୀ ଉପରେ ସଂପୂର୍ଣ୍ଣ ଅଧିକାର ଏବଂ ପଦବୀ କିମ୍ବା ସମନୁଦେଶନ ଯୋଗ୍ୟ ହିତ ରହିବା ଉଚିତ୍ ।

ii. ସମନୁଦେଶନ ପ୍ରଭାବୀ ରହିଥିବା କୌଣସି ଆଇନର ବିରୁଦ୍ଧ ହେବା ଉଚିତ୍ ନୁହେଁ ।

iii. ସମନୁଦେଶିତ ଅନ୍ୟ ଏକ ସମନୁଦେଶନ କରିପାରେ, କିନ୍ତୁ ନାମୀତିକରଣ କରିପାରିବ ନାହିଁ କାରଣ ସମନୁଦେଶିତ ଜୀବନ ବୀମିତ ନୁହେଁ ।

**ମହତ୍ୱ ପୂର୍ଣ୍ଣ:**

- ଏକ ଜୀବନ ବୀମା ପଲିସୀକୁ ସଂପୂର୍ଣ୍ଣ ରୂପେ କିମ୍ବା ଆଂଶିକ ରୂପେ ସମନୁଦେଶିତ କରାଯାଇପାରେ ।
- ସମନୁଦେଶନକୁ ନିଶ୍ଚିତ ରୂପେ ସ୍ଥାନାନ୍ତରଣକାରୀ କିମ୍ବା ସମନୁଦେଶକ କିମ୍ବା ଉଚିତ୍ ରୂପେ ପ୍ରାଧିକୃତ ଅଭିକର୍ତ୍ତା ଦ୍ୱାରା ସ୍ୱାକ୍ଷରିତ ଏବଂ ଅତି କମ୍ ରେ ଗୋଟିଏ ସାକ୍ଷୀ ଦ୍ୱାରା ଅନୁପ୍ରମାଣିତ କରାଯିବା ଉଚିତ୍ ।
- ଅଧିକାର/ପଦବୀର ସ୍ଥାନାନ୍ତରଣକୁ ବିଶେଷ ରୂପେ ପଲିସୀରେ ଏକ ପୃଷ୍ଠାଙ୍କନ କିମ୍ବା ଏକ ଅଲଗା ସାଧନ ରୂପେ ଉଲ୍ଲିଖିତ କରିବାକୁ ପଡ଼ିଥାଏ ।

➢ ପଲିସୀଧାରକ ବୀମାକର୍ତ୍ତାଙ୍କୁ ସମନୁଦେଶନର ସୂଚନା ନିଶ୍ଚିତ ଭାବେ ଦେବା ଉଚିତ୍, ଯାହା ବିନା ସମନୁଦେଶନ ବୈଧ ହେବ ନାହିଁ ।

➢ ଧାରା 38(2) ବିନିର୍ଦ୍ଦିଷ୍ଟ କରେ ଯେ ଏକ ବୀମାକର୍ତ୍ତା ସମନୁଦେଶନକୁ ସ୍ୱୀକାର କରିପାରେ, କିମ୍ବା ତାହାକୁ ଅଗ୍ରାହ୍ୟ କରିପାରେ, ଯଦି ଏହା ପାଖରେ ବିଶ୍ୱାସ କରିବାକୁ ଯଥେଷ୍ଟ କାରଣ ରହେ ଯେ ସେଭଳି ସମନୁଦେଶନ କିମ୍ବା ପଲିସୀଧାରକର ହିତରେ କିମ୍ବା ସାର୍ବଜନିକ ହିତରେ ନାହିଁ କିମ୍ବା ବୀମା ପଲିସୀର ବ୍ୟବସାୟ ଉଦ୍ଦେଶ୍ୟରେ ଅଟେ ।

➢ ଅବଶ୍ୟ, ବୀମାକର୍ତ୍ତା, ପୃଷ୍ଠାଙ୍କନ ଉପରେ କାର୍ଯ୍ୟ କରିବାକୁ ମନା କରିବା ପୂର୍ବରୁ, ସେହି ଅଗ୍ରାହ୍ୟତା ପାଇଁ କାରଣସବୁକୁ ଲିଖିତ ରୂପେ ରେକର୍ଡ କରିବ ଏବଂ ଏ ବିଷୟରେ ପଲିସୀଧାରକ ସେଭଳି ସ୍ଥାନାନ୍ତରଣ କିମ୍ବା ସମନୁଦେଶନର ସୂଚନା ଦେବାର ତାରିଖଠାରୁ 30 ଦିନ ମଧ୍ୟରେ ପଲିସୀଧାରକକୁ ସୂଚୀତ କରିବ ।

**ଚିତ୍ର 4** : ବୀମା ପଲିସୀର ସମନୁଦେଶନ ସମ୍ବନ୍ଧୀୟ ପ୍ରାବଧାନ




**ପଲିସୀଧାରକମାନଙ୍କ ପାଇଁ ସାଧାରଣରୂପେ ବିସ୍ତାରିତ ସୁବିଧା/ଲାଭ**

a) **ନକଲ ପଲିସୀ** :

ଏକ ଜୀବନ ବୀମା ପଲିସୀ ଦସ୍ତାବିଜ କେବଳ ଏକ ପ୍ରତିଶ୍ରୁତିର ପ୍ରମାଣ ଅଟେ । ପଲିସୀ ଦସ୍ତାବିଜର ନିଖୋଜ/ହାନି କିମ୍ବା ନଷ୍ଟ ଚୁକ୍ତି ଅନ୍ତର୍ଗତ ତା'ଦାୟିତ୍ୱଠାରୁ କମ୍ପାନୀକୁ କୌଣସି ପ୍ରକାରେ ବି ଦୋଷମୁକ୍ତ କରେ ନାହିଁ । ପଲିସୀ ଦସ୍ତାବିଜର ନିଖୋଜ କ୍ଷେତ୍ରରେ ପାଳନ କରିବାକୁ ଜୀବନ ବୀମା କମ୍ପାନୀମାନଙ୍କ ପାଖରେ ସାଧାରଣତଃ ମାନକ କାର୍ଯ୍ୟପ୍ରଣାଳୀ ଥାଏ ।

ସାଧାରଣତଃ କାର୍ଯ୍ୟାଳୟ ପ୍ରକରଣକୁ ଯାଞ୍ଚ କରିବ ଏହା ଦେଖିବାକୁ ଯେ ଆରୋପ ଲଗାଯାଇଥିବା ନିଖୋଜକୁ ସନ୍ଦେହ କରିବା ପାଇଁ କୌଣସି କାରଣ ଅଛି କି ? ସନ୍ତୋଷ ଜନକ ପ୍ରମାଣ ଦାଖଲ କରିବାର ଆବଶ୍ୟକ ଯେ ପଲିସୀଟି ହଜିଯାଇଛି ଏବଂ ଅନ୍ୟ ପ୍ରକାରେ କୌଣସି କାରବାର ହୋଇ ନାହିଁ । ସାଧାରଣତଃ ଦାବୀଟିକୁ ଦାବୀଦାର ଜମାନତ ସହିତ କିମ୍ବା ଜମାନତ ରହିତ ଏକ କ୍ଷତିପୂର୍ତ୍ତି ବଣ୍ଡ ଦାଖଲ କରିବା ଉପରେ ସମାଧାନ କରାଯାଇପାରେ ।

ଯଦି ରାଶି ପ୍ରଦାନ କମ୍ ସମୟ ମଧ୍ୟରେ ଦେୟ ହୋଇଥାଏ ଏବଂ ପ୍ରଦାନ କରିବାକୁ ଥିବା ରାଶି ଅଧିକ ହୋଇଥାଏ, କାର୍ଯ୍ୟାଳୟ ଏହା ଉପରେ ବି ଜୋର୍ ଦେଇ ପାରେ ଯେ ନିଖୋଜର ରିପୋର୍ଟ କରି, ବ୍ୟାପକ ପ୍ରସାର ଥିବା ଏକ ଜାତୀୟ ଖବରକାଗଜରେ ଏକ ବିଜ୍ଞାପନ ଦିଆଯାଉ । ଏକ ନକଲ (ପ୍ରତିଲିପି) ପଲିସୀ ଜାରୀ କରାଯାଇପାରେ ଏହା ନିଶ୍ଚିତ ହେବା ପରେ ଯେ କାହାରିଠାରୁ ବି କୌଣସି ଆପତ୍ତି ନାହିଁ ।

b) **ପରିବର୍ତ୍ତନ (ସଂଶୋଧନ)**

ପଲିସୀଧାରକମାନେ ପଲିସୀ ନିୟମ ଓ ସର୍ତ୍ତାବଳୀରେ ପରିବର୍ତ୍ତନ/ସଂଶୋଧନ କରିବା ପାଇଁ ଚାହିଁ ପାରନ୍ତି । ଉଭୟ ବୀମାକର୍ତ୍ତା ଓ ବୀମିତର ସମ୍ମତିରେ ସେଭଳି ପରିବର୍ତ୍ତନ କରିବାର ପ୍ରାବଧାନ ରହିଛି । ସାଧାରଣତଃ ପଲିସୀର ପ୍ରଥମ ବର୍ଷରେ ସଂଶୋଧନର ଅନୁମତି ଦିଆଯାଇ ନ ପାରେ, ପ୍ରିମିୟମର ପଦ୍ଧତି ରେ ପରିବର୍ତ୍ତନ ବ୍ୟତୀତ କିମ୍ବା ପରିବର୍ତ୍ତନ ଯାହା ଅନିବାର୍ଯ୍ୟ ସ୍ୱରୂପର ହୋଇଥାଏ, ତା' ବ୍ୟତୀତ – ଯେପରି କି

- ✓ ନାମ କିମ୍ବା/ଏବଂ ଠିକଣାରେ ପରିବର୍ତ୍ତନ;
- ✓ ବୟସର ପୁନଃପ୍ରବିଷ୍ଟି ଯଦି ଏହା ଅଧିକ କିମ୍ବା କମ୍ ବୋଲି ପ୍ରମାଣିତ ହୁଏ;
- ✓ ଦ୍ୱିଗୁଣ ଦୁର୍ଘଟଣା ଲାଭ କିମ୍ବା ସ୍ଥାୟୀ ବିକଳାଙ୍ଗତା ଲାଭ ଇତ୍ୟାଦିର ସ୍ୱୀକୃତି ପାଇଁ ଅନୁରୋଧ ।

ପରବର୍ତ୍ତୀ ବର୍ଷଗୁଡିକରେ ପରିବର୍ତ୍ତନର ଅନୁମତି ମିଳିପାରେ । ଏହି ପରିବର୍ତ୍ତନଗୁଡିକ ମଧ୍ୟରୁ କେତେକ ପଲିସୀ ଉପରେ କିମ୍ବା ଏକ ଅଲଗା କାଗଜରେ ଏକ ଉଚିତ୍ ପୃଷ୍ଠାଙ୍କନ ଦେଇ, ପ୍ରଭାବିତ କରାଯାଇପାରେ । ଅନ୍ୟାନ୍ୟ ପରିବର୍ତ୍ତନ, ଯାହା ପଲିସୀ ସର୍ତ୍ତାବଳୀରେ ଏକ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଆବଶ୍ୟକ କରନ୍ତି, ବିଦ୍ୟମାନ ପଲିସୀଗୁଡିକର ରଦ୍ଦକରଣ ଏବଂ ନୂଆ ପଲିସୀଗୁଡିକର ଜାରୀ ଆବଶ୍ୟକ କରି ପାରନ୍ତି ।

କେତେକ ମୂଖ୍ୟ ପ୍ରକାରର ପରିବର୍ତ୍ତନ ଯାହାର ସ୍ୱୀକୃତି ଅଛି, ସେଗୁଡିକ ହେଉଛନ୍ତି

**i.** କେତେକ ଶ୍ରେଣୀର ବୀମା କିମ୍ବା ଅବଧି [ଯେଉଁଠି ସଙ୍କଟର ବୃଦ୍ଧି ହୁଏ ନାହିଁ ] ରେ ପରିବର୍ତ୍ତନ

**ii.** ବୀମା ରାଶିରେ ହ୍ରାସ

**iii.** ପ୍ରିମିୟମ ପ୍ରଦାନର ପଦ୍ଧତିରେ ପରିବର୍ତ୍ତନ

**iv.** ପଲିସୀର ପ୍ରାରମ୍ଭ ତାରିଖରେ ପରିବର୍ତ୍ତନ

**v.** ପଲିସୀକୁ ଦୁଇ କିମ୍ବା ଅଧିକ ପଲିସୀରେ ବିଭାଜିତ କରିବା

**vi.** ଏକ ଅତିରିକ୍ତ ପ୍ରିମିୟମ କିମ୍ବା ପ୍ରତିବନ୍ଧାତ୍ମକ ଅନୁଚ୍ଛେଦକୁ ହଟାଇବା

**vii.** ଲାଭ ରହିତ ଯୋଜନାଠାରୁ ଲାଭ ସହିତ ଯୋଜନାକୁ ପରିବର୍ତ୍ତନ

**viii.** ନାମରେ ପରିବର୍ତ୍ତନ

**ix.** ଦାବୀ ପ୍ରଦାନ ପାଇଁ ସମାଧାନର ବିକଳ୍ପ ଏବଂ ଦ୍ୱିଗୁଣ ଦୁର୍ଘଟଣା ଲାଭର ସ୍ୱୀକୃତି

ଏହିସବୁ ପରିବର୍ତ୍ତନ ସାଧାରଣତଃ ସଙ୍କଟରେ ବୃଦ୍ଧିକୁ ସଂପୃକ୍ତ କରେ ନାହିଁ । ପଲିସୀମାନଙ୍କ ଅନ୍ୟାନ୍ୟ ପରିବର୍ତ୍ତନ ରହିଥାଏ ଯାହାର ସ୍ୱୀକୃତି ଦିଆଯାଏ ନାହିଁ । ଏଗୁଡିକ ସେହି ପରିବର୍ତ୍ତନ ଯେଉଁଥିରେ ପ୍ରିମିୟମକୁ କମ୍ କରିବାର ପ୍ରଭାବ ରହିଥାଏ । ଉଦାହରଣଗୁଡିକ ହେଉଛି ପ୍ରିମିୟମ ପ୍ରଦାନ ଅବଧିର ବୃଦ୍ଧି; ଲାଭ ସହିତ ଠାରୁ ଲାଭ ରହିତ ଯୋଜନାକୁ ପରିବର୍ତ୍ତନ;

ଗୋଟିଏ ଶ୍ରେଣୀର ବୀମାଠାରୁ ଅନ୍ୟ ଗୋଟିଏକୁ ପରିବର୍ତ୍ତନ, ଯେଉଁଠି ଏହା ସଙ୍କଟକୁ ବଢ଼ାଇଥାଏ : ଏବଂ ବୀମା ରାଶିରେ ବୃଦ୍ଧି ।

**ସ୍ୱୟଂ ପରୀକ୍ଷଣ କରନ୍ତୁ2**

କେଉଁ ପରିସ୍ଥିତିରେ ପଲିସୀଧାରକ ଏକ ବ୍ୟକ୍ତି ନିଯୁକ୍ତ କରିବାର ଆବଶ୍ୟକ ହୋଇପାରେ ?

I. ବୀମିତ ନାବାଳିକ ଅଟେ

II. ନାମୀତ ଏକ ନାବାଳିକ ଅଟେ

III. ପଲିସୀଧାରକ ଉତ୍ତମ ମସ୍ତିଷ୍କର ନୁହେଁ

IV. ପଲିସୀଧାରକ ବିବାହିତ ନୁହେଁ

**ସାରାଂଶ**

- ସ୍ୱାସ୍ଥ୍ୟ, ଅଭ୍ୟାସ, ବ୍ୟବସାୟ, ଆୟ ଓ ପରିବାର ବିବରଣୀର ବିଷୟକୁ ଅଭିକର୍ତ୍ତା ଦ୍ୱାରା ତାଙ୍କ ରିପୋର୍ଟରେ ଉଲ୍ଲେଖ କରିବା ଆବଶ୍ୟକ ।
- ଉଚ୍ଚତା, ଓଜନ, ରକ୍ତ ଚାପ, ହୃଦୟ ସମ୍ବନ୍ଧୀୟ ସ୍ଥିତି ଇତ୍ୟାଦି ଭଳି ଶାରୀରିକ ବିଶେଷତା ସମ୍ବନ୍ଧୀୟ ବିବରଣୀଗୁଡିକୁ ଡାକ୍ତରଙ୍କ ଦ୍ୱାରା ରେକର୍ଡ କରାଯାଏ ଏବଂ ମେଡିକାଲ ପରୀକ୍ଷକଙ୍କ ରିପୋର୍ଟ କୁହାଯାଉଥିବା ତାଙ୍କ ରିପୋର୍ଟରେ ଉଲ୍ଲେଖ କରାଯାଏ ।
- ନୈତିକ ବିପତ୍ତି ସେହି ସମ୍ଭାବନା ଅଟେ ଯେ ଏକ ଜୀବନ ବୀମା ପଲିସୀ କ୍ରୟ କରିବା ଫଳରେ ଏକ ଗ୍ରାହକର ବ୍ୟବହାରରେ ପରିବର୍ତ୍ତନ ହୋଇପାରେ ଏବଂ ସେଭଳି ପରିବର୍ତ୍ତନ ଏକ ହାନିର ସମ୍ଭାବନାକୁ ବୃଦ୍ଧି କରିପାରେ ।
- ଏକ ବୀମା ଚୁକ୍ତି ଆରମ୍ଭ ହୁଏ ଯେତେବେଳେ ଜୀବନ ବୀମା କମ୍ପାନୀ ଏକ ପ୍ରଥମ ପ୍ରିମିୟମ ରସିଦ ( FPR) ଜାରୀ କରେ । FPR ପ୍ରମାଣ ଅଟେ ଯେ ପଲିସୀ ଚୁକ୍ତି ଆରମ୍ଭ ହୋଇଯାଇଛି ।
- ପଲିସୀ ଦସ୍ତାବିଜ ବୀମା ସହିତ ସଂପୃକ୍ତ ଥିବା ସବୁଠୁ ମହତ୍ୱପୂର୍ଣ୍ଣ ଦସ୍ତାବିଜ ଅଟେ । ଏହା ବୀମିତ ଏବଂ ବୀମା କମ୍ପାନୀ ମଧ୍ୟରେ ହୋଇଥିବା ଚୁକ୍ତିର ପ୍ରମାଣ ହୋଇଥାଏ ।
- ଏକ ଆଦର୍ଶ ପଲିସୀ ଦସ୍ତାବିଜରେ ତିନୋଟି ଭାଗ ଥାଏ ଯେଉଁଗୁଡିକ ଅଟେ ପଲିସୀ ଅନୁସୂଚୀ, ମାନକ ପ୍ରାବଧାନ ଏବଂ ପଲିସୀର ବିଶେଷ ପ୍ରାବଧାନ ।
- ଅନୁଗ୍ରହ ସମୟାବଧି ଅନୁଚ୍ଛେଦ ପଲିସୀଧାରକକୁ ପ୍ରିମିୟମ ଦେୟ ହୋଇଯାଇଥିବା ପରେ ତାକୁ ପ୍ରଦାନ କରିବା ପାଇଁ ଏକ ଅତିରିକ୍ତ ସମୟାବଧିର ସ୍ୱୀକୃତି ଦିଏ ।
- ପୁନଃପ୍ରବର୍ତ୍ତନ ସେହି ପ୍ରକ୍ରିୟା ଅଟେ ଯାହାଦ୍ୱାରା ଏକ ଜୀବନ ବୀମା କମ୍ପାନୀ ଏକ ପଲିସୀ ପୁନଃ ପ୍ରଭାବୀ କରେ ଯାହା ହୁଏତ ପ୍ରିମିୟମର ଅଣ-ପ୍ରଦାନ କାରଣରୁ ସମାପ୍ତ ହୋଇଯାଇଥିବ କିମ୍ବା ଅଣ-ଜବତକରଣ ପ୍ରାବଧାନସବୁ ମଧ୍ୟରୁ ଗୋଟିଏର ଅନ୍ତର୍ଗତ ଚାଲୁ ରହିଥିବ ।

- ଏକ ପଲିସୀ ଋଣ ଏକ ସାଧାରଣ ବ୍ୟାପାରିକ ଋଣଠାରୁ ଦୁଇଟି ଦୃଷ୍ଟିଭଙ୍ଗୀରୁ ଭିନ୍ନ ଅଟେ, ପ୍ରଥମତଃ ପଲିସୀ ମାଲିକ ଋଣକୁ ପରିଶୋଧ କରିବା ପାଇଁ ବୈଧିକ ରୂପେ ବାଧ ହୁଏ ନାହିଁ ଏବଂ ବୀମାକର୍ତ୍ତା ବୀମିତ ଉପରେ ଏକ ଜମା ପ୍ରତିବନ୍ଧ ଲଗାଇବା ଆବଶ୍ୟକ ନୁହେଁ ।
- ନାମୀତିକରଣ ସେଇଠି ହୋଇଥାଏ ଯେଉଁଠି ଜୀବନ ବୀମିତ ସେହି ବ୍ୟକ୍ତି (ମାନଙ୍କ) ନାମ ପ୍ରସ୍ତାବିତ କରେ ଯାହାକୁ ସେମାନଙ୍କ ମୃତ୍ୟୁ ପରେ ବୀମା କମ୍ପାନୀ ଦ୍ୱାରା ବୀମା ରାଶିକୁ ପ୍ରଦାନ କରାଯିବା ଉଚିତ୍ ।
- ଏକ ଜୀବନ ବୀମା ପଲିସୀର ସମନୁଦେଶନର ନିହିତାର୍ଥ ହେଉଛି (ସମ୍ପତ୍ତି ରୂପେ) ପଲିସୀରେ ଥିବା ଅଧିକାର, ପଦବୀ ଓ ହିତକୁ ଜଣେ ବ୍ୟକ୍ତିଠାରୁ ଅନ୍ୟ ଜଣକ ପାଖକୁ ସ୍ଥାନାନ୍ତରଣ କରିବାର କାର୍ଯ୍ୟ । ସେହି ବ୍ୟକ୍ତି ଯିଏ ଅଧିକାରକୁ ସ୍ଥାନାନ୍ତରଣ କରେ, ତାହାକୁ ସମନୁଦେଶକ ଏବଂ ସେହି ବ୍ୟକ୍ତି ଯାହା ପାଖକୁ ସମ୍ପତ୍ତିକୁ ସ୍ଥାନାନ୍ତରିତ କରାଯାଏ, ତାହାକୁ ସମନୁଦେଶିତ କୁହାଯାଏ ।
- ପରିବର୍ତ୍ତନ/ସଂଶୋଧନ ଉଭୟ ବୀମାକର୍ତ୍ତା ଓ ବୀମିତର ସମ୍ମତି ଅଧୀନରେ ହୋଇଥାଏ । ସାଧାରଣତଃ ପଲିସୀର ପ୍ରଥମ ବର୍ଷରେ ପରିବର୍ତ୍ତନ (ସଂଶୋଧନ) ର ଅନୁମତି ଦିଆଯାଇ ନ ପାରେ, କେବଳ କେତେକ ସାମାନ୍ୟ ପରିବର୍ତ୍ତନ ବ୍ୟତୀତ ।

## ମୁଖ୍ୟ ପଦାବଳୀ

1. ଅଭିକର୍ତ୍ତାଙ୍କ ଗୋପନୀୟ ରିପୋର୍ଟ
2. ମେଡିକାଲ ପରୀକ୍ଷକଙ୍କ ରିପୋର୍ଟ
3. ନୈତିକ ବିପତ୍ତି ରିପୋର୍ଟ
4. ପ୍ରଥମ ପ୍ରିମିୟମ ରସିଦ (FPR)
5. ପଲିସୀ ଦସ୍ତାବିଜ
6. ପଲିସୀ ଅନୁସୂଚୀ
7. ମାନକ ପ୍ରାବଧାନ
8. ବିଶେଷ ପ୍ରାବଧାନ
9. ଅନୁଗ୍ରହ ସମୟାବଧି
10. ପଲିସୀ ବ୍ୟପଗମନ
11. ପଲିସୀ ପୁନଃପ୍ରବର୍ତ୍ତନ
12. ସମର୍ପଣ ମୂଲ୍ୟ
13. ନାମୀତିକରଣ
14. ସମନୁଦେଶନ

## ସ୍ୱୟଂ ପରୀକ୍ଷଣ କରନ୍ତୁ ର ଉତ୍ତର

**ଉତ୍ତର 1** - ସଠିକ୍ ବିକଳ୍ପ ହେଉଛି II

**ଉତ୍ତର 2** -ସଠିକ୍ ବିକଳ୍ପ ହେଉଛି II

# ଅଧ୍ୟାୟ L-08

## ଜୀବନ ବୀମା ସଙ୍କଟାଙ୍କନ

**ଅଧ୍ୟାୟ ପରିଚୟ**

ଏକ ଜୀବନ ବୀମା ଅଭିକର୍ତ୍ତାର କାର୍ଯ୍ୟ ବନ୍ଦ ହୁଏ ନାହିଁ ଥରେ ଯଦି ପ୍ରସ୍ତାବଟି ଏକ ସମ୍ଭାବ୍ୟ ଗ୍ରାହକଠାରୁ ସୁରକ୍ଷିତ ହୋଇଯାଏ I ପ୍ରସ୍ତାବଟି ନିଶ୍ଚିତ ରୂପେ ବୀମା କମ୍ପାନୀ ଦ୍ୱାରା ସ୍ୱୀକୃତ ହେବା ଉଚିତ୍ ଏବଂ ଏକ ପଲିସୀରେ ପରିଣତ ହେବା ଉଚିତ୍ I

ପ୍ରତ୍ୟେକ ଜୀବନ ବୀମା ପ୍ରସ୍ତାବକୁ ଏକ ମୁଖ୍ୟ ଦ୍ୱାର ଦେଇ ଅତିକ୍ରମ କରିବାକୁ ପଡ଼ିଥାଏ ଯେଉଁଠି ଜୀବନ ବୀମାକର୍ତ୍ତା ପ୍ରସ୍ତାବଟିକୁ ସ୍ୱୀକୃତ କରାଯିବ କି ନାହିଁ, ତାହାର ନିର୍ଣ୍ଣୟ କରେ ଏବଂ ଯଦି କରାଯିବ, କେଉଁ ସର୍ତ୍ତାବଳୀ ଉପରେ I ଏହି ଅଧ୍ୟାୟରେ ଆମେମାନେ ସଙ୍କଟାଙ୍କନର ପ୍ରକ୍ରିୟା ଏବଂ ପ୍ରକ୍ରିୟାରେ ସଂପୃକ୍ତ ମୂଳତତ୍ତ୍ୱଗୁଡିକ ବିଷୟରେ ଅଧିକ ଜାଣିବା I

**ଅଧ୍ୟୟନ ପରିଣାମ**

A. ସଙ୍କଟାଙ୍କନ - ମୂଳଭୂତ ଅବଧାରଣା

B. ଅଣ-ମେଡିକାଲ ସଙ୍କଟାଙ୍କନ

C. ମେଡିକାଲ ସଙ୍କଟାଙ୍କନ

## A. ସଙ୍କଟାଙ୍କନ – ମୂଳଭୂତ ଅବଧାରଣା

### 1. ସଙ୍କଟାଙ୍କନ ଉଦ୍ଦେଶ୍ୟ

ସଙ୍କଟାଙ୍କନର ଦୁଇଟି ଉଦ୍ଦେଶ୍ୟ ରହିଛି

- **i.** ସଙ୍କଟର ମୂଲ୍ୟାଙ୍କନ କରିବା, ସଙ୍କଟର ବର୍ଗୀକରଣ କରିବା ଏବଂ ସ୍ୱୀକୃତିର ସର୍ତ୍ତାବଳୀକୁ ନିର୍ଣ୍ଣୟ କରିବା କିମ୍ବା ସଙ୍କଟକୁ ଅଗ୍ରାହ୍ୟ କରିବା ।
- **ii.** ବୀମାକର୍ତ୍ତା ବିରୁଦ୍ଧରେ ବିପରୀତ –ଚୟନର ନିବାରଣ କରିବା

**ପରିଭାଷା**

**ସଙ୍କଟାଙ୍କନ** ପଦ ଜୀବନ ବୀମା ପାଇଁ ଏହା ପ୍ରତିନିଧିତ୍ୱ କରୁଥିବା ସଙ୍କଟର ମାତ୍ରା ଅନୁସାରେ, ପ୍ରତ୍ୟେକ ପ୍ରସ୍ତାବକୁ ମୂଲ୍ୟାଙ୍କନ କରିବାର ପ୍ରକ୍ରିୟାକୁ ଏବଂ ତାପରେ ବୀମାର ସ୍ୱୀକୃତି ଦିଆଯିବ କି ନାହିଁ ଏବଂ କେଉଁ ସର୍ତ୍ତାବଳୀରେ, ଏହାର ନିର୍ଣ୍ଣୟ ନେବାର ପ୍ରକ୍ରିୟାକୁ ସୂଚୀତ କରେ ।

**ବିପରୀତ–ଚୟନ** ହେଉଛି ପ୍ରକ୍ରିୟାରେ ଲାଭ କରିବାର ଉଦ୍ଦେଶ୍ୟରେ ବୀମା ପାଇବା ପାଇଁ ସେହି ଲୋକମାନଙ୍କ ପ୍ରବୃତ୍ତି , ଯେଉଁମାନେ ସନ୍ଦେହ କରନ୍ତି କିମ୍ବା ଜାଣନ୍ତି ଯେ ଏକ ହାନିକୁ ସେମାନଙ୍କ ଅନୁଭବ କରିବାର ସମ୍ଭାବନା ଅଧିକ ଅଟେ ।

**ଉଦାହରଣ**

ଯଦି ଜୀବନ ବୀମାକର୍ତ୍ତା ସେମାନଙ୍କ ବିଷୟରେ ଚୟନାତ୍ମକ ନ ହୁଏ ଯାହାକୁ ସେମାନେ ବୀମା ପ୍ରଦାନ କରନ୍ତି, ଏକ ସମ୍ଭାବନା ରହେ ଯେ ହୃଦୟର ସମସ୍ୟା କିମ୍ବା କ୍ୟାନସର ଭଳି ଗମ୍ଭୀର ରୋଗ ଥିବା ଲୋକେ, ଯେଉଁମାନେ ଦୀର୍ଘ ଦିନ ବଞ୍ଚିବା ପାଇଁ ଆଶା କରି ନ ଥାନ୍ତି, ବୀମା କିଣିବା ପାଇଁ ଚାହିଁଥାନ୍ତେ ।

ଅନ୍ୟ ଶବ୍ଦରେ ,ଯଦି ଏକ ବୀମାକର୍ତ୍ତା ସଙ୍କଟାଙ୍କନ ସ୍ୱତନ୍ତ୍ରତା ପ୍ରୟୋଗ ନ କଲା ,ଏହାର ବିରୁଦ୍ଧରେ ଚୟନ କରାଯାଇପାରେ ଏବଂ ପ୍ରକ୍ରିୟାରେ ହାନିରେ ଆକ୍ରାନ୍ତ ହୋଇପାରେ ।

---


### 2. ସଙ୍କଟମାନଙ୍କ ମଧ୍ୟରେ ଇକ୍ୱିଟୀ/ନିଷ୍ପକ୍ଷତା

"ଇକ୍ୱିଟୀ" ପଦର ଅର୍ଥ ହେଉଛି ଯେ ସେହି ଆବେଦକ ଯେଉଁମାନେ ସମାନ ମାତ୍ରାର ସଙ୍କଟର ସମ୍ମୁଖୀନ ହୁଅନ୍ତି, ସେମାନଙ୍କୁ ସମାନ ପ୍ରିମିୟମ ବର୍ଗରେ ନିଶ୍ଚିତ ଭାବେ ରଖିବା ଉଚିତ୍ । ପ୍ରିମିୟମ ନିର୍ଦ୍ଧାରଣ କରିବାରେ ବ୍ୟବହାର କରାଯାଉଥିବା ମୃତ୍ୟୁହାର ଟେବୁଲ, ମାନକ ଜୀବନମାନଙ୍କ ମୃତ୍ୟୁହାର ଅନୁଭୂତି କିମ୍ବା ସାମାନ୍ୟ ସଙ୍କଟକୁ ଉପସ୍ଥାପିତ କରେ । ସେମାନେ ବ୍ୟକ୍ତିମାନଙ୍କ ସେହି ବିଶାଳ ଭାଗକୁ ସମ୍ମିଳିତ କରନ୍ତି ଯେଉଁମାନେ ଜୀବନ ବୀମା ନେବାପାଇଁ ପ୍ରସ୍ତାବ ଦେଇଥାନ୍ତି ।

#### a) ସଙ୍କଟ ବର୍ଗୀକରଣ

ଇକ୍ୱିଟୀ ଆରମ୍ଭ କରିବା ପାଇଁ, ସଙ୍କଟାଙ୍କକ **ସଙ୍କଟ ବର୍ଗୀକରଣ** ରୂପେ ପରିଚିତ ଏକ ପ୍ରକ୍ରିୟାରେ ନିଯୁକ୍ତ ରହେ ଅର୍ଥାତ୍ ବୈୟକ୍ତିକ ଜୀବନମାନଙ୍କୁ ବର୍ଗୀକରଣ କରାଯାଏ ଏବଂ ସେମାନେ ସମ୍ମୁଖୀନ ହେଉଥିବା ସଙ୍କଟଗୁଡିକର ମାତ୍ରା ଉପରେ ଆଧାର କରି ବିଭିନ୍ନ ସଙ୍କଟ ବର୍ଗରେ ଆବଣ୍ଟିତ କରାଯାଏ । ସେଭଳିଆ ଚାରିଟି ସଙ୍କଟ ବର୍ଗ ଅଛି ।

**ଚିତ୍ର 1** : ସଙ୍କଟ ବର୍ଗୀକରଣ




i. **ମାନକ ଜୀବନ**

ଏଗୁଡିକରେ ସେମାନଙ୍କୁ ସମ୍ମିଳିତ କରାଯାଏ ଯେଉଁମାନଙ୍କ ପ୍ରତ୍ୟାଶିତ ମୃତ୍ୟୁହାର ମୃତ୍ୟୁଦର ଟେବୁଲ ଦ୍ୱାରା ଉପସ୍ଥାପିତ ମାନକ ଜୀବନ ସହିତ ମେଳ ଖାଏ ।

ii. **ପସନ୍ଦ କରାଯାଇଥିବା ସଙ୍କଟ**

ଏଗୁଡିକ ସେମାନେ ହୋଇଥାନ୍ତି ଯେଉଁମାନଙ୍କ ପ୍ରତ୍ୟାଶିତ ମୃତ୍ୟୁଦର ମାନକ ଜୀବନମାନଙ୍କ ଠାରୁ ଅତ୍ୟନ୍ତ କମ୍ ହୋଇଥାଏ ଏବଂ ତେଣୁକରି ଏକ କମ୍ ପ୍ରିମିୟମ ଚାର୍ଜ କରାଯାଇପାରେ ।

**iii. ଅଣମାନକ ଜୀବନ**

ଏଗୁଡିକ ସେମାନେ ହୋଇଥାନ୍ତି ଯେଉଁମାନଙ୍କ ପ୍ରତ୍ୟାଶିତ ମୃତ୍ୟୁଦର ସାମାନ୍ୟ କିମ୍ବା ମାନକ ଜୀବନମାନଙ୍କଠାରୁ ଅଧିକ ହୋଇଥାଏ, କିନ୍ତୁ ତଥାପି ବୀମାଯୋଗ୍ୟ ହେବା ପାଇଁ ବିଚାର କରାଯାଇଥାଏ । ସେମାନଙ୍କୁ ଉଚ୍ଚତର (କିମ୍ବା ଅତିରିକ୍ତ) ପ୍ରିମିୟମ ଥିବା ବୀମା ପାଇଁ କିମ୍ବା କେତେକ ପ୍ରତିବନ୍ଧ ଅଧୀନରେ ସ୍ୱୀକାର କରାଯାଇପାରେ ।

iv. **ଅସ୍ୱିକୃତ(ଅଗ୍ରାହ୍ୟ ) ଜୀବନ**

ଏଗୁଡିକ ସେମାନେ ହୋଇଥାନ୍ତି ଯେଉଁମାନଙ୍କ ଅକ୍ଷମତା ଓ ପ୍ରତ୍ୟାଶିତ ଅତିରିକ୍ତ ମୃତ୍ୟୁଦର ଏତେ ଅଧିକ ହୋଇଥାଏ ଯେ ସେମାନଙ୍କୁ ଶସ୍ତା ମୂଲ୍ୟରେ ବୀମା ସୁରକ୍ଷା ପ୍ରଦାନ କରିଯାଇପାରିବ ନାହିଁ । ବେଳେବେଳେ ଏକ ବ୍ୟକ୍ତିର ପ୍ରସ୍ତାବକୁ ମଧ୍ୟ ଅସ୍ଥାୟୀ ରୂପେ ଅଗ୍ରାହ୍ୟ କରାଯାଇପାରେ ଯଦି ସେ ଏକ ଅପରେଶନ ଭଳି ଏବେ ଏବେ ଏକ ଚିକିତ୍ସୀୟ ଘଟଣାର ସମ୍ମୁଖୀନ ହୋଇଛି ।

### 3. ସଙ୍କଟାଙ୍କନ ପ୍ରକ୍ରିୟା

ସଙ୍କଟାଙ୍କନ ପ୍ରକ୍ରିୟା ଦୁଇ ସ୍ତରରେ ଘଟିଥାଏ:

- ✓ କ୍ଷେତ୍ରୀୟ ସ୍ତରରେ
- ✓ ସଙ୍କଟାଙ୍କନ ବିଭାଗ ସ୍ତରରେ

a) **କ୍ଷେତ୍ରୀୟ କିମ୍ବା ପ୍ରାଥମିକ ସ୍ତର**

କ୍ଷେତ୍ରୀୟ ସ୍ତରର ସଙ୍କଟାଙ୍କନକୁ **ପ୍ରାଥମିକ ସଙ୍କଟାଙ୍କନ** ମଧ୍ୟ କୁହାଯାଏ । ଏଥିରେ ଅନ୍ତର୍ଭୁକ୍ତ ହୋଇଥାଏ ଏକ ଅଭିକର୍ତ୍ତା କିମ୍ବା କମ୍ପାନୀ ପ୍ରତିନିଧି ଦ୍ୱାରା ତଥ୍ୟ ସଂଗ୍ରହ ଅନ୍ତର୍ଭୁକ୍ତ ହୋଇଥାଏ ଏକ ଅଭିକର୍ତ୍ତା କିମ୍ବା କମ୍ପାନୀ ପ୍ରତିନିଧି ଦ୍ୱାରା ତଥ୍ୟ

ସଂଗ୍ରହ ଏହା ନିର୍ଣ୍ଣୟ କରିବାକୁ ଯେ ଆବେଦକଟି ବୀମା ସୁରକ୍ଷାର ସ୍ୱୀକୃତି ପାଇବା ପାଇଁ ଯୋଗ୍ୟ ଅଟେ କି ନାହିଁ । ପ୍ରାଥମିକ ସଙ୍କଟାଙ୍କକ ରୂପେ ଅଭିକର୍ତ୍ତା ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ବୀମିତ କରିବାକୁ ଥିବା ଜୀବନକୁ ଜାଣିବା ପାଇଁ ସେ ସର୍ବୋତ୍ତମ ପଦରେ ଥାଏ ।

ଅନେକ ବୀମା କମ୍ପାନୀ ଆବଶ୍ୟକ କରିପାରନ୍ତି ଯେ ବୀମାକର୍ତ୍ତାମାନେ ବିଶେଷ ସୂଚନା, ମତ ସମ୍ବନ୍ଧରେ ପ୍ରଶ୍ନ କରି ଏକ ବିବରଣ କିମ୍ବା ଗୋପନୀୟ ରିପୋର୍ଟକୁ ପୂରା କରନ୍ତୁ ଏବଂ ପ୍ରସ୍ତାବିତ ସମ୍ବନ୍ଧରେ ଅଭିକର୍ତ୍ତା ଦ୍ୱାରା ସୁପାରିଶ ପ୍ରଦାନ କରାଯାଉ ।

**କପଟ ନିରୀକ୍ଷଣ (ନିୟନ୍ତ୍ରଣ) ଏବଂ ପ୍ରାଥମିକ ସଙ୍କଟାଙ୍କକ ରୂପେ ଅଭିକର୍ତ୍ତାଙ୍କ ଭୂମିକା**

ଏକ ସଙ୍କଟର ସ୍ୱୀକୃତି ସମ୍ବନ୍ଧୀୟ ଅଧିକାଂଶ ନିଷ୍ପତ୍ତି ସେହିସବୁ ତଥ୍ୟ ଉପରେ ନିର୍ଭର କରେ ଯାହାକୁ ପ୍ରସ୍ତାବକ ଦ୍ୱାରା ପ୍ରସ୍ତାବ ଫର୍ମରେ ପ୍ରକଟ କରାଯାଇଥାଏ । ଏକ ସଙ୍କଟାଙ୍କକ ଯିଏ ସଙ୍କଟାଙ୍କନ ବିଭାଗରେ ବସିଛି, ତା'ପାଇଁ ଏହା ଜାଣିବା କଷ୍ଟକର ହୋଇପାରେ ଯେ ଏହି ତଥ୍ୟସବୁ ଅସତ୍ୟ ଅଟନ୍ତି ଏବଂ ଧୋକା ଦେବା ପାଇଁ ସୁଚିନ୍ତିତ ଉଦ୍ଦେଶ୍ୟ ନେଇ କପଟପୂର୍ଣ୍ଣ ଭାବରେ ମିଥ୍ୟା ଉପସ୍ଥାପନା କରାଯାଇଛି ।

ଏଇଠି ଅଭିକର୍ତ୍ତା ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ପ୍ରସ୍ତାବିତ ଜୀବନ ସହିତ ତାହାର ପ୍ରତ୍ୟକ୍ଷ ଓ ବ୍ୟକ୍ତିଗତ ସଂପର୍କ ହେତୁ ସେ ସର୍ବୋତ୍ତମ ପଦରେ ରହିଥାଏ ଏହା ସୁନିଶ୍ଚିତ କରିବା ପାଇଁ ଯେ ଯେଉଁ ତଥ୍ୟଗୁଡ଼ିକୁ ଉପସ୍ଥାପିତ କରାଯାଇଛି, ସେ ସବୁ ସତ ଅଟେ ।

b) **ବିଭାଗୀୟ ସ୍ତରରେ ସଙ୍କଟାଙ୍କନ**

ସଙ୍କଟାଙ୍କନର ମୁଖ୍ୟ ସ୍ତର ହେଉଛି ବିଭାଗୀୟ କିମ୍ବା କାର୍ଯ୍ୟାଳୟ ସ୍ତରରେ । ଏଥିରେ ବିଶେଷଜ୍ଞ ଏବଂ ସେହି ବ୍ୟକ୍ତିମାନେ ସଂପୃକ୍ତ ଥାଆନ୍ତି ଯେଉଁମାନେ, ଜୀବନ ବୀମା ପାଇଁ ଏକ ପ୍ରସ୍ତାବକୁ ସ୍ୱୀକାର କରାଯିବ କି ନାହିଁ ଏବଂ କେଉଁ ସର୍ତ୍ତାବଳୀରେ, ଏହାର ନିଷ୍ପତ୍ତି ନେବାପାଇଁ ସମସ୍ତ ଆବଶ୍ୟକୀୟ ତଥ୍ୟକୁ ବିଚାର କରନ୍ତି ।

## 4. ସଙ୍କଟାଙ୍କନର ପଦ୍ଧତି

**ଚିତ୍ର 2** : ସଙ୍କଟାଙ୍କନର ପଦ୍ଧତି

**ସଙ୍କଟାଙ୍କନର ପଦ୍ଧତି**

- ନିର୍ଣ୍ଣୟ ପଦ୍ଧତି
- ସଂଖ୍ୟାତ୍ମକ ପଦ୍ଧତି

ସଙ୍କଟାଙ୍କକମାନେ ଏହି ଉଦ୍ଦେଶ୍ୟ ପାଇଁ ଦୁଇ ପ୍ରକାରର ପଦ୍ଧତିର ଉପଯୋଗ କରିପାରନ୍ତି:

| ନିର୍ଣ୍ଣୟ ପଦ୍ଧତି | ସଂଖ୍ୟାତ୍ମକ ପଦ୍ଧତି |
|---|---|
| ଏହି ପଦ୍ଧତି ଅନ୍ତର୍ଗତ ବ୍ୟକ୍ତି-ନିଷ୍ଠ ନିର୍ଣ୍ଣୟର ଉପଯୋଗ କରାଯାଏ, ବିଶେଷ ରୂପେ ସେହି ପ୍ରକରଣ ଯେଉଁଟା ଜଟିଳ ହୋଇଯାଏ, ତା' ଉପରେ ନିର୍ଣ୍ଣୟ ନେବା ସମୟରେ । | ଏହି ପଦ୍ଧତି ଅନ୍ତର୍ଗତ ସଙ୍କଟାଙ୍କକମାନେ ସମସ୍ତ ନକାରାତ୍ମକ କିମ୍ବା ପ୍ରତିକୂଳ କାରକ ପାଇଁ ଧନାତ୍ମକ ମୂଲ୍ୟ ନିର୍ଦ୍ଧାରଣ ସଂଖ୍ୟା (କୌଣସି ସକାରାତ୍ମକ କିମ୍ବା ଅନୁକୂଳ କାରକ ପାଇଁ ଋଣାତ୍ମକ ସଂଖ୍ୟା) ଦିଅନ୍ତି । |
| **ଉଦାହରଣ :** ଏକ ଅଶାନ୍ତ ଦେଶ/ କ୍ଷେତ୍ରରେ ବାସ କରୁଥିବା ଏକ ବ୍ୟକ୍ତିକୁ ଜୀବନ ବୀମା | **ଉଦାହରଣ :** ହୃଦୟ ରୋଗ ଏବଂ / କିମ୍ବା ଶୀଘ୍ର ମୃତ୍ୟୁର ଇତିହାସ ଥିବା ଏକ ବ୍ୟକ୍ତିକୁ ଧନାତ୍ମକ ସଂଖ୍ୟା ପ୍ରଦାନ କରାଯାଇପାରେ ସେଭଳି |


| | |
|---|---|
| ଦିଆଯାଇ ପାରିବ କି ନାହିଁ, ତା' ଉପରେ ନିଷ୍ପତ୍ତି ନେବା । | ଦିଆଯାଇଥିବା ମୋଟ ସଂଖ୍ୟା ଜଡ଼ିତ ଥିବା ସଙ୍କଟର ମାତ୍ରାକୁ ନିର୍ଦ୍ଧାରିତ କରିବାରେ ଏକ ସଙ୍କଟାଙ୍କକ କୁ ସାହାଯ୍ୟ କରିବ । ସେଭଳି ଦିଆଯାଇଥିବା ମୋଟ ସଂଖ୍ୟା ଜଡ଼ିତ ଥିବା ସଙ୍କଟର ମାତ୍ରାକୁ ନିର୍ଦ୍ଧାରିତ କରିବାରେ ଏକ ସଙ୍କଟାଙ୍କକ କୁ ସାହାଯ୍ୟ କରିବ । |
| ସେଭଳି ପରିସ୍ଥିତିସବୁରେ, ବିଭାଗ ଏକ ମେଡିକାଲ ଡାକ୍ତର, ଯାହାଙ୍କୁ ଏକ ମେଡିକାଲ ରେଫରୀ ବି କୁହାଯାଏ ତାଙ୍କ ଦକ୍ଷ ମତ ପ୍ରାପ୍ତ କରିପାରେ । | ଏହିସବୁ ଧନାତ୍ମକ/ଋଣାତ୍ମକ ସଂଖ୍ୟାର ସମଷ୍ଟି,ଏବଂ/କିମ୍ବା କୁ ଅତିରିକ୍ତ ମୃତ୍ୟୁହାର ମୂଲ୍ୟ ନିର୍ଦ୍ଧାରଣ (EMR) ରୂପେ ସୂଚୀତ କରାଯାଏ । ଉକ୍ତ EMR ସୂଚୀତ କରେ ଯେ ଜୀବନ ଟି ଅଣମାନକ ଅଟେ । |

**ସଙ୍କଟାଙ୍କନ ନିର୍ଣ୍ଣୟ**

ଆସନ୍ତୁ ବର୍ତ୍ତମାନ ବିଭିନ୍ନ ପ୍ରକାରର ନିର୍ଣ୍ଣୟ ଉପରେ ବିଚାର କରିବା ଯାହାକୁ ସଙ୍କଟାଙ୍କକମାନେ ସଙ୍କଟାଙ୍କନ ପାଇଁ ଏକ ପ୍ରସ୍ତାବିତ ଜୀବନ ସମ୍ବନ୍ଧରେ ନେଇ ପାରନ୍ତି ସେଭଳି ଦିଆଯାଇଥିବା ମୋଟ ସଂଖ୍ୟା ଜଡ଼ିତ ଥିବା ସଙ୍କଟର ମାତ୍ରାକୁ ନିର୍ଦ୍ଧାରିତ କରିବାରେ ଏକ ସଙ୍କଟାଙ୍କକ କୁ ସାହାଯ୍ୟ କରିବ ।

a) **ସାମାନ୍ୟ ହାର (OR) ରେ ସ୍ୱୀକୃତି** ଅତ୍ୟନ୍ତ ସାଧାରଣ ନିର୍ଣ୍ଣୟ ଅଟେ । ଏହି ହାର ନିର୍ଦ୍ଧାରଣ ସୂଚୀତ କରେ ଯେ ସଙ୍କଟକୁ ସେହି ସମାନ ପ୍ରିମିୟମ ହାରରେ ସ୍ୱୀକାର କରାଯାଉଛି ଯାହା ଏକ ସାଧାରଣ କିମ୍ବା ମାନକ ଜୀବନ ପାଇଁ ଲାଗୁ ହୋଇଥାନ୍ତା ।

**ଚିତ୍ର 3** : ସଙ୍କଟାଙ୍କନ ନିର୍ଣ୍ଣୟ




b) **କିଛି ଅତିରିକ୍ତ ସହିତ ସ୍ୱୀକୃତି:** ଅଧିକ ସଂଖ୍ୟକ ଅଣ-ମାନକ ସଙ୍କଟଗୁଡିକ ସହିତ କାରବାର କରିବାର ଏହା ହେଉଛି ଅତ୍ୟନ୍ତ ସାଧାରଣ ଉପାୟ । ଏଥିରେ ସାରଣୀଭୁକ୍ତ ପ୍ରିମିୟମ ହାର ଉପରେ ଏକ ଅତିରିକ୍ତ ଲାଗୁ କରିବା ଜଡ଼ିତ ଥାଏ ।

c) **ବୀମାରାଶି ଉପରେ ଏକ ଗ୍ରହଣାଧିକାର (ଲିୟନ୍) ସହିତ ସ୍ୱୀକୃତି** : ଏକ ଲିୟନ୍ ହେଉଛି ଏକ ପ୍ରକାରର ଧାରଣା/ଅଧିକାର ଯାହାକୁ ଜୀବନ ବୀମା କମ୍ପାନୀ ସେହି ରାଶି, ଯାହାକୁ  ତାକୁ ଏକ ଦାବୀର ଘଟଣାରେ ପ୍ରଦାନ କରିବାକୁ ପଡିଥାଏ, ତାହା ଉପରେ (ଆଂଶିକ କିମ୍ବା ସଂପୂର୍ଣ୍ଣ ରୂପେ) ପ୍ରୟୋଗ କରିପାରେ ।

**ଉଦାହରଣ**: **ଏକ ବୀମିତର ପ୍ରକରଣକୁ ବିଚାର କରନ୍ତୁ ଯିଏ ଯକ୍ଷ୍ମା** ଭଳି କୌଣସି ଏକ ରୋଗରେ ଆକ୍ରାନ୍ତ ହୋଇଛି ଓ ସେଥିରୁ ଆରୋଗ୍ୟ ଲାଭ କରିଛି । ଲିୟନ୍ ଲାଗୁକରିବାର ନିହିତାର୍ଥ ହେବ ଯେ ଯଦି TB ପ୍ରତ୍ୟାବର୍ତ୍ତନ ଯୋଗୁଁ ଏକ ଦତ୍ତ ସମୟାବଧି ମଧ୍ୟରେ ଏହି ବ୍ୟକ୍ତିର ମୃତ୍ୟୁ ହୋଇଯାଏ, କେବଳ ମୃତ୍ୟୁ ଲାଭର ଏକ ହ୍ରାସ କରାଯାଇଥିବା ରାଶି ପ୍ରଦାନଯୋଗ୍ୟ ହୋଇପାରେ ।

d) **ଏକ ପ୍ରତିବନ୍ଧାତ୍ମକ ଧାରା ସହିତ ସ୍ୱୀକୃତି** : କେତେକ ନିର୍ଦ୍ଦିଷ୍ଟ ପ୍ରକାରର ବିପତ୍ତି ପାଇଁ ଏକ ପ୍ରତିବନ୍ଧାତ୍ମକ ଧାରା ଲାଗୁ କରାଯାଇପାରେ ଯାହା କିଛି ନିର୍ଦ୍ଦିଷ୍ଟ ପରିସ୍ଥିତି ଅନ୍ତର୍ଗତ ମୃତ୍ୟୁ ଘଟଣାରେ ମୃତ୍ୟୁ ଲାଭକୁ ସୀମିତ କରିଦିଏ ।

**ଉଦାହରଣ** ହେଉଛି ଗର୍ଭବତୀ ମହିଳାମାନଙ୍କ ଉପରେ ଲାଗୁ କରାଯାଉଥିବା ଏକ ଗର୍ଭାବସ୍ଥା ଧାରା ଯାହା ପ୍ରସବର ଧରନ୍ତୁ ତିନି ମାସ ମଧ୍ୟରେ ଘଟିଥିବା ଗର୍ଭାବସ୍ଥା ସମ୍ବନ୍ଧୀୟ ମୃତ୍ୟୁର ଘଟଣାରେ ପ୍ରଦାନଯୋଗ୍ୟ ବୀମାକୁ ସୀମିତ କରିଦିଏ ।

e) **ଅଗ୍ରାହ୍ୟ କିମ୍ବା ବିଳମ୍ବନ କରିବା**: ପରିଶେଷରେ, ଏକ ଜୀବନ ବୀମା ସଙ୍କଟାଙ୍କର ବୀମା ପାଇଁ ଏକ ପ୍ରସ୍ତାବକୁ ଅଗ୍ରାହ୍ୟ କିମ୍ବା ଅସ୍ୱୀକାର କରିବାର ନିଷ୍ପତ୍ତି ନେଇପାରେ । ଏହା ଘଟିପାରେ ଯେତେବେଳେ କିଛି ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ/ ଅନ୍ୟାନ୍ୟ ଲକ୍ଷଣ ଥାଏ ଯେଉଁଗୁଡିକ ଏତେ ପ୍ରତିକୂଳ ଯେ ସେମାନେ ମହତ୍ୱପୂର୍ଣ୍ଣ ରୂପେ ସଙ୍କଟକୁ ବୃଦ୍ଧି କରିପାରନ୍ତି ।

**ଉଦାହରଣ**: ଏକ ବ୍ୟକ୍ତି ଯିଏ କ୍ୟାନସରରେ ଆକ୍ରାନ୍ତ ଏବଂ ଯାହାର ବଞ୍ଚିବା ର କମ୍ ସମ୍ଭାବନା ଅଛି, ଅଗ୍ରାହ୍ୟତାର ଏକ ପ୍ରାର୍ଥୀ ହୋଇପାରେ ।

ସେହି ପ୍ରକାରେ, କେତେକ କ୍ଷେତ୍ରରେ ସଙ୍କଟର ସ୍ୱୀକୃତିର ବିଳମ୍ବନ କରିବା ହିଁ ବିବେକଶୀଳ କାର୍ଯ୍ୟ ହୋଇପାରେ ସେହି ସମୟ ପର୍ଯ୍ୟନ୍ତ ଯେ ପର୍ଯ୍ୟନ୍ତ ପରିସ୍ଥିତିରେ ଉନ୍ନତି ହୋଇନାହିଁ ଏବଂ ଏହା ଅଧିକ ଅନୁକୂଳ ହୋଇନାହିଁ ।

**ଉଦାହରଣ**

ଏକ ମହିଳା ଯାହାର ଏବେ ଏବେ ଏକ ଜରାୟୁଚ୍ଛେଦନ ଅପରେଶନ ହୋଇଛି, ତାହାକୁ, ତା' ଜୀବନ ଉପରେ ବୀମାର ସ୍ୱୀକୃତି ଦେବା ପୂର୍ବରୁ ଉତ୍ପନ୍ନ ହୋଇଥିବା କୌଣସି ଅପରେଶନ ପରବର୍ତ୍ତୀ ଜଟିଳତାଗୁଡିକ ଲୋପ ହେବାକୁ ଦେବା ପାଇଁ କିଛି ମାସ ଅପେକ୍ଷା କରିବାକୁ କୁହାଯାଇପାରେ ।

**ସ୍ୱୟଂ ପରୀକ୍ଷା କରନ୍ତୁ1**

ନିମ୍ନ ପ୍ରକରଣଗୁଡିକ ମଧ୍ୟରୁ କେଉଁ ଗୋଟିକୁ ଏକ ଜୀବନ ବୀମାକର୍ତ୍ତା ଦ୍ୱାରା ଅଗ୍ରାହ୍ୟ କିମ୍ବା ବିଳମ୍ବନ କରିବାର ସମ୍ଭାବନା ଅଛି?

I. ଏକ ସ୍ୱାସ୍ଥ୍ୟବାନ୍ 18 ବର୍ଷ ବୟସ୍କ

II. ଏକ ଖେଳାଳୀ ବ୍ୟକ୍ତି

III. ଏଡ୍ସରେ ଆକ୍ରାନ୍ତ ହୋଇଥିବା ଏକ ବ୍ୟକ୍ତି

IV. ନିଜର କୌଣସି ଆୟ ନ ଥିବା ଏକ ଗୃହିଣୀ

## B. ଅଣ-ମେଡିକାଲ ସଙ୍କଟାଙ୍କନ

### 1. ଅଣ-ମେଡିକାଲ ସଙ୍କଟାଙ୍କନ

ବୀମିତ କରିବାକୁ ଥିବା ଏକ ଜୀବନର ବୀମାଯୋଗ୍ୟତା ଯାଞ୍ଚ କରିବା ପାଇଁ କୌଣସି ମେଡିକାଲ ପରୀକ୍ଷା ନ କରି, ଅନେକ ସଂଖ୍ୟକ ଜୀବନ ବୀମା ପ୍ରସ୍ତାବ ପାରମ୍ପରିକ ରୂପେ ବୀମା ପାଇଁ ଚୟନିତ ହୋଇ ପାରନ୍ତି । ସେଭଳି ପ୍ରକରଣଗୁଡିକୁ ଅଣ-ମେଡିକାଲ ପ୍ରସ୍ତାବ କୁହାଯାଏ ।

ସଂପୃକ୍ତ ଖର୍ଚ୍ଚ ସମେତ ବହୁବିଧ କାରଣକୁ ଦୃଷ୍ଟିରେ ରଖି, କେତେକ ପ୍ରକାରର ପଲିସୀରେ, ଏକ ମେଡିକାଲ ପରୀକ୍ଷା ଉପରେ ଜୋର୍ ନ ଦେଇ, ଜୀବନ ବୀମାକର୍ତ୍ତାମାନେ ବୀମା ଜାରୀ କରିଥାନ୍ତି ।

### 2. ଅଣ-ମେଡିକାଲ ସଙ୍କଟାଙ୍କନ ପାଇଁ ସର୍ତ୍ତାବଳୀ

ଅବଶ୍ୟ ଅଣ-ମେଡିକାଲ ସଙ୍କଟାଙ୍କନରେ କେତେକ ବର୍ଗର ଜୀବନ, ବୀମାର କିଛି ଯୋଜନା , ବୀମା ରାଶିର କିଛି ଉର୍ଦ୍ଧ୍ୱ ସୀମା, ପ୍ରବେଶ ଆୟୁ ସୀମା, ବୀମାର ସର୍ବାଧିକ ଅବଧି ଭଳି ସର୍ତ୍ତଗୁଡିକ ପାଳନ କରିବା ଆବଶ୍ୟକ ହୋଇଥାଏ ।

### 3. ସଙ୍କଟାଙ୍କନରେ ହାର ନିର୍ଦ୍ଧାରଣ/ମୂଲ୍ୟ ନିର୍ଦ୍ଧାରଣ କାରକ

ମୂଲ୍ୟ ନିର୍ଦ୍ଧାରଣ କାରକ ସମ୍ଭାବ୍ୟ ବୀମିତର ଜୀବନରେ ଆର୍ଥିକ ସ୍ଥିତି, ଜୀବନ ଶୈଳୀ, ଅଭ୍ୟାସ, ପରିବାର ଇତିହାସ, ବ୍ୟକ୍ତିଗତ ସ୍ୱାସ୍ଥ୍ୟର ଇତିହାସ ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ପରିସ୍ଥିତି ସମ୍ବନ୍ଧୀୟ ବିଭିନ୍ନ ଦିଗକୁ ସୂଚୀତ କରେ ଯାହା ଏକ ବିପତ୍ତି ସୃଷ୍ଟି କରିପାରେ ଏବଂ ସଙ୍କଟକୁ ବୃଦ୍ଧି କରିପାରେ । ସଙ୍କଟାଙ୍କନରେ ଏକ ବିପତ୍ତିସବୁକୁ ଚିହ୍ନଟ କରିବା ଓ ସେମାନଙ୍କ ସମ୍ଭାବ୍ୟ ପ୍ରଭାବ ଏବଂ ତଦନୁସାରେ ସଙ୍କଟର ବର୍ଗୀକରଣ କରିବା ସଂପୃକ୍ତ ଥାଆନ୍ତି ।

ମୂଲ୍ୟ ନିର୍ଦ୍ଧାରଣ କାରକଗୁଡିକୁ ମୂଖ୍ୟତଃ ଦୁଇ ପ୍ରକାରରେ ବିଭାଜିତ କରାଯାଏ –ସେଗୁଡିକ ଯାହା ନୈତିକ ବିପତ୍ତିର କାରଣ ହୋଇଥାନ୍ତି ଏବଂ ସେଗୁଡିକ ଯାହା ଶାରୀରିକ [ମେଡିକାଲ] ବିପତ୍ତିର କାରଣ ହୋଇଥାନ୍ତି । ଜୀବନ ବୀମାକମ୍ପାନୀମାନେ ତଦନୁସାରେ ଅନେକ ସମୟରେ ସେମାନଙ୍କ ସଙ୍କଟାଙ୍କନକୁ ବିଭିନ୍ନ ବର୍ଗରେ ବିଭାଜିତ କରିଥାନ୍ତି । ଆୟ, ବ୍ୟବସାୟ, ଜୀବନ ଶୈଳୀ ଏବଂ ଅଭ୍ୟାସ ଭଳି କାରକ, ଯେଉଁମାନେ ନୈତିକ ବିପତ୍ତିର କାରଣ ହୁଅନ୍ତି, ସେସବୁକୁ **ଆର୍ଥିକ ସଙ୍କଟାଙ୍କନ** ର ଅଂଶ ରୂପେ ମୂଲ୍ୟାଙ୍କିତ କରାଯାଏ, ଯେତେବେଳେ କି ସ୍ୱାସ୍ଥ୍ୟର ଚିକିତ୍ସୀୟ ଦିଗଗୁଡିକ **ମେଡିକାଲ ସଙ୍କଟାଙ୍କନ** ଅନ୍ତର୍ଗତ ଆସିଥାନ୍ତି ।

#### a) ମହିଳା ବୀମା

ନାରୀମାନେ ସାଧାରଣତଃ ପୁରୁଷମାନଙ୍କ ଅପେକ୍ଷା ଅଧିକ ଦୀର୍ଘାୟୁ ହୋଇଥାନ୍ତି । ଅବଶ୍ୟ ସେମାନେ ନୈତିକ ବିପତ୍ତି ସମ୍ବନ୍ଧୀୟ କେତେକ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଏହାର କାରଣ ହେଉଛି ଭାରତୀୟ ସମାଜରେ ଅନେକ ନାରୀ ପୁରୁଷ ପ୍ରଭୁତ୍ୱ ଓ ସାମାଜିକ ଶୋଷଣର ଶୀକାର ହୋଇଥାନ୍ତି । ଏପରିକି ବର୍ତ୍ତମାନ ମଧ୍ୟ ଯୌତୁକ ମୃତ୍ୟୁ ଭଳି କୁପ୍ରଥା ବିଦ୍ୟମାନ ଅଛି । ନାରୀମାନଙ୍କ ଦୀର୍ଘ ଜୀବନ ଗର୍ଭାବସ୍ଥା ଭଳି ସମସ୍ୟାଗୁଡିକ ଦ୍ୱାରା ବି ପ୍ରଭାବିତ ହୋଇ ପାରେ ।

ମହିଳାମାନଙ୍କ ବୀମାଯୋଗ୍ୟତା ବୀମା ପାଇଁ ଆବଶ୍ୟକତା ଓ ପ୍ରିମିୟମ ପ୍ରଦାନ କରିବାର କ୍ଷମତା ଦ୍ୱାରା ନିୟନ୍ତ୍ରିତ ହୁଏ । ବୀମା କମ୍ପାନୀମାନେ ଏପ୍ରକାରେ ସଂପୂର୍ଣ୍ଣ ବୀମା କେବଳ ସେହି ମହିଳାମାନଙ୍କୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇ ପାରନ୍ତି ଯେଉଁମାନେ ସେମାନଙ୍କ ନିଜ ଆୟ ଉପାର୍ଜନ କରିଥାନ୍ତି ଏବଂ ଅନ୍ୟ ବର୍ଗର ମହିଳାମାନଙ୍କ ଉପରେ ସୀମା ଲାଗୁ କରି ପାରନ୍ତି । ସେହି ପ୍ରକାରେ, ଗର୍ଭବତୀ ମହିଳାମାନଙ୍କ ଉପରେ କେତେକ ସର୍ତ୍ତ ଲାଗୁ କରି ପାରନ୍ତି ।

### b) ନାବାଳିକ

ନାବାଳିକମାନଙ୍କ ପାଖରେ ସେମାନଙ୍କ ନିଜର ଚୁକ୍ତି କରିବାର କ୍ଷମତା ନ ଥାଏ । ତେଣୁ ଏକ ନାବାଳିକର ଜୀବନ ଉପରେ ଏକ ପ୍ରସ୍ତାବକୁ ଅନ୍ୟ ଏକ ବ୍ୟକ୍ତିଦ୍ୱାରା ଦାଖଲ କରିବାକୁ ପଡ଼ିଥାଏ ଯିଏ ଏକ ପିତାମାତା କିମ୍ବା ବୈଧିକ ଅଭିଭାବକର କ୍ଷମତାରେ ନାବାଳିକ ସହିତ ସମ୍ବନ୍ଧିତ ହୋଇଥାଏ । ବୀମା ପାଇଁ ଆବଶ୍ୟକତାକୁ ସୁନିଶ୍ଚିତ କରିବା ମଧ୍ୟ ଆବଶ୍ୟକ ହୋଇପାରେ, ଯେହେତୁ ସାଧାରଣତଃ ନାବାଳିକମାନଙ୍କ ନିଜର ଉପାର୍ଜିତ ଆୟ ନ ଥାଏ । ନାବାଳିକମାନଙ୍କ ପାଇଁ ବୀମାର ବିଚାର କରିବା ସମୟରେ ତିନିଟି ସର୍ତ୍ତ ସାଧାରଣତଃ ଆବଶ୍ୟକ ହୋଇପାରେ:

i. **ସେମାନଙ୍କ ଉପଯୁକ୍ତରୂପେ ବିକଶିତ ଶାରୀରିକ ଗଠନ ଅଛି କି**

   ନିମ୍ନ ଶାରୀରିକ ଗଠନ କୁପୋଷଣ କିମ୍ବା ଗମ୍ଭୀର ସଙ୍କଟ ପହଞ୍ଚାଉଥିବା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର ପରିଣାମରେ ହୋଇପାରେ ।

ii. **ଯଥାର୍ଥ ପରିବାର ଇତିହାସ ଏବଂ ବ୍ୟକ୍ତିଗତ ଇତିହାସ**

   ଯଦି ଏଇଠି ପ୍ରତିକୂଳ ସୂଚକଗୁଡ଼ିକ ଥାଆନ୍ତି, ଏହା ସଙ୍କଟ ପହଞ୍ଚାଇପାରେ ।

iii. **ପରିବାରଟି ଆବଶ୍ୟକତାନୁଯାୟୀ ବୀମିତ ଅଟେ କି**

   ଏହା ଯାଞ୍ଚ କରିବା ଆବଶ୍ୟକ ଅଟେ ଯେ ପରିବାରରେ ବୀମାର ସଂସ୍କୃତି ଅଛି କି ନାହିଁ । ଜଣେ ନିଶ୍ଚିତ ରୂପେ ସାବଧାନ ହେବା ଉଚିତ୍ ଯଦି ନାବାଳିକର ପରିବାରର କୌଣସି ଅନ୍ୟ ସଦସ୍ୟ ବୀମିତ ହୋଇନାହିଁ । ବୀମାର ରାଶି ପରିମାଣକୁ ସାଧାରଣତଃ ପିତାମାତାଙ୍କ ଆୟ ସହିତ ସଂଯୁକ୍ତ କରାଯାଇଥାଏ ।

### c) ଅତ୍ୟଧିକ ବୀମା ରାଶି

ଏକ ସଙ୍କଟାଙ୍କକକୁ ସାବଧାନ ହେବା ଆବଶ୍ୟକ ଯେତେବେଳେ ପ୍ରସ୍ତାବିତ ବୀମିତର ବାର୍ଷିକ ଆୟ ତୁଳନାରେ ବୀମାର ରାଶି ଅତ୍ୟଧିକ ହୋଇଥାଏ । ସାଧାରଣତଃ ବୀମା ରାଶିକୁ ଜଣକର ବାର୍ଷିକ ଆୟର ପ୍ରାୟ ଦଶରୁ ବାରଗୁଣ ପର୍ଯ୍ୟନ୍ତ ହେବା ଧରି ନିଆଯାଇଥାଏ । ଯଦି ଅନୁପାତ ଏହାଠାରୁ ଅତି ଅଧିକ ହୋଇଥାଏ, ଏହା ବୀମାକର୍ତ୍ତା ବିରୁଦ୍ଧରେ ଚୟନର ସମ୍ଭାବ୍ୟତା ଉଠାଇଥାଏ ।

| ଉଦାହରଣ |
|---|
| ଯଦି ଜଣେ ବ୍ୟକ୍ତିର ବାର୍ଷିକ ଆୟ ଟ 5 .ଲକ୍ଷ ହୋଇଥାଏ ଏବଂ ସେ ଟ 3 .କୋଟିର ଏକ ଜୀବନ ବୀମା ସୁରକ୍ଷା ପାଇଁ ପ୍ରସ୍ତାବ ଦିଏ ,ଏହା ଚିନ୍ତାର କାରଣ ହୋଇଥାଏ । |

ସାଧାରଣତଃ ସେଭଳି ପରିସ୍ଥିତିରେ ଏହି ସମ୍ଭାବନା ଯୋଗୁଁ ଚିନ୍ତା ହୋଇପାରେ ଯେ ସେଭଳି ଏକ ଅଧିକ ପରିମାଣର ବୀମାର ପ୍ରସ୍ତାବ ଆତ୍ମହତ୍ୟାର ପ୍ରତ୍ୟାଶାରେ କିମ୍ବା ପ୍ରତ୍ୟାଶିତ ସ୍ୱାସ୍ଥ୍ୟ ଖରାପହେବା ଫଳରେ କରାଯାଇଥାଏ । ସେଭଳି ଅତ୍ୟଧିକ ରାଶି ପାଇଁ ତୃତୀୟ କାରଣ ହୋଇପାରେ ବିକ୍ରୟ ବ୍ୟକ୍ତି ଦ୍ୱାରା ଅତ୍ୟଧିକ ପରିମାଣର କୁବିକ୍ରୟ ।

ଅତ୍ୟଧିକ ବୀମା ରାଶିର ଅର୍ଥ ମଧ୍ୟ ହୋଇପାରେ ସମାନୁପାତିକ ରୂପେ ପ୍ରିମିୟମରେ ବୃଦ୍ଧି ଏବଂ ପ୍ରଶ୍ନ ଉଠିପାରେ ଯେ ସେଭଳି ପ୍ରିମିୟମର ପ୍ରଦାନ ଚାଲୁ ରହିପାରିବ କି ? ସାଧାରଣ ଭାବେ, ଦେୟ ପ୍ରିମିୟମ ଏକ ବ୍ୟକ୍ତିର ବାର୍ଷିକ ଆୟର ଏକ ତୃତୀୟାଂଶ ମଧ୍ୟରେ ରହିବା ଉଚିତ୍ ।

### d) ଆୟୁ

ମୃତ୍ୟୁ ହାର ସଙ୍କଟର ଆୟୁ ସହିତ ଘନିଷ୍ଠ ସମ୍ବନ୍ଧ ଥାଏ । ଅଧିକ ବୟସର ଲୋକଙ୍କ ପାଇଁ ବୀମାର ବିଚାର କରିବା ବେଳେ ସଙ୍କଟାଙ୍କକକୁ ସାବଧାନ ରହିବା ଆବଶ୍ୟକ ।

**ଉଦାହରଣ**

ଯଦି 50 ବର୍ଷ ବୟସ ପରେ ପ୍ରଥମ ଥର ପାଇଁ ବୀମାର ପ୍ରସ୍ତାବ ଦିଆଯାଉଛି । ନୈତିକ ବିପତ୍ତିର ସନ୍ଦେହ କରିବା ଏବଂ ସେଭଳି ବୀମାକୁ ପୂର୍ବରୁ କାହିଁକି ନିଆ ଗଲା ନାହିଁ, ଏ ବିଷୟରେ ଯାଞ୍ଚ କରିବାର ଆବଶ୍ୟକତା ରହେ ।

ଆମେମାନେ ମଧ୍ୟ ଧ୍ୟାନ ଦେବା ଆବଶ୍ୟକ ଯେ ହୃଦୟର ରୋଗ ଓ ଯକୃତ ବିଫଳତା ଭଳି ଅପକ୍ଷୟୀ ରୋଗସବୁ ଘଟିବାର ସମ୍ଭାବନା ବୟସ ସହିତ ବୃଦ୍ଧି ପାଇଥାଏ ଏବଂ ବୃଦ୍ଧ ବୟସରେ ଆହୁରି ଅଧିକ ହୋଇଥାଏ । ଜୀବନ ବୀମାକର୍ତ୍ତାମାନେ କିଛି ବିଶେଷ ରିପୋର୍ଟ ମଧ୍ୟ ମାଗି ପାରନ୍ତି ଯେତେବେଳେ ପ୍ରସ୍ତାବସବୁ ଉଚ୍ଚ ବୀମାରାଶି/ଅଧିକ ଆୟୁ କିମ୍ବା ଉଭୟର ମିଶ୍ରଣ ପାଇଁ ଦାଖଲ କରାଯାଇଥାଏ ।

**ଉଦାହରଣ**

ସେସବୁ ରିପୋର୍ଟର ଉଦାହରଣ ହେଉଛି ECG; EEG; ଛାତିର ଏକ୍ସରେ ଏବଂ ରକ୍ତ ମଧୁମେହ ପରୀକ୍ଷା । ଏହି ପରୀକ୍ଷାଗୁଡିକ, ପ୍ରସ୍ତାବିତ ଜୀବନର ସ୍ୱାସ୍ଥ୍ୟ ସମ୍ବନ୍ଧରେ ପ୍ରସ୍ତାବରେ ଦିଆଯାଇଥିବା ଉତ୍ତର କିମ୍ବା ଏକ ସାଧାରଣ ମେଡିକାଲ ପରୀକ୍ଷା ପ୍ରଦାନ କରୁଥିବା ଅପେକ୍ଷା ଅଧିକ ଗଭୀର ଅନ୍ତର୍ଦୃଷ୍ଟି ପ୍ରକଟ କରିପାରନ୍ତି ।

**ଉଦାହରଣ**

ଯେତେବେଳେ ଏକ ପ୍ରସ୍ତାବକୁ ସେହି ଶାଖାରେ ଦାଖଲ କରାଯାଏ ଯାହା ପ୍ରସ୍ତାବିତ ବୀମିତର ନିବାସ ସ୍ଥାନଠାରୁ ଦୂର ସ୍ଥାନରେ ଅବସ୍ଥିତ ଥାଏ ।

ଏକ ମେଡିକାଲ ପରୀକ୍ଷା ଅନ୍ୟ କୌଣସି ସ୍ଥାନରେ ବି କରାଯାଇଥାଏ ଯଦିଓ ଜଣକର ନିବାସ ସ୍ଥାନ ପାଖରେ ଏକ ଯୋଗ୍ୟତାପ୍ରାପ୍ତ ମେଡିକାଲ ପରୀକ୍ଷକ ଉପଲବ୍ଧ ଥାଏ ।

ତୃତୀୟ ପ୍ରକରଣଟି ହେଉଛି ଯେତେବେଳେ ଏକ ପ୍ରସ୍ତାବଟି ସ୍ପଷ୍ଟ ବୀମାଯୋଗ୍ୟ ହିତ ନ ଥିବା ଅନ୍ୟ ଏକ ବ୍ୟକ୍ତିର ଜୀବନ ଉପରେ କରାଯାଇଥାଏ ।

---


ସେଭଳି ପ୍ରତ୍ୟେକ ପ୍ରକରଣରେ ଏକ ଅନୁସନ୍ଧାନ କରାଯାଇପାରେ ପରିଶେଷରେ, ଯେତେବେଳ ଅଭିକର୍ତ୍ତା ଜଣକ ଜୀବନ ବୀମିତ ସହିତ ସମ୍ବନ୍ଧୀୟ ହୋଇଥାଏ, ଏକ ନୈତିକ ବିପତ୍ତି ରିପୋର୍ଟକୁ ଏଜେନ୍ସି ମ୍ୟାନେଜର/ବିକାଶ ଅଧିକାରୀ ଭଳି ଏକ ଶାଖା କର୍ମକର୍ତ୍ତାଙ୍କଠାରୁ ମଗାଯାଇପାରେ ।

### e) ବୃତ୍ତି

ବୃତ୍ତିଗତ  ବିପତ୍ତିସବୁ ତିନୋଟି ଉତ୍ସଠାରୁ ଉତ୍ପନ୍ନ ହୋଇ ପାରନ୍ତି:

- ✓ ଦୁର୍ଘଟଣା
- ✓ ସ୍ୱାସ୍ଥ୍ୟ ବିପତ୍ତି
- ✓ ନୈତିକ ବିପତ୍ତି

ଚିତ୍ର 4 : **ବୃତ୍ତିଗତ** ବିପତ୍ତିଗୁଡ଼ିକର ଉତ୍ସ




**ବିପତ୍ତି**

i. ଦୁର୍ଘଟଣାଜନିତ ବିପତ୍ତିଗୁଡ଼ିକ ଉତ୍ପନ୍ନ ହୋଇଥାନ୍ତି କାରଣ କିଛି ପ୍ରକାରର ରୋଜଗାର ଜଣକୁ ଦୁର୍ଘଟଣାର ସଙ୍କଟର ସମ୍ମୁଖୀନ କରାଇପାରନ୍ତି । ଏହି ବର୍ଗରେ ଅନେକ ସଂଖ୍ୟକ ରୋଜଗାର ଅଛନ୍ତି-ଯେପରିକି ସର୍କସ କଳାକାର, ମଞ୍ଚ ବାନ୍ଧୁଥିବା କର୍ମଚାରୀ, ବିଧ୍ୱଂସ ବିଶେଷଜ୍ଞ ଏବଂ ଫିଲ୍ମ କରତବ (ସ୍ଟଣ୍ଟ) କଳାକାରମାନେ ।

ii. ସ୍ୱାସ୍ଥ୍ୟ ବିପତ୍ତିଗୁଡ଼ିକ ଉତ୍ପନ୍ନ ହୋଇଥାନ୍ତି ଯେ କାମର ସ୍ୱରୂପ ଏପରି ହୋଇଥାଏ ଯେଉଁଥିରେ ଚିକିତ୍ସୀୟ ହାନିର ସମ୍ଭାବନା ଉପୁଜିପାରେ । ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ବିପତ୍ତି ଅଛନ୍ତି ।

✓ କେତେକ କାର୍ଯ୍ୟ ଯେପରିକି **ରିକ୍ସା ଟାଣିବାବାଲା** ର କାର୍ଯ୍ୟ ଅଧିକ ଶାରୀରିକ ଚାପକୁ ସଂପୃକ୍ତ କରେ ଏବଂ ଶ୍ୱାସ ପ୍ରଣାଳୀକୁ ପ୍ରଭାବିତ କରେ

✓ ସେଭଳି ପରିସ୍ଥିତି ଯେଉଁଠି ଜଣେ ଖୋଦନ ଧୂଳି ଭଳି **ବିଷାକ୍ତ ପଦାର୍ଥ** କିମ୍ବା ରାସାୟନିକ ଓ ନ୍ୟୁକ୍ଲିୟର୍ ବିକିରଣ ଭଳି କର୍କଟଜନକ ପଦାର୍ଥ (ଯାହା କ୍ୟାନସର ସୃଷ୍ଟି କରେ), ଏସବୁର ସମ୍ମୁଖୀନ ହୋଇପାରେ ।

✓ ଭୂମିଗତ ସୁଡଙ୍ଗ କିମ୍ବା ଗଭୀର ସମୁଦ୍ର ଭଳି **ଉଚ୍ଚ ଚାପ ବିଶିଷ୍ଟ ପରିବେଶ** ରେ କାର୍ଯ୍ୟ କରିବା, ତୀବ୍ର ବିସଂପୀଡ଼ନ ଅସ୍ୱସ୍ଥତା ଉତ୍ପନ୍ନ କରିପାରେ ।

✓ ପରିଶେଷରେ, କେତେକ କାର୍ଯ୍ୟ ପରିସ୍ଥିତି (ଯେପରି କି ଏକ କମ୍ପ୍ୟୁଟର ସମ୍ମୁଖରେ ନଇଁକରି ବସିବା କିମ୍ବା ଏକ ଉଚ୍ଚ କୋଳାହଳ ସ୍ଥିତିରେ କାର୍ଯ୍ୟ କରିବା) ସହିତ **ଅତି ସଂସର୍ଗ** ରେ ଆସିବା, ଦୀର୍ଘଦିନ ପରେ ଶରୀରର କିଛି ଅଂଶର କାର୍ଯ୍ୟକ୍ଷମତାରେ ବାଧା ଉତ୍ପନ୍ନ କରିପାରେ ।

iii. ନୈତିକ ବିପତ୍ତି ଉତ୍ପନ୍ନ ହୋଇପାରେ ଯେତେବେଳେ ଏକ ରୋଜଗାର ଅପରାଧିକ ତତ୍ତ୍ୱ କିମ୍ବା ଡ୍ରଗ୍ସ ଓ ମଦର ନିକଟସ୍ଥ ହୁଏ କିମ୍ବା ସେଗୁଡ଼ିକ ପ୍ରତି ପୂର୍ବାବୃତ୍ତିର କାରଣ ହୋଇପାରେ । ଏକ ଉଦାହରଣ ହେଉଛି ସନ୍ଦେହଜନକ ଅପରାଧିକ ସଂପର୍କ ଥିବା ଏକ ନାଇଟ୍ କ୍ଲବ୍ ର ଏକ ଡ୍ୟାନ୍ସର୍ କିମ୍ବା ଏକ ମଦ୍ୟ ବାର୍ ର ମଦ ଦେବାବାଲା କିମ୍ବା ଏକ ବ୍ୟବସାୟୀର 'ବଡ଼ିଗାର୍ଡ' । ପୁନଃ, କିଛି ବ୍ୟକ୍ତି ଯେପରିକି ସୁପରଷ୍ଟାର ମନୋରଞ୍ଜକମାନଙ୍କ କାର୍ଯ୍ୟ ପ୍ରୋଫାଇଲ୍ ସେମାନଙ୍କୁ ନିଶାଦ୍ରବ୍ୟ/ମାଦକ ଜୀବନ ଶୈଳୀ ଆଡ଼େ ନେଇ ପାରେ, ଯାହା ବେଳେ ବେଳେ ଦୁଃଖଦ ସମାପ୍ତି ଆଣିଦିଏ ।

ଯେତେବେଳେ ଏକ ବ୍ୟବସାୟ କୌଣସି ସେମିତି ବିପଦଜନକ ବର୍ଗ ଅନ୍ତର୍ଗତ ଆସିଥାଏ, ବୀମା ପାଇଁ ଆବେଦକ ଏକ ବ୍ୟବସାୟିକ ପ୍ରଶ୍ନାବଳୀକୁ ପୂରା କରିବାର ଆବଶ୍ୟକ ରହିପାରେ ଯାହା ବ୍ୟବସାୟ, ସଂପୃକ୍ତ କର୍ତ୍ତବ୍ୟ ଏବଂ ସଂସର୍ଗରେ ଆସୁଥିବା ସଙ୍କଟ ସମ୍ବନ୍ଧୀୟ ବିଶେଷ ବିବରଣୀ ମାଗିପାରେ । ଏକ ମୂଲ୍ୟ ନିର୍ଦ୍ଧାରଣ ଏକ ଫ୍ଲାଟ୍ ଅତିରିକ୍ତ ରୂପେ ମଧ ବ୍ୟବସାୟ ପାଇଁ ଲାଗୁ କରାଯାଇପାରେ (ଉଦାହରଣ ସ୍ୱରୂପ ଦୁଇ ଟଙ୍କା ପ୍ରତି ହଜାର ବୀମା ରାଶି) । ସେଭଳି ଅତିରିକ୍ତକୁ କମ୍ କରାଯାଇପାରେ କିମ୍ବା ହଟାଇ ଦିଆଯାଇପାରେ ଯେତେବେଳେ ବୀମିତର ବ୍ୟବସାୟ ପରିବର୍ତ୍ତନ ହୋଇଥାଏ ।

## f) ଜୀବନଶୈଳୀ ଏବଂ ଅଭ୍ୟାସ

ଜୀବନଶୈଳୀ ଏବଂ ଅଭ୍ୟାସ ଗୁଡିକ ହେଉଛନ୍ତି ବ୍ୟାପକ ଶୃଙ୍ଖଳାର ବୈୟକ୍ତିକ ଜୀବନ ଶୈଳୀ ବିଶେଷତାଗୁଡିକୁ ସୁରକ୍ଷା ପ୍ରଦାନ କରୁଥିବା ସର୍ତ୍ତାବଳୀ, ଯାହାକୁ ସଙ୍କଟର ସଂସର୍ଗ ସୂଚୀତ କରୁଥିବା, ଅଭିକର୍ତ୍ତାଙ୍କ ଗୋପନୀୟ ରିପୋର୍ଟ ଓ ନୈତିକ ବିପତ୍ତି ରିପୋର୍ଟକୁ ଉଲ୍ଲେଖ କରାଯାଇପାରେ । ବିଶେଷ ରୂପେ ତିନୋଟି ଲକ୍ଷଣ ମହତ୍ୱପୂର୍ଣ୍ଣ ହୋଇଥାନ୍ତି:

**ଧୂମପାନ** ଏବଂ ତମ୍ବାଖୁର ଉପଯୋଗ: ତମ୍ବାଖୁ ର ଉପଯୋଗ ନା କେବଳ ନିଜେ ଏକ ସଙ୍କଟ ଅଟେ, କିନ୍ତୁ ଅନ୍ୟାନ୍ୟ ମେଡ଼ିକାଲ ସଙ୍କଟ ବୃଦ୍ଧି କରିବାର ବି କାରଣ ହୋଇଥାଏ । କମ୍ପାନୀମାନେ ଆଜିକାଲି ଧୂମପାନକାରୀ ଓ ଅଣ-ଧୂମପାନକାରୀ ଏବଂ ଗୁଟକା ଓ ପାନମସଲା ଭଳି ଅନ୍ୟାନ୍ୟ ପ୍ରକାରର ତମ୍ବାଖୁ ଉପଯୋଗ ପାଇଁ ଭିନ୍ନ ଭିନ୍ନ ଦର ଲାଗୁ କରିଥାନ୍ତି ।

**ମଦ** : କେବେ କେବେ କିମ୍ବା ଅଳ୍ପ ପରିମାଣର ମଦ୍ୟ ପାନକୁ ଏକ ବିପତ୍ତିରୂପେ ବିଚାର କରାଯାଇ ନ ଥାଏ । ଅବଶ୍ୟ,ଦୀର୍ଘ କାଳୀନ ଅତ୍ୟଧିକ ମଦ୍ୟପାନ ଯକୃତ୍ ର କାର୍ଯ୍ୟ କରିବାରେ ବାଧା ଦେଇଥାଏ, ପାଚନ ପ୍ରଣାଳୀକୁ ପ୍ରଭାବିତ କରିଥାଏ ଏବଂ ମାନସିକ ବିଶୃଙ୍ଖଳତା ଆଡ଼େ ଟାଣି ନେଇଥାଏ । ମଦ୍ୟପପଣ ଦୁର୍ଘଟଣା, ହିଂସ୍ରତା, ପରିବାର କୁପ୍ରଥା, ଅବସାଦ ଏବଂ ଆତ୍ମହତ୍ୟା ସହିତ ମଧ୍ୟ ସଂଯୁକ୍ତ ଥାଏ ।

ମାଦକ ଦ୍ରବ୍ୟର ଦୁଷ୍ପ୍ରୟୋଗ: ମାଦକ ଦ୍ରବ୍ୟର ଦୁଷ୍ପ୍ରୟୋଗ ବିଭିନ୍ନ ପ୍ରକାରର ମାଦକ ଦ୍ରବ୍ୟ ଯେପରିକି ଡ୍ରଗ୍ସ କିମ୍ବା ନାର୍କୋଟିକ୍ସ, ସନ୍ତୋଷଦାୟକ ଔଷଧ ଏବଂ ସେଭଳି ଅନ୍ୟାନ୍ୟ ଉତ୍ତେଜକ ପଦାର୍ଥର ଉପଯୋଗକୁ ସୂଚାଇଥାଏ ଏମାନଙ୍କ ମଧ୍ୟରୁ କେତେକ ଅବୈଧ ଏବଂ ସେମାନଙ୍କର ଉପଯୋଗ ମଧ୍ୟ ଅପରାଧିକ ମନୋବୃତ୍ତି ଓ ନୈତିକ ବିପତ୍ତିକୁ ସୂଚୀତ କରିଥାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ 2**

ନିମ୍ନ ମଧ୍ୟରୁ କେଉଁଟି ନୈତିକ ବିପତ୍ତିର ଏକ ଉଦାହରଣ ଅଟେ ?

I. ଏକ କରତବ(ଷ୍ଟଣ୍ଟ) ସମ୍ପାଦନ କରିବା ସମୟରେ କରତବ (ଷ୍ଟଣ୍ଟ) କଳାକାରର ମୃତ୍ୟୁ ହୁଏ

II. ଏକ ବ୍ୟକ୍ତି ପ୍ରଚୁର ପରିମାଣର ମଦ୍ୟପାନ କରେ କାରଣ ସେ ବୀମିତ ଅଟେ

III. ପ୍ରିମିୟମ ପ୍ରଦାନରେ ବୀମିତର ତ୍ରୁଟିଥିବା


IV. ପ୍ରସ୍ତାବକ ପଲିସୀ ଦସ୍ତାବିଜ ହଜାଇ ଦେବା

## C. ମେଡିକାଲ ସଙ୍କଟାଙ୍କନ

### 1. ମେଡିକାଲ ସଙ୍କଟାଙ୍କନ

ଆସନ୍ତୁ ବର୍ତ୍ତମାନ କେତେକ ମେଡିକାଲ କାରକଗୁଡିକ ଉପରେ ବିଚାର କରିବା ଯାହା ଏକ ସଙ୍କଟାଙ୍କନର ନିର୍ଣ୍ଣୟକୁ ପ୍ରଭାବିତ କରିପାରେ । ଏସବୁକୁ ସାଧାରଣତଃ ମେଡିକାଲ ସଙ୍କଟାଙ୍କନ ମାଧ୍ୟମରେ ମୂଲ୍ୟାଙ୍କିତ କରାଯାଏ । ଅନେକ ସମୟରେ ଏଗୁଡିକ ଏକ ମେଡିକାଲ ପରୀକ୍ଷକଙ୍କ ରିପୋର୍ଟ ଆବଶ୍ୟକ କରିପାରନ୍ତି । ଆସନ୍ତୁ କେତେକ କାରକକୁ ଦେଖିବା ଯେଉଁଗୁଡିକର ଯାଞ୍ଚ କରାଯାଏ ।

ଚିତ୍ର 5 : ମେଡିକାଲ କାରକ ଯାହା ଏକ ସଙ୍କଟାଙ୍କକର ନିର୍ଣ୍ଣୟକୁ ପ୍ରଭାବିତ କରିଥାନ୍ତି




a) **ପରିବାର ଇତିହାସ**

ମୃତ୍ୟୁହାର ସଙ୍କଟ ଉପରେ ପରିବାର ଇତିହାସର ପ୍ରଭାବକୁ ତିନୋଟି ଦୃଷ୍ଟିଭଙ୍ଗୀରୁ ଅଧ୍ୟୟନ କରାଯାଇଛି ।

i. **ଆନୁବଂଶିକତା :** କେତେକ ରୋଗ ଗୋଟିଏ ପୀଢ଼ି ଠାରୁ ଅନ୍ୟ ଏକ ପୀଢ଼ିକୁ, ଧରନ୍ତୁ ପିତାମାତାଙ୍କ ଠାରୁ ପିଲାମାନଙ୍କ ପାଖକୁ ସଂଚାରିତ ହୋଇପାରେ ।

ii. **ପରିବାର ର ହାରାହାରି ଦୀର୍ଘ ଜୀବନ :** ଯେତେବେଳେ ହୃଦୟ ସମସ୍ୟା କିମ୍ବା କ୍ୟାନସର ଭଳି କେତେକ ରୋଗ କାରଣରୁ ପିତାମାତା ଶୀଘ୍ର ମରିଯାଇଥାନ୍ତି, ଏହା ଏକ ସୂଚକ ହୋଇପାରେ ଯେ ସେମାନଙ୍କ ବଂଶଧର ବି ଦୀର୍ଘ ଦିନ ଜୀବିତ ରହି ନ ପାରନ୍ତି ।

iii. **ପରିବାର ବାତାବରଣ :** ତୃତୀୟତଃ, ସେହି ବାତାବରଣ ଯେଉଁଥିରେ ପରିବାର ବାସ କରେ, ତାହା ସଂକ୍ରମଣ ଓ ଅନ୍ୟାନ୍ୟ ସଙ୍କଟର ସଂସର୍ଗରେ ଆସିପାରେ ।

ପ୍ରତିକୂଳ ପରିବାର ଇତିହାସ ଥିବା ବ୍ୟକ୍ତିମାନଙ୍କ ପ୍ରକରଣଗୁଡିକୁ ବିଚାର କରିବା ବେଳେ ଜୀବନ ବୀମାକର୍ତ୍ତାମାନଙ୍କୁ ଏ ପ୍ରକାରେ ସାବଧାନ ରହିବାକୁ ପଡ଼ିବ । ସେମାନେ ଅନ୍ୟାନ୍ୟ ରିପୋର୍ଟ ମାଗି ପାରନ୍ତି ଏବଂ ସେଭଳି କ୍ଷେତ୍ରରେ ଏକ ଅତିରିକ୍ତ ମୃତ୍ୟୁହାର ମୂଲ୍ୟ ଲାଗୁ କରି ପାରନ୍ତି ।

b) **ବ୍ୟକ୍ତିଗତ ଇତିହାସ**

ବ୍ୟକ୍ତିଗତ ଇତିହାସ ମାନବ ଶରୀରର ବିଭିନ୍ନ ପ୍ରଣାଳୀର ଅତୀତର ନ୍ୟୂନତା, ଯାହାଦ୍ୱାରା ବୀମିତ ହେବାକୁ ଥିବା ଜୀବନ ଆକ୍ରାନ୍ତ ହୋଇଛି, ତାହାକୁ ସୂଚୀତ କରେ । ଜୀବନ ବୀମା ପାଇଁ ପ୍ରସ୍ତାବ ଫର୍ମରେ ସାଧାରଣତଃ ଏକ ପ୍ରଶ୍ନ ସମୂହ ଥାଏ ଯାହା ଅନୁସନ୍ଧାନ କରେ ଯେ ବୀମିତ ହେବାକୁ ଥିବା ଜୀବନ ଏମାନଙ୍କ ମଧ୍ୟରୁ କୌଣସି ପାଇଁ ଚିକିତ୍ସାଧୀନ ରହିଛି କି ?

ମୁଖ୍ୟ ପ୍ରକାରର ରୋଗ, ଯାହାକୁ ସଙ୍କଟାଙ୍କକମାନଙ୍କ ଦ୍ୱାରା ବିଚାର କରାଯାଇଥାଏ, ସେସବୁରେ ଅନ୍ତର୍ଭୁକ୍ତ ହୁଅନ୍ତି ହୃଦୟ ତଥା ରକ୍ତବାହିନୀ ସମ୍ବନ୍ଧୀୟ କାର୍ଡିଓଭାସ୍କୁଲାର୍ ରୋଗ, ଶ୍ୱାସକ୍ରିୟା ପ୍ରଣାଳୀ ସମ୍ବନ୍ଧୀୟ ରୋଗ, ଘାତକ ଟ୍ୟୁମର୍/କ୍ୟାନସର୍, ରେନାଲ୍ ପ୍ରଣାଳୀର ରୋଗ, ଅନ୍ତଃସ୍ରାବୀ (ଏଣ୍ଡୋକ୍ରାଇନ୍) ପ୍ରଣାଳୀର କ୍ଷତି, ଗ୍ୟାସଟ୍ରିକ୍ ଅଲସର୍ ଭଳି ପାକକ୍ରିୟା ପ୍ରଣାଳୀର ରୋଗ ଏବଂ ଯକୃତ୍ ର ସିରୋସିସ୍ ଓ ସ୍ନାୟୁ ପ୍ରଣାଳୀର ରୋଗ ।

c) **ବ୍ୟକ୍ତିଗତ ବିଶେଷତା**

ଏଗୁଡିକ ମଧ୍ୟ ରୋଗ ପ୍ରତି ପ୍ରବୃତ୍ତିର ମହତ୍ୱପୂର୍ଣ୍ଣ ସୂଚକ ହୋଇଥାନ୍ତି ।

### i. ଗଠନ

ଏକ ବ୍ୟକ୍ତିର ଗଠନରେ ସମ୍ମିଳିତ ହୁଏ ଉଚ୍ଚତା, ଓଜନ, ଛାତି ଏବଂ ଉଦରର ପରିଧି । ଏକ ମାନକ ଓଜନ ରହିଥାଏ ଯାହାକୁ ନିର୍ଦ୍ଧାରିତ କରାଯାଇଛି ଏବଂ ଯଦି ଏହି ମାନକ ଓଜନ ତୁଳନାରେ ଓଜନ ଅତି ବେଶୀ କିମ୍ବା କମ୍ ରହେ । ଆମେ କହି ପାରିବା ଯେ ବ୍ୟକ୍ତିଟି ଅଧିଭାର (ଅଧିକ ଓଜନ ବିଶିଷ୍ଟ) କିମ୍ବା ଅଳ୍ପ ଭାର (କମ୍ ଓଜନ ବିଶିଷ୍ଟ) ଅଟେ ।

ସେହିଭଳି, ଏହା ଆଶା କରାଯାଏ ଯେ ଏକ ସାମାନ୍ୟ ବ୍ୟକ୍ତିଠାରେ ଛାତିକୁ ଅତି କମ୍ ରେ ଚାରି ସେଣ୍ଟିମିଟର ପର୍ଯ୍ୟନ୍ତ ପ୍ରସାରିତ କରାଯିବା ଉଚିତ୍ ଏବଂ ଉଦରର ପରିଧି ଜଣକର ପ୍ରସାରିତ ଛାତିଠାରୁ ଅଧିକ ହେବା ଉଚିତ୍ ନୁହେଁ ।

### ii. ରକ୍ତ ଚାପ

ଅନ୍ୟ ଏକ ସୂଚକ ହେଉଛି ଏକ ବ୍ୟକ୍ତିର ରକ୍ତ ଚାପ । ଏହାର ଦୁଇଟି ମାପ ଅଛି

- ✓ ସିସ୍ଟୋଲିକ୍
- ✓ ଡାଇସ୍ଟୋଲିକ୍

ଯେତେବେଳେ ବାସ୍ତବ ରିଡିଙ୍ଗ୍ ସାଧାରଣ ମୂଲ୍ୟ ଠାରୁ ଅତି ଅଧିକ ଥାଏ, ଆମେ କହୁ ଯେ ବ୍ୟକ୍ତିର ଉଚ୍ଚ ରକ୍ତଚାପ କିମ୍ବା ହାଇପରଟେନ୍ସନ ଅଛି । ଯେତେବେଳେ ଏହା ଅତି କମ୍ ରହେ, ଏହାକୁ ହାଇପୋଟେନ୍ସନ କୁହାଯାଏ । ପ୍ରଥମଟିର ଗମ୍ଭୀର ପରିଣାମ ହୋଇପାରେ ।

### iii. ମୂତ୍ର- ବିଶିଷ୍ଟ ଗୁରୁତ୍ୱ

ଅନ୍ତିମରେ, ଜଣକର ମୂତ୍ରର ବିଶିଷ୍ଟ ଗୁରୁତ୍ୱର ରିଡିଙ୍ଗ୍ ମୂତ୍ର ସମ୍ବନ୍ଧୀୟ ପ୍ରଣାଳୀ ବିଭିନ୍ନ ଲବଣ ମଧ୍ୟରେ ସନ୍ତୁଳନକୁ ସୂଚୀତ କରେ । ଏହା ପ୍ରଣାଳୀର କୌଣସି ଖରାପ କାର୍ଯ୍ୟକାରିକାକୁ ସୂଚୀତ କରେ ।

### d) ପୂର୍ବ–ଦିନାଙ୍କନ:

ପୂର୍ବ-ଦିନାଙ୍କନ ଅର୍ଥ ହେଉଛି ପଲିସୀର ଆରମ୍ଭ ତାରିଖକୁ ଏକ ପୂର୍ବର ତାରିଖକୁ ପରିବର୍ତ୍ତିତ କରିବା । ଉଦାହରଣ ସ୍ୱରୂପ, ଆପଣ ଏକ ଜୀବନ ବୀମା ପଲିସୀ 1 ଜୁନ, 2013 ରେ କ୍ରୟ କଲେ କିନ୍ତୁ ପରେ ଆପଣ ଚିନ୍ତା କରନ୍ତି ଯେ ପଲିସୀ ଅଧିକ ଉତ୍ତମ ପ୍ରତିଫଳ ଜାତ କରିଥାନ୍ତା ଯଦି ଆପଣ ଏହାକୁ ଅପ୍ରେଲ 2013 ରେ କ୍ରୟ କରିଥାନ୍ତେ । ଆପଣ ଏବଂ ଆପଣଙ୍କ ବୀମା କମ୍ପାନୀ, ପଲିସୀକୁ ସରକାରୀରୂପେ ଅପ୍ରେଲ, 2013 ଠାକୁ ଆରମ୍ଭ କରିବାକୁ ଏହାକୁ ପରିବର୍ତ୍ତନ କରିବା ପାଇଁ, ଏକମତ ହୁଅନ୍ତି । ଏହି କ୍ଷେତ୍ରରେ, ଆପଣ ପଲିସୀଟିକୁ ପୂର୍ବ-ଦିନାଙ୍କିତ କରିଛନ୍ତି । ସାଧାରଣତଃ, କୌଣସି ସୁଧ ଲାଗୁ କରାଯାଏ ନାହିଁ ଯଦି ପଲିସୀଟିକୁ ଏକ ମାସରୁ କମ୍ ଦିନ ମଧ୍ୟରେ ପୂର୍ବ-ଦିନାଙ୍କିତ କରାଯାଏ ।

ପୂର୍ବ-ଦିନାଙ୍କନ ନିମ୍ନଲିଖିତ ଉଦ୍ଦେଶ୍ୟରେ କରାଯାଏ:

(i) **ବୟସ ଆଧାରରେ ଏକ କମ୍ ପ୍ରିମିୟମ ପାଇବା** : ପଲିସୀ ଜାରୀ କରିବା ସମୟରେ, ବୀମାକର୍ତ୍ତାମାନେ ପଲିସୀଧାରକର ନିକଟତମ ବୟସକୁ ବିଚାର କରିଥାନ୍ତି । ଏହାର ଅର୍ଥ ହେଉଛି ଯଦି ଆପଣ 32 ବର୍ଷ ଓ 7 ମାସ ବୟସର ଅଟନ୍ତି, ବୀମାକର୍ତ୍ତା ଆପଣଙ୍କ-ବୟସକୁ 33 ବର୍ଷରୂପେ ଗଣନା କରିବ । ନିକଟତମ ବୟସ ଆପଣଙ୍କୁ ଏକ ଉଚ୍ଚତର ପ୍ରିମିୟମ ସ୍ଲାବ୍ ରେ ରଖିପାରେ । ଅବଶ୍ୟ, ଯଦି ଆପଣ ପଲିସୀକୁ 2 ମାସ ପର୍ଯ୍ୟନ୍ତ ପୂର୍ବ-ଦିନାଙ୍କିତ କରନ୍ତି, କମ୍ପାନୀ ଆପଣଙ୍କ ବୟସକୁ 32 ବର୍ଷ ଓ 5 ମାସ ବୋଲି ଗଣନା କରିବ । ବର୍ତ୍ତମାନ ଆପଣ ଏକ 32-ବର୍ଷ ଆୟୁର ଯୋଜନା ଆଧାରରେ ଆପଣ କମ୍ ପ୍ରିମିୟମ ପ୍ରଦାନ କରୁଥିବେ ।

(ii) **ରାଶିପ୍ରଦାନରେ ସମୟ ନିର୍ଦ୍ଧାରିତ କରିବା** : କେତେଗୁଡିଏ ବିଶିଷ୍ଟ ବ୍ୟବସାୟ ଅଛି ଯେଉଁଠି ଆୟ ପ୍ରବାହ ନିୟମିତ (ସ୍ଥିର) ରହେ ନାହିଁ । ସେଭଳି ଏକ ପରିଦୃଶ୍ୟରେ ଯଦି ଏକ ବ୍ୟକ୍ତି ଅସମୟରେ ଅକସ୍ମାତ୍ ଏକ ଜୀବନ ବୀମା ପଲିସୀ କିଣେ, ତେବେ ପଲିସୀଟିକୁ ସର୍ବାଧିକ ଉପାର୍ଜନର ସମୟ ପର୍ଯ୍ୟନ୍ତ ପୂର୍ବ-ଦିନାଙ୍କିତ କରାଯାଇପାରିବ । ଉଦାହରଣ ସ୍ୱରୂପ, ଏକ କୃଷକର ସମୟାନୁକୂଳ ଆୟ ହୋଇପାରେ । ସେ ତାର ଫସଲ ଲାଭ ପାଇବା ପରେ ହିଁ ବୀମା ଦେୟ ପ୍ରଦାନ କରିବା ପାଇଁ ପସନ୍ଦ କରିପାରେ । ଏହି କ୍ଷେତ୍ରରେ, କୃଷକଟି ପଲିସୀକୁ ଅମଳ ଋତୁରେ ଆରମ୍ଭ କରିବା ପାଇଁ ପୂର୍ବ-ଦିନାଙ୍କିତ କରିପାରେ ।

(iii) **ବିଶିଷ୍ଟ ତାରିଖଗୁଡ଼ିକ ସହିତ ମେଳ ଖୁଆଇବା :** ଆପଣ ପଲିସୀଟିକୁ ଆପଣଙ୍କ ମହତ୍ୱପୂର୍ଣ୍ଣ ତାରିଖ, ଯଥା: ଜନ୍ମଦିନ ଓ ବାର୍ଷିକୀ ସହିତ ମେଳ ଖୁଆଇବା ପାଇଁ ଏହାର ପୂର୍ବ-ଦିନାଙ୍କନ କରିପାରନ୍ତି । ଆପଣଙ୍କ ପ୍ରିମିୟମ ଦେୟ ତାରିଖକୁ ମନେ ରଖିବା ପାଇଁ ଏହା ଆପଣଙ୍କ ପାଇଁ ସହଜ କରିଦିଏ ।

(iv) **ଶୀଘ୍ର ପରିପକ୍ୱତା ଦାବୀ :** ପୂର୍ବ-ଦିନାଙ୍କନ ଏକ ପଲିସୀର ଅବଧିକୁ କମ୍ କରିଥାଏ ଏବଂ ଶୀଘ୍ର ପରିପକ୍ୱତାରେ ସାହାଯ୍ୟ କରିଥାଏ । ଉଦାହରଣ ସ୍ୱରୂପ, ଯଦି ମାର୍ଚ୍ଚ 2000 ରେ କ୍ରୟ କରାଯାଇଥିବା ଏକ 30-ବର୍ଷର ଜୀବନ ବୀମା ସୁରକ୍ଷାକୁ ଅପ୍ରେଲ 1999 କୁ ପୂର୍ବ-ଦିନାଙ୍କିତ କରାଯାଏ, ପଲିସୀଟି ମାର୍ଚ୍ଚ 2030 ପରିବର୍ତ୍ତେ ଅପ୍ରେଲ, 2029 ରେ ପରିପକ୍ୱତା ପ୍ରାପ୍ତ ହୋଇପାରେ । ଏଣ୍ଡାଓମେଣ୍ଟ ପଲିସୀସବୁ କ୍ଷେତ୍ରରେ, ଏହା ଲାଭଦାୟକ ହୋଇପାରେ ଯେହେତୁ ପରିପକ୍ୱତା ଲାଭ ପୂର୍ବରୁ ଉପାର୍ଜିତ ହୋଇଥାଏ ।

**ସ୍ୱୟଂ ପରୀକ୍ଷଣ କରନ୍ତୁ 3**

ବଂଶଗତ ଇତିହାସ ମେଡିକାଲ ସଙ୍କଟାଙ୍କନ ରେ କାହିଁକି ମହତ୍ୱପୂର୍ଣ୍ଣ ଅଟେ ?

I. ଧନୀ ପିତାମାତାଙ୍କ ସ୍ୱାସ୍ଥ୍ୟବାନ୍ ପିଲା ଥାଆନ୍ତି

II. କିଛି ରୋଗ ପିତାମାତାଙ୍କ ଠାରୁ ପିଲାମାନଙ୍କ ପାଖକୁ ସଂଚାରିତ ହୋଇପାରେ

III. ଗରିବ ପିତାମାତାଙ୍କ କୁପୋଷିତ ପିଲା ଥାଆନ୍ତି

IV. ପରିବାର ବାତାବରଣ ଏକ ମହତ୍ୱପୂର୍ଣ୍ଣ କାରକ ଅଟେ

**ସାରାଂଶ**

- ଇକ୍ୱିଟୀ ଆଣିବା ପାଇଁ ସଙ୍କଟାଙ୍କକ ସଙ୍କଟ ବର୍ଗୀକରଣରେ ନିଯୁକ୍ତ ହୁଏ ଯେଉଁଠି ବୈୟକ୍ତିକ ଜୀବନମାନଙ୍କୁ ବର୍ଗୀକୃତ କରାଯାଏ ଏବଂ ସେମାନେ ସଂସର୍ଗରେ ଆସୁଥିବା ସଙ୍କଟଗୁଡିକର ମାତ୍ରା ଆଧାରରେ ବିଭିନ୍ନ ସଙ୍କଟ ବର୍ଗରେ ଆବଣ୍ଟିତ କରାଯାଏ ।
- ସଙ୍କଟାଙ୍କନ ପ୍ରକ୍ରିୟା ଦୁଇଟି ସ୍ତରରେ ଘଟେ ବୋଲି କୁହାଯାଇପାରେ:
  - ✓ କ୍ଷେତ୍ରୀୟ ସ୍ତରରେ ଏବଂ
  - ✓ ସଙ୍କଟାଙ୍କନ ବିଭାଗ ସ୍ତରରେ

- ସଙ୍କଟାଙ୍କକମାନଙ୍କ ଦ୍ୱାରା ନିଆଯାଇଥିବା ନିର୍ଣ୍ଣୟରେ ଅନ୍ତର୍ଭୁକ୍ତ ହୁଅନ୍ତି ମାନକ ହାରରେ ମାନକ ସଙ୍କଟର ସ୍ୱୀକୃତି କିମ୍ବା ଅଣ-ମାନକ ସଙ୍କଟଗୁଡିକ ପାଇଁ ଅତିରିକ୍ତ ଚାର୍ଜ କରିବା । ବେଳେ ବେଳେ ବୀମା ରାଶି ଉପରେ ଲିୟନ୍ ସହିତ ସ୍ୱୀକୃତି ରହିଥାଏ କିମ୍ବା ସ୍ୱୀକୃତି ପ୍ରତିବନ୍ଧାତ୍ମକ ଅନୁଚ୍ଛେଦ ଆଧାରରେ ହୋଇଥାଏ । ଯେଉଁଠି ସଙ୍କଟଟି ବଡ଼ ହୋଇଥାଏ, ପ୍ରସ୍ତାବକୁ ଅଗ୍ରାହ୍ୟ କିମ୍ବା ବିଳମ୍ବିତ କରାଯାଇଥାଏ ।
- ଅନେକ ସଂଖ୍ୟକ ଜୀବନ ବୀମା ପ୍ରସ୍ତାବକୁ ସାଧାରଣରୂପେ ଏକ ମେଡିକାଲ ପରୀକ୍ଷା ଆୟୋଜିତ କରିବା ବିନା ବୀମା ପାଇଁ ଚୟନ କରାଯାଇପାରେ । ସେଭଳି ପ୍ରକରଣସବୁକୁ ଅଣ-ମେଡିକାଲ ପ୍ରସ୍ତାବ କୁହାଯାଏ ।
- ଅଣ-ମେଡିକାଲ ସଙ୍କଟାଙ୍କନ ପାଇଁ କେତେକ ମୂଲ୍ୟ ନିର୍ଦ୍ଧାରଣ କାରକରେ ଅନ୍ତର୍ଭୁକ୍ତ ହୁଅନ୍ତି
  - ✓ ଆୟୁ
  - ✓ ଅଧିକ ବୀମା ରାଶି
  - ✓ ନୈତିକ ବିପତ୍ତି ଇତ୍ୟାଦି
- ମେଡିକାଲ ସଙ୍କଟାଙ୍କନରେ ବିଚାର କରାଯାଉଥିବା କେତେକ କାରକରେ ଅନ୍ତର୍ଭୁକ୍ତ ହୁଅନ୍ତି
  - ✓ ପରିବାର ଇତିହାସ,
  - ✓ ବଂଶଗତ ଏବଂ ବ୍ୟକ୍ତିଗତ ଇତିହାସ ଇତ୍ୟାଦି ।

## ମୁଖ୍ୟ ପଦାବଳୀ

1. ସଙ୍କଟାଙ୍କନ
2. ମାନକ ଜୀବନ
3. ଅଣ-ମେଡିକାଲ ସଙ୍କଟାଙ୍କନ
4. ମୂଲ୍ୟ ନିର୍ଦ୍ଧାରଣ/ହାର ନିର୍ଦ୍ଧାରଣ କାରକ
5. ମେଡିକାଲ ସଙ୍କଟାଙ୍କନ
6. ବିପରୀତ –ଚୟନ

## ସ୍ୱୟଂ ପରୀକ୍ଷଣ କରନ୍ତୁ ର ଉତ୍ତର

**ଉତ୍ତର 1** - ସଠିକ୍ ବିକଳ୍ପ ହେଉଛି III

**ଉତ୍ତର 2** - ସଠିକ୍ ଉତ୍ତର ହେଉଛି II

**ଉତ୍ତର 3** - ସଠିକ୍ ଉତ୍ତର ହେଉଛି II

# ଅଧ୍ୟାୟ L-09

## ଜୀବନ ବୀମା ଦାବୀ

**ଅଧ୍ୟାୟ ପରିଚୟ**

ଏହି ଅଧ୍ୟାୟ ଦୀବୀର ବିଷୟରେ ଅବଧାରଣ ଏବଂ ଦାବୀଗୁଡିକୁ କିପରି ସୁନିଶ୍ଚିତ କରାଯାଏ, ଏହାକୁ ବ୍ୟାଖ୍ୟା କରେ । ଅଧ୍ୟାୟଟି ତାପରେ ଦାବୀଗୁଡିକର ପ୍ରକାରଗୁଡିକୁ ବ୍ୟାଖ୍ୟା କରେ । ପରିଶେଷରେ ଦାଖଲ କରିବାକୁ ଥିବା ଫର୍ମଗୁଡିକ ବିଷୟରେ ଏବଂ ଯଦି କୌଣସି ଆବଶ୍ୟକୀୟ ସୂଚନାକୁ ବୀମାକର୍ତ୍ତା ଦ୍ୱାରା ଚାପି ରଖାଯାଇ ନାହିଁ, ବୀମାକର୍ତ୍ତା ଦ୍ୱାରା ଦାବୀ ଅଗ୍ରାହ୍ୟତାଠାରୁ ଏକ ଲାଭଗ୍ରହୀତାକୁ ସୁରକ୍ଷା ପ୍ରଦାନ କରିବା ପାଇଁ ସୁରକ୍ଷଣ, ବିଷୟରେ ଆପଣ ଶିଖିବେ ।

**ଅଧ୍ୟୟନ ପରିଣାମ**

A. ଦାବୀଗୁଡିକର ପ୍ରକାର ଏବଂ ଦାବୀ କାର୍ଯ୍ୟପ୍ରଣାଳୀ

B. ଏକ ଦାବୀ ପରିସ୍ଥିତି ଘଟିଛି କି ନାହିଁ –ଏହା ସୁନିଶ୍ଚିତ କରିବା

C. ଜୀବନ ବୀମା ପଲିସୀଗୁଡିକ ପାଇଁ ଦାବୀ କାର୍ଯ୍ୟ ପ୍ରଣାଳୀ

## A. ଦାବୀଗୁଡିକର ପ୍ରକାର ଏବଂ ଦାବୀ କାର୍ଯ୍ୟପ୍ରଣାଳୀ

### ଦାବୀ ବିଷୟରେ ଅବଧାରଣା

ଏକ ବୀମା କମ୍ପାନୀ ଏବଂ ଏକ ବୀମା ପଲିସୀର ବାସ୍ତବ ପରୀକ୍ଷା ଆସେ ଯେତେବେଳେ ଏକ ପଲିସୀର ପରିଣତି ଏକ ଦାବୀ ହୋଇଥାଏ । ଜୀବନ ବୀମାର ପ୍ରକୃତ ମୂଲ୍ୟକୁ, ଯେତେବେଳେ ଏକ ଦାବୀର ସମାଧାନ କରାଯାଏ ଏବଂ ଲାଭସବୁକୁ ପ୍ରଦାନ କରାଯାଏ, ସେତେବେଳେ ନିର୍ଣ୍ଣୟ କରାଯାଏ ।

ଆଇ.ଆର.ଡି.ଏ.ଆଇ.ର ପଲିସୀଧାରକଙ୍କ ହିତ ସୁରକ୍ଷା ଅଧିନିୟମ, 2017 ନିର୍ଦ୍ଧାରିତ କରେ ଯେ ଜୀବନ ବୀମାକର୍ତ୍ତାମାନେ, ବିନା ବିଳମ୍ବରେ ମୃତ୍ୟୁ ଦାବୀସବୁର ପ୍ରୋସେସ୍ କରିବେ ଏବଂ ମୃତ୍ୟୁ ସୂଚନା ପ୍ରାପ୍ତିର 15 ଦିନ ମଧ୍ୟରେ, ସମସ୍ତ ଆବଶ୍ୟକତାକୁ ଏକାଠି ମଗାଇବେ ।

ସମସ୍ତ ଆବଶ୍ୟକୀୟ କାଗଜ ପତ୍ର/ସ୍ପଷ୍ଟୀକରଣର ପ୍ରାପ୍ତି ତାରିଖଠାରୁ 30 ଦିନ ମଧ୍ୟରେ, ସମସ୍ତ ଯଥାର୍ଥ କାରଣ ଦେଇ, ଏକ ମୃତ୍ୟୁ ଦାବୀକୁ ପ୍ରଦାନ କରାଯିବ, ଅଗ୍ରାହ୍ୟ କରାଯିବ କିମ୍ବା ଖଣ୍ଡନ କରାଯିବ ।

ଯଦି, ବୀମାକର୍ତ୍ତାର ମତରେ, ଦାବୀ ଅନୁସନ୍ଧାନ ଆବଶ୍ୟକ କରେ, ବୀମାକର୍ତ୍ତା ତାହାକୁ ସୂଚନାର ତାରିଖଠାରୁ 90 ଦିନ ମଧ୍ୟରେ, ଅବିଳମ୍ବ ସଂପୂର୍ଣ୍ଣ କରିବ ଏବଂ ତାପରେ 30 ଦିନ ମଧ୍ୟରେ ଦାବୀର ସମାଧାନ କରିବ ।

ଆଇ.ଆର.ଡି.ଏ.ଆଇ. ବିନିର୍ଦ୍ଦିଷ୍ଟ କରେ ଯେ ପରିପକ୍ୱତା ଦାବୀ ଜୀବିତ ଲାଭ ଦାବୀ ଏବଂ ଏନୁଇଟି ସମ୍ବନ୍ଧରେ, ଜୀବନ ବୀମାକର୍ତ୍ତା ଅଗ୍ରୀମ ସୂଚନା ଦେଇ, ପୋଷ୍ଟ-ଡେଟେଡ୍ ଚେକ୍ ପଠାଇ କିମ୍ବା RBI ଦ୍ୱାରା ଅନୁମୋଦିତ କୌଣସି ଇଲେକ୍ଟ୍ରୋନିକ୍ ପଦ୍ଧତି ମାଧ୍ୟମରେ ଦାବୀଦାରର ବ୍ୟାଙ୍କ ଖାତାରେ ପ୍ରତ୍ୟକ୍ଷ ଜମା କରି, ଦାବୀ ପ୍ରକ୍ରିୟାକୁ ଆରମ୍ଭ କରିବ, ଯାହା ଦ୍ୱାରା ଦାବୀକୁ ଦେୟ ତାରିଖରେ କିମ୍ବା ତା' ପୂର୍ବରୁ ପ୍ରଦାନ କରାଯାଇପାରିବ ।

### ପରିଭାଷା

ଏକ ଦାବୀ ହେଉଛି ସେହି ଦାବୀ ଯାହାକୁ ବୀମାକର୍ତ୍ତା ଚୁକ୍ତିରେ ବିନିର୍ଦ୍ଦିଷ୍ଟ କରିଥିବା ପ୍ରତିଶ୍ରୁତିକୁ ପୂରଣ କରିବା ଉଚିତ୍ ।

---

ଏକ ଜୀବନ ବୀମା ଚୁକ୍ତିରେ ଏକ ଦାବୀ ବୀମା ଚୁକ୍ତି ଅନ୍ତର୍ଗତ ସୁରକ୍ଷା ପ୍ରଦାନ କରାଯାଇଥିବା ଗୋଟିଏ କିମ୍ବା ଅଧିକ ଘଟଣାର ଘଟିବା ଦ୍ୱାରା ଆରମ୍ଭ ହୋଇଥାଏ । ଯେତେବେଳେ କେତେକ ଦାବୀରେ, ଚୁକ୍ତିଟି ଚାଲୁ ରହେ, ଅନ୍ୟ ଗୁଡିକରେ, ଚୁକ୍ତିଟିର ସମାପ୍ତି କରିଦିଆଯାଏ ।

ଦାବୀଗୁଡିକ ଦୁଇ ପ୍ରକାରର ହୋଇ ପାରନ୍ତି:

- **i.** ଜୀବିତ ଦାବୀ ଦେୟ ଯେତେବେଳେ ଜୀବନ ବୀମିତ ଜୀବିତ ଥାଏ ଏବଂ
- **ii.** ମୃତ୍ୟୁ ଦାବୀ

**ଚିତ୍ର 1**: ଦାବୀର ପ୍ରକାର



ଯେତେବେଳେ ଏକ ମୃତ୍ୟୁ ଦାବୀ କେବଳ ଜୀବନ ବୀମିତର ମୃତ୍ୟୁରେ ହିଁ ଉତ୍ପନ୍ନ ହୁଏ, ଜୀବିତ ଲାଭଗୁଡିକ ପଲିସୀରେ ବିନିର୍ଦ୍ଦିଷ୍ଟ ଘଟଣା ଘଟିବାରେ ଦେୟ ହୁଏ ।

**ମହତ୍ତ୍ୱପୂର୍ଣ୍ଣ**

ସମସ୍ତ ଦାବୀ ପରିସ୍ଥିତିରେ, ବୀମାକର୍ତ୍ତାଙ୍କୁ ସୁନିଶ୍ଚିତ କରିବାକୁ ହୁଏ ଯେ ଦାବୀଦାରର ପରିଚୟ ପ୍ରମାଣିତ ହୋଇଛି ଏବଂ KYC ନିୟମାବଳୀ ଅନୁସାରେ ଉତ୍ତମ ରୂପେ ଦଲିଲୀକୃତ ହୋଇଛି ।

**ଉଦାହରଣ**

ସେଭଳି ବିନିର୍ଦ୍ଦିଷ୍ଟ ଘଟଣା ଯେଉଁଠି ଦାବୀଗୁଡିକୁ ବୀମିତକୁ ଦେବାକୁ ପଡିଥାଏ ।

i. ବୀମିତ ପଲିସୀର ପରିପକ୍ୱତା ସମୟରେ ପହଞ୍ଚିବା ;

ii. ଏକ ମନି-ବ୍ୟାକ୍ ପଲିସୀ ଅନ୍ତର୍ଗତ, ବୀମିତ ପୂର୍ବ-ନିର୍ଦ୍ଧାରିତ ଅବଧି (ଗୁଡିକ) ରେ ପହଞ୍ଚିବା ଯେତେବେଳେ କିସ୍ତି (ଗୁଡିକ) ଦେୟ ହୁଏ; କିମ୍ବା ଏନୁଇଟୀ ଯୋଜନା ଅନ୍ତର୍ଗତ ।

iii. ପଲିସୀ ଅନ୍ତର୍ଗତ ସୁରକ୍ଷାପ୍ରାପ୍ତ ସଙ୍କଟମୟ ରୋଗଗୁଡିକର ଘଟଣା (ଏକ ରାଇଡର୍ ଲାଭ ରୂପେ କିମ୍ବା ଅନ୍ୟ ରୂପେ);

iv. ପଲିସୀଧାରକ କିମ୍ବା ସମନୁଦେଶିତ ଦ୍ୱରା ପଲିସୀର ସମର୍ପଣ;

---

**B. ଏକ ବୀମା ପରିସ୍ଥିତି ଘଟିଛି କି ନାହିଁ –ଏହା ସୁନିଶ୍ଚିତ କରିବା**

i. ଜୀବିତ ଲାଭକୁ, ପରିପକ୍ୱତାର ସମୟ ପହଞ୍ଚିଲେ କିମ୍ବା ପଲିସୀରେ ବିନିୟମିତ ସର୍ତ୍ତଗୁଡିକୁ ପୂରଣ କରୁଥିଲେ, ବୀମିତକୁ ଦେୟ ହୁଏ ।

ii. ପରିପକ୍ୱତା ଦାବୀ ଏବଂ ମନି-ବ୍ୟାକ୍ କିସ୍ତି ଦାବୀଗୁଡିକ ସହଜରେ କରାଯାଏ ଯେହେତୁ ସେଗୁଡିକ ତାରିଖଗୁଡିକ ଉପରେ ଆଧାରିତ ଯାହାକୁ ସ୍ୱୟଂ ଚୁକ୍ତିର ଆରମ୍ଭରେ ନିର୍ଦ୍ଧାରିତ କରାଯାଇଥାଏ । ଉଦାହରଣ ସ୍ୱରୂପ, ଏକ ମନି-ବ୍ୟାକ୍ ପଲିସୀ ଅନ୍ତର୍ଗତ ପରିପକ୍ୱତାର ତାରିଖ ଏବଂ ଜୀବିତ ଲାଭର କିସ୍ତିଗୁଡିକ କେବେ ପ୍ରଦାନ କରାଯିବ, ଏସବୁକୁ ଚୁକ୍ତିର ପ୍ରସ୍ତୁତି ସମୟରେ ସ୍ପଷ୍ଟ ରୂପେ ଉଲ୍ଲେଖ କରାଯାଇଥାଏ ।

iii. ସମର୍ପଣ ମୂଲ୍ୟ ଦେୟଗୁଡିକ ଅନ୍ୟାନ୍ୟ ଦାବୀ ଦେୟଠାରୁ ଅଲଗା ହୋଇଥାଏ । ଏଇଠି, ଅନ୍ୟ ଦାବୀରେ ନ ଥିବା ଭଳି, ଚୁକ୍ତିଟିକୁ ରଦ୍ଦ କରିବା ପାଇଁ କିମ୍ବା ଚୁକ୍ତି ଅନ୍ତର୍ଗତ ଯାହା ତାକୁ ପ୍ରଦାନ ଯୋଗ୍ୟ ଥାଏ, ତାହାକୁ ବାହାର କରିବା ପାଇଁ, ଘଟଣାଟିକୁ ପଲିସୀଧାରକ କିମ୍ବା ସମନୁଦେଶିତର ନିଷ୍ପତ୍ତି ଦ୍ୱାରା ଆରମ୍ଭ ହୋଇଥାଏ । ସାଧାରଣତଃ ପୂର୍ବ- ପରିପକ୍ୱ ପ୍ରତ୍ୟାହରଣ ପାଇଁ କିଛି ଅର୍ଥଦଣ୍ଡ ଥାଏ । ପ୍ରଦାନ କରାଯାଉଥିବା ରାଶି, ଏକ ସଂପୂର୍ଣ୍ଣ ଦାବୀ ଅନ୍ତର୍ଗତ ଯାହା ପ୍ରାପ୍ୟ ହୋଇଥାନ୍ତା, ତା' ଅପେକ୍ଷା କମ୍ ହୋଇପାରେ ଏବଂ ତେଣୁକରି ଯାହା ଦେୟ ହୋଇଥାନ୍ତା ଯଦି ସଂପୂର୍ଣ୍ଣ ଦାବୀକୁ ପ୍ରଦାନ କରାଯାଇଥାନ୍ତା, ତା' ଅପେକ୍ଷା କମ୍ ହୋଇପାରେ ।

iv. ସଙ୍କଟମୟ ରୋଗ ଦାବୀସବୁକୁ ତାର ଦାବୀର ସମର୍ଥନରେ ପଲିସୀଧାରକ ଦ୍ୱାରା ପ୍ରଦାନ କରାଯାଇଥିବା ମେଡିକାଲ ଓ ଅନ୍ୟାନ୍ୟ ରେକର୍ଡ ଆଧାରରେ ସୁନିଶ୍ଚିତ କରାଯାଇଥାଏ ।

v. **ଏନୁଇଟୀ** : ଏନୁଇଟୀ ପ୍ରଦାନ (ପେନଶନ ଯୋଜନା) କ୍ଷେତ୍ରରେ, ବୀମିତକୁ ଆବଧିକ ରୂପେ ଜୀବିତ ପ୍ରମାଣପତ୍ର ପ୍ରଦାନ କରିବା ଆବଶ୍ୟକ ହୋଇଥାଏ ।

ଏକ ସଙ୍କଟମୟ ରୋଗ ଲାଭର ଉଦ୍ଦେଶ୍ୟ ହେଉଛି ଏକ ପଲିସୀଧାରକଙ୍କୁ ଏକ ଗମ୍ଭୀର ରୋଗର ଘଟଣାରେ ତା' ଖର୍ଚ୍ଚସବୁକୁ ପ୍ରଦାନ କରିବାରେ ସକ୍ଷମ କରିବା । ଯଦି ଏହି ପଲିସୀକୁ ସମନୁଦେଶିତ କରାଯାଏ, ସମସ୍ତ ଲାଭକୁ ସମନୁଦେଶିତକୁ ଦେୟ ହୋଇପାରେ ଏବଂ ଏହା ସଙ୍କଟମୟ ରୋଗ ଲାଭର ଅଭିପ୍ରେତ ଉଦ୍ଦେଶ୍ୟକୁ ପୂରଣ କରି ନ ପାରେ । ଏହି ପରିସ୍ଥିତିକୁ ଏଡ଼େଇବା ପାଇଁ, ପଲିସୀଧାରକମାନଙ୍କୁ ଏକ ସସର୍ତ୍ତ ସମନୁଦେଶନ ରୂପେ ସେମାନେ ପ୍ରଦାନ କରୁଥିବା ଲାଭର ମାତ୍ରା ବିଷୟରେ ଶିକ୍ଷିତ କରିବା ଆବଶ୍ୟକ ।

ଏକ ପରିପକ୍ୱତା କିମ୍ବା ମୃତ୍ୟୁ ଦାବୀ କିମ୍ବା ଏକ ସମର୍ପଣର ପରିଣାମ ଚୁକ୍ତି ଅନ୍ତର୍ଗତ ବୀମା ସୁରକ୍ଷାର ସମାପ୍ତି ହୋଇଥାଏ ଏବଂ ତାପରେ କୌଣସି ଅଧିକ ବୀମା ସୁରକ୍ଷା ଉପଲବ୍ଧ ନ ଥାଏ ।

ଦାବୀଗୁଡ଼ିକର ପ୍ରକାର : ପଲିସୀ ଅବଧିରେ ନିମ୍ନଲିଖିତ ଦେୟ ହୋଇପାରେ:

**a) ଜୀବିତ ଲାଭ ପ୍ରଦାନ**

ପଲିସୀର ଅବଧିରେ ନିର୍ଦ୍ଧାରିତ ସମୟମାନଙ୍କରେ ବୀମିତ ଦ୍ୱାରା ବୀମିତକୁ ଆବଧିକ ଦେୟ ପ୍ରଦାନ କରାଯାଇଥାଏ ।

**I. ପଲିସୀର ସମର୍ପଣ**

ସମର୍ପଣ ମୂଲ୍ୟ ନିବେଶଗୁଡ଼ିକର ମୂଲ୍ୟକୁ ଦର୍ଶାଏ ଏବଂ ବିଭିନ୍ନ କାରକ ଉପରେ ନିର୍ଭର କରେ ଯେପରିକି ବୀମା ରାଶି, ବୋନସ, ପଲିସୀଆବଧି ଏବଂ ଦିଆଯାଇଥିବା ପ୍ରିମିୟମ । ଏକ ଜୀବନ ବୀମା ପଲିସୀର ସମୟ ପୂର୍ବରୁ ସମାପ୍ତି ପଲିସୀ ଚୁକ୍ତିର ସ୍ୱେଚ୍ଛିକ ସମାପ୍ତି ହୋଇଥାଏ । ଏକ ପଲିସୀର ସମର୍ପଣ କରାଯାଇପାରେ କେବଳ ଯଦି ଏହା ପେଡ୍-ଅପ୍ ମୂଲ୍ୟ ଅର୍ଜିତ କରିଥାଏ । ବୀମିତକୁ ଦେୟ ରାଶି ହେଉଛି ସମର୍ପଣ ମୂଲ୍ୟ ଯାହା ସାଧାରଣତଃ ପ୍ରଦାନ କରାଯାଇଥିବା ପ୍ରିମିୟମର କିଛି ପ୍ରତିଶତ ହୋଇଥାଏ । ବୀମିତକୁ ପ୍ରଦାନ କରାଯାଉଥିବା ବାସ୍ତବ ସମର୍ପଣ ମୂଲ୍ୟ ଗ୍ୟାରେଣ୍ଟିଯୁକ୍ତ ସମର୍ପଣ ମୂଲ୍ୟ (GSV) ଠାରୁ ଅଧିକ ହୋଇଥାଏ ।

**II. ରାଇଡର ଲାଭ**

ଏକ ରାଇଡର ଅନ୍ତର୍ଗତ ଏକ ରାଶି ପ୍ରଦାନ ନିୟମ ଓ ସର୍ତ୍ତାବଳୀ ଅନୁସାରେ ଏକ ବିନିର୍ଦ୍ଦିଷ୍ଟ ଘଟଣା ଘଟିବାରେ ବୀମା କମ୍ପାନୀ ଦ୍ୱାରା ପ୍ରଦାନ କରାଯାଇଥାଏ ।

ଏକ ଗମ୍ଭୀର ରୋଗ ରାଇଡର୍ ଅନ୍ତର୍ଗତ, ଏକ ସଙ୍କଟମୟ ରୋଗର ନିଦାନ ଚିହ୍ନଟ ହେବାରେ, ସର୍ତ୍ତାବଳୀ ଅନୁସାରେ ଏକ ବିନିର୍ଦ୍ଦିଷ୍ଟ ରାଶି ପ୍ରଦାନ କରାଯାଏ । ରୋଗଟି ବୀମା କମ୍ପାନୀ ଦ୍ୱାରା ବିନିର୍ଦ୍ଦିଷ୍ଟ ସଙ୍କଟମୟ ରୋଗମାନଙ୍କ ତାଲିକାରେ ସୁରକ୍ଷା ପ୍ରାପ୍ତ ହୋଇଥିବା ଉଚିତ୍ ।

ହସ୍ପିଟାଲ୍ କେୟର୍ ରାଇଡର୍ ଅନ୍ତର୍ଗତ, ନିୟମ ଓ ସର୍ତ୍ତାବଳୀ ଅନ୍ତର୍ଗତ, ବୀମିତର ଡାକ୍ତରଖାନାରେ ଭର୍ତ୍ତି ଅବସରରେ ବୀମାକର୍ତ୍ତା ଚିକିତ୍ସା ଖର୍ଚ୍ଚକୁ ପ୍ରଦାନ କରେ ।

ରାଇଡର୍ ଦେୟ ପ୍ରଦାନ କରିବା ପରେ ମଧ୍ୟ ପଲିସୀ ଚୁକ୍ତି ଚାଲୁ ରହିଥାଏ ।

ବୀମା ଚୁକ୍ତିରେ ବିନିର୍ଦ୍ଦିଷ୍ଟ ପଲିସୀ ଅବଧିର ସମାପ୍ତିରେ ନିମ୍ନଲିଖିତ ଦାବୀ ଦେୟ ହୋଇଥାନ୍ତି ।

III. **ପରିପକ୍ୱତା ଦାବୀ**

**ସେଭଳି ଦାବୀମାନଙ୍କରେ, ବୀମାକର୍ତ୍ତା ବୀମିତକୁ ଅବଧିରେ ଶେଷରେ ଏକ ବିନିର୍ଦ୍ଦିଷ୍ଟ ରାଶି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦିଏ, ଯଦି ବୀମିତ ଯୋଜନାର ସମଗ୍ର ଅବଧିରେ ଜୀବିତ ରହେ ।** ଏହାକୁ ପରିପକ୍ୱତା ଦାବୀ କୁହାଯାଏ ।

i. **ସହଭାଗୀତା ଯୋଜନା:** ଏକ ସହଭାଗୀତା ଯୋଜନା: ଏକ ସହଭାଗିତା ଯୋଜନା ଅନ୍ତର୍ଗତ ଦେୟ ହେଉଥିବା ପରିପକ୍ୱତା ଦାବୀ ରାଶି ହେଉଛି ବୀମା ରାଶି ଯୁକ୍ତ ସଂଚିତ ବୋନସ ବିଯୁକ୍ତ ଦେୟ ଯେପରିକି ବାକି ରହିଥିବା ପ୍ରିମିୟମ ଏବଂ ପଲିସୀ ଋଣ ଓ ତା' ଉପରେ ସୁଧ ।

ii. **ପ୍ରିମିୟମର ଫେରସ୍ତ (ROP) ଯୋଜନା :** କେତେକ କ୍ଷେତ୍ରରେ ଅବଧି ସମୟାବଧିରେ ପ୍ରଦାନ କରାଯାଇଥିବା ପ୍ରିମିୟମକୁ ଫେରସ୍ତ କରିଦିଆଯାଏ ଯେତେବେଳେ ପଲିସୀ ପରିପକ୍ୱତା ପ୍ରାପ୍ତ ହୁଏ ।

iii. **ୟୁନିଟ୍ ଲିଙ୍କ୍ଡ୍ ବୀମା ଯୋଜନା** (ULIP) : ୟୁଲିପ୍ ମାନଙ୍କ କ୍ଷେତ୍ରରେ, ବୀମାକର୍ତ୍ତା ନିଧିମୂଲ୍ୟକୁ ପରିପକ୍ୱତା ଦାବୀ ରୂପେ ପ୍ରଦାନ କରେ ।

iv. **ମନି-ବ୍ୟାକ୍ ଯୋଜନା :** ମନି-ବ୍ୟାକ୍ ପଲିସୀ କ୍ଷେତ୍ରରେ, ବୀମାକର୍ତ୍ତା ପ୍ରଦାନ କରେ ପରିପକ୍ୱତା ଦାବୀ ବିଯୁକ୍ତ ପଲିସୀର ଅବଧିରେ ପୂର୍ବରୁ ପ୍ରଦାନ କରାଯାଇଥିବା ଜୀବିତ ଲାଭ ।

ଦାବୀ ପ୍ରଦାନ କରାଯିବା ପରେ ବୀମା ଚୁକ୍ତି ସମାପ୍ତ ହୋଇଯାଏ ।

**b) ମୃତ୍ୟୁ ଦାବୀ**

ଯଦି ତାର ପଲିସୀର ଅବଧିରେ ବୀମିତର ମୃତ୍ୟୁ ଅକସ୍ମାତ୍ (ଦୁର୍ଘଟଣାଜନିତ) କିମ୍ବା ଅନ୍ୟ ହିସାବରେ ହୁଏ, ବୀମାକର୍ତ୍ତା ବୀମା ରାଶି ଯୁକ୍ତ ସଂଚିତ ବୋନସ ଯଦି ସହଭାଗୀତା ହୋଇଥାଏ, ବିଯୁକ୍ତ ବୀମାକର୍ତ୍ତାଦ୍ୱାରା ପାଇବାକୁ ଥିବା ଦେୟ [ଯେପରି କି ବାକି ରହିଥିବା ପଲିସୀ ଋଣ ଏବଂ ସୁଧ କିମ୍ବା ପ୍ରିମିୟମ ଯୁକ୍ତ ସୁଧ] । ଏହା ହେଉଛି ମୃତ୍ୟୁ ଦାବୀ, ଯାହାକୁ ନାମୀତ କିମ୍ବା ସମନୁଦେଶିତ କିମ୍ବା ବୈଧିକ ଉତ୍ତରାଧିକାରୀ, ଯେଉଁ ପରିସ୍ଥିତି ବି ହୋଇଥାଉ, ତାକୁ ପ୍ରଦାନ କରାଯାଏ । ଏକ ମୃତ୍ୟୁ ଦାବୀ ସାଧାରଣତଃ ମୃତ୍ୟୁ ପରିଣାମରେ ଚୁକ୍ତିର ସମାପ୍ତି ରୂପେ ଅଙ୍କିତ ହୋଇଥାଏ ।

ଏକ ମୃତ୍ୟୁ ଦାବୀ ହୋଇପାରେ :

- ✓ ଶୀଘ୍ର (ତିନି ବର୍ଷଠାରୁ କମ୍ ପଲିସୀ ଅବଧି) କିମ୍ବା
- ✓ ଅଣ-ଶୀଘ୍ର (ତିନି ବର୍ଷଠାରୁ ଅଧିକ)

ନାମୀତ କିମ୍ବା ସମନୁଦେଶିତ କିମ୍ବା ବୈଧିକ ଉତ୍ତରାଧିକାରୀକୁ ବୀମାକର୍ତ୍ତାକୁ ମୃତ୍ୟୁର କାରଣ, ତାରିଖ ଓ ସ୍ଥାନ ବିଷୟରେ ସୂଚୀତ କରିବାକୁ ପଡ଼ିଥାଏ ।

**i.** ମୃତ୍ୟୁ ଦାବୀ ପାଇଁ ଦାଖଲ କରିବାକୁ ଥିବା ଫର୍ମ

ସାଧାରଣତଃ, ଦାବୀର ପ୍ରକ୍ରିୟାକୁ ସୁଗମ କରିବା ପାଇଁ ଲାଭଗ୍ରହୀତା ଦ୍ୱାରା ବୀମାକର୍ତ୍ତାକୁ ନିମ୍ନଲିଖିତ ଫର୍ମଗୁଡିକ ଜମା କରିବାକୁ ପଡ଼ିଥାଏ:

- ✓ ନାମୀତ ଦ୍ୱାରା ଦାବୀ ଫର୍ମ
- ✓ ସମାଧି କିମ୍ବା ଶବଦାହର ପ୍ରମାଣପତ୍ର

✓ ଚିକିତ୍ସା କରୁଥିବା ଡାକ୍ତରଙ୍କ ପ୍ରମାଣପତ୍ର


✓ ଡାକ୍ତରଖାନାର ପ୍ରମାଣପତ୍ର

✓ ନିଯୁକ୍ତିଦାତାଙ୍କ ପ୍ରମାଣପତ୍ର

✓ ମୃତ୍ୟୁର ପ୍ରମାଣ ରୂପେ, ମ୍ୟୁନିସିପାଲ ପ୍ରାଧିକରଣ ଦ୍ୱାରା ଜାରୀ କରାଯାଇଥିବା ମୃତ୍ୟୁ ପ୍ରମାଣ ପତ୍ର

✓ ପ୍ରଥମ ସୂଚନା ରିପୋର୍ଟ (FIR) ଭଳି ପୋଲିସ ରିପୋର୍ଟଗୁଡିକର ପ୍ରମାଣିତ କୋର୍ଟ ପ୍ରତିଲିପି-ଏହି (କାନୁନୀ ଯାଞ୍ଚ ରିପୋର୍ଟ, ଶବ-ବ୍ୟବଚ୍ଛେଦ ରିପୋର୍ଟ, ଏବଂ ଅନ୍ତିମ ରିପୋର୍ଟ) ରିପୋର୍ଟଗୁଡିକ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ଆବଶ୍ୟକ ହୋଇଥାଏ ।

**ଚିତ୍ର 2** : ମୃତ୍ୟୁ ଦାବୀ ପାଇଁ ଦାଖଲ କରିବାକୁ ଥିବା ଫର୍ମ




**ii. ମୃତ୍ୟୁ ଦାବୀର ପ୍ରତ୍ୟାଖ୍ୟାନ**

ମୃତ୍ୟୁ ଦାବୀକୁ ପ୍ରଦାନ କରାଯାଇପାରେ କିମ୍ବା ପ୍ରତ୍ୟାଖ୍ୟାନ କରାଯାଇପାରେ । ଯଦି, ଦାବୀକୁ ପ୍ରୋସେସ୍ କରିବା ସମୟରେ, ବୀମାକର୍ତ୍ତା ଚିହ୍ନଟ କରେ ଯେ ପ୍ରସ୍ତାବକ କୌଣସି ଭୁଲ ବକ୍ତବ୍ୟ ଦେଇଥିଲା କିମ୍ବା ପଲିସୀ ପାଇଁ ଆବଶ୍ୟକୀୟ ମହତ୍ୱପୂର୍ଣ୍ଣ ତଥ୍ୟକୁ ଚାପି ରଖାଯାଇଥିଲା, ଚୁକ୍ତିଟିକୁ ନିରର୍ଥକ ବୋଲି ଘୋଷିତ କରାଯାଇପାରେ । ପଲିସୀ ଅନ୍ତର୍ଗତ ସମସ୍ତ ଲାଭକୁ ତ୍ୟାଗ କରିବାକୁ ପଡ଼େ ।

**iii. ଧାରା** 45: **ନିର୍ବିବାଦତା ଅନୁଚ୍ଛେଦ**

ଅବଶ୍ୟ ଏହି ଦଣ୍ଡ ବୀମା ଅଧିନିୟମ, 1938 ର ଧାରା 45 ର ଅନ୍ତର୍ଗତ ହୋଇଥାଏ ।

| **ମହତ୍ୱପୂର୍ଣ୍ଣ** |
|---|

**ଧାରା 45 ଉଲ୍ଲେଖ କରେ ଯେ:**

"ଜୀବନ ବୀମାର କୌଣସି ବି ପଲିସୀ ଉପରେ, ପଲିସୀ ତାରିଖ ଠାରୁ ଅର୍ଥାତ୍ ପଲିସୀର ଜାରୀ ତାରିଖଠାରୁ କିମ୍ବା ସଙ୍କଟର ଆରମ୍ଭ ତାରିଖ କିମ୍ବା ପଲିସୀର ପୁନଃପ୍ରବର୍ତ୍ତନ ତାରିଖ କିମ୍ବା ପଲିସୀର ରାଇଡର୍ ର ତାରିଖ, ଯେଉଁଟା ବି ପରେ ହୋଇଥାଏ, ତାହା ଠାରୁ ତିନି ବର୍ଷର ସମାପ୍ତି ପରେ ଯାହା କି କାରଣ ହୋଇ ଥାଉ ନା କାହିଁକି, ପ୍ରଶ୍ନ କରାଯାଇ ପାରିବ ନାହିଁ" ।

## C. ଜୀବନ ବୀମା ପଲିସୀ ପାଇଁ ଦାବୀ କାର୍ଯ୍ୟପ୍ରଣାଳୀ

ଯଦିଓ ସବୁ କଥାବାର୍ତ୍ତା ପାଇଁ ନିର୍ଦ୍ଧାରିତ କୌଣସି ମାନକ ଦାବୀ ପ୍ରକ୍ରିୟା ନାହିଁ, ଆଇ.ଆର.ଡି.ଏ.ଆଇ ଦାବୀ ସମାଧାନର ବିଷୟରେ ବୀମାକର୍ତ୍ତାମାନଙ୍କ ପାଇଁ ମାର୍ଗଦର୍ଶିକା ଉଲ୍ଲେଖ କରିଛି ।

**ବିନିୟମନ 8: ଏକ ଜୀବନ ବୀମା ପଲିସୀ ସମ୍ବନ୍ଧୀୟ ଦାବୀ ପ୍ରକ୍ରିୟା**

i. ଏକ ଜୀବନ ବୀମା ପଲିସୀ ମୂଖ୍ୟ ଦସ୍ତାବିଜ ଗୁଡିକୁ ଉଲ୍ଲେଖ କରିବ ଯାହା ସାଧାରଣତଃ ଏକ ଦାବୀର ସମର୍ଥନରେ ଏକ ଦାବୀଦାର ଦ୍ୱାରା ଦାଖଲ କରିବାର ଆବଶ୍ୟକ ହୋଇଥାଏ ।

ii. ଏକ ଜୀବନ ବୀମା କମ୍ପାନୀ, ଏକ ଦାବୀ ପ୍ରାପ୍ତି କରିବା ପରେ, ବିନା ବିଳମ୍ବରେ ଦାବୀର ପ୍ରକ୍ରିୟା ଆରମ୍ଭ କରିବ । ଯେତେ ଦୂର ସମ୍ଭବ ଦାବୀ ପ୍ରାପ୍ତିର 15 ଦିନର ସମୟ ମଧ୍ୟରେ ଅତିରିକ୍ତ ଦସ୍ତାବିଜ ସମ୍ବନ୍ଧରେ କୌଣସି ପ୍ରଶ୍ନ କିମ୍ବା ଆବଶ୍ୟକତାକୁ ସଂପୂର୍ଣ୍ଣ ରୂପେ ଶୀଘ୍ର ଉଠାଯିବ ଏବଂ ଖଣ୍ଡ ଖଣ୍ଡ କରି ନୁହେଁ ।

iii. ଆଇ.ଆର.ଡି.ଏ.ଆଇ (ପଲିସୀଧାରକଙ୍କ ହିତ ସୁରକ୍ଷା) ବିନିୟମନ, 2017 ଅନୁସାରେ, ଏକ ଜୀବନ ବୀମା ପଲିସୀ ଅନ୍ତର୍ଗତ ଏକ ମୃତ୍ୟୁ ଦାବୀକୁ, ସମସ୍ତ ଆବଶ୍ୟକୀୟ କାଗଜପତ୍ର ଓ ଆବଶ୍ୟକୀୟ ସ୍ପଷ୍ଟୀକରଣର ପ୍ରାପ୍ତି ତାରିଖଠାରୁ 30 ଦିନ ମଧ୍ୟରେ, ସମସ୍ତ ଯଥାର୍ଥ କାରଣ ଦେଇ, ପ୍ରଦାନ, ଅଗ୍ରାହ୍ୟ କିମ୍ବା ପ୍ରତ୍ୟାଖ୍ୟାନ କରାଯିବ । ଅବଶ୍ୟ, ଯଦି ବୀମାକର୍ତ୍ତା ଦାବୀକୁ ଯାଞ୍ଚ କରିବାର ଆବଶ୍ୟକ ମନେ କରେ, ଏହା ଅନୁସନ୍ଧାନକୁ ଅତି ଶୀଘ୍ର ଆରମ୍ଭ ଏବଂ ସଂପୂର୍ଣ୍ଣ କରିବ, କୌଣସି ପ୍ରକାରେ ବି ଦାବୀ ସୂଚନା ପ୍ରାପ୍ତି ତାରିଖଠାରୁ 90 ଦିନ ଠାରୁ ଅଧିକ ହେବ ନାହିଁ । ଅନୁସନ୍ଧାନ ସଂପୂର୍ଣ୍ଣ କରିବାର 30 ଦିନ ମଧ୍ୟରେ ଦାବୀକୁ ସମାଧାନ କରିବା ଉଚିତ୍ ।

iv. ଯେଉଁଠି ଏକ ଦାବୀ ପ୍ରଦାନ ପାଇଁ ପ୍ରସ୍ତୁତ ହୋଇଥାଏ କିନ୍ତୁ ପ୍ରାପ୍ତିକର୍ତ୍ତାର ଯଥାର୍ଥ ପରିଚୟ ସମ୍ବନ୍ଧୀୟ କୌଣସି ବି କାରଣ ଯୋଗୁଁ ଦେୟ ପ୍ରଦାନ କରାଯାଇ ନ ପାରେ, ଜୀବନ ବୀମାକର୍ତ୍ତା ପ୍ରାପ୍ତକର୍ତ୍ତାର ଲାଭ ପାଇଁ ରାଶିକୁ ଧାରଣ କରି ରଖିବ ଏବଂ ଏହା ଏକ ଅନୁସୂଚୀତ ବ୍ୟାଙ୍କରେ ଥିବା ଏକ ସଂଚୟ ବ୍ୟାଙ୍କ ଖାତା ପାଇଁ ପ୍ରଯୁଜ୍ୟ ହାରରେ ସୁଧ ଅର୍ଜିତ କରିବ (ସମସ୍ତ କାଗଜ ପତ୍ର ଓ ସୂଚନାର ଦାଖଲ ପରେ 30 ଦିନଠାରୁ ପ୍ରଭାବୀ ) ।

v. ଯେଉଁଠି ଉପ-ବିନିୟମନ (iv) ଦ୍ୱାରା ବର୍ଣ୍ଣିତ କାରଣ ଠାରୁ ଅନ୍ୟ କାରଣ ଯୋଗୁଁ ଏକ ଦାବୀକୁ ପ୍ରୋସେସ୍ କରିବାରେ ବୀମାକର୍ତ୍ତା ପକ୍ଷରୁ ବିଳମ୍ବ ହୁଏ, ଜୀବନ ବୀମା କମ୍ପାନୀ, ସେହି ହାରରେ ଦାବୀ ରାଶି ଉପରେ ସୁଧ ପ୍ରଦାନ କରିବ, ଯାହା, ଯେଉଁ ଆର୍ଥିକ ବର୍ଷରେ ଦାବୀର ସମୀକ୍ଷା କରାଯାଇଥାଏ, ସେହି ଆର୍ଥିକ ବର୍ଷର ଆରମ୍ଭରେ ପ୍ରଚଳିତ ବ୍ୟାଙ୍କ ହାରଠାରୁ 2% ଅଧିକ ହୋଇଥାଏ ।

**ଏକ ଅଭିକର୍ତ୍ତାର ଭୂମିକା**

ଏକ ଅଭିକର୍ତ୍ତା, ଦାବୀ ଫର୍ମଗୁଡିକୁ ସଠିକ୍ ରୂପେ ପୂରଣ କରିବାରେ ଏବଂ ଏଗୁଡିକୁ ବୀମାକର୍ତ୍ତାର କାର୍ଯ୍ୟାଳୟରେ ଦାଖଲ କରିବାରେ ସହାୟତା କରିବାରେ ନାମୀତ/ବୈଧିକ ଉତ୍ତରାଧିକାରୀ କିମ୍ବା ଲାଭଗ୍ରହୀତାକୁ ସମସ୍ତ ସମ୍ଭବ ସେବା ଦେବ ।

ବୈଧିକ କର୍ତ୍ତବ୍ୟ ପାଳନ କରିବା ବ୍ୟତୀତ, ସେଭଳି ଏକ ପରିସ୍ଥିତିରୁ ସଦ୍ଭାବ ଜାତ ହୋଇଥାଏ ଯାହାଦ୍ୱାରା ମୃତବ୍ୟକ୍ତିର ପରିବାରଠାରୁ ଭବିଷ୍ୟତରେ ବ୍ୟବସାୟ କିମ୍ବା ରେଫରାଲ୍ ପ୍ରାପ୍ତି କରିବା ପାଇଁ ଅଭିକର୍ତ୍ତା ପାଇଁ ଅନେକ ସୁଯୋଗ ରହିଥାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ1**

ନିମ୍ନ ଉକ୍ତି ମଧ୍ୟରୁ କେଉଁ ଗୋଟିକ ଦାବୀର ଅବଧାରଣାକୁ ସର୍ବୋତ୍ତମ ରୂପେ ବର୍ଣ୍ଣନା କରେ? ସବୁଠୁ ଯଥାର୍ଥ ବିକଳ୍ପର ଚୟନ କରନ୍ତୁ।

I. ଏକ ଦାବୀ ହେଉଛି ଏକ ଅନୁରୋଧ ଯାହାକୁ ବୀମାକର୍ତ୍ତା ଚୁକ୍ତିରେ ବିନିର୍ଦ୍ଦିଷ୍ଟ କରିଥିବା ପ୍ରତିଶୃତିକୁ ପୂରଣ କରିବା ଉଚିତ୍

II. ଏକ ଦାବୀ ହେଉଛି ସେହି ଦାବୀ ଯାହାକୁ ବୀମାକର୍ତ୍ତା ଚୁକ୍ତିରେ ବିନିର୍ଦ୍ଦିଷ୍ଟ କରିଥିବା ପ୍ରତିଶୃତିକୁ ପୂରଣ କରିବା ଉଚିତ୍

III. ଏକ ଦାବୀ ହେଉଛି ସେହି ଦାବୀ ଯାହାକୁ ବୀମାକର୍ତ୍ତା ରାଜିନାମାରେ ବିନିର୍ଦ୍ଦିଷ୍ଟ କରିଥିବା ବଚନବଦ୍ଧତାକୁ ପୂରଣ କରିବା ଉଚିତ୍

IV. ଏକ ଦାବୀ ହେଉଛି ଏକ ଅନୁରୋଧ ଯାହାକୁ ବୀମାକର୍ତ୍ତା ରାଜିନାମାରେ ବିନିର୍ଦ୍ଦିଷ୍ଟ କରିଥିବା ପ୍ରତିଶୃତିକୁ ପୂରଣ କରିବା ଉଚିତ୍

---

**ସାରାଂଶ**

- ଏକ ଦାବୀ ହେଉଛି ସେହି ଦାବୀ ଯାହାକୁ ବୀମାକର୍ତ୍ତା ଚୁକ୍ତିରେ ବିନିର୍ଦ୍ଦିଷ୍ଟ କରିଥିବା ପ୍ରତିଶୃତିକୁ ପୂରଣ କରିବା ଉଚିତ୍ ।
- ଏକ ଦାବୀ ଜୀବିତ ଦାବୀ କିମ୍ବା ମୃତ୍ୟୁ ଦାବୀ ହୋଇପାରେ । ଯେତେବେଳେ ଏକ ମୃତ୍ୟୁ ଦାବୀ କେବଳ ଜୀବନ ବୀମିତର ମୃତ୍ୟୁରେ ହିଁ ଉତ୍ପନ୍ନ ହୋଇଥାଏ, ଜୀବିତ ଦାବୀଗୁଡ଼ିକ ଗୋଟିଏ କିମ୍ବା ଅଧିକ ଘଟଣା କାରଣରୁ ହୋଇପାରେ ।
- ଏକ ଜୀବିତ ଦାବୀର ପ୍ରଦାନ ପାଇଁ, ବୀମାକର୍ତ୍ତାକୁ ସୁନିଶ୍ଚିତ କରିବାକୁ ପଡ଼େ ଯେ ଘଟଣାଟି ପଲିସୀରେ ବିନିୟମିତ ସର୍ତ୍ତ ଗୁଡ଼ିକ ଅନୁଯାୟୀ ଘଟିଛି ।
- ପଲିସୀ ଅବଧିରେ ନିମ୍ନଲିଖିତ ରାଶି ପ୍ରଦାନ ହୋଇ ପାରେ
  - ✓ ଜୀବିତ ଲାଭ ପ୍ରଦାନ
  - ✓ **ପଲିସୀର ସମର୍ପଣ**
  - ✓ **ରାଇଡର୍ ଲାଭ**
  - ✓ **ପରିପକ୍ୱତା ଦାବୀ**
  - ✓ **ମୃତ୍ୟୁ ଦାବୀ**
- ବୀମା ଅଧିନିୟମର ଧାରା 45 (ନିର୍ବିବାଦତା ଅନୁଚ୍ଛେଦ) ପ୍ରଦାନ କରାଯାଇଥିବା କାରଣରୁ ବୀମା କର୍ତ୍ତାଦ୍ୱାରା ଦାବୀର ଅଗ୍ରାହ୍ୟତା ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରେ ଏବଂ ଏକ ପଲିସୀ ଉପରେ ପ୍ରଶ୍ନ ଉଠାଇବା ପାଇଁ ବୀମାକର୍ତ୍ତା ପାଇଁ 3 ବର୍ଷର ସମୟ ସୀମା ନିର୍ଦ୍ଧାରିତ କରେ ।
- ଆଇ.ଆର.ଡି.ଏ.ଆଇ. (ପଲିସୀଧାରକଙ୍କ ହିତର ସୁରକ୍ଷା) ବିନିୟମନ, 2017 ଅନ୍ତର୍ଗତ, ଦାବୀଗୁଡ଼ିକ କ୍ଷେତ୍ରରେ ବୀମିତ କିମ୍ବା ଲାଭଗ୍ରହୀତାକୁ ରକ୍ଷା/ ସୁରକ୍ଷିତ କରିବା ପାଇଁ ଆଇ.ଆର.ଡି.ଏ. ଆଇ. ବିନିୟମନଗୁଡ଼ିକୁ ନିର୍ଦ୍ଧାରିତ କରିଛି ।

---

**ସ୍ୱୟଂ ପରୀକ୍ଷା କରନ୍ତୁ ର ଉତ୍ତର**

**ଉତ୍ତର 1** - ସଠିକ୍ ବିକଳ୍ପ ହେଉଛି II।

---